ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୨୪/୨୦୧୮ (୨୦ ପୃଷ୍ଠା) | Bhubaneswar, Monday, September 24/ 2018 | ★★★★★★

୪୪ଶ ଭାଗ ୩୦୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-

ଶିଳ୍ପାଙ୍କୁ ଜାତିଗତ ଆକ୍ଷେପ ଅଭିଯୋଗ

ବଲିଉଡ୍ ଅଭିନେତ୍ରୀ ଶିଳ୍ପା ଶେଟ୍ଟୀ ରବିବାର ସିଡ୍‌ନୀ ବିମାନବନ୍ଦରରେ ହଟହଟା ହୋଇଛନ୍ତି। ତାଙ୍କ ପ୍ରତି ଜାତିଗତ ଆକ୍ଷେପ କରାଯାଇଥିବା ସେ ଅଭିଯୋଗ କରିଛନ୍ତି।

୧୫ ୧୮

ପାକିସ୍ତାନକୁ ହରାଇ ଫାଇନାଲରେ ଭାରତ

ଶିଖର ଧାୱନ ଓ ଅଧିନାୟକ ରୋହିତ ଶର୍ମାଙ୍କ ଶତକ ସହାୟତାରେ ଭାରତ ଏସିଆ କପ୍ ସୁପର ଫୋର୍ ମ୍ୟାଚରେ ପାକିସ୍ତାନକୁ ହରାଇ ଫାଇନାଲରେ ପ୍ରବେଶ କରିଛି।

କେବଳ ଓଡ଼ିଶା ଦେଉଛି ପକ୍କାଘର ପାଇଁ ପୁରସ୍କାର

- ମୟୂରଭଂଜ ଜିଲ୍ଲାର ବାରିପଦା ସଦର ବ୍ଲକର ବୁଧୁନି ମାରାଣ୍ଡି ବିଜୁ ପକ୍କାଘର ଯୋଜନାରେ ପାଇଲେ ଖଣ୍ଡେ ଘର। ତାକୁ ୪ ମାସରେ ସାରି ପାଇଲେ **୨୦ ହଜାର** ଟଙ୍କାର ପୁରସ୍କାର। ବୁଧୁନି ଏବେ ଭାରି ଖୁସି। ପକ୍କାଘର ପାଇଲେ ଆଉ ତା ସହିତ ମନଲାଖି ଘରକରଣା ଜିନିଷ କିଣିବା ପାଇଁ ଟଙ୍କା।
- ବୁଧୁନିଙ୍କ ଭଳି **୨ଲକ୍ଷ ୨୫ହଜାର**ରୁ ଉର୍ଦ୍ଧ୍ୱ ହିତାଧିକାରୀ ୪ମାସରେ ପକ୍କାଘର ତିଆରି କରି **୨୦ ହଜାର** ଆଉ ୬ ମାସରେ ଶେଷ କରି **୧୦ ହଜାର ଟଙ୍କା**ର ପୁରସ୍କାର ପାଇଛନ୍ତି।

ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର

DADLS-113

15001/13/0242/1819

ଠିକ୍ ସମୟରେ ସାରିଲେ ତାଙ୍କ ପକ୍କାଘର। ସେଥିପାଇଁ ମୁଖ୍ୟମନ୍ତ୍ରୀ ଦେଲେ ପୁରସ୍କାର।

■ ସୀମାନ୍ତରେ ମାଓବାଦୀଙ୍କ ତାଣ୍ଡବ

ଟିଡିପି ବିଧାୟକଙ୍କୁ ହତ୍ୟା

ନନ୍ଦପୁର/ପଟ୍ଟାଙ୍ଗି,୨୩।୯(ଡି.ଏନ୍.ଏ.)

କିଡାରୀ ସର୍ବେଶ୍ୱର ରାଓ | ସିବେରୀ ସୋମା

■ **ପ୍ରତିବାଦରେ ଥାନା ପୋଡ଼ିଦେଲେ ଟିଡିପି ସମର୍ଥକ**

■ **କୋରାପୁଟ ସୀମାନ୍ତରେ ହାଇଆଲର୍ଟ**

ମାଓବାଦୀଙ୍କ ପ୍ରତିଷ୍ଠା ସପ୍ତାହ ଚାଲିଥିବା ବେଳେ କୋରାପୁଟ ଜିଲା ନନ୍ଦପୁର ସୀମାନ୍ତ ଆନ୍ଧ୍ରରେ ରବିବାର ଲାଲ ତାଣ୍ଡବ ରଚାଇଛି ଲାଲବାହିନୀ। ତେଲୁଗୁ ଦେଶମ ପାର୍ଟି (ଟିଡିପି)ର ଦୁଇଜଣ ନେତାଙ୍କୁ ସେମାନେ ସ୍ୱଷ୍ଟ ଦିବାଲୋକରେ ଗୁଳିକରି ହତ୍ୟା କରିଛନ୍ତି। ମୃତ ଦୁଇ ନେତା ହେଲେ ଆରାକୁ ନିର୍ବାଚନମଣ୍ଡଳୀର ବିଧାୟକ କିଡାରୀ ସର୍ବେଶ୍ୱର ରାଓ ଏବଂ ପୂର୍ବତନ ବିଧାୟକ ସିବେରୀ ସୋମା। ଏଭଳି ବଡ଼ଧରଣର ଆକ୍ରମଣ ଆନ୍ଧ୍ର ଓ ସୀମାନ୍ତ ଓଡ଼ିଶାବାସୀଙ୍କୁ ଆତଙ୍କିତ କରିଦେଇଛି। ଏହି ଘଟଣାର ପ୍ରତିବାଦରେ ନିହତ ନେତାଙ୍କ ସମର୍ଥକମାନେ ଡୁମ୍ବରିଗୁଡ଼ା ଥାନାରେ ନିଆଁ ଲଗାଇ ଦେଇଛନ୍ତି। ଏପରିକି ୨ ନେତାଙ୍କ ମୃତଦେହ ବ୍ୟବଚ୍ଛେଦ ଲାଗି ଆରାକୁରୁ ବିଶାଖାପାଟଣା ନେବା ପାଇଁ ସେମାନେ ପୋଲିସକୁ ବାଟ ଛାଡ଼ି ନ ଥିଲେ। ଫଳରେ ସେଠାରେ ଉତ୍ତେଜନାପୂର୍ଣ୍ଣ ସ୍ଥିତି ସୃଷ୍ଟି ହୋଇଛି। ମାଓବାଦୀଙ୍କ ହାଇପ୍ରୋଫାଇଲ ଡବଲ ମର୍ଡର ପରେ କୋରାପୁଟ ଜିଲା ସୀମାନ୍ତରେ ହାଇଆଲର୍ଟ ଜାରି କରାଯାଇଛି।

ସୂଚନା ଅନୁଯାୟୀ, ଶାସକ ଟିଡିପିର ଏହି ଦୁଇନେତା କିଡାରୀ ସର୍ବେଶ୍ୱର ରାଓ ଓ ସିବେରୀ ସୋମା ରବିବାର ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବିଶାଖାପାଟଣା ଜିଲାର ଡୁମ୍ବରିଗୁଡ଼ା ଯାଇଥିଲେ। ସେଠାରୁ ଫେରିବା ବେଳେ ଅପରାହ୍ନ ଗୋଟାଏ ବେଳେ ଡୁମ୍ବରିଗୁଡ଼ା ଥାନା ଲିପିଟିପୁଟ ନିକଟରେ ୫୦ରୁ ୬୦ ଜଣ ମାଓବାଦୀ ସେମାନଙ୍କୁ ଘେରିଯାଇ ଗୁଳିକରି ହତ୍ୟା କରିଥିଲେ। ସେମାନଙ୍କ ମଧ୍ୟରେ ଅଧିକାଂଶ ମହିଳା କ୍ୟାଡର ସାମିଲ ଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, କିଡାରୀ ସର୍ବେଶ୍ୱର ରାଓ ୱାଇ.ଏସ୍.ଆର୍ କଂଗ୍ରେସ ଦଳରୁ ଟିକେଟ ପାଇ ୨୦୧୪ରେ ଆରାକୁ ନିର୍ବାଚନମଣ୍ଡଳୀରୁ ଟିଡିପି ପ୍ରାର୍ଥୀ ସିବେରୀ ସୋମାଙ୍କୁ ହରାଇ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। କିନ୍ତୁ ୨୦୧୬ରେ ସେ ଟିଡିପିରେ ଯୋଗ ଦେଇଥିଲେ। ସିବେରୀ ସୋମା ହେଉଛନ୍ତି ଆରାକୁ ବିଧାନସଭା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ। ସର୍ବେଶ୍ୱରଙ୍କ ନାମରେ ☞ପୃଷ୍ଠା–୪

■ ସୁଧ କାରବାରରୁ ଜୀବନ ଗଲା

ପିଠାପୁରରେ ବ୍ୟବସାୟୀଙ୍କୁ ଗୁଳି

କଟକ ଅଫିସ୍, ୨୩।୯

ଟଙ୍କା ଦେଣନେଣକୁ ନେଇ ରବିବାର ସ୍ୱଷ୍ଟ ଦିବାଲୋକରେ ସ୍ଥାନୀୟ ପୁରୀଘାଟ ଥାନା ଅନ୍ତର୍ଗତ ପିଠାପୁର କୋଠାସାହି ଅଞ୍ଚଳରେ ଜଣେ ବ୍ୟବସାୟୀଙ୍କୁ ଗୁଳିକରି ହତ୍ୟା କରାଯାଇଛି। ବ୍ୟବସାୟୀ ଜଣକ ହେଲେ ପୁରୀଘାଟ ଥାନା ଅନ୍ତର୍ଗତ ଭଗତପୁର ଅଞ୍ଚଳର ଦିଲୀପ ସାହୁ(୩୫)। ପୋଲିସ ଘଟଣାସ୍ଥଳରୁ ଦୁଇଟି ଖୋକା ଜବତ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଛି। ରିପୋର୍ଟ ପ୍ରସ୍ତୁତି ଯାଏ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା। ଯଦି ରାତି ସୁଦ୍ଧା କୌଣସି ଅଭିଯୋଗ ନ ହୁଏ ତେବେ ପୋଲିସ ନିଜ ଆଡୁ ମାମଲା ରୁଜୁ କରି ତଦନ୍ତ କରିବ ବୋଲି ସୂଚନା ଦେଇଛି।

ଦିଲୀପଙ୍କ କଟକ ମାଲଗୋଦାମ ଅଞ୍ଚଳରେ ବ୍ୟବସାୟ ଥିବାବେଳେ ସେ ଲୋକମାନଙ୍କୁ ସୁଧରେ ଟଙ୍କା ଦିଅନ୍ତି। କୋଠାସାହି ଅଞ୍ଚଳର ଅଜିତ୍ ଜେନା ନାମକ ଜଣେ ବ୍ୟକ୍ତିଙ୍କୁ ସେ ଲକ୍ଷାଧିକ ଟଙ୍କା ଉଦ୍ଧାର ଦେଇଥିଲେ। ଏକ ବର୍ଷ ମଧ୍ୟରେ ଟଙ୍କା ପରିଶୋଧ କରିବାକୁ ଦିଲୀପ ଓ ଅଜିତ୍ ମଧ୍ୟରେ ଚୁକ୍ତି ହୋଇଥିଲା। ହେଲେ ଅଜିତ୍ ଟଙ୍କା ଦେବେ ଦେବେ କହି ସମୟ ଗଡ଼ାଇ ଚାଲୁଥିଲେ। ଏପରି କି ସୁଧ ଟଙ୍କା ମଧ୍ୟ ଦେଇ ନ ଥିଲେ। ବହୁବାର ଦିଲୀପ ଟଙ୍କା ଆଣିବା ପାଇଁ ଅଜିତ୍‌ଙ୍କ ଘରକୁ ଯାଇଥିଲେ ମଧ୍ୟ ସେ ଟଙ୍କା ଦେଉ ନ ଥିଲେ। ରବିବାର ଅପରାହ୍ନ ୩ଟା ୩୦ରେ ଦିଲୀପ ଟଙ୍କା ଆଣିବା ପାଇଁ ଅଜିତ୍‌ଙ୍କ ଘରକୁ ଯାଇଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଅଜିତ୍ ଉତ୍ତେଜିତ ହୋଇ ଦିଲୀପଙ୍କ ଉପରକୁ ଦୁଇଟି ଗୁଳି କରିଥିବା ପ୍ରାଥମିକ ଅନୁସନ୍ଧାନ ଜଣାପଡ଼ିଛି ବୋଲି ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି। ଅଜିତ୍‌ଙ୍କ ବିରୋଧରେ କୌଣସି ଆପରାଧିକ ମାମଲା ନ ଥିବାବେଳେ ବହୁ ବ୍ୟକ୍ତିଙ୍କ ଠାରୁ ଟଙ୍କା ଉଦ୍ଧାର ନେଇଥିବା ଡିସିପି କହିଛନ୍ତି। କିନ୍ତୁ ୨୦୧୭ରେ ବାଦାମ୍‌ବାଡ଼ି ଥାନା ଅନ୍ତର୍ଗତ ମହତାବ ରୋଡ ଅଞ୍ଚଳରେ ହୋଇଥିବା ଏକ ବୋମାମାଡ ଘଟଣାରେ ଅଜିତ୍‌ଙ୍କ ସମ୍ପୃକ୍ତିକୁ ନେଇ ପୋଲିସ ସନ୍ଦେହ କରି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଅଜିତ୍ ଏବଂ ତାଙ୍କ ପରିବାର ଲୋକ ଘର ଛାଡ଼ି କେଉଁଆଡେ ଫେରାର ହୋଇଯାଇଛନ୍ତି। ଫଳରେ ଅଜିତ୍ ହିଁ ଗୁଳିମାଡ କରିଥିବା ପୋଲିସ ଏକପ୍ରକାର ନିଶ୍ଚିତ ହୋଇଯାଇଛି। ତାଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି। ସନ୍ଧ୍ୟାରେ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତନାଘନା କରିଛି।

■ ଆୟୁଷ୍ମାନ୍ ଭାରତ ଯୋଜନାର ଶୁଭାରମ୍ଭ

'ମୋଦି କେୟାର ନୁହେଁ, ଦରିଦ୍ର ନାରାୟଣ ସେବା'

- ଦେଶରେ ୧.୫ ଲକ୍ଷ ୱେଲନେସ ସେଣ୍ଟର ଖୋଲାଯିବ
- ୫୦ କୋଟି ଗରିବଙ୍କୁ ବାର୍ଷିକ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା
- ଯୋଜନାରେ ୧୩୦୦ ପ୍ରକାର ରୋଗ ସାମିଲ
- ଅଦ୍ୟାବଧି ୧୩୦୦୦ ହସ୍ପିଟାଲରେ ଚିକିତ୍ସା ସୁବିଧା

ରାଞ୍ଚି,୨୩।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଏଠାରେ ବିଶ୍ୱର ସର୍ବବୃହତ ସ୍ୱାସ୍ଥ୍ୟ ସେବା ଯୋଗାଣକାରୀ ଯୋଜନା ଆୟୁଷ୍ମାନ ଭାରତର ଶୁଭାରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା(ପିଏମ୍‌ଜେଏୱାଇ) ନାମରେ ନାମିତ ଏହି ଫ୍ଲାଗଶିପ୍ ସ୍କିମ୍ ଜରିଆରେ ସହରଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ବସବାସ କରୁଥିବା ୧୦ କୋଟିରୁ ଉର୍ଦ୍ଧ୍ୱ ପରିବାରକୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ। ଗରିବଙ୍କ ଲାଗି ଉଦ୍ଦିଷ୍ଟ ଏହି ଯୋଜନା ମାଷ୍ଟରଷ୍ଟ୍ରୋକ ହେବାକୁ ଯାଉଛି ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। ଲୋକେ ଏହି ଯୋଜନାକୁ ମୋଦି କେୟାର କହୁଥିବା ବେଳେ ସେ ଏହାକୁ ଦରିଦ୍ର ନାରାୟଣ ସେବା କହିବାକୁ ପସନ୍ଦ କରୁଛନ୍ତି। ୟୁରୋପୀୟ ସଂଘ, ଆମେରିକା, କାନାଡା ଏବଂ ମେକ୍ସିକୋର ମୋଟ୍ ଜନସଂଖ୍ୟାଠାରୁ ଅଧିକ ଲୋକଙ୍କୁ ଏହି ଯୋଜନାର ଫାଇଦା ମିଳିବ। କଂଗ୍ରେସର ନାମ ଉଲ୍ଲେଖ ନ କରି ମୋଦି କହିଛନ୍ତି, କିଛି ଲୋକ ଗରିବଙ୍କ ନାମରେ ମାଳା ଜପୁଛନ୍ତି। ଦାରିଦ୍ର୍ୟ ହଟାଅ ସ୍ଲୋଗାନ ☞ପୃଷ୍ଠା–୪

ଆଜିର ସମ୍ପାଦକୀୟ

ରାଫାଲ ଧୂଆଁ

ଆଜିର ମନ୍ତବ୍ୟ

"ସର୍ଜିକାଲ୍ ଷ୍ଟ୍ରାଇକ୍ ଏକ ବିସ୍ମୟକର ଅସ୍ତ୍ର।"

–ଜେନେରାଲ ବିପିନ ରାୱତ୍, ସ୍ଥଳସେନା ମୁଖ୍ୟ

କିଛି ତଥ୍ୟ

୨୦୦୫ ବେଳକୁ ଦେଶରେ ୧୯୬ ଟି ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ(ଆର୍‌ଆର୍‌ବି) ରହିଥିବା ବେଳେ ବର୍ତ୍ତମାନ ଏହି ସଂଖ୍ୟା ୫୬କୁ ହ୍ରାସ ପାଇଛି।

–ଅର୍ଥ ମନ୍ତ୍ରଣାଳୟ

BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in : Gold, Diamond & Silver
Gold 24 CT - ₹ 31,900/- 10gm.
Gold 22 CT - ₹ 30,800/- 10gm.
Silver Rate - ₹ 370/- / 10gm.
Making Charge - ₹ 100/- onwards / 1gm.
Condition Apply
Lowest gold Rate & Making Charges

NECC NATIONAL EGG CO-ORDINATION COMMITTEE
23.09.2018
Venco66 CHICKEN

Dist	Farm Gate/Kg	With Skin/Kg	Skinless /Kg
BBSR	57	102	112
CTC	58	103	113
DKL	59	105	115
BDK	60	106	116
BLS	60	106	116
ANG	59	105	115

Eggs Retail Price- 48/-Dozen
Issued in the Interest of Consumers
*Conditions Apply



ଭାଜପା ବୃହତ୍ ସଂଖ୍ୟାଗରିଷ୍ଠତା ହାସଲ କରି ଅନ୍ୟଦଳର ସଂଖ୍ୟା ହ୍ରାସ କରିପାରେ। କିନ୍ତୁ କେବେବି ଆମର ବିଚାରଧାରାକୁ ନିଶ୍ଚିହ୍ନ କରିପାରିବ ନାହିଁ।
-ରାଜ୍ ବବ୍ବର, କଂଗ୍ରେସ ନେତା

ହତ୍ୟା ପଛରେ ଖଣି କାରବାର

ଓଡ଼ିଶା–ଆନ୍ଧ୍ର ସୀମାରେ ଟିଡିପି ବିଧାୟକ କିଦାରି ସର୍ବେଶ୍ୱର ରାଓ ଏବଂ ପୂର୍ବତନ ବିଧାୟକ ସିଭେରି ସୋମାଙ୍କୁ ମାଓବାଦୀମାନେ ହତ୍ୟାକରିବା ପଛରେ ବେଆଇନ ଖଣି କାରବାରକୁ ଦାୟୀ କରାଯାଉଛି। ଦୁହେଁ ଆଦିବାସୀ ଅଧୁଷିତ ଅଞ୍ଚଳରେ ଖଣି ଉତ୍ତୋଳନ କରୁଥିଲେ। ଏଥିଯୋଗୁ ଆଦିବାସୀଙ୍କ ଜୀବନଜୀବିକା ପ୍ରଭାବିତ ହେଉଥିଲା ବୋଲି କୁହାଯାଉଛି। ସର୍ବେଶ୍ୱରଙ୍କ ବିରୋଧରେ ଗତ ଜୁଲାଇରେ ଆଦିବାସୀମାନେ ଆନ୍ଦୋଳନ ମଧ୍ୟ କରିଥିଲେ। ବେଆଇନ ଖଣି କାରବାରକୁ ନେଇ ଦୁହିଙ୍କ ଉପରେ କ୍ଷୁବ୍ଧ ମାଓବାଦୀମାନେ ଶେଷରେ ସେମାନଙ୍କୁ ହତ୍ୟା କରିଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

ମାନବିକତା ପାଇଁ କଳଙ୍କ: ଚନ୍ଦ୍ରାବାବୁ



ଆମେରିକାର ନ୍ୟୁୟର୍କ ଗସ୍ତରେ ଥିବା ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍.ଚନ୍ଦ୍ରାବାବୁ ନାଇଡୁ ଏହି ଆକ୍ରମଣର ନିନ୍ଦା କରିଛନ୍ତି। ଏଭଳି ଆକ୍ରମଣ ଓ ହତ୍ୟା ମାନବିକତା ଉପରେ ଏକ କଳଙ୍କ। ଗଣତନ୍ତ୍ରରେ ବିଶ୍ୱାସ କରୁଥିବା ସମସ୍ତ ବ୍ୟକ୍ତି ଏହାକୁ ନିନ୍ଦା କରିବା ଉଚିତ। ଆଦିବାସୀଙ୍କ ବିକାଶରେ କିଦାରି ଓ ସିଭେରିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା ବୋଲି ଚନ୍ଦ୍ରାବାବୁ କହିଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ ବିଶାଖାପାଟଣାମ୍ ଜିଲାପାଳଙ୍କ ସହ ଫୋନ୍‌ରେ ଆଲୋଚନା କରି ସ୍ଥିତି ସମୀକ୍ଷା କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ଏନ୍. ଚିନା ରାଜାପ୍ପା ଏବଂ ପୋଲିସ ମହାନିର୍ଦ୍ଦେଶକ ଆକ୍ରମଣ ସ୍ଥଳ ପରିଦର୍ଶନ କରିଛନ୍ତି।

୨ ଟିଡିପି ନେତାଙ୍କୁ ମାଓବାଦୀଙ୍କ ହତ୍ୟା

ସୀମାନ୍ତରେ ଲାଲ ଆତଙ୍କ

ବିଶାଖାପାଟଣାମ୍/ ହାଇଦ୍ରାବାଦ,୨୩।୯

ଓଡ଼ିଶା–ଆନ୍ଧ୍ର ସୀମାରେ ପୁଣି ରକ୍ତମୁଖା ହୋଇଉଠିଛନ୍ତି ମାଓବାଦୀ। ଆନ୍ଧ୍ରପ୍ରଦେଶର ଶାସକ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି)ର ଦୁଇଜଣ ନେତାଙ୍କୁ ରବିବାର ମାଓବାଦୀମାନେ ଗୋଷ୍ଠୀବଦ୍ଧ ଭାବେ ହତ୍ୟା କରିଛନ୍ତି। ଏହାକୁ ଉଭୟ ଆନ୍ଧ୍ର ଓ ଓଡ଼ିଶା ପୋଲିସ ପାଇଁ ଖୋଲା ଚ୍ୟାଲେଞ୍ଜ ବୋଲି କୁହାଯାଉଛି। ଆରାକୁରେ ଟିଡିପି ସମର୍ଥକମାନେ ଏହି ହତ୍ୟାକାଣ୍ଡର ପ୍ରତିବାଦରେ ଥାନା ପୋଡିଦେଇଛନ୍ତି। ଏହାକୁ ନେଇ ପୁଣିଥରେ ଅଶାନ୍ତ ହୋଇପଡ଼ିଛି ସୀମାନ୍ତ ଅଞ୍ଚଳ।

ମାଓବାଦୀମାନେ ଓଡ଼ିଶା, ଛତିଶଗଡ଼ ଓ ତେଲେଙ୍ଗାନାକୁ ନେଇ ଗଠିତ ସେମାନଙ୍କ ନିୟମିତ ଅପରେଶନାଲ ଜୋନ୍‌କୁ ଛାଡ଼ି ଆନ୍ଧ୍ର ସୀମାରେ ରକ୍ତର ହୋରି ଖେଳିଛନ୍ତି। ଏଥର ସେମାନେ ଟାର୍ଗେଟ କରିଛନ୍ତି ଶାସକ ଦଳର ଦୁଇଜଣ ନେତାଙ୍କୁ। ସେମାନେ ହେଲେ ଆରାକୁ (ଏସ୍‌ଟି ସଂରକ୍ଷିତ ଆସନ)ର ବିଧାୟକ କିଦାରି ସର୍ବେଶ୍ୱର ରାଓ (୪୫) ଓ ପୂର୍ବତନ ବିଧାୟକ ସିଭେରି ସୋମା(୪୫)। ଉଭୟେ ବିଶାଖାପାଟଣାମ୍‌ରୁ ୧୨୫ କି.ମି. ଦୂର ଆରାକୁର ଏକ ଆଦିବାସୀ ବହୁଳ ଗ୍ରାମରେ ଗ୍ରାମଦର୍ଶିନୀ କାର୍ଯ୍ୟକ୍ରମରେ ଯୋଗଦେଇ ଫେରୁଥିଲେ। ଅପରାହ୍ନ ପ୍ରାୟ ଗୋଟାଏ ବେଳେ ଦୁହେଁ ଦୁଇଟି ଗାଡ଼ିରେ ଓଡ଼ିଶା ସୀମାରୁ ୧୫ କି.ମି. ଦୂର ଥୁଟାଙ୍ଗି ଗ୍ରାମରେ ପହଞ୍ଚିଥିଲେ।

- ଆକ୍ରମଣର ନେତୃତ୍ୱ ନେଇଥିଲେ ମହିଳା କ୍ୟାଡର
- ଆନ୍ଧ୍ର, ଓଡ଼ିଶା ପୋଲିସ ପାଇଁ ଚ୍ୟାଲେଞ୍ଜ

ଏତିକିବେଳେ କେତେଜଣ ମହିଳାଙ୍କ ସମେତ ୬୦ରୁ ଊର୍ଦ୍ଧ୍ୱ ସଶସ୍ତ୍ର ମାଓବାଦୀ ସେମାନଙ୍କ ଉପରକୁ ଅତର୍କିତ ଆକ୍ରମଣ କରିଥିଲେ। ଅନ୍ୟମାନଙ୍କୁ ସ୍ଥାନ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦେବା ପରେ ମାଓବାଦୀମାନେ ଦୁହିଙ୍କ ସୁରକ୍ଷା କର୍ମୀଙ୍କ ଏକେ–୪୭ ରାଇଫଲ୍ସ ଛଡ଼ାଇନେଇଥିଲେ। ଏହାସହ ସେମାନେ ସିଭେରି ଏବଂ କିଦେରିଙ୍କୁ ଅତି ନିକଟରୁ ଗୁଳି ମାରିଥିଲେ। ଛାତି ଓ ମୁଣ୍ଡରେ ଗୁଳି ବାଜିବା ପରେ ଘଟଣାସ୍ଥଳରେ ଦୁହିଙ୍କ ମୃତ୍ୟୁ ଘଟିଥିଲା। ଜଣେ ମହିଳା ମାଓବାଦୀ ଏହି ଆକ୍ରମଣର ନେତୃତ୍ୱ ନେଇଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ସିଭେରି ଓ କିଦେରିଙ୍କୁ ପୂର୍ବରୁ ହତ୍ୟା କରିବା ପାଇଁ ମାଓବାଦୀମାନେ ଧମକ ଦେଇଥିଲେ। ଏହି ହାଇପ୍ରୋଫାଇଲ ଡବଲ ମର୍ଡର ପରେ ସମ୍ପୃକ୍ତ ଅଞ୍ଚଳରେ ହାଇଆଲର୍ଟ ଜାରି କରାଯାଇଛି। ୱାଇଏସ୍‌ଆର୍ କଂଗ୍ରେସ ଅଧ୍ୟକ୍ଷ ୱାଇ.ଏସ୍. ଜଗନ୍‌ମୋହନ୍ ରେଡ୍ଡୀ ଏବଂ ଆନ୍ଧ୍ରପ୍ରଦେଶ କଂଗ୍ରେସ ସଭାପତି ଏନ୍. ରଘୁବୀରା ରେଡ୍ଡୀଙ୍କ ସମେତ ଅନ୍ୟ ନେତାମାନେ ମାଓବାଦୀଙ୍କ ଏହି ବର୍ବରକାଣ୍ଡର ଦୃଢ଼ନିନ୍ଦା କରିଛନ୍ତି। ରାଜ୍ୟପାଳ ଇଏସ୍‌ଏଲ୍ ନରସିଂହନ୍ ଶୋକବ୍ୟକ୍ତ କରି ଦୁଇନେତାଙ୍କ ପରିବାର ବର୍ଗକୁ ସମବେଦନା ଜଣାଇଛନ୍ତି।

ସିପିଆଇ (ଏମ୍)ର ହାତ

ଏହି ହତ୍ୟାକାଣ୍ଡ ପଛରେ ସିପିଆଇ (ମାଓବାଦୀ)ର ହାତ ରହିଥିବା ସନ୍ଦେହ କରାଯାଉଛି। ଗତ କିଛିମାସ ହେବ ଆରାକୁ ଉପତ୍ୟକା ନକ୍ସଲ ନେତାମାନଙ୍କ ଦୁର୍ଗ ପାଲଟିଥିବା ସୁରକ୍ଷା ବଳ ପକ୍ଷରୁ କୁହାଯାଇଛି। ଆନ୍ଧ୍ର–ଓଡ଼ିଶା ସୀମାକୁ ମାଓବାଦୀମାନେ ନିରାପଦ କରିଡର ଭାବେ ବ୍ୟବହାର କରୁଥିବା ଗୋଇନ୍ଦା ରିପୋର୍ଟରୁ ଜଣାପଡ଼ିଛି।

ଥାନା ପୋଡ଼ିଦେଲେ ସମର୍ଥକ

ଟିଡିପିର ଦୁଇ ଆଦିବାସୀ ନେତାଙ୍କୁ ମାଓବାଦୀମାନେ ରବିବାର ହତ୍ୟା କରିବା ପରେ ସୀମାନ୍ତ ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି। ବରିଷ୍ଠ ପୋଲିସ ଅଧିକାରୀମାନେ ଆକ୍ରମଣସ୍ଥଳରେ ପହଞ୍ଚି ବିଶାଖାପାଟଣାମ୍‌ସ୍ଥିତ କିଙ୍ଗ୍ ଜର୍ଜ ହସ୍ପିଟାଲକୁ ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବାକୁ ବ୍ୟବସ୍ଥା କରିଛନ୍ତି। କିନ୍ତୁ ହତ୍ୟାକାଣ୍ଡର ପ୍ରତିବାଦରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଥିବାରୁ ମୃତଦେହ ପଠାଇବା ସମ୍ଭବ ହୋଇନାହିଁ। ଟିଡିପି ସମର୍ଥକମାନେ ହତ୍ୟାକାଣ୍ଡ ପାଇଁ ପୋଲିସର ବିଫଳତାକୁ ଦାୟୀ କରି ଡୁମ୍ବୁରିଗୁଡ଼ା ଥାନାରେ ନିଆଁ ଲଗାଇଦେଇଛନ୍ତି। ଏହାସହ ଆରାକୁ ଥାନାରେ ମଧ୍ୟ ଭଙ୍ଗାରୁଜା କରିଥିବା ଜଣାପଡ଼ିଛି। ଲୋକଙ୍କ ଆକ୍ରମଣରେ ଜଣେ କନଷ୍ଟେବଳ ଆହତ ହୋଇଛନ୍ତି।

ନେତାଙ୍କୁ ଟାର୍ଗେଟ

କେବେ, କେଉଁଠି

୧୯୯୯ ଏପ୍ରିଲ ୧୩: ଆନ୍ଧ୍ରପ୍ରଦେଶ ବିଧାନସଭା ବାଚସ୍ପତି ଦୁଦ୍ଦିଲା ଶ୍ରୀପଦ ରାଓଙ୍କୁ କରିମନଗର ଜିଲାର ଆନ୍ନାରାମଠାରେ ପିପୁଲ୍ସ ୱାର୍ ଗ୍ରୁପ୍ (ପିଡବ୍ଲ୍ୟୁଜି)ର ୪ ମାଓବାଦୀ ଗୁଳିକରି ହତ୍ୟା କରିଥିଲେ।

୨୦୦୧ ଡିସେମ୍ବର ୨୯: ଆନ୍ଧ୍ରପ୍ରଦେଶସ୍ଥିତ ଦେବରାକୋଣ୍ଡାର କଂଗ୍ରେସ ବିଧାୟକ ରାଗ୍ୟା ନାଏକଙ୍କୁ ମଦ୍ଦିମାଗୁଡୁରେ ଏକ ହୋଟେଲ ବାହାରେ ମାଓବାଦୀମାନେ ଗୁଳିକରି ହତ୍ୟା କରିଥିଲେ।

୨୦୦୩ ଅକ୍ଟୋବର ୨: ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ଉପରେ ମାଓବାଦୀମାନେ ମରଣାନ୍ତକ ଆକ୍ରମଣ କରିଥିଲେ। ତିରୁମାଲା ଘାଟରେ ଏକ ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ସେ ଗୁରୁତର ହୋଇଥିଲେ। ଚନ୍ଦ୍ରାବାବୁଙ୍କୁ ହତ୍ୟା କରିବା ପାଇଁ ଏହା ପରେ ମଧ୍ୟ ଏକାଧିକ ଥର ମାଓବାଦୀମାନେ ଧମକ ଦେଇଛନ୍ତି।

୨୦୦୫ ଅଗଷ୍ଟ ୧୫: ତେଲେଙ୍ଗାନାର ନାରାୟଣପେଟରେ ବରିଷ୍ଠ କଂଗ୍ରେସ ବିଧାୟକ ଚିଜେମ୍ ନର୍ସି ରେଡ୍ଡୀ ଓ ତାଙ୍କର ୧୦ ସମର୍ଥକଙ୍କୁ ମାଓବାଦୀମାନେ ହତ୍ୟା କରିଥିଲେ।

୨୦୦୭ ମାର୍ଚ୍ଚ ୪: ଝାଡ଼ଖଣ୍ଡର ଜେଏମ୍‌ଏମ୍ ଏମ୍‌ପି ସୁନୀଲ ମହାତୋ ଘାଟଶିଳାରେ ମାଓବାଦୀଙ୍କ ଗୁଳିମାଡ଼ରେ ପ୍ରାଣ ହରାଇଥିଲେ।

୨୦୦୭ ମାର୍ଚ୍ଚ ୭: ତତ୍କାଳୀନ ଟିଡିପି ସରକାରରେ ପଞ୍ଚାୟତିରାଜ ମନ୍ତ୍ରୀ ଥିବା ଏ.ମାଧବ ରେଡ୍ଡୀଙ୍କ ଉପରେ ପିଡବ୍ଲ୍ୟୁଜି ଆକ୍ରମଣ କରିଥିଲା। ଘଟକେଶ୍ୱରରେ ମାଓବାଦୀଙ୍କ ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ସେ ନିହତ ହୋଇଥିଲେ।

୨୦୦୯ ସେପ୍ଟେମ୍ବର ୧୫: ଆନ୍ଧ୍ରପ୍ରଦେଶର ସରିପୁର ବିଧାୟକ ପଲଭାଇ ପୁରୁଷୋତ୍ତମ ରାଓ ଏବଂ ୩ ସୁରକ୍ଷା କର୍ମୀଙ୍କୁ କାଗଜନଗରସ୍ଥିତ ଦଳୀୟ କାର୍ଯ୍ୟାଳୟ ଭିତରେ ମାଓବାଦୀମାନେ ଗୁଳିକରି ହତ୍ୟା କରିଥିଲେ।

୨୦୦୯ ସେପ୍ଟେମ୍ବର ୨୬: ଛତିଶଗଡ଼ର ଜଗଦଲପୁରସ୍ଥିତ ପୈରାଗୁଡ଼ା ଗ୍ରାମରେ ମାଓବାଦୀଙ୍କ ଆକ୍ରମଣରେ ଭାଜପା ଏମ୍‌ପି ବଲିରାମ କାଶ୍ୟପଙ୍କ ଦୁଇପୁଅ ଦୀନେଶ ଓ ତାନ୍‌ସେନଙ୍କୁ ମାଓବାଦୀମାନେ ହତ୍ୟା କରିଥିଲେ।

୨୦୧୩ ମେ ୨୫: ଛତିଶଗଡ଼ର ସୁକ୍‌ମା ଜିଲା ଦର୍ଭ ଉପତ୍ୟକାରେ ସିପିଆଇ (ମାଓବାଦୀ) ପକ୍ଷରୁ ଆକ୍ରମଣ ହୋଇଥିଲା। ଏଥିରେ ରାଜ୍ୟ କଂଗ୍ରେସ ସଭାପତି ନନ୍ଦକୁମାର ପଟେଲ ଓ ପୂର୍ବତନ ମନ୍ତ୍ରୀ ମହେନ୍ଦ୍ର କର୍ମାଙ୍କ ସମେତ ୨୮ ଜଣ ନିହତ ହୋଇଥିଲେ।

ବସୁନ୍ଧରାଙ୍କ ସହ ଲଢ଼ିବେ ଆଇପିଏସ୍ ଅଧିକାରୀଙ୍କ ସ୍ତ୍ରୀ

ଜୟପୁର,୨୩।୯(ପି.ଟି.): ରାଜସ୍ଥାନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେଙ୍କ ସହ ମୁହାଁମୁହିଁ ହେବେ ରାଜ୍ୟର ଜଣେ ଆଇପିଏସ୍ ଅଧିକାରୀଙ୍କ ସ୍ତ୍ରୀ। ୨୦୦୯ ବ୍ୟାଚ୍ ରାଜସ୍ଥାନ କ୍ୟାଡର୍ ଆଇପିଏସ୍ ଅଧିକାରୀ ପଙ୍କଜ ଚୌଧୁରୀଙ୍କ ସ୍ତ୍ରୀ ମୁକୁଲ ଚୌଧୁରୀ ଆସନ୍ତା ବିଧାନ ସଭା ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ବସୁନ୍ଧରାଙ୍କ ଝଲ୍‌ରାପଟ୍‌ନମ୍‌ରୁ ଲଢ଼ିବେ। ଭାଜପା ଶାସନରେ ଲୋକେ ସମ୍ମୁଖୀନ ହେଉଥିବା ଅନ୍ୟାୟର ଗଣତାନ୍ତ୍ରିକ ଢଙ୍ଗରେ ମୁକାବିଲା କରିପାରିବେ ବୋଲି ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇଥିବା ମୁକୁଲ କହିଛନ୍ତି।

ଭାରତୀୟ ନାବିକ ଠାବ

କୋଚି,୨୩।୯(ପି.ଟି.)

'ଗୋଲ୍ଡେନ୍ ଗ୍ଲୋବ୍ ରେସ୍ ୨୦୧୮'ରେ ଭାଗ ନେଇ ବିଶ୍ୱ ଭ୍ରମଣରେ ଯାଇଥିବା ଭାରତୀୟ ନୌସେନାର ଅଧିକାରୀ ଅଭିଳାଷ ଟୋମିଙ୍କ ଜାହାଜର ସନ୍ଧାନ ମିଳିଛି। ଏସମ୍ପର୍କରେ ପ୍ରତିରକ୍ଷା ମନ୍ତ୍ରଣାଳୟର ମୁଖପାତ୍ର ସୂଚନା ଦେଇଛନ୍ତି। ଶୁକ୍ରବାର ତାଙ୍କ ବୋଟ୍ ଦକ୍ଷିଣ ଭାରତ ମହାସାଗରରେ ଭୟଙ୍କର ସାମୁଦ୍ରିକ ଝଡ଼ର ସମ୍ମୁଖୀନ ହୋଇଥିଲା। ଏହି ସମୟରେ ଏକ ୧୪ ମିଟର ସମୁଦ୍ର ଜୁଆର ମାଡି ଆସିବାରୁ ତାଙ୍କର ଜାହାଜ କ୍ଷତିଗ୍ରସ୍ତ ହେବା ସହ ତାଙ୍କ ପିଠିରେ ଆଘାତ ଲାଗିଥିଲା। ଶନିବାର ଫ୍ରାନ୍ସରେ ଥିବା ପ୍ରତିଯୋଗିତା ଆୟୋଜନକାରୀଙ୍କ ସହ କମାଣ୍ଡର ଟୋମିଙ୍କ ଯୋଗାଯୋଗ ହୋଇପାରିଥିଲା। ସିଗନାଲ ଯୋଗେ ଟୋମି କଥା ହୋଇ ତାଙ୍କ ପାଇଁ ଗୋଟିଏ ଷ୍ଟ୍ରେଚର ମଗାଇଛନ୍ତି। କାରଣ ଆହତ ଥିବା କାରଣରୁ ଏବେ ସେ ଚଲାବୁଲା କରିପାରୁନାହାନ୍ତି। ଭାରତୀୟ ନୌସେନା ଆଇଏନ୍‌ଏସ୍ ଜ୍ୟୋତି ଏବଂ ଆଇଏନ୍‌ଏସ୍ ସତପୁରା ତାଙ୍କୁ ଖୋଜିବାକୁ ରବିବାର ସକାଳେ ମରିସସ୍‌ରେ ପହଞ୍ଚିଛି। ସ୍ଥିତି ଉପରେ ଏବେ ନଜର ରଖାଯାଇଛି ବୋଲି ସେନା ମୁଖପାତ୍ର ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ଅଷ୍ଟ୍ରେଲିଆ ନୌସେନାର ଜାହାଜ ମଧ୍ୟ ତାଙ୍କ ସନ୍ଧାନରେ ବାହାର ପଡ଼ିଛି।

ଆତଙ୍କବାଦୀ ନିହତ

ଶ୍ରୀନଗର,୨୩।୯(ପି.ଟି.)

ଆତଙ୍କବାଦ ନିରୋଧୀ ଅଭିଯାନରେ ସୁରକ୍ଷା ବାହିନୀକୁ ରବିବାର ଏକ ବଡ଼ ସଫଳତା ମିଳିଛି। ଜୈଶ୍–ଇ–ମହମ୍ମଦର ଜଣେ ଶୀର୍ଷସ୍ତରୀୟ କମାଣ୍ଡରଙ୍କୁ କଶ୍ମୀରରେ ହତ୍ୟା କରିଛି ସେନା। ଆତଙ୍କବାଦୀ ଜଣକ ଜୈଶ୍ କମାଣ୍ଡର ଅଦ୍‌ନାନ୍ ଏବଂ ସେ ପାକିସ୍ତାନୀ ନାଗରିକ ବୋଲି ଚିହ୍ନଟ କରାଯାଇଛି। ଜମ୍ମୁ–କଶ୍ମୀରର ପୁଲ୍‌ୱାମା ଜିଲାରେ ଏନ୍‌କାଉଣ୍ଟର ବେଳେ ତାଙ୍କୁ ହତ୍ୟା କରାଯାଇଛି। ଜିଲାର ଆରିବାଲ୍ ଅନ୍ତର୍ଗତ ଦର୍ ଗନି ଗୁନ୍ଦ ଗ୍ରାମରେ ଆତଙ୍କବାଦୀ ଲୁଚି ରହିଥିବା ଖବର ପାଇବା ପରେ ସେନା ପକ୍ଷରୁ ସର୍ଚ୍ଚ ଅପରେଶନ୍ ଆରମ୍ଭ ହୋଇଥିଲା। ଗୁଳି ବିନିମୟରେ ଜଣେ ଯବାନ ମଧ୍ୟ ଆହତ ହୋଇଛନ୍ତି ବୋଲି ସେନା ମୁଖପାତ୍ର ସୂଚନା ଦେଇଛନ୍ତି।

ଦୁଇ ମୁଖ୍ୟ ଅଭିଯୁକ୍ତ ଗିରଫ

ଚଣ୍ଡିଗଡ଼/ରେୱାଡ଼ି,୨୩।୯(ପି.ଟି.)

ଧରାପଡ଼ିଲେ ରେୱାଡ଼ି ଗଣବଳାତ୍କାର ମାମଲାର ଦୁଇ ମୁଖ୍ୟ ଅଭିଯୁକ୍ତ ପଙ୍କଜ ଏବଂ ମନୀଷ୍। ଘଟଣାର ୧୦ଦିନ ପରେ ରବିବାର ହରିୟାଣା ପୋଲିସ ରାଜ୍ୟର ମହେନ୍ଦ୍ରଗଡ଼ ଜିଲାର ସତ୍‌ନାଲି ଅଞ୍ଚଳରୁ ସେମାନଙ୍କୁ କାବୁ କରିଛି। ଇତିମଧ୍ୟରେ ପୋଲିସ ଆଖିରେ ଧୂଳି ଦେଇ ବାରମ୍ବାର ସେମାନେ ଠିକଣା ବଦଳାଇ ଚାଲିଥିଲେ। ଫଳରେ ନାକେଦମ୍ ହୋଇ ସାରିଥିଲା ପୋଲିସ ଟିମ୍। ୧୯ ବର୍ଷୀୟା ସିବିଏସ୍‌ଇ ଟପ୍ପର ଛାତ୍ରୀଙ୍କୁ ଗଣବଳାତ୍କାର ପରେ

ରେୱାଡ଼ି ଗଣବଳାତ୍କାର

ଦୁଇ ମୁଖ୍ୟ ଅଭିଯୁକ୍ତ ପଙ୍କଜ ଏବଂ ମନୀଷ୍ ଫେରାର ଥିଲେ। ଅନ୍ୟ ଜଣେ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ ଜଣଙ୍କୁ ପୋଲିସ ପୂର୍ବରୁ ଗିରଫ କରି ସାରିଛି। ପଙ୍କଜ ହେଉଛନ୍ତି ଜଣେ ସେନା ଯବାନ। ଗଣବଳାତ୍କାର ଘଟାଇବା ପରେ ସେମାନେ ନିଜ ମୋବାଇଲ୍ ଫୋନ୍‌କୁ କୌଣସି ଏକ ସ୍ଥାନରେ ପୋତି ଦେଇଥିଲେ। ଏହାପରେ ଧର୍ମଶାଳା ଅଞ୍ଚଳରେ ଏକ ଛୋଟ ଗ୍ରାମରେ ଆଶ୍ରୟ ନେଇଥିଲେ। ରାତି ସମୟରେ ପାହାଡ଼ ଏବଂ ବିଲରେ ଆଶ୍ରୟ ନେଉଥିଲେ ବୋଲି ଏସ୍‌ଆଇଟି ମୁଖ୍ୟ ନାଜ୍‌ନିନ୍ ଭାସିନ୍ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ତେବେ ଫେରାର ଅଭିଯୁକ୍ତଙ୍କୁ ଯେଉଁମାନେ ସହଯୋଗ କରିଛନ୍ତି ସେମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲ ଭାସନ୍ କହିଛନ୍ତି।

'ପାରିକରଙ୍କୁ ଭୟ କରୁଛନ୍ତି ଶାହ'

ନୂଆଦିଲ୍ଲୀ,୨୩।୯(ପି.ଟି.): ଗୋଆ ମୁଖ୍ୟମନ୍ତ୍ରୀ ପଦରୁ ମନୋହର ପାରିକରଙ୍କୁ ହଟାଇବା ଲାଗି ଭାଜପା ଚିନ୍ତାକରୁଛି ବୋଲି ଚର୍ଚ୍ଚା ଚାଲିଥିବାବେଳେ ରବିବାର ଏହାକୁ ଖଣ୍ଡନ କରିଛନ୍ତି ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ। ଖୁବ୍‌ଶୀଘ୍ର ଗୋଆ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବ ବୋଲି ଶାହ ସ୍ପଷ୍ଟ କରିଛନ୍ତି। ଶାହଙ୍କ ଉକ୍ତ ମନ୍ତବ୍ୟ ପରେ ଭାଜପା ନେତାଙ୍କୁ ଟାର୍ଗେଟ୍ କରିଛି ବିରୋଧୀ କଂଗ୍ରେସ। ରାଫାଲ୍ ଚୁକ୍ତି ଦୁର୍ନୀତି ଭୟ ଦେଖାଇ ପାରିକର କେନ୍ଦ୍ର ନେତୃବୃନ୍ଦଙ୍କୁ ବ୍ଲାକମେଲ୍ କରୁଛନ୍ତି ବୋଲି ଗୋଆ କଂଗ୍ରେସ ଅଭିଯୋଗ ଆଣିଛି। ଗୋଆ ପିସିସି ସଭାପତି ଗିରିଶ ଚନ୍ଦନକର କହିଛନ୍ତି, ରାଫାଲ୍ ଚୁକ୍ତି ପରିବର୍ତ୍ତନ ବେଳେ ତତ୍କାଳୀନ ପ୍ରତିରକ୍ଷା ମନ୍ତ୍ରୀ ପାରିକରଙ୍କୁ ଅବଗତ କରାଯାଇ ନ ଥିଲା। ଏହାକୁ ନେଇ ପାରିକର ସେମାନଙ୍କୁ ବ୍ଲାକମେଲ୍ କରିପାରନ୍ତି ବୋଲି ଚିନ୍ତା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଶାହ ତାଙ୍କୁ ଗୋଆ ମୁଖ୍ୟମନ୍ତ୍ରୀ ପଦରୁ ହଟାଇବାକୁ ସାହସ କରିବେ ନାହିଁ। ଦୁର୍ନୀତିକୁ ନେଇ ପାରିକରଙ୍କ ନିକଟରେ ଅନେକ ଗୋପନ ତଥ୍ୟ ଥିବ ବୋଲି ଗିରିଶ ଦୃଢ଼ ଦାବି କରିଛନ୍ତି।

ନିଜ ଦେଶରେ ଇମ୍ରାନ ନିନ୍ଦିତ

ଇସ୍‌ଲାମାବାଦ,୨୩।୯(ପି.ଟି.)

ଭାରତ ସହ ସମ୍ପର୍କ ଖରାପ କରି ନିଜ ଦେଶରେ ସମାଲୋଚିତ ହୋଇଛନ୍ତି ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍। ତାଙ୍କର ତରବରିଆ ପଦକ୍ଷେପ ଇସ୍‌ଲାମାବାଦ ଏବଂ ନୂଆଦିଲ୍ଲୀର ସମ୍ପର୍କରେ ତିକ୍ତତା ସୃଷ୍ଟି କରିବ ବୋଲି ପାକିସ୍ତାନ ବିରୋଧୀ ଦଳଗୁଡ଼ିକ ରବିବାର ପ୍ରକାଶ କରିଛନ୍ତି। ଦୁଇଦେଶ ମଧ୍ୟରେ ଆଲୋଚନା ପାଇଁ ଇମ୍ରାନ ଭାରତ ସରକାରଙ୍କୁ ଚିଠି ଲେଖିଥିଲେ। କିନ୍ତୁ ସୀମାନ୍ତରେ ଯବାନଙ୍କ ହତ୍ୟା ଘଟଣା ପରେ ଭାରତ ବୈଠକ ବାତିଲ କରିଥିଲା। ଏହାପରେ ସେ ଭାରତ ସରକାରଙ୍କୁ କଡ଼ା ନିନ୍ଦା କରିଥିଲେ। ତେବେ ଦେଶର ଦୁଇ ପ୍ରମୁଖ ବିରୋଧୀ ଦଳ ପିଏମ୍‌ଏଲ୍‌ଏନ୍ ଏବଂ ପିପିପି ଏଥିଲାଗି ଦେଶର ପିଟିଆଇ ସରକାରଙ୍କୁ ସମାଲୋଚନା କରିଛନ୍ତି। ଏଭଳି ପଦକ୍ଷେପ ନେଇ ଇମ୍ରାନ ଭାରତ ସହ କୂଟନୈତିକ ମାର୍ଗକୁ ପଥଚ୍ୟୁତ କରିଛନ୍ତି। ନୂଆଦିଲ୍ଲୀ ସହ ଆଲୋଚନା କରିବାରେ ସେ ତରବରିଆ ପଦକ୍ଷେପ

ପୁଣି ଭାରତକୁ ଅହଙ୍କାରୀ କହିଲେ

ନେଇଛନ୍ତି। ବୈଠକ ପ୍ରସ୍ତାବ ଦେବା ପୂର୍ବରୁ ଇମ୍ରାନ ଠିକ୍‌ଭାବେ ହୋମ୍‌ୱାର୍କ କରିବା ଉଚିତ ଥି

ମଧ୍ୟପ୍ରଦେଶ ବାଗସେବାନିଆରେ ଘଟିଛି ଏକ ଅଭାବନୀୟ ଘଟଣା। ଏଠାରେ ଜଣେ ଥାନାବାବୁଙ୍କ ୨୫ ବର୍ଷୀୟା ଝିଅଙ୍କୁ ୪ ଜଣ ଯୁବକ ଏକ ଢାବାକୁ ଡାକି ନେଇ ଗଣବଳାତ୍କାର କରିଛନ୍ତି। ସମ୍ପୃକ୍ତା ଝିଅଙ୍କଠାରୁ ଅଭିଯୁକ୍ତମାନେ ୪ ଲକ୍ଷ ଟଙ୍କା ଧାର ନେଇଥିଲେ। ଦରକାର ହେବାରୁ ଝିଅ ଟଙ୍କା ମାଗିଥିଲେ। ଯୁବକମାନେ ତାଙ୍କୁ ଟଙ୍କା ଦେବାକୁ ନିକଟସ୍ଥ ଏକ ଢାବାକୁ ଡାକିଥିଲେ। ସେଠାରେ ଯୁବକମାନେ ତାଙ୍କୁ ଗଣବଳାତ୍କାର କରିଥିବା ପୀଡ଼ିତା ଅଭିଯୋଗ କରିଛନ୍ତି।

ଡାହାଣୀ ସନ୍ଦେହରେ ୨ ମହିଳାଙ୍କୁ ହତ୍ୟା

■ ସାବତ ମା' ତୀରବିଦ୍ଧ, ଡାକ୍ତରଖାନାରେ ଭର୍ତ୍ତି
■ ଅଭିଯୁକ୍ତ ଗିରଫ, କୁରାଢ଼ି ଓ ଧନୁତୀର ଜବତ

ରାଇରଙ୍ଗପୁର,୨୩।୯(ଡି.ଏନ.ଏ.)

ଅନ୍ଧବିଶ୍ୱାସର ଅର୍ଗଳିରେ ଶଙ୍କୁଛି ଜୀବନ। ଏଥିରୁ ଯେମିତି ମୁକ୍ତି ନାହିଁ। ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାରେ ଡାହାଣୀ ସନ୍ଦେହ ଭଳି ଅନ୍ଧବିଶ୍ୱାସକୁ ନେଇ ବିଭିନ୍ନ ସମୟରେ ଜଘନ୍ୟ ଓ ଲୋମହର୍ଷଣକାରୀ ହତ୍ୟା ଅପରାଧ ଘଟିଚାଲିଛି। ଏହାକୁ ରୋକା ଯାଇପାରୁ ନାହିଁ। ରାଇରଙ୍ଗପୁର ପୋଲିସ ସର୍କଲ ଅଧୀନ ତେଣ୍ଡରା ପଞ୍ଚାୟତ ମଧୁପୁର ଗ୍ରାମର ଶ୍ୟାମ ବାସ୍କେ ନାମକ ଜଣେ ଯୁବକ ରବିବାର ପୂର୍ବାହ୍ନରେ ଗାଁ ଦାଣ୍ଡରେ ଡାହାଣୀ ସନ୍ଦେହରେ ଜଣେ ମହିଳାଙ୍କୁ ତୀର ମାଡ଼ କରିବା ସହ ଅନ୍ୟ ୨ଜଣ ମହିଳାଙ୍କୁ ଗୋଡ଼ାଇ ଗୋଡ଼ାଇ କୁରାଢ଼ିରେ ହାଣି ବୀଭତ୍ସ ଭାବେ ହତ୍ୟା କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଅଭିଯୁକ୍ତ ଶ୍ୟାମ ହତ୍ୟା ଘଟାଇବା ପରେ ଜାମଦା ଥାନାରେ ଆତ୍ମସମର୍ପଣ କରିଥିବା କୁହାଯାଉଛି। ପୋଲିସ ତାଙ୍କୁ ଜେରା କରିବା ପରେ ଘଟଣାସ୍ଥଳକୁ ଯାଇ ଅନୁସନ୍ଧାନ ଚଳାଇଛି। ଗାଁ ଦାଣ୍ଡରୁ ୨ ମହିଳାଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ଡାକ୍ତରଖାନା ପଠାଇଛି। ଅନ୍ୟ ତୀରବିଦ୍ଧ ମହିଳାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ରାଇରଙ୍ଗପୁର ଏସଡିପିଓ ଅମୂଲ୍ୟ କୁମାର ଧର, ଜାମଦା ଥାନା ଦାୟିତ୍ୱରେ ଥିବା ତିରିଂ ଥାନା ଅଧିକାରୀ ସୁଦର୍ଶନ ଗାଙ୍ଗୟୀ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଦଳ ସହ ଅଧିକ ତଦନ୍ତ ଚଳାଇଛନ୍ତି।

ଝାଡ଼ଖଣ୍ଡ ସୀମାକୁ ଲାଗିଥିବା ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଗାଁ ମଧୁପୁର। ଜାମଦା ଥାନାଠାରୁ ଦୂରତା ୫କି.ମି.। ହତ୍ୟାକାଣ୍ଡ ଘଟାଇଥିବା ଶ୍ୟାମ ପୋଲିସକୁ ଦେଇଥିବା ବୟାନରେ କହିଛନ୍ତି ଯେ, ସମ୍ପ୍ରତି ତାଙ୍କର ତିନୋଟି ପିଲା ରୋଗାକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ। ସାବତ ମା' ଯୋବା ବାସ୍କେ ସେମାନଙ୍କୁ ଗୁଣିଗାରେଡ଼ି କରି ମାରି ଦେଇଥିବା ସେ ସନ୍ଦେହ କରିଆସୁଥିଲେ। ଅନ୍ୟ ୨ ମହିଳା ଏହି ଗୁଣିଗାରେଡ଼ି କାର୍ଯ୍ୟରେ ସମ୍ପୃକ୍ତ ଥିଲେ। ସନ୍ତାନ ମୃତ୍ୟୁର ପ୍ରତିଶୋଧ ନେବାଲାଗି ସେ ବହୁ ଦିନରୁ ଯୋଜନା କରିଥିଲେ। ରବିବାର ପୂର୍ବାହ୍ନ ପ୍ରାୟ ସାଢ଼େ ୯ଟାବେଳେ ଗାଁ ଦାଣ୍ଡରେ ତାଙ୍କ ସାବତ ମା' ଥିବାବେଳେ ତାଙ୍କ ଉପରକୁ ତୀର ମାଡ଼ କରି ସେ ଆକ୍ରମଣ କରିଥିଲେ। ଏହି ସମୟରେ ଗାଁ ଦାଣ୍ଡରେ ଉପସ୍ଥିତ ଥିବା ଅନ୍ୟ ୨ ମହିଳା ସୂର୍ଯ୍ୟ ହେମ୍ବ୍ରମ ଏବଂ କାର୍ମୀ ମୁର୍ମୁଙ୍କୁ ହାଣିବା ପାଇଁ ସେ କୁରାଢ଼ି ଧରି ଗୋଡ଼ାଇଥିଲେ। ଲୋକଙ୍କ ଆଖି ସାମ୍ନାରେ ରକ୍ତମୁଖା ଶ୍ୟାମ ୨ ମହିଳାଙ୍କୁ ହାଣି ପକାଇଥିଲେ। ପ୍ରଚୁର ରକ୍ତସ୍ରାବ ହେବାରୁ ଘଟଣାସ୍ଥଳରେ ସୂର୍ଯ୍ୟ ଓ କର୍ମୀଙ୍କ ମୃତ୍ୟୁ ଘଟିଥିଲା। ଉପସ୍ଥିତ ଲୋକେ ଏଭଳି ହତ୍ୟା ଘଟଣାରେ ଆତଙ୍କିତ ହୋଇ ଜୀବନ ରକ୍ଷା ପାଇଁ ଧାଇଁ ପଳାଇଯାଇଥିଲେ। ଏହାପରେ ଅଭିଯୁକ୍ତ ଥାନାକୁ ଯାଇ ଆତ୍ମସମର୍ପଣ କରିଥିବା କହିଥିବାବେଳେ ପୋଲିସ ଏହାକୁ ଖଣ୍ଡନ କରିଛି। ପୋଲିସ ହତ୍ୟା ଖବର ପାଇ ମଧୁପୁର ଗ୍ରାମକୁ ଯିବାବେଳେ ବାଟରୁ ଅଭିଯୁକ୍ତ ଶ୍ୟାମଙ୍କୁ ଗିରଫ କରିଥିବା ଏସଡିପିଓ ଧର ସୂଚନା ଦେଇଛନ୍ତି। ଏନେଇ ଜାମଦା ଥାନାରେ ଏକ ହତ୍ୟା ମାମଲା (ନଂ. ୨୯/୧୮) ରୁଜୁ କରାଯାଇଛି। ହତ୍ୟାକାଣ୍ଡରେ ବ୍ୟବହୃତ କୁରାଢ଼ି ଓ ଧନୁ ତୀରକୁ ଜବତ କରାଯାଇଛି। ଡାହାଣୀ ସନ୍ଦେହଜନିତ ହତ୍ୟାକୁ ରୋକିବାପାଇଁ ପୋଲିସ ଓ ପ୍ରଶାସନ ଉଦ୍ୟମ କରୁଥିବା କହୁଥିଲେ ହେଁ ଆଦିବାସୀ ଅଧ୍ୟୁଷିତ ଗ୍ରାମାଞ୍ଚଳରେ ଏହାର କିଛି ପ୍ରଭାବ ପଡ଼ି ନ ଥିବା ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି।

ଆଜି କ୍ୟାବିନେଟ୍ ବୈଠକ

ଭୁବନେଶ୍ୱର,୨୩।୯(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ସୋମବାର ପୂର୍ବାହ୍ନ ୧୧.୪୫ମିନିଟ୍‌ରେ ସଚିବାଳୟଠାରେ ଅନୁଷ୍ଠିତ ହେବ। କ୍ୟାବିନେଟ୍‌ରେ ୩ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରୀ ମିଳିବ ବୋଲି ଜଣାପଡ଼ିଛି। ଏହାଛଡ଼ା କିଛି ଅତିରିକ୍ତ ପ୍ରସ୍ତାବ ଆସିପାରେ ବୋଲି ଜଣେ ମନ୍ତ୍ରୀ ସୂଚନା ଦେଇଛନ୍ତି। ପଞ୍ଚାୟତିରାଜ ବିଭାଗ ସମ୍ପର୍କିତ ଏକ ପ୍ରସ୍ତାବ ରହିଥିବା ସୂତ୍ରରୁ ଜଣାପଡ଼ିଛି।

ଅନ୍ତର୍ଜାତୀୟ ପାର୍ଲାମେଣ୍ଟାରିଆନ ସମ୍ମିଳନୀରେ ଯୋଗଦେବେ କନ୍ଧମାଳ ଏମ୍‌ପି

ବାଲିଗୁଡ଼ା,୨୩।୯ (ଡି.ଏନ୍.ଏ.)

କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଅକ୍ଟୋବର ୧୪ରୁ ସୁଇଜରଲାଣ୍ଡର ଜେନେଭାଠାରେ ଆରମ୍ଭ ହେଉଥିବା ଅନ୍ତର୍ଜାତୀୟ ପାର୍ଲାମେଣ୍ଟାରିଆନ ସମ୍ମିଳନୀରେ ଯୋଗ ଦେବେ। ଏଥିରେ ଅଂଶଗ୍ରହଣ କରିବାକୁ ଲୋକ ସଭା ବାଚସ୍ପତି ସୁମିତ୍ରା ମହାଜନ ଉଭୟ ଲୋକ ସଭା ଓ ରାଜ୍ୟ ସଭାରୁ ୧୦ ଜଣ ଏମ୍‌ପିଙ୍କୁ ମନୋନିତ କରିଛନ୍ତି। ସେମାନଙ୍କ ମଧ୍ୟରେ ଓଡିଶାର କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ସ୍ଥାନ ପାଇଛନ୍ତି। ଏହି ସମ୍ମିଳନୀ ପାଇଁ ମନୋନୀତ ହୋଇଥିବାରୁ ସେ ବାଚସ୍ପତିଙ୍କୁ ସାଧୁବାଦ ଜଣାଇଛନ୍ତି।

■ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଘଟଣା

ଦୋଷ ସ୍ୱୀକାର କଲେ ଯୁବକ

■ ୨୦ ଲକ୍ଷ କ୍ଷତିପୂରଣ ଦାବିରେ ରାସ୍ତାରୋକୋ
■ ଫାଶୀ ଦେବା ଲାଗି ଦାବି

ଫୁଲବାଣୀ ଅଫିସ/କୋଟଗଡ, ୨୩।୯

କନ୍ଧମାଳ ଜିଲା କୋଟଗଡ ଥାନା ଅଞ୍ଚଳରେ ଜଣେ ୯ ବର୍ଷର ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଘଟଣାରେ ସମ୍ପୃକ୍ତ ଯୁବକ ପୋଲିସ ପାଖରେ ରବିବାର ଦୋଷ ସ୍ୱୀକାର କରିଛନ୍ତି। ପ୍ରଥମେ ଚକୋଲେଟ ଦେଇ ଭୁଲାଇ ନେବା ପରେ ବଳାତ୍କାର କରିବା ଏବଂ ଧରା ପଡିଯିବା ଭୟରେ ନାବାଳିକାଙ୍କ ତଣ୍ଟିଚିପି ହତ୍ୟା କରିଥିଲେ ବୋଲି ପୋଲିସ ଆଗରେ ପ୍ରକାଶ କରିଛନ୍ତି। ରବିବାର ସାଇଣ୍ଟିଫିକ ଟିମ୍ ଏବଂ ଡଗ୍ ସ୍କ୍ୱାଡ୍ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ଅପରପକ୍ଷେ ମୃତ ନାବାଳିକାଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ୨୦ ଘଣ୍ଟା ଧରି କୋଟଗଡ ମୁଖ୍ୟରାସ୍ତା ଅବରୋଧ କରିଥିଲେ। ଏଥିସହ ବଳାତ୍କାର କରିଥିବା ଯୁବକଙ୍କୁ ତୁରନ୍ତ ଫାଶୀ ଦେବା ପାଇଁ ଲୋକେ ଅଡି ବସିଛନ୍ତି। ଉକ୍ତ ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ନାବାଳିକାର ପରିବାର ପ୍ରତି ସମବେଦନା ଜଣାଇବା ସହ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୫ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି।

ଏହି ଘଟଣାରେ ଗିରଫ ହୋଇଥିବା ଗଗନ ପ୍ରଧାନ ପୋଲିସକୁ କହିଛନ୍ତି, ସେ ନାବାଳିକାଙ୍କୁ ୨ ଥର ବଳାତ୍କାର କରିଛନ୍ତି। ଏହା ପରେ କାଳେ ନାବାଳିକା ଘଟଣା ବିଷୟରେ ଘର ଲୋକଙ୍କୁ କହି ଦେବେ ସେହି ଭୟରେ ତଣ୍ଟିଚିପି ମାରି ଦେଇଥିଲେ। ପୋଲିସ ନାବାଳିକାଙ୍କ ମୃତଦେହ ବ୍ୟବଚ୍ଛେଦ ଏବଂ ଗଗନଙ୍କୁ ଡାକ୍ତରୀମାଇନା ପାଇଁ ବ୍ରହ୍ମପୁର ବଡ ମେଡିକାଲ ପଠାଇଛି। ପ୍ରଶାସନ ପକ୍ଷରୁ ମୃତକଙ୍କ ପରିବାରକୁ ରେଡ୍‌କ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ୨୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦାବିରେ ଦୀର୍ଘ ସମୟ ଧରି ରାସ୍ତାରୋକୋ ଯୋଗୁ କୋଟଗଡରୁ ବାଲିଗୁଡା, ମୁନିଗୁଡା, ଭବାନୀପାଟଣା ଓ ରାୟଗଡାକୁ ଗାଡି ଚଳାଚଳ ବନ୍ଦ ରହିଥିଲା। ଏ ନେଇ ବାଲିଗୁଡା ଏସ୍‌ଡିପିଓ ନୀତିନ୍ କୁଶଲକର ଦାଗୁଡୁ କହିଛନ୍ତି, ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ଦାବି କରୁଛନ୍ତି। ମୁଖ୍ୟମନ୍ତ୍ରୀ ସହାୟତା ରାଶି ଘୋଷଣା କରିଛନ୍ତି। ଆଇନ ଅନୁସାରେ ଦୋଷୀ ଉପଯୁକ୍ତ ଦଣ୍ଡ ପାଇବେ ବୋଲି କହିଛନ୍ତି।

ଏସ୍‌ସିବିରେ ୧୦୧ ଡେଙ୍ଗୁ ରୋଗୀ

ଆଖି ବୁଜିଲେ ଆଉ ଜଣେ ରୋଗୀ

କଟକ ଅଫିସ, ୨୩।୯

ରାଜ୍ୟରେ ଡେଙ୍ଗୁ କାୟା ବିସ୍ତାର କରି ଚାଲିଛି। ଦିନକୁ ଦିନ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଥିବାବେଳେ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ଆଉଜଣେ ଡେଙ୍ଗୁ ରୋଗୀ ଆଖି ବୁଜିଛନ୍ତି। ମୃତ ଯୁବକ ହେଲେ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅଞ୍ଚଳର ସୌମ୍ୟରଞ୍ଜନ ନାୟକ (୧୮)। ସେ ଗତ ୨୦ ତାରିଖରେ ଚିକିତ୍ସା ପାଇଁ ଏସ୍‌ସିବିକୁ ଆସିଥିଲେ। ତାଙ୍କୁ ଆଇସିୟୁରେ ରଖି ଚିକିତ୍ସା କରାଯାଉଥିଲା। ରବିବାର ପୂର୍ବାହ୍ନ ୧୦ଟାରେ ତାଙ୍କର ମୃତ୍ୟୁ ଘଟିଛି। ତେବେ ଏହାକୁ ମିଶାଇ ଏସ୍‌ସିବିରେ ଡେଙ୍ଗୁ ରୋଗୀଙ୍କ ମୃତ୍ୟୁ ସଂଖ୍ୟା ୫ରେ ପହଞ୍ଚିଛି। ପୂର୍ବରୁ ଏଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିମାନେ ହେଉଛନ୍ତି ରାୟଗଡ଼ା ଉପକାରାଗାରର ବିଚାରାଧୀନ କଏଦୀ ରବୀନ୍ଦ୍ର ନାୟକ, କଟକ ଜିଲା ଟାଙ୍ଗୀ ବ୍ଲକ ଅଞ୍ଚଳର ପ୍ରତିମା ସ୍ୱାଇଁ, କେନ୍ଦୁଝର ଜିଲାର ତ୍ରୈଲୋକ୍ୟ ବାରିକ ଓ ପୁରୀ ଜିଲାର ପ୍ରଶାନ୍ତ ମହାରଣା।

ଅନ୍ୟପକ୍ଷରେ ରବିବାର ସନ୍ଧ୍ୟା ସୁଦ୍ଧା ଏସ୍‌ସିବି ମେଡିକାଲରେ ୧୦୧ଜଣ ଡେଙ୍ଗୁ ରୋଗୀ ଚିକିତ୍ସାଧୀନ ଅଛନ୍ତି। ସେମାନଙ୍କ ମଧ୍ୟରୁ ୮୬ଜଣ ରୋଗୀ ୱାର୍ଡରେ ଚିକିତ୍ସିତ ହେଉଥିବାବେଳେ ୧୭ ଜଣ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ସେହିଭଳି ୭୨ ଜଣ ରୋଗୀଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିଲା। ସେଥିରୁ ୧୭ ନମୁନାରେ ଡେଙ୍ଗୁ ପଜିଟିଭ ଚିହ୍ନଟ ହୋଇଛି। ଏଥିରେ କଟକରୁ ୪, ଜଗତ୍‌ସିଂହପୁର ୪, କେନ୍ଦ୍ରାପଡ଼ା ୬, ନୟାଗଡ଼ ୨ ଓ ଯାଜପୁରର ଜଣେ ରୋଗୀ ରହିଛନ୍ତି।

ବିହାରର ଫୁଲୱାରିଶରୀଫ୍‌ରେ ଜଣେ ନାବାଳକଙ୍କୁ ମୋବାଇଲ୍ ଚୋରି ଅଭିଯୋଗରେ ବିବସ୍ତ୍ର କରି ଗଛରେ ବାନ୍ଧି ପିଟିଛନ୍ତି କିଛିଲୋକ। ସ୍ଥାନୀୟ ଇସାପୁର ଅଧପା ମୋହଲାରେ ଘଟିଛି ଏହି ଘଟଣା। ନୁଲ୍ ଆଲମ୍ ଏବଂ ତାଙ୍କ ଭାଇ ମହମ୍ମୁଦ୍ ୧୨ ବର୍ଷ ବୟସ୍କ ନାବାଳକଙ୍କୁ ପିଟିବା ସହିତ ତାଙ୍କ ଶରୀରରେ ଚିନିସିରା ଢାଳିଥିଲେ। ପିମ୍ପୁଡ଼ି କାମୁଡ଼ିଲେ ନାବାଳକ ସତ ପ୍ରକାଶ କରିବେ ବୋଲି ଏପରି କରାଯାଇଥିଲା। ନାବାଳକଙ୍କ ପରିବାର ସଦସ୍ୟଙ୍କ ଅଭିଯୋଗ ଆଧାରରେ ନୁଲ୍ ଆଲମ୍ ଏବଂ ତାଙ୍କ ଭାଇ ମହମ୍ମୁଦଙ୍କୁ ପୋଲିସ ଗିରଫ କରିଛି।

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ମୋନାଲି
ପରିବାରବର୍ଗ

ରୁଦ୍ରାଣୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

classified

automobile

SALE

For sale Scorpio, Honda City- 2014, Bolero- 2015. Contact: 9090448711, 9861026700. D-64328

real estate

SALE

Book duplex (ready to move) Tankapani road, near BJEM-2 school, Ranga bazar. Cost- 55 lakhs with bank finance. 8917360040, 7077074156. D-64165

1BHK, 2BHK, 3BHK approved flats at Hitech Heaven near Gudiapokhari Chowk, Bhubaneswar. 9778832554, 9040307584. D-8497

ଭୁବନେଶ୍ୱର ପିତାପଲି NH-5 ଠାରୁ 100' ଦୂରତାରେ BDA yellowzone ପ୍ଲଟ ମିଳୁଅଛି। 8338932027. D-64324

Book SC plots at Patia Bhubaneswar walkable distance from Patia Station immediate possession/ registration. 6371034524. D-64325

Book 3BHK duplex house Jagamara, Bhubaneswar. Having land area 1260 sqft. and 1900 sqft. construction area. Price- 77 lakh. Bank finance available. 9078151122. D-64172

BDAର ଅରଗୁଳଠାରେ ନିର୍ମିତ IITକୁ ଲାଗି ପିଚୁ ରାସ୍ତାର ସୁବିଧାଥାଇ ଘରବାରି plot ମିଳୁଅଛି। 9777342153. D-64316

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ 900 ମିଟର 1200କୁ 1,60,000/- ପ୍ରତାପ ନଗରୀ, ଧାକୁଲେଇପିଠ NH-5ରୁ ଅଳ୍ପ ଦୂରତାରେ 1200କୁ 2,10,000/- outrightରେ plot ମିଳୁଅଛି। 9938177361, 9776934361. D-64323

ନଖରା ତ୍ରିନାଥ ବଜାରଠାରେ SC plotଘରବାରି ପାଚେରିସହ 1200କୁ 3,40,000/-ରେ ବିକ୍ରିହେବ। (out right) 9776934361, 9658523912. D-64322

healthcare

Fully refreshed/ relaxed body massage by expert therapist, Shastrinagar. 7377984773. D-64116

Rejuvenate and Ayurvedic full body massage by smart therapist. 9114402304. D-64118

Pamper yourself this Mansoon profesional massage. Contact Purple Orchid. 9776598888. D-64117

Newly open herbal full body massage with refreshment well trained therapist. 7381239385. D-63097

Newly opening ayurvedic full body massage by expert lady therapist. 9583125024. D-63098

Newly opening ayurvedic body massage in joint pains, smart therapist. 9776383819. D-64168

Newly opening ayurvedic body massage smart therapist, Shree Herbal. 7750020754. D-64169

Experience full body massage with us by experts. Enquiry: 7377048581. D-64170

Physiotherapy and herbal massage by trained ladies/ gents therapist: 7008773793. D-63500

All type of massage and good therapy full body massage Sai herbal spa. 7609005923. D-64202

Opening newly ayurvedic full body massage ladies, gents. 7609923705, 7438851534. D-38532

All type of massage and good therapy full body massage Sai herbal spa. 7609005923. D-64205

G.S Spa herbal full body massage ladies/ gents. 9938526614, 8658292358. D-63099

Saishree ayurvedic full body massage ladies & gents. 9078429117, 7438896074. D-63100

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିରୁଦ୍ଦିଷ୍ଟ

ନାମ- କୁଞ୍ଜ ମଲିକ, ବୟସ- ୫୫, ଗ୍ରାମ- ବଡକୁଜଙ୍ଗ, ଜଗତସିଂହପୁର। ବିଗତ ବାରଦିନ ହେବ ନିଖୋଜ ଅଛନ୍ତି। ଯଦି କେହି ସହୃଦୟ ବ୍ୟକ୍ତି ତାଙ୍କର ସନ୍ଧାନ ପାଆନ୍ତି, ଏହି ନମ୍ବରରେ ଯୋଗାଯୋଗ କରନ୍ତୁ। 8763061760, 7609031320. D-63204

ଜନ୍ମଦିନ ଶୁଭେଚ୍ଛା

(ଦୀପଙ୍କର)

ବିଶ୍ୱଜିତ ଲେଙ୍କା

ବାପା-ମନୋଜ ଲେଙ୍କା, ମା- ପ୍ରିୟଦର୍ଶିନୀ ଅନିମା ଲେଙ୍କା

ପଞ୍ଚମ ବାର୍ଷିକ ଜନ୍ମଦିବସରେ ତୋର ଉଜ୍ଜ୍ୱଳମୟ ଭବିଷ୍ୟତ ଚଲାପଥ କୁସୁମିତ ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ସମସ୍ତଙ୍କର ଏତିକି ପ୍ରାର୍ଥନା
ଶୁଭେଚ୍ଛା ସହ: ଜେଜେ, ଜେଜେମା, ଅଜା, ଆଈ, ମାମୁ, ମାଇଁ, ବଡବାବା, ବଡମା, ବାବା, ଖୁଡୀ, ଭାଇ, ବନ୍ଧୁ ଓ ପରିବାରବର୍ଗ। ଧ-୬୩୨୦୫

ଷଷ୍ଠ ଜନ୍ମଦିନ ଶୁଭେଚ୍ଛା

(ମୋନାଲି)

ସ୍ୱୟଂପ୍ରଭା ସାହୁ

ପଲାଶୁଣୀ, ଭୁବନେଶ୍ୱର-୨୫

ଆଜି ତୋର ଷଷ୍ଠ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଓ ମା' ଖଣ୍ଡେଶ୍ୱରୀଙ୍କ ନିକଟରେ ଆମର ଏତିକି ପ୍ରାର୍ଥନା, ତୋର ଚଲାପଥ କୁସୁମିତ ଓ ଦୀର୍ଘାୟୁ କରନ୍ତୁ। ଶୁଭେଚ୍ଛା ସହ: ଜେଜେମା, ଆଈ, ବାପା, ମା, ବାବା, ମାମା, ଦାଦା, ନାନା, ଭାଇ, ନାନୀ, ମାଉସୀ, ମଉସା, ଝାନ୍‌ସି, ଆର୍‌ୟନ୍, ବନ୍ଧୁ ଓ ପରିବାରବର୍ଗ।
ଧ-୩୮୫୩୩

ଦଶମ ଜନ୍ମଦିନ ଶୁଭେଚ୍ଛା

(ଗେଲୁ)

ରୁଦ୍ରାଣୀ ମଲ୍ଲିକ୍

ପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥକୁ କୁସୁମିତ କରନ୍ତୁ ତୋତେ ଦୀର୍ଘାୟୁ କରନ୍ତୁ। ଶୁଭେଚ୍ଛା ସହ: ଜେଜେ, ଜେଜେମା, ବାପା, ମା, କକା, ଖୁଡୀ, ପିଉସା, ପିଉସୀ, ଆଈ, ମଉସା, ମାଉସୀ ଓ ପରିବାରବର୍ଗ। ଧ-୮୫୩୬

ଓଡ଼ିଶା ଆସିବା ପୂର୍ବରୁ ବିଜେଡିକୁ ଶାହଙ୍କ ଟାର୍ଗେଟ

ଭୁବନେଶ୍ୱର,୨୩।୯(ବ୍ୟୁରୋ)

ଦିନିକିଆ ଓଡ଼ିଶା ଗସ୍ତରେ ଆସି ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ ଓ ଉଦ୍‌ଘାଟନ କରିବା ସହ ବିଭିନ୍ନ ପ୍ରସଙ୍ଗ ଉଠାଇ ରାଜ୍ୟ ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରିଥିଲେ। ମୁଖ୍ୟତଃ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନାକୁ ରାଜ୍ୟ ସରକାର ବର୍ଜନ କରିବା ପ୍ରସଙ୍ଗ ଉଠାଇ ପ୍ରଧାନମନ୍ତ୍ରୀ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିଲେ। ସୋମବାର ଦିନିକିଆ ଓଡ଼ିଶା ଗସ୍ତରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଆସୁଥିବାରୁ ବିଜେଡି ବିରୋଧରେ ତାଙ୍କ ଆଭିମୁଖ୍ୟ କ'ଣ ହେବ ତାକୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ଏଭଳି ସ୍ଥିତିରେ ଓଡ଼ିଶା ଗସ୍ତରେ ଆସିବାର ଦିନକ ପୂର୍ବରୁ ଶାହ ଟୁଇଟ୍ କରି ବିଜେଡି ସରକାର ଉପରେ ବର୍ଷିଛନ୍ତି।

ଶାହ ନିଜ ଟୁଇଟର୍ ଆକାଉଣ୍ଟରେ ଉଲ୍ଲେଖ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ବିଶ୍ୱର ସବୁଠାରୁ ବଡ଼ ସ୍ୱାସ୍ଥ୍ୟ ଯୋଜନା 'ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା- ଆୟୁଷ୍ମାନ ଭାରତ'ର ଶୁଭାରମ୍ଭ ହୋଇଛି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜର ରାଜନୈତିକ ସ୍ୱାର୍ଥ ଅଥବା ବିଦ୍ୱେଷ କାରଣରୁ ରାଜ୍ୟବାସୀଙ୍କୁ ଏହି ସୁବିଧାରୁ ବଞ୍ଚିତ ରଖିବା ଦୁଃଖଦ ଓ ନିନ୍ଦନୀୟ ଅଟେ। ବିଜେଡିର ସଙ୍କୀର୍ଣ୍ଣ ମାନସିକତା କାରଣରୁ ଓଡ଼ିଶାର ଗରିବ ଜନତାଙ୍କୁ ଏହି ଯୋଜନାର ଲାଭ ମିଳିପାରୁ ନାହିଁ। ଆପଣଙ୍କର ଏଭଳି ହୀନ ରାଜନୀତି ପାଇଁ ଜନତାଙ୍କୁ ଜବାବ୍ ଦେବାକୁ ପଡ଼ିବ ବୋଲି ଶାହ ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ କରି କହିଛନ୍ତି। ଏହାସହ ଭାଜପା କାର୍ଯ୍ୟକର୍ତ୍ତାମାନେ ଆପଣଙ୍କର ଏହି ଗରିବ ବିରୋଧୀ ରାଜନୀତି ବିରୋଧରେ ପ୍ରତ୍ୟେକ ଘରକୁ ଯାଇ ଜନତାଙ୍କୁ ଏହି ଅଧିକାର ପାଇଁ ଜାଗ୍ରତ କରିବେ ବୋଲି ସେ ଉଲ୍ଲେଖ କରିଛନ୍ତି। ପ୍ରଧାନମନ୍ତ୍ରୀ ବିଜେଡି ସରକାରକୁ ବିଭିନ୍ନ ପ୍ରସଙ୍ଗରେ ଟାର୍ଗେଟ କରିବା ଘଟଣା ଦଳୀୟ କର୍ମୀଙ୍କୁ ଉତ୍ସାହିତ କରିଥିବାବେଳେ ଶାହଙ୍କ ଆଭିମୁଖ୍ୟ କ'ଣ ହେବ ତାକୁ ଅପେକ୍ଷା କରିଛନ୍ତି।

ପୂର୍ବତନ ବିଧାୟକ ପ୍ରସନ୍ନ ପାଲଙ୍କ ପରଲୋକ

ବଲାଙ୍ଗୀର ଅଫିସ,୨୩।୯

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ପ୍ରସନ୍ନ ପାଲଙ୍କ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ସେ ପ୍ରଥମେ ୧୯୭୭ରୁ ୧୯୮୦, ୧୯୮୦ରୁ ୧୯୮୫ କଂଗ୍ରେସ ଦଳରୁ ଏବଂ ୧୯୯୦ରୁ ୧୯୯୫ ଜନତା ଦଳରୁ ଏଭଳି ତିନିଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ତେବେ ତାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ବଲାଙ୍ଗୀର ଓ କଣ୍ଟାବାଞ୍ଜିରେ ଶୋକ ପ୍ରକାଶ ପାଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ବହୁଚର୍ଚ୍ଚିତ ପର୍ଶୁରାମ ଶତପଥୀ ହତ୍ୟାକାଣ୍ଡର ରାୟ ୪୦ ବର୍ଷ ପରେ ପ୍ରକାଶ ପାଇବା ପରେ ସେ ଦୋଷୀ ସାବ୍ୟସ୍ତ ହୋଇ ଜାମିନ୍‌ରେ ବାହାରିଥିଲେ।

ଅଶୋକ ବିହନ ନିଗମର ନିର୍ଦ୍ଦେଶକ ନିର୍ବାଚିତ

ଭୁବନେଶ୍ୱର,୨୩।୯(ବ୍ୟୁରୋ)

କୃଷକ ନେତା ଅଶୋକ ବରାଳ ଓଡ଼ିଶା ରାଜ୍ୟ ବିହନ ନିଗମର ନିର୍ଦ୍ଦେଶକ ଭାବେ ନିର୍ବାଚିତ ହୋଇଛନ୍ତି। ଲଗାତର ୩ୟ ଥର ପାଇଁ ଅଶୋକ ନିର୍ବାଚିତ ହୋଇଛନ୍ତି। ନିର୍ବାଚନରେ ଅଶୋକ ନିଜର ନିକଟତମ ପ୍ରତିଦ୍ୱନ୍ଦ୍ୱୀ କୋରାପୁଟ ଜିଲା ଜୟପୁରର ମନୋଜ ପାତ୍ରଙ୍କୁ ୨,୫୭,୬୭୦ ଭୋଟରେ ପରାସ୍ତ କରିଛନ୍ତି। ଏଥର ନିର୍ବାଚନରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇଥିବା ବେଳେ ସର୍ବାଧିକ ଚାଷୀଙ୍କ ଭୋଟ୍ ଅଶୋକଙ୍କ ନିକଟକୁ ଯାଇଛି। ଅଶୋକ ମୋଟ ୩ , ୭୩,୩୭୦ ଭୋଟ ପାଇଥିବା ବେଳେ ମନୋଜ ୧,୧୫,୭୦୦ ଭୋଟ ଏବଂ ସାନନ୍ଦ ପାଣ୍ଡେ ୩୭,୫୬୦ ଖଣ୍ଡ ଭୋଟ ପାଇଛନ୍ତି। ଅଶୋକଙ୍କ ବିଜୟ ପରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ଶୁକଦେବ ରଣଜିତ୍

ନିରଞ୍ଜନପୁର, ସୁନ୍ଦରପଦା

ଆବିର୍ଭାବ: ୧୮।୦୬।୧୯୩୬
ତିରୋଧାନ: ୧୪।୦୯।୨୦୧୮

ତୁମର ଅନୁପସ୍ଥିତିରେ ସବୁ ପୂର୍ଣ୍ଣତା ମଧ୍ୟରେ ଏକ ବିରାଟ ଶୂନ୍ୟତା ଯାହାକି ଅପୂରଣୀୟ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ସମସ୍ତ ବନ୍ଧୁ ଓ ପରିବାରବର୍ଗ। ଧ-୬୪୧୭୫

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ଶୈଳଜା କୁମାର ଦାସ (କହ୍ନେଇ)

ଧରାବତରଣ: ୨୧।୦୭।୧୯୨୫
ସ୍ୱର୍ଗାରୋହଣ: ୧୪।୦୯।୨୦୧୮
(ଭାଦ୍ରବ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥି)
୧୬, ଲକ୍ଷଣ୍ଡିଆଲ କଲୋନୀ, ୟୁନିଟ୍-୩, ଖାରବେଳ ନଗର, ଭୁବନେଶ୍ୱର

ଆପଣଙ୍କର କର୍ମମୟ ଜୀବନ, କର୍ତ୍ତବ୍ୟନିଷ୍ଠା, ନୀତି, ଆଦର୍ଶ, ତ୍ୟାଗ, ଚିନ୍ତାଧାରା, ଦିଗଦର୍ଶନ, ସଦୋଟପଣିଆ, ପରୋପକାରିତା, ମହାନତା, ଉଦାରପଣତା, ଧର୍ମପରାୟଣତା, ନିର୍ଭୀକତା ଓ ସର୍ବୋପରି ଈଶ୍ୱର ବିଶ୍ୱାସୀ ଗୁଣ ଆମ୍ଭମାନଙ୍କର ନିତ୍ୟ ପାଥେୟ ହେଉ। ଆପଣଙ୍କର ପବିତ୍ର ଅମର ଆତ୍ମାର ଶାନ୍ତି ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଅଛୁ। ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ ଏବଂ ନାତିନାତୁଣୀମାନେ। ଧ-୬୩୮୪୫

ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ

ସାଗରିକା ବେହେରା (ଟିକି)

ମୁକୁନ୍ଦପୁର, ଆସିକା (ଗଞ୍ଜାମ)

ଆବିର୍ଭାବ : ୦୬.୦୯.୧୯୯୨
ତିରୋଧାନ : ୧୪.୦୯.୨୦୧୮

ତୋର ବାହାଘର ପରେ ତୋର ସୁଖ ସଂସାରକୁ ନେଇ ଆମେ କେତେ ଆଶା କରିଥିଲୁ। ହେଲେ ବାହାଘରର ବର୍ଷେ ନପୁରୁଣୁ ଆମେ ସମସ୍ତଙ୍କୁ ପାଶୋରୀ ଦେଇ ତୁ କେଉଁ ଅଜଣା ରାଇଜକୁ ଚାଲିଗଲୁ। ଆଜି ତୋର ତିରୋଧାନର ଏକାଦଶାହ ଦିବସରେ ତୋ ଅମର ଆତ୍ମାର ସଦ୍‌ଗତି ଲାଗି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣାରବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ।

ଆଇମା, ବାବା, ମମି, ମାମୁଁ, ମାଇଁ, ମଉସା, ମାଉସୀ, ଲିଜାଆପା, ରୋଜିଆପା, ଦୀପୁ, ଗେଲୁ, ପୁତୁଲି, ଇଶାନୀ, ଇରା, ଛୋଟୁ ଓ ପିଲୁ

ଧ-୮୫୪୧

ଶ୍ରଦ୍ଧାଞ୍ଜଳି
ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ

ୱ ବିମଳ ଚରଣ ମହାନ୍ତି

(ନାଗଣପୁର, କୁବାନଗରୀ, କେନ୍ଦ୍ରାପଡ଼ା)

ଆବିର୍ଭାବ ତା. ୨୧.୦୭.୧୯୨୮
ତିରୋଧାନ ତା. ୦୫.୦୯.୨୦୧୭

ସମୟର ଗତି ଆଜି ଆପଣଙ୍କ ବିୟୋଗର ଏକବର୍ଷ ପୂରଣ କରି ଦେଇଛି। ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ଦାନଧର୍ମ କଥା ଭୁଲି ହେଉନି। ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକ ସନ୍ତପ୍ତ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଏବଂ ସମସ୍ତ ପରିବାର ଓ ବନ୍ଧୁବର୍ଗ।
କାମିନୀ କୁଟୀର, ପୁରୁଣା ଭୁବନେଶ୍ୱର

ଧ-୮୫୯୬

ପ୍ରଥମ ପୃଷ୍ଠାରୁ...

ଟିଡିପି ବିଧାୟକଙ୍କୁ...

ବେଆଇନ ଖଣି କାରବାର ଓ ଅନେକ ଜନବିରୋଧୀ କାର୍ଯ୍ୟର ଅଭିଯୋଗ ରହିଥିଲା। ବକ୍ସାଇଟ ଖଣି ଉତ୍ତୋଳନ ପାଇଁ ଘରୋଇ କମ୍ପାନୀକୁ ସମର୍ଥନ ଦେଉଥିବାରୁ ପୂର୍ବରୁ ମାଓବାଦୀମାନେ ତାଙ୍କୁ ଧମକ ଦେଇଥିଲେ। ନିଜ ଶଳା ସୁରେଶଙ୍କ ନାଁରେ ବେଆଇନ କ୍ରଶର ଚଳାଇବା, ଜମି ମାଫିଆଙ୍କ ସହ ସମ୍ପୃକ୍ତି ଭଳି ଅନେକ ଦୁର୍ନୀତିରେ ସେ ଜଡ଼ିତ ଥିବା ଅଭିଯୋଗ କରି ମାଓବାଦୀମାନେ ତାଙ୍କୁ ବାରମ୍ବାର ଚେତାବନୀ ଦେଇଆସୁଥିଲେ। ଗତ ୨୧ ତାରିଖରୁ ଲାଲବାହିନୀ ନିଜ ସଙ୍ଗଠନର ପ୍ରତିଷ୍ଠା ସପ୍ତାହ ପାଳନ କରୁଛି। ଏଥିପାଇଁ ପୂର୍ବରୁ ସୀମାନ୍ତର ଅନେକ ସ୍ଥାନରେ ସେମାନେ ପୋଷ୍ଟର ବ୍ୟାନର ଲଗାଇଥିଲେ। ଏହି ସପ୍ତାହ ଅବସରରେ ସେମାନେ ବଡ଼ଧରଣର ହିଂସାକାଣ୍ଡ ଭିଆଇବେ ବୋଲି ଆଶଙ୍କା କରାଯାଉଥିଲା। ସର୍ବେଶ୍ୱରଙ୍କ ଗତିବିଧି ଓ କାର୍ଯ୍ୟକ୍ରମ ଉପରେ ସତର୍କ ଦୃଷ୍ଟି ରଖିଥିଲା ଲାଲବାହିନୀ। ଶେଷରେ ପ୍ରତିଷ୍ଠା ସପ୍ତାହ ଚାଲିଥିବାବେଳେ ରବିବାର ଅପରାହ୍ନରେ ସର୍ବେଶ୍ୱରଙ୍କ ସହ ସୋମାଙ୍କୁ ହତ୍ୟାକରି ମାଓବାଦୀମାନେ ନିଜ ଯୋଜନାକୁ ଅନ୍ତିମ ରୂପ ଦେଇଛନ୍ତି। ସ୍ଥାନୀୟ ପୋଲିସ କହିଛି ଯେ, ମାଓବାଦୀ ପ୍ରବଣ ଅଞ୍ଚଳକୁ କୌଣସି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଯିବାବେଳେ ଆମକୁ ପୂର୍ବରୁ ଜଣାଇବା ପାଇଁ ସମସ୍ତ ରାଜନେତାଙ୍କୁ ସତର୍କ କରାଯାଇଥିଲା। କିନ୍ତୁ ସର୍ବେଶ୍ୱର ଓ ସିବେରୀ ନିଜର ଡୁମ୍ବରିଗୁଡ଼ା ଗସ୍ତ ନେଇ ପୋଲିସକୁ କୌଣସି ସୂଚନା ଦେଇ ନଥିଲେ। ଏହି ହତ୍ୟାକାଣ୍ଡରେ ଆନ୍ଧ୍ର-ଓଡ଼ିଶା ସ୍ୱତନ୍ତ୍ର ଜୋନାଲ କମିଟି ସମ୍ପାଦକ ରାମକ୍ରିଷ୍ଣାଙ୍କ ସମ୍ପୃକ୍ତି ଥିବା ଅନୁମାନ କରାଯାଉଛି। ଏହି ଘଟଣା ପରେ ସୀମାନ୍ତ ଓଡ଼ିଶାରେ ହାଇ ଆଲର୍ଟ ଜାରି କରାଯାଇଛି। ଏସ୍‌ଓଜି, ବିଏସ୍‌ଏଫ୍ ଓ ସିଆରପିଏଫ୍ ସଜାଗ ରହିବା ସହ ସୀମାନ୍ତ ପୋଲିସ ଆଉଟପୋଷ୍ଟଗୁଡ଼ିକୁ ସତର୍କ ରହିବା ପାଇଁ କୁହାଯାଇଥିବା ଆଇଜି ଅପରେସନ ଆର୍.ପି. କୋଚ୍ଚେ ସୂଚନା ଦେଇଛନ୍ତି। କୋରାପୁଟ ଜିଲା ପୋଲିସର ସୂଚନା ଅନୁଯାୟୀ, ସୀମାନ୍ତ ସିଲ୍ କରାଯିବା ସହ ନିରାପତ୍ତା ବାହିନୀ ପକ୍ଷରୁ କୋମ୍ବିଂ ଜୋରଦାର କରାଯାଇଛି।

ମୋଦି କେୟାର...

ଦେଉଥିବା ସର୍ବଦା ଭାବୁଥିଲେ ଗରିବ କିଛି ଆବଶ୍ୟକତା ନାହିଁ। ସେମାନଙ୍କର ଏହି ଭାବନା ଭୁଲ୍। କାରଣ ଗରିବଙ୍କ ଠାରୁ ବଡ଼ ସ୍ୱାଭିମାନୀ ଆଉ କେହି ନାହିଁ। ଆଜି ଦେଶର ଧନୀକ ଶ୍ରେଣୀକୁ ଯେଉଁ ସ୍ୱାସ୍ଥ୍ୟ ସେବା ମିଳୁଛି ତାହା ଗରିବଙ୍କୁ ମଧ୍ୟ ମିଳିବା ଆବଶ୍ୟକ। ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଆରୋଗ୍ୟ ମିତ୍ରମାନେ ଏହି ଯୋଜନାର ଫାଇଦା ନେବାରେ ସହାୟକ ହେବେ। ଏଥିସହିତ ଅଙ୍ଗନୱାଡି କର୍ମୀ ଓ ଏଏନଏମ୍ ଭଉଣୀମାନଙ୍କୁ ଏଥିରେ ଯୋଡାଯିବ। ଏହି ଯୋଜନା ଅଧୀନରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଯେଉଁ ଖର୍ଚ୍ଚ ହେବ ସେଥିରେ ହସ୍ପିଟାଲରେ ଭର୍ତ୍ତି ହେବା ଠାରୁ ଆରମ୍ଭ କରି ଆବଶ୍ୟକୀୟ ଯାଞ୍ଚ, ଔଷଧ, ଭର୍ତ୍ତି ପୂର୍ବ ତଥା ଚିକିତ୍ସା ଶେଷ ପର୍ଯ୍ୟନ୍ତ ଖର୍ଚ୍ଚକୁ ସାମିଲ କରାଯିବ। ଆଗାମୀ ଦିନରେ ଦେଶରେ ୧.୫ ଲକ୍ଷ ୱେଲନେସ ସେଣ୍ଟର ଖୋଲାଯିବ ବୋଲି ମୋଦି କହିଛନ୍ତି। ସରକାରଙ୍କ ଏହି ମହତ୍ତ୍ୱାକାଂକ୍ଷୀ ଯୋଜନା ଜରିଆରେ ଦେଶର ୫୦ କୋଟି ଗରିବଙ୍କୁ ବାର୍ଷିକ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ସୁବିଧା ମିଳିବ। ସ୍ୱାଧୀନତା ଦିବସ ଅବସରରେ ଲାଲକିଲ୍ଲାରୁ ନିଜର ଅଭିଭାଷଣରେ ପ୍ରଧାନମନ୍ତ୍ରୀ ମୋଦି ଏହି ଯୋଜନା ସମ୍ପର୍କରେ ଘୋଷଣା କରିଥିଲେ। ସେ କହିଛନ୍ତି ଯେ, ଏହି ଯୋଜନା ଦ୍ୱାରା ଭବିଷ୍ୟତରେ ନିମ୍ନ ମଧ୍ୟ, ମଧ୍ୟବିତ୍ତ ଏବଂ ଉଚ୍ଚ ମଧ୍ୟବିତ୍ତଙ୍କୁ ଫାଇଦା ମିଳିବ। ଏଥିସହିତ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ମଧ୍ୟ ନୂଆ ନିଯ

ମଧ୍ୟପ୍ରଦେଶ ଆମ୍ବେଡକର ହସ୍ପିଟାଲରେ ଘଟିଛି ଏକ ଅଘଟଣ। ଏଠାରେ ଜଣେ ଗର୍ଭବତୀଙ୍କ ମାତୃତ୍ୱ ଅସ୍ତ୍ରୋପଚାର ମୋବାଇଲ୍ ଆଲୋକରେ କରାଯାଇଥିବା ହସ୍ପିଟାଲ କର୍ତ୍ତୃପକ୍ଷ ସୂଚିତ କରିଛନ୍ତି। ଅସ୍ତ୍ରୋପଚାର ଚାଲିଥିବା ସମୟରେ ଏକଘଣ୍ଟା ପାଇଁ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଥିଲା। ଅସ୍ଥାୟୀ କର୍ମଚାରୀଙ୍କୁ କାମରୁ ବାହାର କରାଯାଇଥିବାରୁ ଜେନେରେଟର ମଧ୍ୟ କାମ କରି ନ ଥିଲା। ଫଳରେ ଡାକ୍ତରମାନେ ବାଧ୍ୟହୋଇ ମୋବାଇଲ୍ ଆଲୋକରେ ଅସ୍ତ୍ରୋପଚାର ଶେଷ କରିଥିଲେ ବୋଲି ହସ୍ପିଟାଲ ମୁଖ୍ୟ ଡାକ୍ତର ହଂସରାଜ ବର୍ମା ସୂଚନା ଦେଇଛନ୍ତି।

ସଂକ୍ଷେପରେ

ଆଜିଠୁ ବିଜେଡିର ରାଜ୍ୟବ୍ୟାପୀ ମହିଳା ସମାବେଶ

■ ରାଜ୍ୟ ସରକାରଙ୍କ ସଫଳତା ଏବଂ କେନ୍ଦ୍ର ସରକାରର ବିଫଳତା ଲୋକଙ୍କୁ ଜଣାଯିବ: ମଲ୍ଲିକ

ଭୁବନେଶ୍ୱର,୨୩।୯(ବ୍ୟୁରୋ): ରାଜ୍ୟର ସବୁ ନିର୍ବାଚନ ମଣ୍ଡଳୀରେ ବିଜେଡି ପକ୍ଷରୁ ମହିଳା ସମାବେଶ ଅନୁଷ୍ଠିତ ହେବ। ସୋମବାରଠାରୁ ଆରମ୍ଭ ହେବାକୁ ଥିବା ଏହି ସମାବେଶ ଆସନ୍ତା ୩୦ ପର୍ଯ୍ୟନ୍ତ ଚାଲିବ। ପର୍ଯ୍ୟାୟକ୍ରମେ ସବୁ ନିର୍ବାଚନ ମଣ୍ଡଳୀରେ ଏହି ସମାବେଶ କରାଯିବ। ରାଜ୍ୟ ସରକାରଙ୍କ ସଫଳତା ଏବଂ କେନ୍ଦ୍ର ସରକାରଙ୍କ ବିଫଳତା ସମ୍ପର୍କରେ ମହିଳାମାନେ ରାଜ୍ୟର ସମସ୍ତ ଲୋକଙ୍କୁ ଏହି ସମାବେଶ ଜରିଆରେ ଜଣାଇବେ। ରାଜ୍ୟ ସରକାରଙ୍କ ସଫଳତାର ବାର୍ତ୍ତା ତଥା ମହିଳାଙ୍କୁ ଅର୍ଥନୈତିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବାକୁ ପ୍ରୋତ୍ସାହିତ କରିବା, ରାଜନୈତିକ, ସାମାଜିକ ତଥା ସାଂସ୍କୃତିକ କ୍ଷେତ୍ରରେ ମହିଳାଙ୍କୁ ସଶକ୍ତୀକରଣ କରିବା, ତୃଣମୂଳସ୍ତର ପର୍ଯ୍ୟନ୍ତ ମହିଳାଙ୍କୁ ସଂଗଠିତ କରିବା ପାଇଁ ରାଜ୍ୟ ସରକାରଙ୍କ ଅବଦାନ ଲୋକମାନଙ୍କୁ ଜଣାଯିବ। ଏହାସହ ମହାନଦୀ, ପୋଲାଭରମ୍ ତଥା ଓଡ଼ିଶାର ସ୍ୱାର୍ଥ ଓ ସ୍ୱାଭିମାନ ସମ୍ପର୍କୀୟ ବିଭିନ୍ନ ପ୍ରସଙ୍ଗକୁ ଏହି ସମାବେଶ ଦ୍ୱାରା ପ୍ରତ୍ୟେକ ଘରେ ପହଁଚାଯିବ। ଓଡ଼ିଶା ପ୍ରତି କେନ୍ଦ୍ରର ଅବିଚାର, ଭାରତବର୍ଷର ରାଜନୈତିକ ପରିସ୍ଥିତି ଏବଂ ଏଭଳି ପରିସ୍ଥିତିରେ ଓଡ଼ିଶା କେତେ ଲାଭାନ୍ୱିତ ଓ କ୍ଷତିଗ୍ରସ୍ତ ହୋଇଛି, ରାଜ୍ୟର ପ୍ରଗତି, ଅଗ୍ରଗତି ଓ ବିକାଶ କେତେ ହୋଇଛି, ବିଶେଷଭାବେ ମହିଳାମାନଙ୍କ ସମାଜ ଗଠନରେ ଅବଦାନ, ଯୋଗଦାନ ଏବଂ ଭବିଷ୍ୟତରେ ସେମାନଙ୍କ ସକ୍ରିୟ ଅଂଶଗ୍ରହଣକୁ ଗୁରୁତ୍ୱ ଦେବା ଏହି ସମାବେଶର ମୂଳ ଲକ୍ଷ୍ୟ ବୋଲି ବିଜେଡି ମହିଳା ସଭାପତି ପ୍ରମିଳା ମଲ୍ଲିକ ସୂଚନା ଦେଇଛନ୍ତି।

'ମହିଳାଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ବିଫଳ'

ଭୁବନେଶ୍ୱର,୨୩।୯(ବ୍ୟୁରୋ)

ଖବରଦାତା ସମ୍ମିଳନୀରେ ଭାଜପା ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ ଅଧ୍ୟକ୍ଷା ବିଜୟା ରାହତ୍‌କର(ମଝି)ଙ୍କ ସହ ଅନ୍ୟମାନେ।

ଓଡ଼ିଶା ଏବେ ଆମ ଫୋକସ୍‌ରେ ଅଛି। ରାଜ୍ୟର ବିଜେଡି ସରକାର ମହିଳା ବିରୋଧୀ। ଏ ସରକାର ମହିଳାମାନଙ୍କ ପାଇଁ କିଛି କରି ନାହିଁ। ମହିଳାଙ୍କ ସୁରକ୍ଷାକୁ ନେଇ ରାଜ୍ୟ ସରକାର ଏ ପର୍ଯ୍ୟନ୍ତ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରିନାହାଁନ୍ତି। ଏସବୁ କଥା ଲୋକମାନଙ୍କ ସାମ୍ନାକୁ ନେବୁ। ମହିଳାମାନଙ୍କୁ ସୁରକ୍ଷା ଯୋଗାଇଦେବା ଏବଂ ସେମାନଙ୍କୁ ସ୍ୱାବଲମ୍ବୀ କରିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଭାଜପା ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧ୍ୟକ୍ଷା ବିଜୟା ରାହତ୍‌କର ଅଭିଯୋଗ କରିଛନ୍ତି। ରାଜ୍ୟ ସରକାରଙ୍କ ମହିଳା ବିରୋଧୀ କାର୍ଯ୍ୟକ୍ରମ ବିରୋଧରେ ଭାଜପା ନିକଟରେ ରାଜ୍ୟବ୍ୟାପୀ ମହିଳା ସୁରକ୍ଷା ଯାତ୍ରା କରିଥିଲା। ଏହି କାର୍ଯ୍ୟକ୍ରମ ଜରିଆରେ ମହିଳା ମୋର୍ଚ୍ଚା ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ଛୋଟବଡ଼ ହୋଇ ୪୫୦ଟି ସଭା କରିଥିଲା। ସବୁ ସ୍ଥାନରେ ଆମକୁ ସଫଳତା ମିଳିଛି। ସବୁ ଦିଗରୁ ଚିନ୍ତା କରିବା ପରେ ଓଡ଼ିଶାରେ ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ କରିବାକୁ ସ୍ଥିର କରିଥିବା ସେ କହିଛନ୍ତି। ଓଡ଼ିଶାରେ ଆମେ ସରକାର କରିବୁ। ଆଉ ଏଠାରେ ସରକାର ବଦଳାଇବାର ମୁଖ୍ୟ ଭୂମିକା ମହିଳାମାନେ ନେବେ। ଆଗାମୀ ନିର୍ବାଚନରେ ମହିଳାଙ୍କୁ ଅଧିକ ଟିକେଟ ଦିଆଯିବ ବୋଲି ରାହତ୍‌କର କହିଛନ୍ତି।

■ ଆମକୁ ଅନୁସରଣ କରୁଛନ୍ତି: ପ୍ରମିଳା ମଲ୍ଲିକ

ଦଳୀୟ ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ହୋଇଥିବା ଖବରଦାତା ସମ୍ମିଳନୀରେ ରାହତ୍‌କର କହିଛନ୍ତି ଯେ, ଭାଜପାର ୩ଦିନିଆ ମହିଳା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକ ପୁରୀରେ ଆରମ୍ଭ ହୋଇଛି । ଦେଶରୁ ଆସିଥିବା ୨ଶହ ପଦାଧିକାରୀମାନଙ୍କ ବୈଠକ ଦୁଇଟି ମୁଖ୍ୟ ଉଦ୍ଦେଶ୍ୟ ନେଇ କରାଯାଉଛି। ଓଡ଼ିଶା ସହ ଦେଶରେ ଥିବା ସମସ୍ତ ବୁଥ୍‌କୁ ମଜଭୁତ କରାଯିବ। ସବୁ ସ୍ଥାନରେ ମହିଳା କାର୍ଯ୍ୟକର୍ତ୍ତାଙ୍କୁ ରଖିବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରତ୍ୟେକ ବୁଥ୍‌ରେ ଅତି କମ୍‌ରେ ୫ଜଣ ମହିଳା କାର୍ଯ୍ୟକର୍ତ୍ତା କାମ କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ମହିଳା ମୋର୍ଚ୍ଚା ଭଲ କାମ କରୁଛି। ମହିଳାମାନଙ୍କ ପାଇଁ ମୋଦି ସରକାର ବହୁ ଯୋଜନା ମଧ୍ୟ କରିଛନ୍ତି। ବେଟି ବଚାଓ ବେଟି ପଢ଼ାଓ, ମୁଦ୍ରା, ସ୍ୱଚ୍ଛ ଭାରତ, ସୁକନ୍ୟା ସମୃଦ୍ଧି, ଉଜ୍ଜ୍ୱଳା ଯୋଜନା ଦ୍ୱାରା କୋଟି କୋଟି ମହିଳା ଉପକୃତ ହୋଇଛନ୍ତି । ସେହିପରି ମୋଦି ସରକାର ତ୍ରିପଲ ତଲାକକୁ ଉଚ୍ଛେଦ କରି ପାଖାପାଖି ଦେଶର ୮କୋଟିରୁ ଊର୍ଦ୍ଧ୍ୱ ମୁସଲିମ ମହିଳାଙ୍କୁ ସେମାନଙ୍କ ଅଧିକାର ପ୍ରଦାନ କରିବା ସହ ପୋକ୍‌ସୋ ଆକ୍ଟରେ ସଂଶୋଧନ ଆଣି ଏକ ଐତିହାସିକ ପଦକ୍ଷେପ ନେଇଛନ୍ତି। ଓଡ଼ିଶାରେ ମହିଳାଙ୍କ ପ୍ରତି ଅତ୍ୟାଚାର ଓ ବ୍ୟଭିଚାର ବୃଦ୍ଧି ପାଉଥିବାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୌଣସି ମନ୍ତବ୍ୟ ନ ରଖିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହି କାର୍ଯ୍ୟକ୍ରମରେ ୩ଟି ପ୍ରସ୍ତାବ ପାରିତ ହେବ। ରାଜନୈତିକ, ମହିଳାଙ୍କ ପାଇଁ ହୋଇଥିବା ଯୋଜନା ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ପାଇଁ ଶୋକ ଭଳି ପ୍ରସ୍ତାବ ରହିବ। ଏହି କାର୍ଯ୍ୟସମିତିରେ ବିଜେଡି ସରକାରର ଅପାରଗତା ବିରୋଧରେ ଆଲୋଚନା ହେବା ସହ ଦେଶର ମହିଳାମାନଙ୍କୁ ନୂତନ ଦିଶା ଦିଆଯିବାର ରୋଡମ୍ୟାପ ପ୍ରସ୍ତୁତ କରାଯିବ ବୋଲି ରାହତକର୍ କହିଛନ୍ତି। ସୋମବାର ଅପରାହ୍ନରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀର ଉଦ୍‌ଘାଟନ କରିବେ।

ବିଜେଡି ମହିଳା ସଭାପତି ପ୍ରମିଳା ମଲ୍ଲିକ କହିଛନ୍ତି ଯେ, ସେମାନେ ଦିଲ୍ଲୀରେ କିମ୍ବା ଭାଜପା ଶାସିତ ରାଜ୍ୟଗୁଡ଼ିକରେ ମହିଳାମାନଙ୍କୁ ସୁରକ୍ଷା ଦେବାରେ ବିଫଳ ହେଉଛନ୍ତି। ସେକଥା ଚିନ୍ତା ନ କରି ଓଡ଼ିଶା ସରକାରଙ୍କ ବିରୋଧରେ କ'ଣ କହୁଛନ୍ତି। ଭାଜପା ସବୁବେଳେ ବିଜେଡିକୁ ଅନୁସରଣ କରି ଏଠାରେ ବିଭିନ୍ନ କାର୍ଯ୍ୟକ୍ରମ କରୁଛି। ଆମେ ଯଦି ମହିଳା କାର୍ଯ୍ୟକ୍ରମ କରି ନ ଥାଆନ୍ତୁ ତେବେ ସେମାନେ ମଧ୍ୟ ଓଡ଼ିଶାରେ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ କରି ନ ଥାଆନ୍ତେ ବୋଲି ପ୍ରମିଳା କହିଛନ୍ତି।

୧୩ ଜିଲାରେ ବଜ୍ରପାତ ସହିତ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୩।୯(ବ୍ୟୁରୋ)

ସମୁଦ୍ର ପତନଠାରୁ ୦.୯ କିମି କେନ୍ଦ୍ରୀୟ ଆସାମ ଏବଂ ପାର୍ଶ୍ୱବର୍ତ୍ତି ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଓଡ଼ିଶାର ୧୩ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ସହିତ ବର୍ଷା ସମ୍ଭାବନା ଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏନେଇ ପାଣିପାଗ କେନ୍ଦ୍ର କୋରାପୁଟ, ମାଲକାନଗିରି, କଳାହାଣ୍ଡି, କନ୍ଧମାଳ, ରାୟଗଡା, ଖୋର୍ଦ୍ଧା, କଟକ, ଯାଜପୁର, ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ଢେଙ୍କାନାଳ ଏବଂ ସୁନ୍ଦରଗଡ ଜିଲାଗୁଡିକୁ ସତର୍କ କରାଇ ଦେଇଛି। ରବିବାର ଅପରାହ୍ନ ସାଢେ ୫ଟା ସୁଦ୍ଧା କଟକରେ ସର୍ବାଧିକ ୨୧ ମିମି ଏବଂ ଭୁବନେଶ୍ୱରରେ ୩ ମିମି ବର୍ଷା ରେକର୍ଡ କରାଯାଇଛି। ଗତ ଚାରିଦିନ ଧରି ସାମୁଦ୍ରିକ ବାତ୍ୟା ଡାଏ ପ୍ରଭାବରେ ଦକ୍ଷିଣ ଓଡ଼ିଶା ସମେତ ଉପକୂଳ ଓଡ଼ିଶାର କେତେକ ସ୍ଥାନରେ ପ୍ରବଳ ବର୍ଷା ସହିତ ପବନ ହୋଇଥିଲା। ରବିବାର ସକାଳେ ଏହି ପାଗରେ ପରିବର୍ତ୍ତନ ଆସିଥିଲା। ରାଜ୍ୟର ବିଭିନ୍ନ ଅଞ୍ଚଳରେ ପାଗ ଖରାଟିଆ ରହିଥିବାବେଳେ ମଧ୍ୟାହ୍ନରେ ରାଜଧାନୀରେ କିଛି ସମୟ ପାଇଁ ବର୍ଷା ହୋଇଛି। ଚାନ୍ଦବାଲିରେ ସର୍ବାଧିକ ତାପମାତ୍ରା ୩୪.୭ ଡିଗ୍ରୀ ସେଲସିୟସ୍ ଥିବାବେଳେ ଫୁଲବାଣୀରେ ସର୍ବନିମ୍ନ ୧୯ ଡିଗ୍ରୀ ସେଲସିୟସ୍ ରହିଛି।

■ ପୁରୀରେ ଏନ୍‌ଏସ୍‌ଜି ଟିମ୍

ଆଜି ଶ୍ରୀମନ୍ଦିରର ସୁରକ୍ଷା ଯାଞ୍ଚ

ପୁରୀ ଅଫିସ, ୨୩।୯

ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବ ନ୍ୟାଶନାଲ ସିକ୍ୟୁରିଟି ଗାର୍ଡ (ଏନ୍‌ଏସ୍‌ଜି)। ସୋମବାର ଏହି ଯାଞ୍ଚ କରାଯିବ। ଏଥିଲାଗି ଏନ୍‌ଏସ୍‌ଜିର ୩ଜଣିଆ ଟିମ୍ ରବିବାର ସନ୍ଧ୍ୟାରେ ପୁରୀରେ ପହଞ୍ଚି ସ୍ଥାନୀୟ ସର୍କିଟ ହାଉସରେ ଅବସ୍ଥାନ କରିଛନ୍ତି। ଉକ୍ତ ଟିମ୍‌ରେ ଏନ୍‌ଏସ୍‌ଜିର କର୍ଣ୍ଣେଲ ଅନିଲ କୁମାର, ଆସିଷ୍ଟାଣ୍ଟ କମାଣ୍ଡର-୧ ସୁନୀଲ କୁମାର ସିଂ ଏବଂ କିରନ ବୋଷ ରହିଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ, ଦେଶର ଏକ ସମ୍ବେଦନଶୀଳ ଅଞ୍ଚଳ ତାଲିକାରେ ରହିଛି ଶ୍ରୀମନ୍ଦିର। ଗତ କିଛି ବର୍ଷ ହେଲା ଏନ୍‌ଏସ୍‌ଜି ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରି ଆସୁଛି। ୨୦୧୭ ଅଗଷ୍ଟ ୨୬ରେ ଏନ୍‌ଏସ୍‌ଜିର ଏକ ୩ ଜଣିଆ ଟିମ୍ ଆସି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ। ସୁରକ୍ଷା ବ୍ୟବସ୍ଥାରେ ସୁଧାର ଆଣିବାକୁ କେତେକେ ସୁପାରିସ କରିଥିଲେ। ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ।

ପୁରୀରେ ଆଜିଠାରୁ ଭାଜପା ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ

ପୁରୀ ଅଫିସ, ୨୩।୯

■ ଉଦ୍‌ଘାଟନ କରିବେ ଅମିତ ଶାହ

■ ପହଞ୍ଚିଲେ ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧ୍ୟକ୍ଷା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ୨୨ ତାରିଖରେ ଦିନିକିଆ ଓଡ଼ିଶା ଗସ୍ତରେ ଆସି ଦଳୀୟ ସାଧାରଣ ସଭାରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଶନିବାର ସେ ଯେଉଁଭଳି ଭାବେ ରାଜ୍ୟ ସରକାରଙ୍କୁ ଆକ୍ଷେପ କରିଥିଲେ ତାହା ରାଜନୈତିକ ମହଲରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛି। ସୋମବାର ଭାଜପା ରାଷ୍ଟ୍ରୀୟ ସଭାପତି ଅମିତ ଶାହ ପୁରୀ ଆସୁଛନ୍ତି। ରାଜ୍ୟ ସରକାରଙ୍କ ପ୍ରତି ପ୍ରଧାନମନ୍ତ୍ରୀଙ୍କ ଆଭିମୁଖ୍ୟ ପରିବର୍ତ୍ତନ ପରେ ଶାହ ପୁରୀରେ କିଭଳି ମନ୍ତବ୍ୟ ରଖୁଛନ୍ତି ତାହାକୁ ନେଇ ଏବେ ରାଜନୈତିକ ସମୀକ୍ଷକଙ୍କ ମହଲରେ ଆଲୋଚନା ଜୋର୍ ଧରିଛି।

ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ସବୁ ଦଳ ନିଜ ସଂଗଠନ ସଜାଡିବା ଆରମ୍ଭ କରିଦେଇଛନ୍ତି। ତୃଣମୂଳ ସ୍ତରର କର୍ମୀଙ୍କଠାରୁ ଏହି ଅଭିଯାନ ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି କ୍ରମରେ ସୋମବାର ପୁରୀରେ ଭାଜପା ପକ୍ଷରୁ ଆୟୋଜିତ ହେବାକୁ ଯାଉଛି ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ। ଏହାସହିତ ଭାଜପାର ମହିଳା ସମାବେଶ ମଧ୍ୟ ଅନୁଷ୍ଠିତ ହେବ। ଦଳର ଏହି ଦୁଇଟି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ ରାଷ୍ଟ୍ରୀୟ ସଭାପତି ଶାହ। ମହିଳା ସମାବେଶ ଲାଗି ଦଳ ପକ୍ଷରୁ ଶରଧାବାଲିରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏଥିରେ ରାଜ୍ୟର ପ୍ରତି ପଞ୍ଚାୟତର ୫ଟି ବୁଥ୍‌ର ମହିଳା ପ୍ରମୁଖ ଯୋଗଦେବେ। ପ୍ରାୟ ୧୦ରୁ ୧୨ ହଜାର ମହିଳା କର୍ମକର୍ତ୍ତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଶାହ ଏହି ସମାବେଶକୁ ଉଦ୍‌ଘାଟନ କରି ମହିଳା କର୍ମୀଙ୍କୁ ସଂଗଠନ ସଜାଡିବା ସହିତ ୨୦୧୯ ନିର୍ବାଚନରେ ଭାଜପା କିଭଳି ମହିଳା ଭୋଟ ହାତେଇବ ସେ ନେଇ ମନ୍ତ୍ର ଦେବେ। ଅପରାହ୍ନ ୩ଟାରେ ହୋଟେଲ ଗୋଲଡେନ୍ ପ୍ୟାଲେସରେ ହେବାକୁ ଥିବା ଭାଜପା ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀକୁ ଉଦ୍‌ଘାଟନ କରିବେ। କାର୍ଯ୍ୟକାରିଣୀରେ ଦେଶର ବିଭିନ୍ନ ରାଜ୍ୟରୁ ୨ଶହ ପ୍ରତିନିଧି ଯୋଗଦେବେ। ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକାରିଣୀରେ ମହିଳା ମୋର୍ଚ୍ଚା ତା'ର ରୋଡ ମ୍ୟାପ ପ୍ରସ୍ତୁତ କରିବ ବୋଲି ସୂଚନା ମିଳିଛି।

ସୋମବାର ମଧ୍ୟାହ୍ନ ୧୨ଟା ୧୦ରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଶାହ ଶରଧାବାଲି ସମାବେଶ ସ୍ଥଳରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ସମାବେଶରେ ଦଳର ରାଜ୍ୟ ପ୍ରଭାରୀ ଅରୁଣ ସିଂ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ସମେତ ବହୁ ହେଭିୱେଟ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ଦଳୀୟ ସୂତ୍ରରୁ ଜଣାପଡିଛି।

ଅନ୍ୟପକ୍ଷରେ ରବିବାର ଅପରାହ୍ନରେ ଭାଜପା ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧ୍ୟକ୍ଷା ବିଜୟା ରାହାତ୍‌କର ପୁରୀରେ ପହଞ୍ଚିଛନ୍ତି। ଦଳ ପକ୍ଷରୁ ଅଠରନଳାରୁ ଏକ ଶୋଭାଯାତ୍ରା ହୋଟେଲ ଗୋଲଡେନ୍ ପ୍ୟାଲେସ ପର୍ଯ୍ୟନ୍ତ ଆୟୋଜନ କରାଯାଇଥିଲା। ତାଙ୍କ ସହ ଦଳର ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ଅନ୍ୟ ନେତୃମଣ୍ଡଳୀ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଉକ୍ତ ହୋଟେଲରେ ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚାର ପଦାଧିକାରୀ ବୈଠକ ଅନୁଷ୍ଠିତ ହୋଇଥିଲା। ୩୦ଜଣ ରାଷ୍ଟ୍ରୀୟ ପଦାଧିକାରୀ ବୈଠକରେ ଉପସ୍ଥିତ ଥିଲେ।

KHALLIKOTE UNIVERSITY
BERHAMPUR-760001

ADMISSION NOTICE

Applications are invited from the students who have completed +2 for Skill Development Courses funded by UGC under National Skill Qualification Framework (NSQF) for Community Colleges Certificate Course (6 months)/ Diploma Course (1 year) in.

Courses Offered
- Tourism and Hospitality Management
- Media and Entertainment Sector
- Retail Management

Important Dates
- Last date for submission of Application: 5th October 2018.
- Counselling and Admission: 10th-12th October 2018.

For details visit: www.khalikoteuniversity.ac.in.
Contact: 9840275563, 9437133384, 9439652646, 7979850640.

Sd./- Registrar

କଂଗ୍ରେସ କାମର ଶ୍ରେୟ ନେଉଛି ଭାଜପା

ଭୁବନେଶ୍ୱର,୨୩।୮(ବ୍ୟୁରୋ)

କଂଗ୍ରେସଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭକ୍ତ ଚରଣ ଦାସ ଏବଂ ଶ୍ରୀକାନ୍ତ ଜେନା।

■ ରାଜ୍ୟ ସରକାରଙ୍କୁ ଟାର୍ଗେଟ

■ ଏନ୍‌ଡିଏ ବନ୍ଦ କରିଥିଲା ସାର କାରଖାନା

■ ବିମାନବନ୍ଦର ନିଷ୍ପତ୍ତି ୟୁପିଏର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଳଚେର ଫର୍ଟିଲାଇଜର୍ସର ଶିଳାନ୍ୟାସ କରିଯିବା ପରେ ଶ୍ରେୟ ନେଇ ରାଜନୀତି ଆରମ୍ଭ ହୋଇଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଏବଂ ଭକ୍ତ ଚରଣ ଦାସ ରବିବାର ମିଳିତ ଭାବେ କେନ୍ଦ୍ର ସରକାର ଉପରେ ଆକ୍ରମଣ କରିଛନ୍ତି। କାମ କଂଗ୍ରେସର, ଶ୍ରେୟ ଭାଜପାର ଅଭିଯୋଗ କରିବା ସହ କଂଗ୍ରେସ ଭବନରେ ଖବରଦାତା ସମ୍ମିଳନୀ କରି ବିଭିନ୍ନ ତଥ୍ୟ ରଖିଛନ୍ତି।

ଶ୍ରୀକାନ୍ତ କହିଛନ୍ତି ଯେ, ବହୁ ପ୍ରତୀକ୍ଷିତ ତାଳଚେର ଫର୍ଟିଲାଇଜର୍ସର ଭିତ୍ତି ୟୁପିଏ ଅମଳରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ସମୟରେ ପଡିଥିଲା। ସାରକାରଖାନା ୨୦୦୦ରେ ବନ୍ଦ ନିଷ୍ପତ୍ତି ନିଆଯିବା ସହ ୨୦୦୨ରେ ବନ୍ଦ ହୋଇଥିଲା। ଏହିପରି ଦେଶର ୮ଟି ଫର୍ଟିଲାଇଜରକୁ ବନ୍ଦ କରାଯାଇଛି। ସେ ସମୟରେ ଏନ୍‌ଡିଏ ସରକାର ଶାସନରେ ଥିଲା। ରାଜ୍ୟକୁ ୧୮ ବର୍ଷ ଶାସନ କରିଥିବା ବିଜୁ ଜନତା ଦଳ ମଧ୍ୟ ତାଙ୍କର ଅଂଶୀଦାର ରହିଥିଲା। ପରବର୍ତ୍ତୀ ସମୟରେ ୨୦୦୭ରେ ୟୁପିଏ-୧ରେ ହୋଇଥିବା ଏକ କ୍ୟାବିନେଟ୍ ବୈଠକରେ ବନ୍ଦ ହୋଇ ପଡିଥିବା ଫର୍ଟିଲାଇଜରର ପୁନରୁଦ୍ଧାର ନିଷ୍ପତ୍ତି ନିଆଯାଇଥିଲା। ୫ ସେପ୍ଟେମ୍ବର ୨୦୧୩ରେ ତାହାର ପୁନରୁଦ୍ଧାର ପାଇଁ ଫର୍ଟିଲାଇଜର କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ(ଏଫ୍‌ସିଆଇଏଲ୍), କୋଲଇଣ୍ଡିଆ ଲିମିଟେଡ(ସିଆଇଏଲ୍), ରାଷ୍ଟ୍ରୀୟ କେମିକାଲ ଫର୍ଟିଲାଇଜର ଲିମିଟେଡ(ଆରସିଏଫ୍) ଏବଂ ଗେଲ୍ ମଧ୍ୟରେ ରାଜିନାମା ହୋଇଥିଲା। ସେ ସମୟରେ ଏଥିପାଇଁ ୯୦୦୦ କୋଟି ଟଙ୍କାର ବ୍ୟୟବରାଦ ଆକଳନ କରାଯାଇଥିବା ଶ୍ରୀକା

ଆଗ ତୁମେ ନିଜକୁ ପରିବର୍ତ୍ତନ କର । ତା'ପରେ ଦେଖିବ ଯେ, ପରିସ୍ଥିତି ମଧ୍ୟ ବଦଳି ଯାଇଛି । ... ଯେଉଁ ଚେତନା ତୁମ ଭିତରେ ଓ ତୁମ ଉପରେ କାର୍ଯ୍ୟ କରୁଛି– ତାହା ଆଡକୁ ନିଜକୁ ଖୋଲି ଧର । ପାରୁପର୍ଯ୍ୟନ୍ତ ସର୍ବଦା ସ୍ଥିର ଓ ପ୍ରଶାନ୍ତ ରୁହ । –ଶ୍ରୀମା

ରାଫାଲ ଧୂଆଁ

ଭାରତର ଯୁଦ୍ଧ ସମ୍ପର୍କିତ ପ୍ରସ୍ତୁତି ବିଷୟରେ ଯେତେ ଅଳ୍ପ ଆଲୋଚନା ହେବ ସେତେ ଭଲ । ଏହାର ମୁଖ୍ୟ କାରଣ ହେଲା ଯେଉଁସବୁ ରାଜନୈତିକ ଦଳଗୁଡ଼ିକ ବିଭିନ୍ନ ସମୟରେ କ୍ଷମତା ହାସଲ କରି କେନ୍ଦ୍ରରେ ସରକାର ଗଢ଼ିଛନ୍ତି, ସେମାନେ ସମସ୍ତେ ପ୍ରତିରକ୍ଷାକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରିଆସିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭାରତ ଭଳି ବିଶ୍ୱରେ ଆହୁରି ଅନେକ ଦେଶ ଅଛନ୍ତି, ଯେଉଁମାନେ ବିଶ୍ୱ ବଜାରରୁ ଯୁଦ୍ଧ ସାମଗ୍ରୀ କିଣିଥାଆନ୍ତି । ଏହି ବ୍ୟବସାୟ ଅନେକ ହଜାର କୋଟି ଡଲାରର ହୋଇଥିବାରୁ, ତତ୍‌ସହିତ ସମ୍ପୃକ୍ତ ଥିବା ଦୁର୍ନୀତି ବିରାଟକାୟ ହୋଇଥାଏ । ସେହି ଗୋଳାବାରୁଦ, ବନ୍ଧୁକ, ଟ୍ୟାଙ୍କ, ଉଡ଼ାଜାହାଜ, ପାଣିଜାହାଜ ଭଳି ଅନେକ ଯୁଦ୍ଧ ସହ ସମ୍ପୃକ୍ତ ଯନ୍ତ୍ର ଘରୋଇ କମ୍ପାନୀ ପ୍ରସ୍ତୁତ କରୁଥିବା ସତ୍ତ୍ୱେ, ବୃହତ୍ ଦେଶଗୁଡ଼ିକର ସରକାରୀ ହାତ ଏହି ବ୍ୟବସାୟରେ ସ୍ୱଚ୍ଛ ଜଣାପଡ଼େ । ଉଦାହରଣ ସ୍ୱରୂପ, ଫ୍ରାନ୍ସ ଭଳି ଏକ କ୍ଷତିଗ୍ରସ୍ତ ଅର୍ଥନୀତିର ପୁନର୍ଜୀବନ ପାଇଁ ଭାରତ କିମ୍ବା କାତାର ଭଳି ଦ୍ୱିତୀୟ ବିଶ୍ୱର ଦେଶଗୁଡ଼ିକ ଫ୍ରାନ୍ସ ପାଇଁ ଗୁରୁତ୍ୱ ଧାରଣ କରିଯାଇଛନ୍ତି । ଆଜିର ପୃଥିବୀରେ ଆମେରିକା, ରୁଷିଆ, ସ୍ୱିଡେନ, ଚାଇନା ଏବଂ ଫ୍ରାନ୍ସ ଭଳି ହାତଗଣତି ଦେଶ ଉଚ୍ଚମାନର ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ କରୁଛନ୍ତି । ସେହି ଦେଶଗୁଡ଼ିକ ଦ୍ୱାରା ଗ୍ରାହକ ଦେଶଗୁଡ଼ିକରେ ଦଲାଲ ନିୟୋଜିତ କରି ଲୁକ୍କାୟିତ ଧନ୍ଦା କରିବା ଏକ ଗତାନୁଗତିକ ସତ୍ୟ । ଭାରତରେ ବୋଫର୍ସ, ଅଗୁସ୍ତା ୱେଷ୍ଟଲାଣ୍ଡ ଦୁର୍ନୀତିର ଅନେକ ବର୍ଷ ବିତିଯାଇଥିବା ସତ୍ତ୍ୱେ କୌଣସି ପ୍ରମାଣ ମିଳିପାରୁନାହିଁ । ସମସ୍ତେ ବୁଝିଛନ୍ତି ଯେ ବିରାଟ ଦୁର୍ନୀତି ହୋଇଥିଲା । କିନ୍ତୁ ପ୍ରମାଣ ଦେବା ପାଇଁ କୌଣସି ଦେଶ ରାଜି ହୁଅନ୍ତି ନାହିଁ । ଏହାର ମୁଖ୍ୟ କାରଣ ହେଲା ଯଦି କୌଣସି ରାଷ୍ଟ୍ର ଏଭଳି ତଥ୍ୟ ପ୍ରକାଶ କରିଦିଏ, ତେବେ ଭବିଷ୍ୟତରେ ଅନ୍ୟ କୌଣସି ଦେଶର ନେତୃତ୍ୱ ସେହି ଦେଶ ସହ ବେପାର କରିବା ପାଇଁ ପସନ୍ଦ କରିବେ ନାହିଁ । ପୃଥିବୀ ସାରା ଜଣାଶୁଣା ଯେ ମାଦକ ଦ୍ରବ୍ୟ, ମାନବ ଚାଲାଣ ଏବଂ ସେହିଭଳି ସବୁ ଅନ୍ତର୍ଜାତୀୟ ଅପରାଧଠାରୁ ପ୍ରତିରକ୍ଷା ସାମଗ୍ରୀ ବ୍ୟବସାୟର ପରିମାଣ ଯଥେଷ୍ଟ ବୃହତ୍ । ସେଥିପାଇଁ କୁହାଯାଏ ଯୁଦ୍ଧ ହେଉଛି, ସମ୍ଭବତଃ, ପୃଥିବୀର ସର୍ବବୃହତ୍ ବ୍ୟବସାୟ । ଯୁଦ୍ଧ ଲାଗି ରହିଥିଲେ ଅସ୍ତ୍ରଶସ୍ତ୍ର ବ୍ୟବସାୟ ବଢ଼ିଥାଏ ।

ଭାରତରେ ରାଫାଲ ଯୁଦ୍ଧ ବିମାନ କିଣାରେ ଯେ ଦୁର୍ନୀତି ହୋଇଛି, ଏ ବିଷୟରେ କାହାରି ସନ୍ଦେହ ରହିବା ଯୁକ୍ତିଯୁକ୍ତ ନୁହେଁ । ଭାରତୀୟ ବାୟୁସେନାର ଆବଶ୍ୟକତା ଅନୁଯାୟୀ ୧୨୬ଟି ରାଫାଲ ଯୁଦ୍ଧ ବିମାନ କିଣାଯିବା ଲାଗି ଉପା ସରକାର ଅମଳରେ ଫ୍ରାନ୍ସ ସରକାରଙ୍କ ସହ ଚୁକ୍ତି କରାଯାଇଥିଲା । ସେଠାକାର ଦାସଲ୍ଟ ଆଭିଏଶନ୍ ୧୮ଟି ବିମାନ ଭାରତକୁ ଦେଇଥାଆନ୍ତା ଓ ବାକି ୧୦୮ଟି ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍) ଦ୍ୱାରା ଭାରତରେ ନିର୍ମିତ ହୋଇଥାଆନ୍ତା । ଅର୍ଥାତ୍ ସେଠାକାର ପ୍ରଯୁକ୍ତିବିଦ୍ୟା ଆମଦାନୀ କରାଯାଇ ଏଠାରେ ବିମାନ ତିଆରି କରାଯାଇଥାଆନ୍ତା । ହେଲେ ଏନ୍‌ଡିଏ ସରକାର ଉକ୍ତ ଚୁକ୍ତିରେ ପରିବର୍ତ୍ତନ କରି ସମୁଦାୟ ୩୬ଟି ରାଫାଲ ଯୁଦ୍ଧ ବିମାନ କିଣିବ ବୋଲି କୁହାଗଲା । ବିବାଦର ବିନ୍ଦୁଟି ହେଲା ହାଲ୍ ପରିବର୍ତ୍ତେ ଅନିଲ ଅମ୍ବାନୀଙ୍କ ରିଲାଏନ୍ସ ଡିଫେନ୍ସ ଲିମିଟେଡ୍ (ଆର୍‌ଡିଏଲ୍)କୁ ଏଠାରେ ଦାସଲ୍ଟ ଆଭିଏଶନର ସହଯୋଗୀ କରାଯାଇ 'ମେକ୍ ଇନ୍ ଇଣ୍ଡିଆ' କାର୍ଯ୍ୟକ୍ରମ ଅନୁଯାୟୀ ବିମାନ ତିଆରି ଲାଗି ଯୋଜନା ହୋଇଥିଲା । ସତେ ଯେମିତି ସରକାରଙ୍କ 'ହାଲ୍' ଏହି ଯୁଦ୍ଧ ବିମାନକୁ ତିଆରି କରିଥିଲେ ତାହା ମେକ୍ ଇନ୍ ଇଣ୍ଡିଆ ହୋଇ ନ ଥାଆନ୍ତା । ଉଲ୍ଲେଖଯୋଗ୍ୟ, ଅନେକ ଦଶନ୍ଧି ଧରି ଭାରତର ବାୟୁସେନାକୁ ବଞ୍ଚାଇ ରଖିଥିବା ବିଭିନ୍ନ ପ୍ରକାରର ମିଗ୍ ବିମାନକୁ ହାଲ୍ ନିର୍ମାଣ କରିଆସୁଥିଲା । ସୂଚନାଯୋଗ୍ୟ, ମିଗ୍ ଜେଟ୍‌ଗୁଡ଼ିକ କୋରାପୁଟର ସୁନାବେଡ଼ାଠାରେ ନିର୍ମିତ ହୁଏ । ତେଣୁ ହାଲ୍‌ରେ କାର୍ଯ୍ୟରତ ବୈଜ୍ଞାନିକ ଓ ବୈଷୟିକବିତ୍‌ମାନେ ଯୁଦ୍ଧ ବିମାନ ନିର୍ମାଣରେ ଦକ୍ଷତା ହାସଲ କରିଆସିଛନ୍ତି । ଅବଶ୍ୟ ସବୁ ଆଧୁନିକ ବିମାନରେ ନୂତନ ପ୍ରକାରର କୌଶଳ ରହିଥାଏ । ତାହାକୁ ଶିଖିବା ହାଲ୍ କର୍ମଚାରୀଙ୍କ ପାଇଁ ଯେତିକି ସହଜ ହେବ, ତାହା କେବେହେଲେ ରିଲାଏନ୍ସ ଡିଫେନ୍ସ ଲିମିଟେଡ୍ ପାଇଁ ସମ୍ଭବପର ହେବନାହିଁ । ଏହା ବ୍ୟତୀତ ରାଫାଲ ଚୁକ୍ତିର ମାତ୍ର ୧୪ ଦିନ ପୂର୍ବରୁ ଆର୍‌ଡିଏଲ୍ ଏକ ନୂତନ କମ୍ପାନୀ ଭାବେ ପଞ୍ଜୀକୃତ ହୋଇଥିଲା । ଅନିଲଙ୍କ କମ୍ପାନୀ ୨୦୧୫ ମାର୍ଚ୍ଚ ୨୮ରେ ଗଠିତ ହୋଇଥିବା ବେଳେ ୨୦୧୫ ଏପ୍ରିଲ ୧୦ରେ ଏନ୍‌ଡିଏ ସରକାର ରାଫାଲ ଚୁକ୍ତିର ପୁନଃ ନବୀକରଣ କରିଥିଲେ । ଏଥିସହିତ ଉପା ସରକାର ସମୟରେ ଗୋଟିଏ ରାଫାଲ ଯୁଦ୍ଧ ବିମାନ ଲାଗି ୫୬୦ କୋଟି ଟଙ୍କା ସ୍ଥିର ହୋଇଥିବା ବେଳେ ଏବେ ତାହା ୧୬୭୦ କୋଟି ଟଙ୍କାରେ କରାଯାଇଛି ବୋଲି କହି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ସମେତ ଅନ୍ୟ ବିରୋଧୀ ଦଳଗୁଡ଼ିକ ସିଧାସଳଖ ପ୍ରଧାନମନ୍ତ୍ରୀଙ୍କ ହାତ ଥିବା କହୁଛନ୍ତି । ଏତିକିବେଳେ ନିଆଁରେ ଘିଅ ଢାଳିଛନ୍ତି ଓଲାନ୍ଦେ । ତେବେ ଭାରତର ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରମଣ କହିଛନ୍ତି ଯେ ହାଲ୍ ଯୁଦ୍ଧ ବିମାନ ନିର୍ମାଣ କରିବାର କ୍ଷମତା ରଖିନାହିଁ । ଏଠାରେ ପ୍ରଶ୍ନ ଉଠୁଛି, ଏୟାରକ୍ରାଫ୍ଟ ନିର୍ମାଣ କରୁଥିବା ୭୦ ବର୍ଷର ପୁରୁଣା ନବରତ୍ନ କମ୍ପାନୀ 'ହାଲ୍' ଯେତେବେଳେ ଯୁଦ୍ଧବିମାନ ତିଆରି କରିବାରେ ସକ୍ଷମ ନୁହେଁ, ସେତେବେଳେ ନୂଆ କରି ସୃଷ୍ଟି ହୋଇଥିବା ଅନିଲଙ୍କ କମ୍ପାନୀ କିଭଳି ଲକ୍ଷ୍ୟ ହାସଲରେ ସଫଳ ହୋଇପାରିବ । କୁହାଯାଉଛି, ଶିଳ୍ପପତିଙ୍କୁ ସନ୍ତୁଷ୍ଟ କରିବା ଲକ୍ଷ୍ୟରେ ନରେନ୍ଦ୍ର ମୋଦି ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି । ଆର୍‌ଡିଏଲ୍ ମାଧ୍ୟମରେ ନିର୍ବାଚନୀ ପାଣ୍ଠି ଯୋଗାଡ଼ କରାଯାଇଛି ବୋଲି ଦାବି ଏବେ ଲୋକଙ୍କ ମନରେ ବିଶ୍ୱାସ ସୃଷ୍ଟି କଲାଣି ।

ଇନ୍ଦ୍ରଧନୁ ପତାକାରେ ବିଜୟ ଉତ୍ସବ

ସରଳ କୁମାର ଦାସ

ସମଲିଙ୍ଗୀ ସମ୍ପର୍କ ଅପରାଧ ନୁହେଁ ଓ ଏହାକୁ ଭାରତୀୟ ପିଙ୍ଗଳ କୋଡ୍‌ର ଧାରା ୩୭୭ରୁ ବାଦ୍ ଦେବା ସଂକ୍ରାନ୍ତ ସୁପ୍ରିମକୋର୍ଟଙ୍କ ରାୟ ପରେ ଏଲ୍‌ଜିବିଟିକ୍ୟୁଆଇ ସମୁଦାୟରେ ଆନନ୍ଦ ପ୍ରକାଶ ପାଇଛି । ଏଣିକି ଆଉ ନିଭୃତ କୋଠରି ମଧ୍ୟରେ ଦୁଇ ପ୍ରାପ୍ତବୟସ୍କଙ୍କ ସମ୍ମତି ଭିତ୍ତିରେ ଯୌନ ସମ୍ପର୍କ ଅପରାଧ ପରିସରଭୁକ୍ତ ହେବ ନାହିଁ । ରାୟରୁ ସ୍ପଷ୍ଟ ହୋଇଛି ଯେ ସାମାଜିକ ନୈତିକତାର ଦ୍ୱାହି ଦେଇ ମୌଳିକ ଅଧିକାରକୁ କ୍ଷୁଣ୍ଣ କରି ହେବନାହିଁ । ସମଲିଙ୍ଗୀ ସମ୍ପର୍କକୁ ଧାରା ୩୭୭ରୁ ବାଦ୍ ଦେବା ପାଇଁ ୧୯୯୪ରୁ ଚାଲି ଆସିଥିବା ଏହି ଆଇନଗତ ଲଢେଇରେ ଶେଷରେ ଏହି ସମୁଦାୟର ବିଜୟ ହୋଇଛି ।

ବିଭିନ୍ନ ଧର୍ମଗୁରୁ ଓ ସମାଜର ଅନେକେ ଏହାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି । ସେମାନଙ୍କ ଯୁକ୍ତି, ଏହାଦ୍ୱାରା ବ୍ୟଭିଚାର ବୃଦ୍ଧି ପାଇ ସମାଜ କଳୁଷିତ ହେବ, ଏଚ୍‌ଆଇଭି ସଂକ୍ରମଣ ଅଧିକ ହେବ । ସେମାନେ ଆଶଙ୍କିତ ହେବା ସ୍ୱାଭାବିକ । କିନ୍ତୁ ଆମ ଶାସ୍ତ୍ରପୁରାଣରେ ଲିଙ୍ଗ ପରିବର୍ତ୍ତନ, ସମଲିଙ୍ଗୀ, ଉଭୟଲିଙ୍ଗୀ ସମ୍ପର୍କ ଓ ତୃତୀୟ ଲିଙ୍ଗର ବହୁ ଉଦାହରଣ ରହିଛି । ଶିବଙ୍କର ଅର୍ଦ୍ଧନାରୀଶ୍ୱର ରୂପ, ବିଷ୍ଣୁଙ୍କର ମୋହିନୀ ରୂପ ଧାରଣ, ଅର୍ଜୁନଙ୍କର ବୃହନ୍ନଳା ରୂପ, ଶିଖଣ୍ଡି ଆଦିଙ୍କ କାହାଣୀ ସର୍ବଜନବିଦିତ । ସେହିପରି ଶିବପାର୍ବତୀଙ୍କ ଦ୍ୱାରା ଅଭିଶପ୍ତ ରାଜା ଇଲା କିପରି ଗୋଟିଏ ମାସ ପୁରୁଷ ଭାବେ ଏବଂ ତା'ପର ମାସ ସ୍ତ୍ରୀ ଭାବେ ଜୀବନ ଅତିବାହିତ କରୁଥିବା ବେଳେ ପୂର୍ବ ମାସର କଥା ସମ୍ପୂର୍ଣ୍ଣ ଭୁଲି ଯାଉଥିଲେ ଓ ସ୍ତ୍ରୀ ଅବସ୍ଥାରେ ଥିବା ବେଳେ ବୁଧଙ୍କ ସହ ତାଙ୍କର ବିବାହ ହୋଇଥିବାର ଏକ ରୋଚକ କାହାଣୀ ପୁରାଣରେ ବର୍ଣ୍ଣିତ । ମନ୍ଦିର ଗାତ୍ରମାନଙ୍କରେ ଥିବା ସମଲିଙ୍ଗୀ ସମ୍ପର୍କର ମୂର୍ତ୍ତିଗୁଡିକ ମଧ୍ୟ ବିଭିନ୍ନ କାଳରେ ଥିବା ସମଲିଙ୍ଗୀ ସମ୍ପର୍କର ବାସ୍ତବତାକୁ ବଖାଣିଥାଏ । ମନୁସ୍ମୃତିରେ ସମଲିଙ୍ଗୀ ସମ୍ପର୍କ ବର୍ଜନୀୟ ବୋଲି ଉଲ୍ଲେଖ ଥିଲେ ମଧ୍ୟ ଏଥିପାଇଁ ଦଣ୍ଡବିଧାନର ଉଲ୍ଲେଖ ନାହିଁ । ଅନ୍ୟ ପକ୍ଷରେ ଶିଖଣ୍ଡି, ବୃହନ୍ନଳାଙ୍କ ପରି ତୃତୀୟ ଲିଙ୍ଗର ଲୋକେ ସମାଜରେ ବିଭିନ୍ନ ସୁବିଧା ସୁଯୋଗ ସହ ସମ୍ମାନଜନକ ଜୀବନଯାପନ କରୁଥିଲେ । ଅତ୍ରି ସ୍ମୃତିରେ ସମଲିଙ୍ଗୀ ଓ ଅପ୍ରାକୃତିକ ସମ୍ପର୍କର ପ୍ରାୟଶ୍ଚିତ୍ତ ସନ୍ତାପ ମାଧ୍ୟମରେ ହୋଇଥାଏ ବୋଲି ଉଲ୍ଲେଖ ଅଛି । ଅନ୍ୟ ଶାସ୍ତ୍ରରେ ସମଲିଙ୍ଗୀ ସମ୍ପର୍କକୁ 'ଜାତିଭ୍ରଂଶକର ପାପ' ବୋଲି କୁହାଯାଇ ଏହାର ପ୍ରାୟଶ୍ଚିତ୍ତ ପାଇଁ 'ମହାସାନ୍ତପନ ବ୍ରତ' କରିବାର ବିଧି ଅଛି ।

ତେବେ ଏଲ୍‌ଜିବିଟିକ୍ୟୁଆଇ ବର୍ଗର ଲୋକଙ୍କୁ ନେଇ ସମାଜରେ ଅନେକ ଭ୍ରମଧାରଣା ରହିଛି ଓ ଏମାନଙ୍କୁ ସାଧାରଣତଃ ସମଲିଙ୍ଗୀ ବୋଲି କହି ଗୋଟିଏ ବନ୍ଧନୀ ଭିତରେ ରଖି ଦିଆଯାଇଥାଏ । କେହି କେହି ଏମାନଙ୍କୁ 'ମାଇତିଆ', 'ହିଜଡା' ବୋଲି ସମ୍ବୋଧନ କରିଥାନ୍ତି । ଅନେକେ ଏମାନଙ୍କୁ ଯୌନ ବିକାରଗ୍ରସ୍ତ ବୋଲି ଅଭିହିତ କରିଥାନ୍ତି । ଏମାନଙ୍କୁ ସମଲିଙ୍ଗୀ କହିବା ଯଥେଷ୍ଟ ନୁହେଁ, ବରଂ ଏମାନଙ୍କୁ ବୁଝିବାକୁ ହେଲେ ଏହି ଏଲ୍‌ଜିବିଟିକ୍ୟୁଆଇରେ ଥିବା ଛଅଟି ଅକ୍ଷରର ତାତ୍ପର୍ଯ୍ୟକୁ ବୁଝିବାକୁ ହେବ, ଯାହା ସମ୍ପୃକ୍ତ ବ୍ୟକ୍ତିଙ୍କ ଯୌନ ଆଗ୍ରହ (ସେକ୍ସୁଆଲ ଓରିଏଣ୍ଟେଶନ) ଓ ଅନ୍ୟ ପରିପ୍ରକାଶ ଉପରେ ନିର୍ଭର କରିଥାଏ । ଇଂଲିଶ ଶବ୍ଦ 'ଲେସବିଆନ'ର ପ୍ରଥମ ଅକ୍ଷରରୁ 'ଏଲ୍' ନିଆଯାଇଛି, ଯାହା ମହିଳା ସମଲିଙ୍ଗୀଙ୍କୁ ବୁଝାଇଥାଏ । ଗ୍ରୀସ୍‌ର ଲେସ୍‌ବସ ଦ୍ୱୀପରୁ ଉଦ୍ଭବ ଲେସ୍‌ବିଆନ ଶବ୍ଦଟି ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀର ଗ୍ରୀକ୍ କବି ସାଫୋଙ୍କ କବିତାରୁ ଅନୁପ୍ରେରିତ । ଇଂଲିଶ ଶବ୍ଦ 'ଗେ'ର ପ୍ରଥମ ଅକ୍ଷରରୁ 'ଜି' ନିଆଯାଇଛି, ଯାହା ପୁରୁଷ ସମଲିଙ୍ଗୀଙ୍କୁ ବୁଝାଇଥାଏ । ବିଂଶ ଶତାବ୍ଦୀର ଷଷ୍ଠ ଦଶକରେ ହୋମୋସେକ୍ସୁଆଲ ପରିବର୍ତ୍ତେ ସମଲିଙ୍ଗୀଙ୍କୁ ଯୌନ ଆଗ୍ରହ ଆଧାରରେ 'ଗେ' ଭାବେ ସମ୍ବୋଧନ କରିବା ଗ୍ରହଣୀୟ ହେବାକୁ ଲାଗିଲା । ଇଂଲିଶ୍ ଶବ୍ଦ 'ବାଇସେକ୍ସୁଆଲ'ରୁ 'ବି' ନିଆଯାଇଛି, ଯାହା ଉଭୟଲିଙ୍ଗୀ ଯୌନ ଆଚରଣକୁ ବୁଝାଇଥାଏ । ଏଥିରେ ସମ୍ପୃକ୍ତ ବ୍ୟକ୍ତି ଉଭୟ ପୁରୁଷ ଓ ମହିଳାଙ୍କ ପ୍ରତି ଆକୃଷ୍ଟ ହୋଇଥାନ୍ତି । ଇଂଲିଶ ଶବ୍ଦ 'ଟ୍ରାନ୍ସଜେଣ୍ଡର'ରୁ 'ଟି' ଅକ୍ଷରଟିକୁ ନିଆଯାଇଛି । 'ମାଇତିଆ' କୁହାଯାଉଥିବା ଏହି ଧରଣର ଲୋକଙ୍କ ଲିଙ୍ଗଗତ ପରିଚିତି ଓ ପରିପ୍ରକାଶ ସେମାନଙ୍କ ନିରୂପିତ ଲିଙ୍ଗଠାରୁ ଭିନ୍ନ ହୋଇଥାଏ, ଯାହା ସହିତ ସେମାନଙ୍କର ଯୌନ ଆଗ୍ରହର କୌଣସି ସମ୍ପର୍କ ନ ଥାଏ । ସେମାନେ ବିଷମଲିଙ୍ଗୀ, ସମଲିଙ୍ଗୀ, ଉଭୟଲିଙ୍ଗୀ ବା ଯୌନ ପ୍ରବଣତାହୀନ ହୋଇପାରନ୍ତି । ଶରୀରରେ ହରମୋନ ପରିବର୍ତ୍ତନ କାରଣରୁ ଗୋଟିଏ ଲିଙ୍ଗରୁ ଅନ୍ୟ ଏକ ଲିଙ୍ଗକୁ ପରିବର୍ତ୍ତନ ଦେଖା ଦେଉଥିବାରୁ କେହି କେହି ହରମୋନ ପ୍ରତିବଦଳ ମାଧ୍ୟମରେ ତ କିଏ ପୁଣି ଅପରେଶନ ମାଧ୍ୟମରେ ଲିଙ୍ଗ ପରିବର୍ତ୍ତନ କରାଇଥାନ୍ତି, ଯାହା ହୁଏତ ଆର୍ଥିକ ଦୃଷ୍ଟିରୁ ସମସ୍ତଙ୍କ ପକ୍ଷରେ ସମ୍ଭବ ହୋଇ ନ ଥାଏ । ଇଂଲିଶ ଶବ୍ଦ 'କୁଇର'ରୁ 'କ୍ୟୁ' ଅକ୍ଷରଟିକୁ ନିଆଯାଇଛି । ସେମାନଙ୍କର କୌଣସି ନିର୍ଦ୍ଦିଷ୍ଟ ଯୌନ ଆଗ୍ରହ ଥାଉ କି ନ ଥାଉ ସେମାନେ ପାରମ୍ପରିକ ଲିଙ୍ଗଗତ ବିଭାଜନ (ପୁରୁଷ ଓ ମହିଳା)ରେ ବିଶ୍ୱାସ କରନ୍ତି ନାହିଁ । ତେଣୁ ବିଷମଲିଙ୍ଗୀ ହୋଇ ନ ଥିବା ଏଲ୍‌ଜିବିଟି ବର୍ଗର ଯୌନ ଓ ଲିଙ୍ଗଗତ ସଂଖ୍ୟାଲଘୁ ସମସ୍ତଙ୍କୁ ମଧ୍ୟ 'କୁଇର' ବୋଲି କୁହାଯାଇଥାଏ । ଇଂଲିଶ୍ ଶବ୍ଦ 'ଇଣ୍ଟର୍‌ସେକ୍ସ'ରୁ 'ଆଇ' ଅକ୍ଷରଟିକୁ ନିଆଯାଇଛି । ଏହି ଧରଣର ଲୋକଙ୍କଠାରେ ଜନ୍ମରୁ ଯୌନାଙ୍ଗ ଓ ପ୍ରଜନନ ପ୍ରଣାଳୀରେ ବିବିଧତା ପରିଲକ୍ଷିତ ହୋଇଥାଏ । ଏମାନଙ୍କ କ୍ରୋମୋଜୋମ୍, ହରମୋନ, ବାହ୍ୟିକ ଲିଙ୍ଗ ଓ ପ୍ରଜନନ ପ୍ରଣାଳୀ, ସାଧାରଣ ପୁଅଝିଅଙ୍କଠାରୁ ଭିନ୍ନ ହୋଇଥାଏ । ଏହି ଛଅ ଶ୍ରେଣୀର ଲୋକଙ୍କ ମଧ୍ୟରୁ କେବଳ ଟ୍ରାନ୍ସଜେଣ୍ଡରମାନେ ସେମାନଙ୍କ ବେଶଭୂଷା, ଚାଲିଚଳନ, ଆଚାର ବ୍ୟବହାରରେ ଭିନ୍ନତା ପାଇଁ ସହଜରେ ବାରି ହୋଇପଡନ୍ତି ଓ ସେଥିପାଇଁ ସେମାନେ ପାଠପଢା, ନିଯୁକ୍ତି ଓ ଅନ୍ୟାନ୍ୟ କ୍ଷେତ୍ରରେ ସର୍ବାଧିକ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଅନ୍ୟ ପାଞ୍ଚଟି ଶ୍ରେଣୀର ଲୋକେ ସାଧାରଣ ସମାଜ ଭିତରେ ରହିପାରିଥାନ୍ତି । ସେମାନଙ୍କ ମଧ୍ୟରୁ ଅନେକେ ଉଚ୍ଚ ଶିକ୍ଷିତ ଓ ଉଚ୍ଚ ପଦପଦବୀରେ ମଧ୍ୟ ଅଧିଷ୍ଠିତ ।

ବିଶ୍ୱରେ କୌଣସି ଦେଶ ଏଲ୍‌ଜିବିଟିକ୍ୟୁଆଇ ସମୁଦାୟର ଲୋକଙ୍କ ପାଇଁ ସମ୍ପୂର୍ଣ୍ଣ ସୁରକ୍ଷିତ ନୁହେଁ । କେଉଁଠି ସେମାନଙ୍କ ପ୍ରତି ନିଯୁକ୍ତି ଓ ଅନ୍ୟାନ୍ୟ କ୍ଷେତ୍ରରେ ପାତରଅନ୍ତର ହେଉଛି ତ କେଉଁଠି ସେମାନଙ୍କୁ ନିନ୍ଦିତ କରାଯାଉଛି । ପୁଣି କେଉଁଠି ସେମାନେ ହିଂସାର ଶିକାର ହେଉଛନ୍ତି । ଆଇଏଲ୍‌ଜିଏ ଦ୍ୱାରା ୨୦୧୭ରେ ପ୍ରକାଶିତ 'ଷ୍ଟେଟ ସ୍ପୋନ୍‌ସର୍ଡ ହୋମୋଫୋବିଆ' ରିପୋର୍ଟ ଅନୁଯାୟୀ ଏବେ ବି ବିଶ୍ୱର ୭୨ଟି ଦେଶରେ ସମଲିଙ୍ଗୀ ସମ୍ପର୍କ ଏକ ଅପରାଧ ଭାବେ ପରିଗଣିତ । ଏମାନଙ୍କ ମଧ୍ୟରୁ ୪୫ଟି ଦେଶରେ ଉଭୟ ପୁରୁଷ ଓ ମହିଳାଙ୍କ କ୍ଷେତ୍ରରେ ଏହା ପ୍ରଯୁଜ୍ୟ । ଏଥିପାଇଁ ଇରାନ, ସୁଦାନ, ସଉଦି ଆରବ, ୟେମେନ ଭଳି ୮ଟି ଦେଶରେ ମୃତ୍ୟୁଦଣ୍ଡ ଦିଆଯାଇଥାଏ । ୨୨ଟି ଦେଶରେ ସମଲିଙ୍ଗୀ ବିବାହକୁ ଅନୁମତି ମିଳିଛି । ଏଥିପାଇଁ ସର୍ବପ୍ରଥମେ ନେଦରଲାଣ୍ଡ ୨୦୦୩ ମସିହାରେ ଆଇନ ପ୍ରଣୟନ କରିଥିଲା । ସେହିପରି ଫ୍ରାନ୍ସ, ବେଲଜିୟମ ଭଳି ୨୬ଟି ଦେଶରେ ସମଲିଙ୍ଗୀ ପୋଷ୍ୟ ସନ୍ତାନ ଗ୍ରହଣକୁ ସ୍ୱୀକୃତି ମିଳିଛି ।

ସୁପ୍ରିମକୋର୍ଟଙ୍କ ରାୟ ପରେ ଏଲ୍‌ଜିବିଟିକ୍ୟୁଆଇ ବର୍ଗର ଲୋକେ ଦଳଦଳ ହୋଇ 'ଆଜାଦୀ' (ସ୍ୱାଧୀନତା) ସ୍ଲୋଗାନ ମାଧ୍ୟମରେ ନିଜର ଖୁସି ଜାହିର କରି ସେମାନଙ୍କ ସମୁଦାୟର ସ୍ୱାଭିମାନର ପ୍ରତୀକ ଲାଲ, କମଳା, ହଳଦିଆ, ନୀଳ, ସବୁଜ ଓ ବାଇଗଣି ରଙ୍ଗ ବିଶିଷ୍ଟ ଛଅଟି ପଟି ଥିବା 'ଇନ୍ଦ୍ରଧନୁ ପତାକା'କୁ ଉଡାଇ ଆନନ୍ଦରେ ଉତ୍ସବ ମୁଖର ହୋଇପଡିଥିଲେ । ତେବେ ଏବେ ବି ସେମାନଙ୍କର ସମ୍ପୂର୍ଣ୍ଣ ବିଜୟ ହୋଇନାହିଁ । ସଂଗ୍ରାମର ପରବର୍ତ୍ତୀ ପର୍ଯ୍ୟାୟରେ ରହିଛି ବିବାହ, ଉତ୍ତରାଧିକାର, ଅଭିଭାବକତ୍ୱ, ପୋଷ୍ୟ ସନ୍ତାନ ଗ୍ରହଣ ଭଳି ଜଟିଳ ଓ ବିବାଦୀୟ ପ୍ରସଙ୍ଗ, ଯେଉଁ କ୍ଷେତ୍ରଗୁଡିକରେ ସାଧାରଣ ଲୋକଙ୍କ ଭଳି ସେମାନଙ୍କର ଏବେ ବି ସମାନ ଅଧିକାର ନାହିଁ । କିନ୍ତୁ ବର୍ତ୍ତମାନ ହେଉଛି ସେମାନଙ୍କ ପାଇଁ ସୁଦୀର୍ଘ ପ୍ରତୀକ୍ଷା ପରେ ମିଳିଥିବା ଏହି ପ୍ରଥମ ବିଜୟର ସ୍ୱାଦକୁ ନିର୍ଭୟରେ ଉପଭୋଗ କରିବାର ସମୟ । ତେବେ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ମିଶାଇବାକୁ ହେଲେ ଆଇନଗତ ବିଧିବିଧାନ ଅପେକ୍ଷା ସେମାନଙ୍କ ସମସ୍ୟା ପ୍ରତି ସମ୍ବେଦନଶୀଳ ହେବା ସହ ପାରିବାରିକ ଓ ସାମାଜିକ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନର ଅଧିକ ଆବଶ୍ୟକତା ରହିଛି ।

୪୮୬, ନୀଳକଣ୍ଠ ନଗର, ନୂଆପଲ୍ଲୀ,
ଭୁବନେଶ୍ୱର, ମୋ– ୯୪୩୭୦୩୮୦୧୫

'ବନ୍ଦ'ର ବିକଳ୍ପ ଜରୁରୀ

ଚିନ୍ମୟ ବିବେକ

ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ବିରୋଧରେ ଗତ ୯ ତାରିଖରେ କଂଗ୍ରେସ ଦ୍ୱାରା ବନ୍ଦ ଡାକରା ଦିଆଯାଇଥିଲା । ଗୋଟେ ଛୁଟି ମିଳିଗଲା ସଭିଙ୍

ମଧ୍ୟପ୍ରଦେଶ ଗ୍ୱାଲିୟର ବିଲୋଆ ଥାନା ଅନ୍ତର୍ଗତ ଅଡୁପୁରାରେ ଥିବା ଏକ ଆଶ୍ରୟ ଗୃହରେ ଅନ୍ତେବାସୀ ଯୁବତୀଙ୍କୁ ନିୟମିତ ଗର୍ଭନିରୋଧକ ଇଞ୍ଜେକଶନ୍ ଦିଆଯାଉଥିବା ଅଭିଯୋଗ ହୋଇଛି। ଏଠାରେ ଥିବା ସ୍ନେହାଳୟ ଆଶ୍ରୟ ଗୃହରେ ଏଭଳି ହେଉଥିବା ଅଭିଯୋଗ ପରେ ପୋଲିସ ୯ ଜଣଙ୍କ ନାମରେ ମାମଲା ରୁଜୁ କରିଛି। ଆଶ୍ରୟ ଗୃହର ସଞ୍ଚାଳକ ଡ. ବି.କେ. ଶର୍ମାଙ୍କ ନିର୍ଦ୍ଦେଶରେ ୧୮ ଜଣ ଯୁବତୀଙ୍କୁ ଏହି ଗର୍ଭନିରୋଧକ ଇଞ୍ଜେକଶନ୍ ଦିଆଯାଉଥିବା ଅଭିଯୋଗ ହୋଇଛି। ୨୫ ଜଣ ଯୁବତୀଙ୍କୁ ପରୀକ୍ଷା ପରେ ଏହା ଜଣାପଡ଼ିଛି।

ସଂକ୍ଷେପରେ

ରାଜସ୍ଥାନରେ ଜିକା ଆକ୍ରାନ୍ତ

ଜୟପୁର,୨୩।୯(ପି.ଟି.): ରାଜସ୍ଥାନର ଜଣେ ମହିଳା ଜିକା ଭୂତାଣୁରେ ଆକ୍ରାନ୍ତ ଥିବା ଜଣାପଡ଼ିଛି। ଏଠାକାର ଏକମେଡିକାଲ କଲେଜ ଏ ନେଇ ସ୍ପଷ୍ଟ କରିଛି। ରାଜ୍ୟରେ ଏହା ପ୍ରଥମ ଜିକା ସଂକ୍ରମଣ ବୋଲି ଜଣାପଡ଼ିଛି। ଆଣ୍ଠୁଗଣ୍ଠି ଦରଜ, ଆଖି ନାଲି ପଡ଼ିବା, ଦୁର୍ବଳତା ଅନୁଭବ କରିବା ଭଳି ଲକ୍ଷଣ ଦେଖାଦେବା ପରେ ଜଣେ ମହିଳା ସ୍ଥାନୀୟ ସପ୍ତାଇ ମାନ୍ ସିଂ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ପରୀକ୍ଷା ପରେ ସେ ଡେଙ୍ଗୁ ଏବଂ ସ୍ୱାଇନ୍ ଫ୍ଲୁରେ ଆକ୍ରାନ୍ତ ଥିବା ଜଣାପଡ଼ିଥିଲା। ଡାକ୍ତରଙ୍କ ଆହୁରି ସନ୍ଦେହ ଉପୁଜିବାରୁ ରକ୍ତ ନମୁନା ପୁଣେର ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜି (ଏନ୍‌ଆଇଭି)କୁ ପଠାଯାଇଥିଲା। ମହିଳା ଜଣକ ଜିକାରେ ମଧ୍ୟ ଆକ୍ରାନ୍ତ ଥିବା ସ୍ପଷ୍ଟ ହୋଇଥିଲା ବୋଲି ମେଡିକାଲ କଲେଜ ପ୍ରିନ୍ସିପାଲ ଡାକ୍ତର ୟୁ.ଏସ୍. ଅଗ୍ରୱାଲ ସୂଚନା ଦେଇଛନ୍ତି। ତେବେ ଏ ନେଇ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ସୂଚନା ଦିଆଯାଇଥିବା ଡାକ୍ତର ଅଗ୍ରୱାଲ କହିଛନ୍ତି।

ମାଓବାଦୀଙ୍କୁ ଜଗିବ ଡ୍ରୋନ୍

ଭୁବନେଶ୍ୱର,୨୩।୯(ବ୍ୟୁରୋ): ପଡ଼ୋଶୀ ରାଜ୍ୟଗୁଡ଼ିକର ମାଓବାଦୀଙ୍କ ପାଇଁ ଓଡ଼ିଶା ଏକ ସୁବିଧାଜନକ ଟ୍ରାଞ୍ଜିଟ୍ ପଏଣ୍ଟ ପାଲଟିଛି। ଏହାକୁ ଦୃଷ୍ଟିରେ ରଖି ସର୍ବାଧିକ ମାଓବାଦୀ ପ୍ରଭାବିତ ଜିଲା ମାଲକାନଗିରି ଓ କୋରାପୁଟରେ ଡ୍ରୋନ୍ ନିୟୋଜିତ କରାଯିବ ବୋଲି ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ରାଜେନ୍ଦ୍ର ଶର୍ମା ରବିବାର ସ୍ପଷ୍ଟ କରିଛନ୍ତି। ଏକ ଜାତୀୟ ଗଣମାଧ୍ୟମକୁ ଡିଜିପି କହିଛନ୍ତି, ମାଲକାନଗିରି ଓ କୋରାପୁଟରେ ମାଓବାଦୀଙ୍କ ଗତିବିଧି ଓ କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖିବା ପାଇଁ ରାଜ୍ୟ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଉଛି। ଚଳିତ ଆର୍ଥିକବର୍ଷରେ ଏଭଳି ପ୍ରଥମ ଡ୍ରୋନ୍ ଅଣାଯିବ। ଏହି ଦୁଇ ଜିଲା ବ୍ୟତୀତ ରାୟଗଡ଼ା, ଗଜପତି, ନୂଆପଡ଼ା ଓ ସୁନ୍ଦରଗଡ଼ରେ ମଧ୍ୟ ମାଓବାଦୀଙ୍କ ପ୍ରଭାବ ଅଧିକ ରହିଛି। କୋମ୍ବି ଅପରେଶନ ଓ ତଲାସି ଅଭିଯାନ ବେଳେ ଏମାନେ ସୀମାନ୍ତ ଜିଲାଗୁଡ଼ିକ ଦେଇ ପଡ଼ୋଶୀ ରାଜ୍ୟଗୁଡ଼ିକୁ ଖସିପଳାଇବାରେ ସକ୍ଷମ ହେଉଛନ୍ତି। ଅତୀତରେ ଏହାର ଅନେକ ନଜିର ରହିଛି। ତେଣୁ ଡ୍ରୋନ୍ ସହାୟତାରେ ମାଓବାଦୀଙ୍କ ଉପରେ ଆକାଶମାର୍ଗରୁ ତୀକ୍ଷ୍ଣ ନଜର ରଖାଯିବ ବୋଲି ରାଜେନ୍ଦ୍ର ସୂଚନା ଦେଇଛନ୍ତି।

ଡଙ୍ଗା ବୁଡ଼ି ଜଣେ ନିଖୋଜ

ଲହୁଣୀପଡ଼ା,୨୩।୯(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଦର୍ଜିଂ ପଞ୍ଚାୟତ ଲୁଧୁଣୀ ଗ୍ରାମଦେଇ ଯାଇଥିବା ବ୍ରାହ୍ମଣୀ ନଦୀରେ ରବିବାର ଅପରାହ୍ନ ୪ଟାରେ ଡଙ୍ଗା ବୁଡ଼ି ଜଣେ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ଲହୁଣୀପଡ଼ା ଥାନା ଅନ୍ତର୍ଗତ କୁର୍ଡା ପଞ୍ଚାୟତ ମୁଣ୍ଡାଗାଁର ଟଙ୍କଧର ମାହାନ୍ତଙ୍କ ସ୍ତ୍ରୀ ବାସନ୍ତୀ (୪୨)। ଏହି ଦୁର୍ଘଟଣାରୁ ଅନ୍ୟ ୫ଜଣଙ୍କୁ ଉଦ୍ଧାର କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, ବାସନ୍ତୀ ଝିଅ ଧନେଶ୍ୱରୀ (୧୨)ଙ୍କ ସହ କୌଣସି କାମରେ ଲୁଧୁଣୀ ଗ୍ରାମକୁ ଯାଇଥିଲେ। ଅପରାହ୍ନରେ ସେଠାରୁ ଫେରିବା ବେଳେ ଡଙ୍ଗାରେ ନଦୀ ପାର୍ ହେଉଥିଲେ। ଏହି ସମୟରେ ଡଙ୍ଗାରେ ବାସନ୍ତୀ ଓ ଧନେଶ୍ୱରୀଙ୍କ ସମେତ ଦିବାକର ମାହାନ୍ତ (୩୦), ଶିଶିରା ମାହାନ୍ତ (୨୮), ସ୍ନେହମଞ୍ଜରୀ ମାହାନ୍ତ (୮) ଏବଂ ଦେବସ୍ମିତା ମାହାନ୍ତ (୪) ବସିଥିଲେ। ତେବେ ଡଙ୍ଗାଟି ଭାରସାମ୍ୟ ହରାଇ ବୁଡ଼ିଯାଇଥିଲା। ଫଳରେ ବାସନ୍ତୀ ନିଖୋଜ ହୋଇଯାଇଛନ୍ତି। ସ୍ଥାନୀୟ ଲୋକେ ଅନ୍ୟମାନଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଛନ୍ତି। ଡଙ୍ଗା ଚାଳକ ଫେରାର ହୋଇଯାଇଛନ୍ତି। ଖବର ପାଇ ଲହୁଣୀପଡ଼ା ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ବାସନ୍ତୀଙ୍କ ପତ୍ତା ମିଳି ନାହିଁ। ସନ୍ଧ୍ୟା ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ସ୍ଥଗିତ ରଖାଯାଇଛି। ସୋମବାର ସକାଳେ ପୁଣି ଖୋଜାଖୋଜି କରାଯିବ ବୋଲି ସୂଚନା ଦିଆଯାଇଛି।

ଜାଟ୍ରୋଫାକୁ ନା

■ ଚାଷୀ ହତାଶ
■ ଡୁବିଗଲା ବାୟୋଡିଜେଲ ପ୍ରକଳ୍ପ

ଭୁବନେଶ୍ୱର,୨୩।୯(ବ୍ୟୁରୋ)

ଜାଟ୍ରୋଫା(ବାଇଗବା) ଏକ ଲାଭଜନକ ଚାଷ। ଏଥିରୁ ବାୟୋଡିଜେଲ ପ୍ରସ୍ତୁତ କରାଯାଇ ପାରୁଥିବାରୁ ଦେଶର ବିଭିନ୍ନ ରାଜ୍ୟରେ ଏହି ଚାଷ ପ୍ରତି ଆଗ୍ରହ ବଢ଼ିବାରେ ଲାଗିଛି। ଏଥିରୁ ପ୍ରସ୍ତୁତ ବାୟୋଡିଜେଲକୁ ବିମାନ ଇନ୍ଧନ ଭାବେ ବ୍ୟବହାର କରାଗଲାଣି। ତେବେ ୮ ବର୍ଷ ପୂର୍ବରୁ ଓଡ଼ିଶାରେ ଆରମ୍ଭ କରାଯାଇଥିବା ଏହି ଚାଷ ଏବେ ଉଭାନ ହୋଇଯାଇଛି। ସରକାରୀ ପ୍ରୋତ୍ସାହନ ନ ଥିବାରୁ ଏଥିପ୍ରତି ଆଗ୍ରହ ଦେଖାଉଥିବା ସଂସ୍ଥା କିମ୍ବା ଚାଷୀମାନେ ହତାଶ ହୋଇଛନ୍ତି। ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଜାଟ୍ରୋଫା ଚାଷକୁ ସାମିଲ କରାଯାଇଥିଲେ ମଧ୍ୟ ତାହାକୁ ବିଭିନ୍ନ କାରଣ ଦର୍ଶାଇ ୨୦୧୨ରୁ ବନ୍ଦ କରି ଦିଆଯାଇଛି। ଏହି ଚାଷ ବିଶେଷ କରି କୋରାପୁଟ, ରାୟଗଡା, ମାଲକାନଗିରି, ବଲାଙ୍ଗୀର, ନୂଆପଡା, ସୋନପୁର ଭଳି ଅପେକ୍ଷାକୃତ କମ୍ ବୃଷ୍ଟିପାତ ଜିଲାରେ ଆରମ୍ଭ ହୋଇଥିଲା।

ବାୟୋଡିଜେଲ ଉତ୍ପାଦନ ପାଇଁ ବାଇଗବା ଗଛ ଓ ଏହାର ଚାଷକୁ ପ୍ରାଧାନ୍ୟ ଦିଆଯାଉଛି। ଏହି ଗଛର ମରୁଡି ସହନ ଶକ୍ତି ଅଧିକ ରହିଥିବା ବେଳେ ଖାଲ, ଢିପ ଓ ଅନୁର୍ବର ଜମିରେ ଆରାମରେ ବଢ଼ିପାରେ। ଏହାକୁ ଗାଈ କିମ୍ବା ତୃଣଭୋଜୀ ପ୍ରାଣୀ ଖାଇ ନ ଥାଆନ୍ତି। ଏଥିରେ ସାର କିମ୍ବା କୀଟନାଶକ ଔଷଧର ଆବଶ୍ୟକତା ପଡି ନ ଥାଏ। ଏହି ଗଛ ୩୦ ବର୍ଷ ପର୍ଯ୍ୟନ୍ତ ବଞ୍ଚି ରହେ। ହେକ୍ଟର ପିଛା ୪୦ କୁଇଣ୍ଟାଲ ମଞ୍ଜି ମିଳିଥାଏ। ଏହି ମଞ୍ଜିରୁ ୨୦ରୁ ୫୦ ପ୍ରତିଶତ ବାୟୋଡିଜେଲ ବାହାରି ଥାଏ। ଏହାକୁ ବ୍ୟବହାର କରିବାକୁ ତତ୍କାଳୀନ ଯୋଜନା ଆୟୋଗ ଦେଶର ୧୨ ନିୟୁତ ହେକ୍ଟରରେ ଚାଷ କରିବାକୁ ଯୋଜନା କରିଥିଲେ। ଆନ୍ଧ୍ର, ତେଲେଙ୍ଗାନା, ଛତିଶଗଡ ଓ ଅନ୍ୟାନ୍ୟ ରାଜ୍ୟରେ ମଧ୍ୟ ଏହି ଚାଷ କରାଯାଉଛି। ଯାନବାହନରେ ବାୟୋଡିଜେଲ ବ୍ୟବହାର ଦ୍ୱାରା ପରିବେଶ ପ୍ରଦୂଷିତ ହୋଇ ନ ଥାଏ। ବାୟୁମଣ୍ଡଳରୁ ହାଇଡ୍ରୋକାର୍ବନ ୧୪ ପ୍ରତିଶତ, କାର୍ବନମନୋକ୍‌ସାଇଡ ୯ ପ୍ରତିଶତ, ସଲଫେଟ୍ ୨୦ ପ୍ରତିଶତ ହ୍ରାସ କରିବାରେ ବାୟୋଡିଜେଲ ବିଶେଷ ସହାୟକ ହୋଇଥାଏ। ଓଡିଶାରେ ଏହି ଚାଷ ୨୦୧୦ରେ ଆରମ୍ଭ କରାଯାଇଥିଲା। ଦେଶରେ ପ୍ରଥମ କରି ଓଡିଶାରେ ବାୟୋଡିଜେଲ ପାଇଁ ଭିତ୍ତିଭୂମି ପ୍ରସ୍ତୁତ ହୋଇଥିଲା। ଉତ୍ପାଦନ ମଧ୍ୟ ଆରମ୍ଭ ହୋଇଥିଲା। ଓଡିଶା ବନ ଉନ୍ନୟନ ନିଗମ(ଓଏଫ୍‌ଡିସି) ଜରିଆରେ ଭୁବନେଶ୍ୱର ସତ୍ୟନଗରଠାରେ ୨୦୧୦ ଅକ୍ଟୋବର ୧୦ ତାରିଖରେ ବାୟୋଡିଜେଲ ପ୍ଲାଣ୍ଟ ପ୍ରତିଷ୍ଠା କରାଯାଇଥିଲା। ଆଇଆଇଟି ନୂଆଦିଲ୍ଲୀ ଏବଂ ଓଡିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି) ଏଥିପାଇଁ ବୈଷୟିକ ସହାୟତା ଯୋଗାଇ ଦେଇଥିଲେ। ଏଥିରୁ ବାୟୋଡିଜେଲ ଉତ୍ପାଦନ ମଧ୍ୟ ହେଉଥିଲା। ସରକାରୀ ଅବହେଳା ଓ କର୍ମଚାରୀଙ୍କ ଉଦାସୀନତା ଯୋଗୁ ଏହି ପ୍ଲାଣ୍ଟକୁ ବନ୍ଦ କରି ଦିଆଗଲା। ମୁମ୍ବାଇର ଏକ ସଂସ୍ଥା ଓଡ଼ିଶାରେ ଏକ ବାୟୋଡିଜେଲ ରିଫାଇନେରି ସ୍ଥାପନ କରିବାକୁ ଯୋଜନା କରିଥିଲା। ୩୫୦ କୋଟି ଟଙ୍କା ବ୍ୟୟରେ ୩୦୦ ହେକ୍ଟର ଜମିରେ ଏକ ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ରାଜ୍ୟ ସରକାରଙ୍କ ପ୍ରସ୍ତାବ ଦେଇଥିଲା। ପ୍ରୋତ୍ସାହନ ନ ମିଳିବାରୁ ସେହି ସଂସ୍ଥା ପ୍ଲାଣ୍ଟ ନିର୍ମାଣ କରିପାରିଲା ନାହିଁ। ଅକ୍ଷୟ ଶକ୍ତି ବିକାଶ ସଂସ୍ଥା(ଓରେଡା) ଜାଟ୍ରୋଫା ଚାଷ ଓ ବାୟୋଡିଜେଲକୁ ପ୍ରୋତ୍ସାହନ ଦେବାପାଇଁ ନୋଡାଲ ଏଜେନ୍ସିଭାବେ କାର୍ଯ୍ୟ କରୁଥିଲା। ଅଧିକାରୀମାନଙ୍କ ଅନାଗ୍ରହ ଯୋଗୁ ଜାଟ୍ରୋଫା ଚାଷ ବନ୍ଦହେବା ସହ ବାୟୋଡିଜେଲ ଉତ୍ପାଦନ ଗତ ୬ବର୍ଷ ହେବ ବନ୍ଦ ହୋଇଯାଇଛି। ଏ ସମ୍ପର୍କରେ ଓରେଡାର ଜଣେ ବରିଷ୍ଠ ଅଧିକାରୀଙ୍କୁ ପଚାରିବାରୁ ସେ କହିଲେ ଯେ ଜାଟ୍ରୋଫା ଚାଷ ସରକାର ବନ୍ଦ କରିଛନ୍ତି। ଆମେ ସେ ବିଷୟରେ କିଛି କହିପାରିବୁ ନାହିଁ।

ଓଏଫ୍‌ଡିସିର ପୂର୍ବତନ ନିର୍ଦ୍ଦେଶକ (ଅପରେଶନ) ଭାଗୀରଥି ବେହେରା କହିଛନ୍ତି ୨୦୧୦ରେ ଜାଟ୍ରୋଫା ଚାଷୀଙ୍କୁ ପ୍ରୋତ୍ସାହନ ଦେବାକୁ ଏହି ପ୍ଲାଣ୍ଟ ପ୍ରତିଷ୍ଠା କରାଯାଇଥିଲା। ଏଥିରୁ ବାୟୋଡିଜେଲ ଉତ୍ପାଦନ ଆରମ୍ଭ ହୋଇଥିଲା। ଏହା ଲାଭଜନକ ହୋଇଥିଲା। ଜାଟ୍ରୋଫା ଚାଷୀ ମଧ୍ୟ ଏହି ପ୍ଲାଣ୍ଟ ଦ୍ୱାରା ଉପକୃତ ହେଉଥିଲେ। ସମୟକ୍ରମେ ଅଧିକାରୀମାନଙ୍କ ଅବହେଳା ଯୋଗୁ ତାହା ବନ୍ଦ ହୋଇଗଲା ବୋଲି ସେ କହିଛନ୍ତି।

■ ଚାକିରି ସ୍ଥାୟୀ ଦାବି ପ୍ରସଙ୍ଗ

୨ରୁ ଧାରଣାରେ ବସିବ ଓଡ଼ିଶା ରାଜ୍ୟ ରକ୍ତ ଭଣ୍ଡାର କର୍ମଚାରୀ ସଂଘ

ଭୁବନେଶ୍ୱର, ୨୩।୯(ବ୍ୟୁରୋ)

ଚାକିରି ସ୍ଥାୟୀ କରିବା ଦାବିରେ ଓଡ଼ିଶା ରାଜ୍ୟ ରକ୍ତ ଭଣ୍ଡାର କର୍ମଚାରୀ ସଂଘ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଲୋୟର ପିଏମ୍‌ଜିରେ ଅନଶନରେ ବସିବ ବୋଲି ସଂଘର ସଭାପତି ଅନିଲ ମହାନ୍ତି କହିଛନ୍ତି। ମଙ୍ଗଳବାରଠାରୁ ସଂଘର ସଦସ୍ୟ ଅର୍ଥାତ୍ ୫୫ ସରକାରୀ ରକ୍ତଭଣ୍ଡାରରେ କାର୍ଯ୍ୟରତ ୧୮୦ ଅସ୍ଥାୟୀ କର୍ମଚାରୀ କାର୍ଯ୍ୟସ୍ଥଳରେ କଳାବ୍ୟାଜ ପିନ୍ଧି ପ୍ରତିବାଦ କରିବେ ବୋଲି ମହାନ୍ତି ସରକାରଙ୍କୁ ଚେତାବନୀ ଦେଇଛନ୍ତି।

ଦାବି ପୂରଣ ନେଇ ସଂଘ ପକ୍ଷରୁ ରବିବାର ନେହରୁ ଯୁବ ପ୍ରତିଷ୍ଠାନରେ ସଭାପତି ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ମହାନ୍ତି କହିଛନ୍ତି, ରାଜ୍ୟରେ ୫୫ ରକ୍ତ ଭଣ୍ଡାର ସରକାରୀ ମାନ୍ୟତା ପାଇଥିଲେ ମଧ୍ୟ ଏଥିରେ କାର୍ଯ୍ୟରତ ୧୮୦ ଅସ୍ଥାୟୀ କର୍ମଚାରୀଙ୍କୁ ସରକାର ସ୍ଥାୟୀ କରୁନାହାନ୍ତି। ସରକାରଙ୍କୁ ସଂଘ ବାରମ୍ବାର ଦାବିପତ୍ର ଦେବା ସତ୍ତ୍ୱେ ସରକାର ଦାବି ପୂରଣ ପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଫଳରେ ସଂଘ ବାଧ୍ୟହୋଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାକୁ ଓହ୍ଲାଇଛି। ଆନ୍ଦୋଳନା ଚାଲିଥିବା ଦିନଗୁଡିକରେ ରାଜ୍ୟର ସବୁ ସରକାରୀ ଡାକ୍ତରଖାନାରେ ଥିବା ରକ୍ତଭଣ୍ଡାର କର୍ମଚାରୀମାନେ କାର୍ଯ୍ୟବନ୍ଦ କରି ଧାରଣାରେ ସାମିଲ ହେବେ। ସେହିଦିନଗୁଡିକରେ ରକ୍ତ ପାଇଁ ଯଦି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୁଏ ତେବେ ସେଥିଲାଗି କେବଳ ରାଜ୍ୟ ସରକାର ଦାୟୀ ରହିବେ ବୋଲି ମହାନ୍ତି ସରକାରଙ୍କୁ ଖୋଲାଖୋଲି ଭାବେ ଚେତାବନୀ ଦେଇଛନ୍ତି। ଏହି ସମ୍ମିଳନୀରେ ସଂଘର ସମ୍ପାଦକ ରମଣୀରଞ୍ଜନ ଗଡ଼ନାୟକ, ଉପସଭାପତି ବସନ୍ତ ବେହେରା, ଅକ୍ଷୟ ଜେନା ଏବଂ ରୁଦ୍ର ମୋହନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

ବିଜୁ ଶ୍ରମିକ ସାମ୍ମୁଖ୍ୟର ସଙ୍ଗଠନ ବିସ୍ତାର

■ ଗଠନ ହେଲା ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ସାମ୍ମୁଖ୍ୟ
■ ପ୍ରଥମ ସମ୍ମିଳନୀରେ ୨୦୦୦ ଯୋଗଦାନ

ଭୁବନେଶ୍ୱର,୨୩।୮(ବ୍ୟୁରୋ)

ବିଜୁ ଶ୍ରମିକ ସାମ୍ମୁଖ୍ୟ ଉଦ୍ୟମରେ ନୂଆକରି ଗଢ଼ିଉଠିଲା 'ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ସାମ୍ମୁଖ୍ୟ'। ରବିବାର ଏହାର ପ୍ରଥମ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩।୪ଟି ବ୍ଲକ, ୧।୦ଟି ପୌରପରିଷଦ, ବିଜ୍ଞାପିତ ଅଞ୍ଚଳ ଓ ୫ ମହାନଗର ନିଗମରୁ ୨୦୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗ ଦେଇଥିଲେ। ପୂର୍ବତନ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରମିଳା ମଲିକଙ୍କ ଅଧ୍ୟକ୍ଷତାରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

ଅଙ୍ଗନୱାଡ଼ି କର୍ମୀମାନଙ୍କ ପ୍ରତି କେନ୍ଦ୍ର ସରକାର ୪୩ବର୍ଷ ଧରି ଘୋର ଅବିଚାର କରିଚାଲିଛନ୍ତି। ଜାତିସଂଘ ଦ୍ୱାରା ଗୃହୀତ ପ୍ରସ୍ତାବକୁ ଉପେକ୍ଷା କରି କେନ୍ଦ୍ର ସରକାର ଏଯାବତ୍ ଅଙ୍ଗନୱାଡ଼ି କର୍ମୀଙ୍କୁ ଶ୍ରମିକର ମାନ୍ୟତା ପ୍ରଦାନ ନ କରିବା, ନିଜ ଦେୟ ୬୦ ଭାଗ ପ୍ରଦାନ ନକରିବା ଫଳରେ କର୍ମୀମାନେ ୯ହଜାର ଟଙ୍କା ବଦଳରେ ୬ ହଜାର ଟଙ୍କା ପାଉଥିବା ବୈଠକରେ ଏକାଧିକ ବକ୍ତା ମତ ରଖିଥିଲେ। ରାଜ୍ୟ ସରକାର ୭୦ ଭାଗ ଓ କେନ୍ଦ୍ର ସରକାର ୩୦ ଭାଗ ପ୍ରଦାନ କରି ଅଙ୍ଗନୱାଡ଼ି ଭଉଣୀମାନଙ୍କୁ ପ୍ରତାରିତ କରୁଛନ୍ତି। ପେନ୍‌ସନ୍ ବ୍ୟବସ୍ଥା ନ କରିବା, ସ୍ଥାୟୀ ନିଯୁକ୍ତି ପ୍ରତି କୌଣସି ଗୁରୁତ୍ୱ ନ ଦେବା, ଅବସରକାଳୀନ ବୟସ ସୀମା ବୃଦ୍ଧି କରିବା କ୍ଷେତ୍ରରେ କେନ୍ଦ୍ର ଆଇନଗତ ବ୍ୟବସ୍ଥା ନ କରି ରାଜ୍ୟର ୭୬ ହଜାର ଅଙ୍ଗନୱାଡ଼ି କର୍ମୀଙ୍କୁ ପ୍ରତାରିତ କରିଆସୁଥିବା ବିଜୁ ଶ୍ରମିକ ସାମ୍ମୁଖ୍ୟ ପକ୍ଷରୁ କୁହାଯାଇଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ଉପରେ ଚାପ ପକାଇବା ଦ୍ୱାରା ପେନ୍‌ସନ୍ ବ୍ୟବସ୍ଥା ଲାଗୁ କରିବା, ଅବସରକାଳୀନ ସମୟ ସୀମା ବୃଦ୍ଧି କରିବା, ସ୍ଥାୟୀ ଚାକିରି ପାଇଁ କେନ୍ଦ୍ରକୁ ଚିଠି ଲେଖିବା, ପଦୋନ୍ନତି କ୍ଷେତ୍ରରେ ଅଧିକ ସୁବିଧା ପ୍ରଦାନ କରିବା, ଗ୍ରୀଷ୍ମକାଳୀନ ଛୁଟି ବ୍ୟବସ୍ଥା ଲାଗୁ କରିବା ନେଇ ଦାବି କରିଥିବା ସଭାରେ କୁହାଯାଇଥିଲା। ଉକ୍ତ ସମ୍ମିଳନୀରେ ସର୍ବସମ୍ମତିକ୍ରମେ ନନ୍ଦିନୀ ପଣ୍ଡା ସଭାପତି, ମଞ୍ଜୁଲତା ଦାସ ସାଧାରଣ ସମ୍ପାଦିକା ଭାବେ ଓ ସୁଶ୍ରୀସଙ୍ଗୀତା ମହାପାତ୍ର କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ଉପଦେଷ୍ଟା ଭାବରେ ପ୍ରମିଳା ମଲିକ ଓ ସୁବାସ ସିଂହ ନିର୍ବାଚିତ ହୋଇଛନ୍ତି। କାଗଜପତ୍ର ପରିଚାଳନା କରିବା ପାଇଁ ସୁରେନ୍ଦ୍ର କୁମାର ସ୍ୱାଇଁ ପ୍ରମୁଖ ୫୦ ଜଣିଆ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି।

■ ସଚିବାଳୟରେ ସଂଖ୍ୟାଧିକ କର୍ମଚାରୀଙ୍କ ନିଯୁକ୍ତି ପ୍ରସଙ୍ଗ

ଅବୈଧ ଘୋଷଣା କଲେ ହାଇକୋର୍ଟ

■ ୩୦ ଅଧିକାରୀଙ୍କ ନିଯୁକ୍ତି ଅବୈଧ
■ ୩୦୦ ବଦଳରେ ୬୭୧ଙ୍କ ତାଲିକା

ଭୁବନେଶ୍ୱର,୨୩।୯(ବ୍ୟୁରୋ)

ରାଜ୍ୟ ସଚିବାଳୟରେ ଦୀର୍ଘଦିନ ଧରି କାର୍ଯ୍ୟ କରୁଥିବା ୩୦ କର୍ମଚାରୀଙ୍କ ନିଯୁକ୍ତି ନେଇ ପ୍ରଶ୍ନ ଉଠିଛି। ଗତ ଅଗଷ୍ଟ ୩୦ରେ ହାଇକୋର୍ଟ ଏକ ମାମଲାର ଶୁଣାଣି କରି ଦର୍ଶାଇଥିଲେ ଯେ, ଲୋକସେବା ଆୟୋଗ ନିୟମାବଳୀ ଅନୁଯାୟୀ ତାଲିକା ପ୍ରସ୍ତୁତ ହୋଇନାହିଁ। ସେହିପରି ନିଯୁକ୍ତି ସମୟରେ ଗୃହ ବିଭାଗ ନିଯୁକ୍ତି ସମ୍ବନ୍ଧୀୟ କେତେକ ଆଇନ ସହ ସଂରକ୍ଷଣ ଆଇନକୁ ଠିକ୍ ଭାବେ ଅନୁପାଳନ କରିନାହିଁ। ସାଧାରଣ ବର୍ଗର ୨୨, ପଛୁଆ ବର୍ଗର ୪ ଏବଂ ଏସ୍‌ସି ବର୍ଗର ୪ ଜଣଙ୍କ ନିଯୁକ୍ତିକୁ ହାଇକୋର୍ଟ ଅବୈଧ ବୋଲି ଘୋଷଣା କରିଛନ୍ତି। ହାଇକୋର୍ଟଙ୍କ ଏପରି ରାୟ ପରେ ଉକ୍ତ ଅଧିକାରୀଙ୍କ ଚାକିରିକୁ ନେଇ ଏକପ୍ରକାର ଅନିଶ୍ଚିତତା ଦେଖାଦେଇଛି।

ପ୍ରକାଶ ଯେ, ୧୯୯୬ରେ ୧୯୯୧-୯୨ ବର୍ଷର ତଫସିଲଭୁକ୍ତ ଜାତି(ଏସ୍‌ସି) ଓ ତଫସିଲଭୁକ୍ତ ଜନଜାତି(ଏସ୍‌ଟି) ପ୍ରାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ଥିବା ୧୦୦ଟି କନିଷ୍ଠ ସହାୟକ ପଦବୀ ନିମନ୍ତେ ପ୍ରାର୍ଥୀ ଚୟନ ଲାଗି ଓଡ଼ିଶା ସରକାରଙ୍କ ଗୃହ ବିଭାଗ ରାଜ୍ୟ ଲୋକସେବା ଆୟୋଗକୁ ଚିଠି ଲେଖିଥିଲା। ଏଥିସହିତ ଉକ୍ତ ବର୍ଷରେ ଖାଲି ପଡିଥିବା ୨୦୦ କନିଷ୍ଠ ସହାୟକ ପଦବୀ ପୂରଣ ପାଇଁ ପଦକ୍ଷେପମାନ ଗ୍ରହଣ କରିଥିଲା। ଲୋକସେବା ଆୟୋଗ ଏଥିପାଇଁ ଭିନ୍ନ ଭିନ୍ନ ପରୀକ୍ଷା ନ କରି ଗୃହ ବିଭାଗର

ଭଗବାନଙ୍କ ନାମ ଜପିଲେ, ମଣିଷର ଦେହ, ମନ ସବୁ ଶୁଦ୍ଧ ହୋଇଯାଏ।
- ରାମକୃଷ୍ଣ ପରମହଂସ

ଆଜି କ'ଣ କେଉଁଠି

ଭୁବନେଶ୍ୱର

- ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜଙ୍କ ୧୦୨ତମ ଜୟନ୍ତୀ ମହୋତ୍ସବ, ଶିବାନନ୍ଦ ସାଂସ୍କୃତିକ କେନ୍ଦ୍ର, ଅଶୋକନଗର, ସକାଳ ୬ଟାରୁ ଆରମ୍ଭ।
- ୨୦ତମ ବାର୍ଷିକ ଭାଗବତ ପାଠ ପ୍ରତିଯୋଗିତା, ଶ୍ରୀପାଦୁକା ମନ୍ଦିର ପରିସର, ଶ୍ରୀରାମ ନଗର, ଚକେଇସିହାଣୀ, ସକାଳ ୮ଟା।
- ଗାୟତ୍ରୀ ଫିଲ୍ମ ଆଣ୍ଡ୍ ଗ୍ରୋସିୟୋର ସିଷ୍ଟମ୍ସ ପକ୍ଷରୁ ଓଡ଼ିଶା ଚଳଚ୍ଚିତ୍ର 'ମିଷ୍ଟେକ'ର ସ୍କ୍ରିୟ ପୂଜା, ୟୁନିଟ୍-୯ସ୍ଥିତ ଗାୟତ୍ରୀ ମନ୍ଦିର ପରିସର, ପୂର୍ବାହ୍ନ ୧୦ଟା।
- ମାନବିକ ଅଧିକାର ସଙ୍ଗଠନ ସମୂହ ପକ୍ଷରୁ ରାଜ୍ୟ ମାନବିକ ଆୟୋଗର ଅଧ୍ୟକ୍ଷ ଓ ସଦସ୍ୟ ତୁରନ୍ତ ସ୍ୱଚ୍ଛତାର ସହ ନିଯୁକ୍ତି ଦାବି ନେଇ ଗଣଧାରଣା, ରାଜ ଭବନ ସମ୍ମୁଖ (ପାଞ୍ଚାର ହାଉସ୍ ଛକ ନିକଟ ସେସୁ କାର୍ଯ୍ୟାଳୟ ସମ୍ମୁଖ), ପୂର୍ବାହ୍ନ ୧୦ଟା।
- ନେଶନ ବିଲ୍ଡର ଆୱାର୍ଡସ ଉତ୍ସବ, ସୂଚନା ଭବନ, ପୂର୍ବାହ୍ନ ୧୦ଟା ୩୦।
- ୧୦ମ କଟନଫାବ୍-୨୦୧୮, ଗେଟ୍ ନଂ. ୩, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୯ଟା।
- ନ୍ୟାଶନାଲ୍ ସିଲ୍କ ଏକ୍ସପୋ, ହୋଟେଲ ନ୍ୟୁ ମାରିୟନ, ପୂର୍ବାହ୍ନ ୧୧ଟାରୁ ରାତି ୯ଟା।
- ସିଲ୍କ ଫ୍ୟାବ୍ ପ୍ରଦର୍ଶନୀ, ହୋଟେଲ କଳିଙ୍ଗ ଅଶୋକ, ଗୌତମ ନଗର, ପୂର୍ବାହ୍ନ ୧୧ଟାରୁ ରାତି ୮ଟା।
- ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନ ଆନୁକୂଲ୍ୟରେ 'ବରିଷ୍ଠ ନାଗରିକ-ବିକଶିତ ବ୍ୟକ୍ତିତ୍ୱ' ଶୀର୍ଷକ ଆଲୋଚନାଚକ୍ର, ଭାରତୀୟ ବିଦ୍ୟାଭବନ ସଭାଗୃହ, ଖାରବେଳନଗର, ଅପରାହ୍ନ ୫ଟା।
- ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଉପରେ ରଚିତ ମହାକାବ୍ୟ ଆଧାରିତ ନାଟକ 'ତପସ୍ୱିନୀ' ପରିବେଷଣ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଜିଜ୍ଞାସା ଅନ୍‌ବିଟେବ୍‌ଲ ଫ୍ୟୁଜନ ପକ୍ଷରୁ ଓଲିଉଡ୍ ଓ ବଲିଉଡ୍ ଗୀତକୁ ନେଇ ସଙ୍ଗୀତ କାର୍ଯ୍ୟକ୍ରମ 'ଝୁମି ଝୁମି ଆସେ ଆଖି', ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।

ପୁରୀ

- ଜିଏମ୍ ଆଇନ ମହାବିଦ୍ୟାଳୟ ପକ୍ଷରୁ ଆନ୍ତଃମହାବିଦ୍ୟାଳୟ ବକ୍ସିଂ ପ୍ରତିଯୋଗିତା, ବିଜୁ ପଟ୍ଟନାୟକ ଇନ୍‌ଡୋର ହଲ, ସନ୍ଧ୍ୟା ୬ଟା ୩୦।

■ ଦିଲ୍ଲୀ ଫେରିଗଲେ ଆମିକସ୍ କ୍ୟୁରି

ସେବକଙ୍କୁ ଦେଇଛନ୍ତି ୨୧ ଦିନର କଣ୍ଠ

ପୁରୀ ଅଫିସ, ୨୩।୯

ଆମିକସ୍ କ୍ୟୁରି ଗୋପାଳ ସୁବ୍ରମଣ୍ୟମ୍ ପୁରୀ କାର୍ଯ୍ୟକ୍ରମ ସାରି ରବିବାର ସକାଳେ ଦିଲ୍ଲୀ ଫେରିଛନ୍ତି। ହେଲେ ଶ୍ରୀମନ୍ଦିର ସେବକଙ୍କୁ ଦେଇ ଯାଇଛନ୍ତି ୨୧ ଦିନର କଣ୍ଠ। ଏହି ସମୟ ମଧ୍ୟରେ ସୁଧୁରିଯିବାକୁ ରହିଛି ପରାମର୍ଶ। ପୁଣି ଆଚାର ବ୍ୟବହାରରେ ପରିବର୍ତ୍ତନ ସାଙ୍ଗକୁ ସମୟାନୁବର୍ତ୍ତୀ ହେବାକୁ ରହିଛି ତାଗିଦ୍। ମହାପ୍ରଭୁଙ୍କ ନୀତିକାନ୍ତିକୁ ଅଗ୍ରାଧିକାର ଦେବା ସହିତ ଭକ୍ତଙ୍କୁ ଆତିଥ୍ୟତା ଦେବାରେ କୌଣସି ପ୍ରକାର କାର୍ପଣ୍ୟତା ନ ଦେଖାଇବାକୁ କହିଯାଇଛନ୍ତି। ତେବେ ବର୍ଷ ବର୍ଷ ଧରି ଆଚାର ବ୍ୟବହାରରେ ପରିବର୍ତ୍ତନ ଆଣିପାରୁ ନ ଥିବା କେତେଜଣ ସେବାୟତ କିଭଳି ଏହି କଣ୍ଠକୁ ପୂରଣ କରିବେ ତାହା ସେମାନଙ୍କ ପାଇଁ ପ୍ରଶ୍ନବାଚୀ ଛିଡା କରିଛି। ଏଥିରେ ସେବକଙ୍କ ବଂଶାନୁକ୍ରମିକ ଅଧିକାର ଏବଂ ପେଟପାଟଣା କଥା ରହୁଥିବାରୁ ସମସ୍ତେ ଏବେ ଚିନ୍ତାରେ। ଆଇନ ଜାଲରେ ଛନ୍ଦି ହୋଇପଡ଼ିଥିବା ସେବାୟତ ଏବେ ନିଜେ ନିଜର ଭାଗ୍ୟବିଧାତା ବୋଲି କୁହାଯାଉଛି।

ଅପରପକ୍ଷେ ଆମିକସ୍ କ୍ୟୁରି ସେବାୟତଙ୍କ କୋର୍ଟକୁ ବଲ୍ ଫିଙ୍ଗି ପରମ୍ପରାର ସେ ଜଣେ ରକ୍ଷାକବଚ ବୋଲି ପରୋକ୍ଷରେ ପ୍ରମାଣ ଦେଇଛନ୍ତି। ଏହି ସମୟସୀମା ମଧ୍ୟରେ ସେବାୟତମାନେ ଗୋଲ କରିପାରୁଛନ୍ତି କି ନାହିଁ ତାହା ଉପରେ ଏବେ ସମସ୍ତଙ୍କ ନଜର।

ଶ୍ରୀମନ୍ଦିର ସଂସ୍କାର ମାମଲାରେ ନିଯୁକ୍ତ ଆମିକସ୍ କ୍ୟୁରି ସୁବ୍ରମଣ୍ୟମ୍ ଶୁକ୍ରବାର ଓ ଶନିବାର ସୁପ୍ରିମ୍‌କୋର୍ଟଙ୍କ ୧୨ ପ୍ରସ୍ତାବ ଉପରେ ବିଭିନ୍ନ ପକ୍ଷଙ୍କ ସହ ମାରାଥନ ଆଲୋଚନା କରିଥିଲେ। ଏଥିରେ ଶ୍ରୀମନ୍ଦିର ଇତିହାସ, ସେବାପୂଜା, ପରମ୍ପରା, ମନ୍ଦିରର ପରିଚାଳନା, ଭକ୍ତଙ୍କ ଦର୍ଶନ ଏବଂ ସେବକଙ୍କ ସମ୍ପର୍କରେ ବିସ୍ତୃତ ଭାବେ ତଥ୍ୟ ସଂଗ୍ରହ କରିଥିଲେ। ସବୁ ପକ୍ଷଙ୍କ ମତ ଲୋଡି ସାରିବା ପରେ ଶେଷକୁ ସେବାୟତଙ୍କ ସହ କରିଥିଲେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା। ଏଥିରେ ସେବକମାନେ ଆମିକସ୍ କ୍ୟୁରିଙ୍କୁ ନିଜ ପେଟପାଟଣା, ବଂଶାନୁକ୍ରମିକ ଅଧିକାର ଏବଂ ପରମ୍ପରା କଥା କହିଥିଲେ। ହେଲେ ବିଭିନ୍ନ ପକ୍ଷଙ୍କଠାରୁ ଶୁଣିଥିବା ଏବଂ କାଗଜପତ୍ରରୁ ସଂଗୃହୀତ ତଥ୍ୟକୁ ନେଇ ସେବକଙ୍କ ଉପରେ ଭାରି ପଡିଥିଲେ ଆମିକସ୍ କ୍ୟୁରି।

■ ଭକ୍ତଙ୍କୁ ଆତିଥ୍ୟତା ଦେବାରେ କାର୍ପଣ୍ୟତା ନ ଦେଖାଇବାକୁ କହିଯାଇଛନ୍ତି

ସେ କହିଥିଲେ, ମହାପ୍ରଭୁଙ୍କ ସେବକଙ୍କ ବିରୋଧରେ ଅଭିଯୋଗ ଆସିବା ଦୁର୍ଭାଗ୍ୟର କଥା। ଏଭଳି ମାମଲା ଲଢିବା ପାଇଁ ଆମକୁ ଖରାପ ଲାଗୁଛି। ସମୟ ଅଛି ସୁଧୁରି ଯାଅ। ସମୟାନୁବର୍ତ୍ତୀ ହୁଅ, ଶ୍ରୀମନ୍ଦିର ନୀତିକାନ୍ତିକୁ ସୁବ୍ୟବସ୍ଥିତ କର। ଆଚାର ବ୍ୟବହାରରେ ପରିବର୍ତ୍ତନ ଆଣ। ଏଥିପାଇଁ ୩ ସପ୍ତାହ ସମୟ ଦିଆଯାଉଛି। ଏହି ସମୟ ସୀମା ମଧ୍ୟରେ ପରିବର୍ତ୍ତନ ଅନୁଭବ ହେଲେ ବଂଶାନୁକ୍ରମିକ ସେବାକୁ ସୁରକ୍ଷା ଦେବା ଲାଗି ଉଦ୍ୟମ କରିବି। ସେହିପରି ସେ ସେବାୟତଙ୍କୁ ଜଗନ୍ନାଥ ସଂସ୍କୃତିର ପାଠ ବି ପଢାଇଥିଲେ। ବେଦ, ଉପନିଷଦ ପାଠ କରି ସଂସ୍କାରି ହେବାକୁ ପରାମର୍ଶ ଦେଇଥିଲେ। କୌଣସି ପରିସ୍ଥିତିରେ ଭକ୍ତଙ୍କୁ ଦୁର୍ବ୍ୟବହାର ଗ୍ରହଣୀୟ ନୁହେଁ। ପାନ, ଗୁଟ୍‌ଖା ଖାଇ କେହି ବି ମନ୍ଦିରକୁ ଆସିବେ ନାହିଁ। ମନ୍ଦିରକୁ ପ୍ରବେଶ ପୂର୍ବରୁ ଶୁଦ୍ଧପୂତ ଭାବେ ମୁହଁ ଧୋଇ ଆସିବାକୁ ପରାମର୍ଶ ଦେଇଥିଲେ। ଏମିତି କି ମନ୍ଦିର ପରିସରରେ ଦାନ, ଦକ୍ଷିଣା ଆଦାୟ ନ କରିବାକୁ କହିଥିଲେ।

ଆମିକସ୍ କ୍ୟୁରିଙ୍କ ଏଭଳି ଆଭିମୁଖ୍ୟକୁ ଲକ୍ଷ୍ୟ କଲେ ସେ ସେବାୟତଙ୍କ ଭବିଷ୍ୟତ ସେମାନଙ୍କ ଉପରେ ଛାଡି ଦେଇଥିବା ମନେ ହେଉଛି। ୨୧ ଦିନ ସେବକଙ୍କ ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ସମୟ। ଅତୀତରେ ସେମାନେ କ'ଣ କରିଥିଲେ ସବୁ କିଛି ଭୁଲିଯିବାକୁ ହେବ। ଏହି ସମୟ ମଧ୍ୟରେ ସୁଧୁରି ଯାଇ ଭବିଷ୍ୟତ ପାଇଁ ଲମ୍ବା ରାସ୍ତା ତିଆରି କରିବାକୁ ପଡିବ। ସମୟାନୁବର୍ତ୍ତୀ ହୋଇ ଆଚାର ବ୍ୟବହାରରେ ପରିବର୍ତ୍ତନ ଆଣିପାରିଲେ ଫଳାଫଳ ବି ସକାରାତ୍ମକ ରହିପାରେ। ସୁପ୍ରିମ୍‌କୋର୍ଟଙ୍କୁ ରିପୋର୍ଟ ଦେବା ବେଳେ ଆମିକସ୍ କ୍ୟୁରିଙ୍କ କଲମ ମଧ୍ୟ ସେବାୟତଙ୍କ ଆଡକୁ ଢଳିପାରେ ବୋଲି ଚର୍ଚ୍ଚା ହେଉଛି।

ପ୍ଲାଷ୍ଟିକ ପ୍ରଦୂଷଣର ଭୟାବହତା ସମ୍ପର୍କରେ ସୂଚନା ଦେବା ସହ ଏହାକୁ ବର୍ଜନ କରିବାକୁ ବାର୍ତ୍ତା ନେଇ ପୁରୀ ବେଳାଭୂମିରେ ରବିବାର ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ତିଆରି କରିଥିବା ବାଲୁକା କଳା।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଚୋର ମନ ଗଣ୍ଠିରେ
ବାବାଜି ମନ କଣ୍ଠିରେ ।
ବେପାରୀ ମନ ପାଣ୍ଠିରେ ।

ଯିଏ ଚୋରି ଭଳି କିଛି ପାପ ବା ଭୁଲ୍ କାମ କରିଥାଏ ତା' ମନ ସଦାସର୍ବଦା ସେହି ଭୁଲ୍‌ରେ ହିଁ ଘାଣ୍ଟି ଚକଟି ହେଉଥାଏ। କାଳେ ତା'ର ଏପରି କୁକର୍ମ ଅନ୍ୟ ଆଖିରେ ଧରାପଡ଼ି ନ ଯିବ ସେ ନେଇ ମନରେ ବ୍ୟଗ୍ରତା ସୃଷ୍ଟି ହୋଇଥାଏ। ସେହିପରି ବାବାଜି ଭଳି ସାଧୁ ସଜ୍ଜନଙ୍କ ମନ ଈଶ୍ୱର ସାଧନା ସହ ମାଳା ଜପିବାରେ ଲାଗି ରହିବା ଭଳି ବେପାରୀ ମନ ଅର୍ଥ ପାଖରେ ବନ୍ଧା ପଡୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଚାଉଳ ସେରକୁ ତିନି ପରାଣୀ
ଆହୁରି ଯାଉଛି ବୋହୂକୁ ଆଣି ।

ଖାଦ୍ୟର ପରିମାଣ ବହୁତ କମ୍ ଅଥଚ ଖାଇବାକୁ ଲୋକ ବହୁତ। ଏପରିସ୍ଥଳେ ଖାଦ୍ୟ ନିଅଣ୍ଟିଆ ପଡ଼ିବା ସୁନିଶ୍ଚିତ। ଯେତେବେଳେ ଖାଦ୍ୟାଭାବ ପରିସ୍ଥିତି ଲାଗି ରହିଥାଏ ସେତେବେଳେ ଅନ୍ୟକୁ ଆଣି ପାଖରେ ରଖିବା ନେଇ ଯୋଜନା ବା ମନସ୍ଥ କରିବା ମୂର୍ଖାମିର ପରିଚୟ ହୋଇଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

■ ଏଆଇଏସ୍‌ଏଫ୍‌ର ରାଜ୍ୟସ୍ତରୀୟ ସମ୍ମିଳନୀ

୨୮ରେ ଆଇନ ଅମାନ୍ୟ ଆନ୍ଦୋଳନ

ଭୁବନେଶ୍ୱର, ୨୩।୯(ବ୍ୟୁରୋ)

ଅଖିଳ ଭାରତ ଛାତ୍ର ମହାସଂଘ (ଏଆଇଏସ୍‌ଏଫ୍)ର ରାଜ୍ୟସ୍ତରୀୟ ସମ୍ମିଳନୀ ରବିବାର ୟୁନିଟ୍-୬ରେ ଅନୁଷ୍ଠିତ ହୋଇଯାଇଛି। ଏଆଇଏସ୍‌ଏଫ୍‌ର ସର୍ବଭାରତୀୟ ସାଧାରଣ ସମ୍ପାଦକ ବିଶ୍ୱଜିତ କୁମାର ଏହାକୁ ଉଦ୍‌ଘାଟନ କରି କେନ୍ଦ୍ରରେ ମୋଦି ସରକାର କ୍ଷମତାକୁ ଆସିବା ପରେ ଭାରତରେ ସ୍ୱାଧୀନତା, ଗଣତନ୍ତ୍ର, ସମ୍ବିଧାନ, ଶିକ୍ଷା ଓ ଅର୍ଥନୀତି ମହାସଙ୍କଟ ମଧ୍ୟରେ ପଡ଼ିଛି ବୋଲି ମତବ୍ୟକ୍ତ କରିଛନ୍ତି। ବିଶ୍ୱଜିତ କହିଛନ୍ତି ଯେ, ଶିକ୍ଷାର ସାମ୍ପ୍ରଦାୟିକୀକରଣ, ଅଣବୈଜ୍ଞାନିକ ତଥା ଅନ୍ଧବିଶ୍ୱାସ ସହ ଇତିହାସକୁ ଭୁଲ ତଥ୍ୟ ଭିତ୍ତିରେ କଳୁଷିତ କରିବା କାର୍ଯ୍ୟ ଚାଲିଛି। ଉଚ୍ଚଶିକ୍ଷାକୁ ସଙ୍କୁଚିତ କରି ଦେଶୀ ବିଦେଶୀ କମ୍ପାନୀମାନଙ୍କ ପାଦତଳେ ସମର୍ପଣ ପାଇଁ ୟୁଜିସି ବନ୍ଦ କରିବା, ସମସ୍ତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ କେନ୍ଦ୍ରୀୟ ଅନୁଷ୍ଠାନଗୁଡ଼ିକୁ ଆରଏସ୍‌ଏସ୍ କବଜାକୁ ନେବା ଘଟଣା ଘଟିଚାଲିଥିବାବେଳେ ଏହା ବିରୋଧରେ ଦେଶବ୍ୟାପୀ ଏଆଇଏସ୍‌ଏଫ୍ ପକ୍ଷରୁ କ୍ରମାଗତ ଭାବେ ସଂଘର୍ଷ ଜାରି ରହିଛି ବୋଲି ସେ କହିଥିଲେ। ରାଜ୍ୟ ଆବାହକ ଜଗନ୍ନାଥ ପାତ୍ର ଆସନ୍ତା ୨୮ତାରିଖ ଶହୀଦ ଭଗତ ସିଂହଙ୍କ ଜୟନ୍ତୀରେ ଶିକ୍ଷା ଓ ନିଯୁକ୍ତି ଦାବିରେ ରାଜ୍ୟବ୍ୟାପୀ ଆଇନ ଅମାନ୍ୟ ଆନ୍ଦୋଳନ କରାଯିବ ବୋଲି କହିଥିଲେ। ଏଥି ସହିତ ଓଡ଼ିଶାରେ ଆସନ୍ତା ଅକ୍ଟୋବରରେ ଅନୁଷ୍ଠିତ ହେବାକୁ ଥିବା ଛାତ୍ର ସଂସଦ ନିର୍ବାଚନରେ ଛାତ୍ରସଂସଦକୁ ସାମ୍ପ୍ରଦାୟିକ ହିଂସା, ଦ୍ୱେଷ ଓ କଳାଧନର ପ୍ରଭାବମୁକ୍ତ ରଖିବା ପାଇଁ ଏଆଇଏସ୍‌ଏଫ୍ ପ୍ରାର୍ଥୀମାନେ ଅନ୍ୟାନ୍ୟ ଧର୍ମନିରପେକ୍ଷ ବାମପନ୍ଥୀ ଶକ୍ତିଙ୍କୁ ନେଇ ନିର୍ବାଚନ ଲଢ଼ିବାର ପ୍ରସ୍ତାବ ଆଗତ କରିଥିଲେ। ବିଶ୍ୱ ଶିକ୍ଷକ ସଂଘ ନେତା ଡ. ଅମିୟ ମହାନ୍ତି ଉଦ୍‌ବୋଧନ ଦେଇ ପ୍ରଚଳିତ ଶିକ୍ଷାର ବ୍ୟବସାୟୀକରଣ ବନ୍ଦ କରି ସାର୍ବଜନୀନ ବିଜ୍ଞାନ ସମ୍ମତ ଶିକ୍ଷା ବ୍ୟବସ୍ଥା ପ୍ରଣୟନ ପାଇଁ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସର୍ବଭାରତୀୟ ସମ୍ମିଳନୀ ପାଇଁ ପ୍ରତିନିଧି ନିର୍ବାଚିତ ହୋଇଥିଲେ। ଆଗାମୀ ଦିନ ପାଇଁ ୨୩ଜଣିଆ ରାଜ୍ୟ ପରିଷଦ ଓ ୭ ଜଣିଆ କର୍ମକର୍ତ୍ତା ମଣ୍ଡଳୀରେ ରାଜ୍ୟ ସଭାପତି ଭାବେ ସଂଘମିତ୍ରା ଜେନା, ଉପସଭାପତି ସଇଫୁଲ୍ଲା ଖାଁ ଓ ସୁମନ୍ତ ନାହାକ, ରାଜ୍ୟ ସମ୍ପାଦକ ଭାବେ ଜଗନ୍ନାଥ ପାତ୍ର, ସହସମ୍ପାଦକ ଭାବେ ଝିଲ୍ଲି ବାଗ୍ ଓ ଅପର୍ଣ୍ଣା ରାଉତରାୟ ଏବଂ କୋଷାଧ୍ୟକ୍ଷ ଭାବେ ଅରୁଣ ସର୍ଦ୍ଦାର ନିର୍ବାଚିତ ହୋଇଛନ୍ତି।

ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ ହେବା ଜରୁରୀ

ଭୁବନେଶ୍ୱର, ୨୩।୯(ବ୍ୟୁରୋ): ଭିନ୍ନକ୍ଷମ ଓ ଅସହାୟମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଥଇଥାନ, ଅଧିକାର ନିମନ୍ତେ 'ଆଶ୍ରୟ' ପକ୍ଷରୁ ରବିବାର ରେଡ୍‌କ୍ରସ ଭବନଠାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଭିନ୍ନକ୍ଷମଙ୍କ ପ୍ରତି ହେଉଥିବା ହିଂସା ବିରୋଧୀ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା। ଆଶ୍ରୟର ନିର୍ଦ୍ଦେଶକ ଲୋକନାଥ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅବସରପ୍ରାପ୍ତ ବିଚାରପତି ଉମାଚରଣ ମିଶ୍ର, ପଦ୍ମଶ୍ରୀ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ, ଶିକ୍ଷାବିତ୍ ପ୍ରଫେସର ଡ. ପ୍ରଶାନ୍ତ କୁମାର ଦାଶ ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ଆଇନ ପ୍ରଣୟନ ହେବା ସହ ଏହାକୁ ପାଳନ କରିବା ଦିଗରେ ସଚେତନତା ଜରୁରୀ ବୋଲି କହିଥିଲେ। ଭିନ୍ନକ୍ଷମମାନେ କିପରି ଆଇନର ମିଥ୍ୟା ମାମଲାରୁ ମୁକ୍ତ ହେବେ ସେ ସମ୍ପର୍କରେ ଅତିଥିମାନେ କହିଥିଲେ। ଏହି ଅବସରରେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ବିଭିନ୍ନ ଉପକରଣ ବିତରଣ କରାଯିବା ସହ ଆଶ୍ରୟର ସ୍ୱତନ୍ତ୍ର ସଂଖ୍ୟା ୨୦୧୮ ଉନ୍ମୋଚିତ ହୋଇଥିଲା।

■ ଟିବି ଆକ୍ରାନ୍ତ ବ୍ୟକ୍ତିଙ୍କ ମୃତ୍ୟୁ

ନାବାଳିକାଙ୍କୁ ଚେଙ୍କ ଅଭିଯୋଗ

ଚୌଦ୍ୱାର, ୨୩।୯ (ଡି.ଏନ୍.ଏ.)

ଚୌଦ୍ୱାର ଥାନା ଅନ୍ତର୍ଗତ ଶଙ୍କରପୁର ଦେହୁରୀ ସାହିରେ ଟିବି ରୋଗରେ ଆକ୍ରାନ୍ତ ଜଣେ ବ୍ୟକ୍ତିଙ୍କ ରବିବାର ସକାଳେ ମୃତ୍ୟୁ ଘଟିଛି। ହେଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ନାବାଳିକା ଝିଅକୁ ନିର୍ଯାତନା ସହ ଚେଙ୍କ ଦିଆଯାଇଥିବା ଚୌଦ୍ୱାର ଅଞ୍ଚଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉଦ୍ଧାର ଫାଉଣ୍ଡେଶନ୍ ପକ୍ଷରୁ ରବିବାର ସନ୍ଧ୍ୟାରେ ଥାନାରେ ଅଭିଯୋଗ ହୋଇଛି। ଏହି ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଗତ ୫ ବର୍ଷ ହେବ ନାବାଳିକାଙ୍କ ମା' ଘରୁ କେଉଁଆଡେ ପଳାଇ ଯିବାରୁ ତାଙ୍କର ଯତ୍ନ ନେବା ପାଇଁ ବାପାଙ୍କ ପକ୍ଷେ କଷ୍ଟକର ହୋଇପଡିଥିଲା। ଫଳରେ ନାବାଳିକା ତାଙ୍କ ବଡମାଆ ଓ ବଡବାପାଙ୍କ ପାଖରେ ରହୁଥିଲେ। କିଛିଦିନ ହେବ ନାବାଳିକାଙ୍କ ବାପା ଟିବିରେ ଆକ୍ରାନ୍ତ ଥିବାବେଳେ ରବିବାର ମୃତ୍ୟୁ ଘଟିଥିଲା। ନାବାଳିକା ମଧ୍ୟ ଟିବି ରୋଗରେ ପୀଡିତ ଥିବା ଓ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଗ୍ରାମବାସୀ କହିଛନ୍ତି। ଏପରି ସ୍ଥଳେ ନାବାଳିକାଙ୍କ ବଡମାଆ, ବଡବାପା ଠିକ୍ ଭାବେ ଯତ୍ନ ନେଉଥିବାବେଳେ ତାଙ୍କ ବୋହୂ (ନାବାଳିକାଙ୍କ ବଡ ଭାଉଜ)ଘର କାମ କରାଉଥିଲେ। ଏପରି କି ନାବାଳିକା ଘର କାମ ନ କଲେ ବଡ ଭାଉଜ ତାଙ୍କୁ ମାଡ ମାରିବା ସହ ଚେଙ୍କ ଦେଉଥିବା ଉଦ୍ଧାର ଫାଉଣ୍ଡେଶନ୍ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ସହ ନାବାଳିକାଙ୍କୁ ଚିକିତ୍ସା ଲାଗି କଟକ ଶିଶୁଭବନକୁ ପଠାଇଛି। ଏଥିସହ ନାବାଳିକାଙ୍କ ଭାଉଜଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ତେବେ ନାବାଳିକାଙ୍କୁ ଚେଙ୍କ ଦିଆଯାଇ ନ ଥିବା ସ୍ଥାନୀୟ ସରପଞ୍ଚ ଓ ଗ୍ରାମବାସୀ ଗଣମାଧ୍ୟମ ପ୍ରତିନିଧିଙ୍କୁ ଜଣାଇବା ସହ ଘଟଣାର ଉପଯୁକ୍ତ ତଦନ୍ତ ପାଇଁ ଦାବି କରିଛନ୍ତି।

ବଡ଼ ଭାଉଜ ଥାନାରେ ଅଟକ

ପୂଜା ପୂର୍ବରୁ ପୋଲିସ ନିଷ୍କ୍ରିୟ

ଭୁବନେଶ୍ୱର, ୨୩।୯(ବ୍ୟୁରୋ)

ଦୁର୍ଗା ପୂଜା ପୂର୍ବରୁ କୁଖ୍ୟାତ ଅପରାଧୀଙ୍କୁ ୧୧୦ରେ ଗିରଫ କରିବା ପାଇଁ ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା କିଛିଦିନ ତଳେ ସମସ୍ତ ଏସ୍‌ପି ଏବଂ ଟ୍ୱିନ ସିଟିର ଡିସିପିମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଡିଜିଙ୍କ ଏହି ନିର୍ଦ୍ଦେଶ ଅନୁସାରେ ଟ୍ୱିନ୍ ସିଟିରେ କୌଣସି ବି ଜଣେ ପେସାଦାର ଅପରାଧୀଙ୍କୁ ୧୧୦ରେ ଗିରଫ କରାଯାଇନାହିଁ। ଫଳରେ ଅପରାଧୀମାନେ ଏବେ ଖୁଲମଖୁଲା ବୁଲି ଅପରାଧ ଘଟାଉଛନ୍ତି। ଦୁର୍ଗାପୂଜାକୁ ଆଉ ଅଳ୍ପ କିଛିଦିନ ବାକି ଥିଲେ ମଧ୍ୟ କମିଶନରେଟ ପୋଲିସର ଅପରାଧୀ ଦମନ ରଣନୀତି ସମ୍ପୂର୍ଣ୍ଣ ଫେଲ ମାରିଥିବା ଆଲୋଚନା ହେଉଛି।

ଦୁର୍ଗା ପୂଜାକୁ ଶାନ୍ତି ଶୃଙ୍ଖଳାରେ ପାଳନ ପାଇଁ ପ୍ରତିବର୍ଷ କୁଖ୍ୟାତ ଅପରାଧୀମାନଙ୍କୁ ୧୧୦ ଓ ଏନ୍‌ଏସ୍‌ଏରେ ବୁକ୍ କରାଯାଇ ଗିରଫ କରାଯିବା ସହ ଜେଲ ପଠାଇ ଦିଆଯାଏ। କିନ୍ତୁ ଚଳିତବର୍ଷ କମିଶନରେଟ ପୋଲିସ ପକ୍ଷରୁ ସେଭଳି କିଛି ପଦକ୍ଷେପ ନିଆଯାଇ ନାହିଁ, ଯେଉଁଥିପାଇଁ ପ୍ରତିଦିନ କଟକ ଏବଂ ଭୁବନେଶ୍ୱରରେ ଅପରାଧ ଘଟୁଛି। ରବିବାର ଅପରାହ୍ନରେ କଟକର ପିଠାପୁର କୋଠସାହି ଅଞ୍ଚଳରେ ଦିଲୀପ ସାହୁ ନାମକ ଜଣେ ଯୁବକଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଧାର ଟଙ୍କା ନେଣଦେଣକୁ କେନ୍ଦ୍ର କରି ଏହି ଗୁଳିମା

ଭଲ ବହି ପଢ଼ି ଭଲ କାମ କଲେ ଖରାପ ଲୋକଟି ମଧ୍ୟ ଧୀରେ ଧୀରେ ଭଲ ହୋଇଯାଏ।
- ଆରିଷ୍ଟଟଲ୍

ପୁରୀ ରାମକୃଷ୍ଣ ମଠରେ ଅନୁଷ୍ଠିତ ଯୁବ ସମ୍ମିଳନୀରେ ଭାଗନେଇଥିବା ଛାତ୍ରୀଛାତ୍ର ଓ ଅତିଥିମାନେ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟର 'ପ୍ଲାଷ୍ଟିକ ଫ୍ରି ଓଡ଼ିଶା' ଅଭିଯାନକୁ ସମର୍ଥନ ଜଣାଉଛନ୍ତି।

ଭୁବନେଶ୍ୱର ଦ ପ୍ରେସ୍ କ୍ଲବ ଅଫ୍ ଓଡ଼ିଶା ପରିସରରେ ରବିବାର ଆୟୋଜିତ ଗଞ୍ଜାମ ଜିଲା ସୋରଡ଼ାସ୍ଥିତ ଶଶିଭୂଷଣ ହାଇସ୍କୁଲ ଓ ସରକାରୀ ଗର୍ଲ୍ସ ହାଇସ୍କୁଲର ୧୯୯୩ ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ରମାନଙ୍କ ଏକ ବନ୍ଧୁମିଳନ ଅବସରରେ ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟର 'ପ୍ଲାଷ୍ଟିକ୍ ଫ୍ରି ଓଡ଼ିଶା' ଅଭିଯାନକୁ ସମର୍ଥନ କରାଯାଉଛି।

'ପ୍ଲାଷ୍ଟିକ ଫ୍ରି ଓଡ଼ିଶା' ଅଭିଯାନରେ ସାମିଲ ହୋଇଥିବା ପୁରୀ ଏସ୍‌ସିଏସ୍ କଲେଜର ଏନ୍‌ସିସି କ୍ୟାଡେଟ୍ ଓ ଅନ୍ୟମାନେ।

ପୁରୀସ୍ଥିତ ବ୍ରେକିଂ କ୍ଲବ୍‌ର ସଦସ୍ୟମାନେ 'ପ୍ଲାଷ୍ଟିକ ଫ୍ରି ଓଡ଼ିଶା' ଅଭିଯାନକୁ ସମର୍ଥନ ଜଣାଉଛନ୍ତି।

ପୁରୀ କଳିଙ୍ଗ ବୈଶ୍ୟ ସଂଘ ପକ୍ଷରୁ ରବିବାର ଆୟୋଜିତ କାର୍ଯ୍ୟକ୍ରମରେ ସଦସ୍ୟମାନେ ପଲିଥିନ ବର୍ଜନ ପାଇଁ ଶପଥ ନେଉଛନ୍ତି।

୧୯୯୩ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ

ପ୍ଲାଷ୍ଟିକ୍ ଫ୍ରି ଓଡ଼ିଶା ଅଭିଯାନକୁ ସମର୍ଥନ ଜଣାଇଲେ

ଭୁବନେଶ୍ୱର,୨୩।୯(ବ୍ୟୁରୋ)

ଗଞ୍ଜାମ ଜିଲା ସୋରଡ଼ାସ୍ଥିତ ଶଶିଭୂଷଣ ହାଇସ୍କୁଲ ଓ ସରକାରୀ ଗର୍ଲ୍ସ ହାଇସ୍କୁଲର ୧୯୯୩ ମାଟ୍ରିକ୍ ବ୍ୟାଚ୍‌ର ଛାତ୍ରୀଛାତ୍ରମାନଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଭୁବନେଶ୍ୱରର ଦ ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶା ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସୋରଡ଼ା, ବ୍ରହ୍ମପୁର, ଭୁବନେଶ୍ୱର, ଅନୁଗୋଳ, ହାଇଦ୍ରାବାଦ, କୋଲକାତାରେ ରହୁଥିବା ଉଭୟ ହାଇସ୍କୁଲର ଛାତ୍ରୀଛାତ୍ରମାନେ ପରିବାର ସହ କାର୍ଯ୍ୟକ୍ରମରେ ଯୋଗଦେଇ ପିଲାଦିନର ସ୍ମୃତି ସାଉଁଟିଥିଲେ। ବିଶେଷ କରି ସାଙ୍ଗମାନଙ୍କ ସହ ବିତାଇଥିବା ମୁହୂର୍ତ୍ତଗୁଡ଼ିକୁ ମନେପକାଇବା ସହ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମରେ ନିଜକୁ ହଜାଇଥିଲେ। ଏହି ଅବସରରେ ସେମାନେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ଚାଲିଥିବା 'ପ୍ଲାଷ୍ଟିକ୍ ଫ୍ରି ଓଡ଼ିଶା' ଅଭିଯାନକୁ ସମର୍ଥନ ଜଣାଇଥିଲେ।

ଅପେରା ମିସେସ୍ ଇଣ୍ଡିଆ ଗ୍ଲୋବାଲ ଟାଇଟଲ୍ ଜିତିଲେ ଓଡ଼ିଆ ଅଭିନେତ୍ରୀ

ଭୁବନେଶ୍ୱର, ୨୩।୯(ବ୍ୟୁରୋ)

୨୦୧୮ ମସିହା ପାଇଁ ଅପେରା ମିସେସ୍ ଇଣ୍ଡିଆ ଗ୍ଲୋବାଲ୍ ଚାମ୍ପିୟନ୍ସ ଟ୍ରଫି ଜିତି ରାଜ୍ୟବାସୀଙ୍କ ପାଇଁ ଗୌରବ ଆଣିଛନ୍ତି ଓଡ଼ିଆ ଅଭିନେତ୍ରୀ ପୁପୁଲ ଭୂୟାଁ। ଶନିବାର ଗୁରୁଗ୍ରାମରେ ଅନୁଷ୍ଠିତ ପ୍ରତିଯୋଗିତାର ଗ୍ରାଣ୍ଡ ଫିନାଲେରେ ସମସ୍ତଙ୍କୁ ପଛରେ ପକାଇ ସେ ଏହି ଟାଇଟଲ ହାସଲ କରିଛନ୍ତି। ର୍ୟାମ୍ପ୍‌ୱାକ୍, କୁଇଜ୍, ଡ୍ୟାନ୍ସ, ସାଧାରଣ ଜ୍ଞାନ ଏବଂ ବ୍ୟକ୍ତିତ୍ୱ ପରୀକ୍ଷଣ ଭଳି ବିଭାଗରେ କରିସ୍ମା ଦେଖାଇ ଏହି ଓଡ଼ିଆ ଅଭିନେତ୍ରୀ ୭୦୦ ପ୍ରତିଯୋଗୀଙ୍କ ମଧ୍ୟରୁ ଶ୍ରେଷ୍ଠ ବିବେଚିତ ହୋଇଛନ୍ତି। ଅପେରା ମିଡ଼ିଆ ପକ୍ଷରୁ ଆୟୋଜିତ ଏହି ବିଉଟି ପ୍ୟାଜେଣ୍ଟର ଗ୍ରାଣ୍ଡ ଫିନାଲେଲେ ହିନ୍ଦୀ ଫିଲ୍ମ ନିର୍ଦ୍ଦେଶକ ରାକେଶ ଉପାଧ୍ୟାୟ ଅତିଥିଭାବେ ଯୋଗଦେଇ ପୁପୁଲଙ୍କୁ ଚାମ୍ପିୟନ୍ସ ଟ୍ରଫି ଏବଂ ମାନପତ୍ର ପ୍ରଦାନ କରିଥିଲେ। ଅନୁଜ କୁଲ୍‌ଶ୍ରେଷ୍ଠ ଶୋ'ର ମେଣ୍ଟର ଥିବାବେଳେ ପ୍ରତିଯୋଗିତାର ବିଚାରକଙ୍କ ମଧ୍ୟରେ ବଲିଉଡ୍ ଅଭିନେତ୍ରୀ ନେହା ଧୁପିଆ, ରାକେଶ ଉପାଧ୍ୟାୟ, ଶ୍ୱେତ୍ଛ କୁଲ୍‌ଶ୍ରେଷ୍ଠ ଏବଂ ମଡେଲ୍ ଅଙ୍କିତା ସେଙ୍ଗୀ ପ୍ରମୁଖ ରହିଥିଲେ। ଅନ୍ୟପକ୍ଷରେ ମିସେସ୍ ଇଣ୍ଡିଆ ଗ୍ଲୋବାଲ୍ ଟାଇଟଲ୍ ଜିତିବା ପରେ ପୁପୁଲ ଭୂୟାଁ ଏକ ବଲିଉଡ୍ ଫିଲ୍ମର ଲିଡ୍ ରୋଲ୍‌ରେ ଅଭିନୟ କରିବାର ସୁଯୋଗ ପାଇବେ। ଏହାସହ ଏକ ମ୍ୟୁଜିକ୍ ଭିଡିଓ ଏବଂ ଅଷ୍ଟ୍ରେଲିଆ ଟୁର୍ ମଧ୍ୟ ସେ ହାତେଇଛନ୍ତି। ନିକଟରେ ରିଲିଜ ହୋଇଥିବା ମ୍ୟୁଜିକ୍ ଆଲବମ୍ 'ବୋଉ ମାରିବ' ଗୀତରେ ଅଭିନୟ କରିଥିବା ପୁପୁଲ ୨୦୧୩ରେ ରିଲିଜ ହୋଇଥିବା ବହୁଚର୍ଚ୍ଚିତ ହରର୍ ଫିଲ୍ମ 'କାଉଁରୀ କନ୍ୟା' କରି ଚର୍ଚ୍ଚାକୁ ଆସିଥିଲେ। ଏହାସହ ଜଣେ ଉପସ୍ଥାପିକା ଭାବେ ମଧ୍ୟ ତାଙ୍କର ଲୋକପ୍ରିୟତା ରହିଛି। ନିଜର ଏହି ସଫଳତା ପାଇଁ ସେ ପରିବାର ସଦସ୍ୟଙ୍କୁ ସମସ୍ତ ଶ୍ରେୟ ଦେଇଛନ୍ତି।

ସ୍ତ୍ରୀଙ୍କ ତଣ୍ଟି କାଟି ହତ୍ୟା କଲେ ସ୍ୱାମୀ

ଭୁବନେଶ୍ୱର, ୨୩।୯(ବ୍ୟୁରୋ)

ପାରିବାରିକ କଳହ

କ୍ୟାପିଟାଲ ଥାନା ଅନ୍ତର୍ଗତ ଅଶୋକନଗର କାଳିବାଡି ବସ୍ତିରେ ରବିବାର ସନ୍ଧ୍ୟାରେ ଏକ ହତ୍ୟାକାଣ୍ଡ ଘଟିଛି। ପାରିବାରିକ କଳହକୁ କେନ୍ଦ୍ର କରି ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କ ତଣ୍ଟିକୁ ଏକ ଧାରୁଆ ଅସ୍ତ୍ରରେ କାଟି ହତ୍ୟା କରିଛନ୍ତି। ମୃତ ମହିଳାଙ୍କ ପରିଚୟ ମିଳି ନାହିଁ। ରାତି ପ୍ରାୟ ୯ଟାରେ କ୍ୟାପିଟାଲ ଥାନା ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚିଥିଲା। ହେଲେ ମହିଳାଙ୍କ ମୃତଦେହ ପଡିଥିବା ବେଳେ ତାଙ୍କ ସ୍ୱାମୀ ଫେରାର ହୋଇଯାଇଥିଲେ। ରାତି ହୋଇଯାଇଥିବାରୁ ଉକ୍ତ ଘରକୁ ବନ୍ଦ କରି ପୋଲିସ ଜଗି ରହିଛି। ସୋମବାର ସକାଳେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇବ ବୋଲି ଥାନା ଅଧିକାରୀ ମାନସ ଗତନାୟକ କହିଛନ୍ତି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ସ୍ୱାମୀ ସ୍ତ୍ରୀ ୧୫ଦିନ ହେବ ଉକ୍ତ ବସ୍ତିରେ ଘର ଭଡା ନେଇ ରହୁଥିଲେ। ଉଭୟେ ଅଣଓଡ଼ିଆ ଥିଲେ। ସ୍ୱାମୀ ଶ୍ରମିକ ଭାବେ କାମ କରୁଥିଲେ। ୩ଦିନ ତଳେ ଉଭୟଙ୍କ ମଧ୍ୟରେ ଭୀଷଣ କଳିଝଗଡା ଲାଗିଥିଲା। ରବିବାର ଥିବାରୁ ସ୍ୱାମୀ କାମକୁ ଯାଇ ନ ଥିଲେ। ଦୁହେଁ ଘରେ ଥିବାବେଳେ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ଅପରାହ୍ନ ପ୍ରାୟ ୪ଟା ବେଳେ ଦୁହେଁ ଘରେ ଥିଲେ। ରାତି ପ୍ରାୟ ୮ଟାରେ ଘର କବାଟ ଆଗ ପଟୁ ବନ୍ଦ ଥିଲା। ବସ୍ତିର ଜଣେ ବ୍ୟକ୍ତି ଉକ୍ତ ମହିଳାଙ୍କୁ ଡାକିବାକୁ ତାଙ୍କ ଘରକୁ ଯିବା ପରେ ମହିଳାଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ଏହାଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଘରକୁ ଯାଞ୍ଚ କରିଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ସ୍ୱାମୀ ଏକ ଧାରୁଆ ଅସ୍ତ୍ରରେ ସ୍ତ୍ରୀଙ୍କ ତଣ୍ଟି କାଟି ହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି।

ରାସ୍ତାରେ ଜଳିଗଲା ଚଳନ୍ତା କାର

ବର୍ତ୍ତିଗଲେ ଭଉଣୀଭାଇ

ଖୋର୍ଦ୍ଧା ଅଫିସ/ଜଟଣୀ, ୨୩।୯(ଡି.ଏନ.ଏ.)



କୋଲକାତା-ଚେନ୍ନାଇ ୧୬ ନଂ. ଜାତୀୟ ରାଜପଥର ଗଙ୍ଗପଡା ନିକଟରେ ନଂ. ଓଡି ୩୩ ସି ୩୬୭୩ କାର ରବିବାର ରାତି ପ୍ରାୟ ସାଢ଼େ ୮ଟାରେ ଜଳିଯାଇଛି। କାର ଜଳିବାର କାରଣ ଜଣାପଡିନି। କାରରେ ଥିବା ଭୁବନେଶ୍ୱର ଚନ୍ଦ୍ରଶେଖରପୁର ବିଡିଏ କଲୋନୀର ଭଉଣୀ ମଞ୍ଜୁବାଣୀ ଓ ଭାଇ ଟି. କ୍ରୀଷ୍ଣା ବର୍ତ୍ତି ଯାଇଛନ୍ତି। ଖବରପାଇ ଜଟଣୀ ଦମକଳ କେନ୍ଦ୍ରର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଜଟଣୀ ଥାନା ଯାଁଳା ଫାଣ୍ଡି ପୋଲିସ ପହଞ୍ଚି କାରଟିକୁ ନିଜ ହେପାଜତକୁ ନେଇଛନ୍ତି। ଭଉଣୀଭାଇ ବ୍ରହ୍ମପୁରରୁ ଫେରୁଥିଲେ। ପୁଅ କାର ଚଳାଉଥିଲେ। ଗଙ୍ଗପଡାର ଏକ ପେଟ୍ରୋଲ ପମ୍ପରୁ ପେଟ୍ରୋଲ ପକାଇ ଜାତୀୟ ରାଜପଥରେ ଯାଉଥିବା ବେଳେ ଅଘଟଣ ଘଟିଥିଲା।

ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ metroselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

ସେଲ୍‌ଫି କର୍ନର

@ ଅବିନାଶ

@ ପ୍ରତିକ

@ ଲିଟୁ

@ ଜଗନ

@ ବୁଲୁ

@ ସୁଶାନ୍ତ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | metroselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

UTI Mutual Fund

Haq, ek behtar zindagi ka.

10 YEARS

ୟୁଟିଆଇ ସ୍ୱତନ୍ତ୍ର

ନିବେଶକ ଶିକ୍ଷଣ ହେତୁ ଏକ ପଦକ୍ଷେପ | ସମର୍ଥନ ଧରିତ୍ରୀ

ଆର୍ଥିକ ଯୋଜନା ସମ୍ପର୍କରେ ନିଜକୁ ଶିକ୍ଷିତ କରିବା



ଶିକ୍ଷା ୧ – ଆପଣ ଆର୍ଥିକ ଦୃଷ୍ଟିରୁ ଶୃଙ୍ଖଳିତ ହୁଅନ୍ତି
ବିବରଣୀ: ଆପଣ ନିଜର ଆର୍ଥିକ ଯୋଜନା ପ୍ରସ୍ତୁତ କରିବା ସମୟରେ ନିଜ ଖର୍ଚ୍ଚ ଉପରେ ନଜର ରଖିଥାନ୍ତି। ଅଧିକନ୍ତୁ, ଆପଣ ସଞ୍ଚୟକୁ ଅଧିକ ପ୍ରାଧାନ୍ୟ ଦେବାକୁ ଭାବନ୍ତି। ଆପଣ ନିଜର ଅର୍ଥକୁ ନେଇ ଏକ ଗୁରୁତ୍ୱ ନିର୍ଦ୍ଧାରିତ କରିଥାନ୍ତି। ଉଦାହରଣସ୍ୱରୂପ, ଆପଣ ଏକ ନିର୍ଦ୍ଦିଷ୍ଟ ତାରିଖରେ ବେୟରସିପ୍ କରିଥାନ୍ତି। ଯାହାଦ୍ୱାରା, ଆପଣ ବିକଳ୍ପ ଦେୟ ଓ କଳିମାନଙ୍କୁ ଏଡ଼ାଇବାରେ ସକ୍ଷମ ହୁଅନ୍ତି।
ଧ୍ୟାନରେ ରଖନ୍ତୁ: ଆପଣ ସିଷ୍ଟମାଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍ (ଏସ୍‌ଆଇପି)ର ବିକଳ୍ପ ବାଛିପାରନ୍ତି, ପୂର୍ବନିର୍ଦ୍ଧାରିତ ବେୟରସିପ୍ ତାରିଖ ଆପଣଙ୍କୁ ପୂର୍ବନିର୍ଦ୍ଧାରିତ ନିବେଶ ଅର୍ଥରାଶିକୁ ଅଲଗା କରି ରଖିବା ଲାଗି ପ୍ରୋତ୍ସାହିତ କରିଥାଏ।

ଶିକ୍ଷା ୨ – ଆପଣଙ୍କ ସ୍ୱାସ୍ଥ୍ୟ ଓ ଜୀବନ ସୁରକ୍ଷିତ ହୋଇଯାଏ
ବିବରଣୀ: ଆର୍ଥିକ ଯୋଜନାର ଅନ୍ୟତମ ପ୍ରାରମ୍ଭିକ ପଦକ୍ଷେପ ହେଉଛି ବୀମା କ୍ରୟ କରିବା। ଏକ ଭଲ ଆର୍ଥିକ ଯୋଜନାରେ ସର୍ବଦା ବୀମା ପ୍ରିମିୟମ ପାଇଁ ପର୍ଯ୍ୟାପ୍ତ ସ୍ଥାନ ରହିଥାଏ। ପର୍ଯ୍ୟାପ୍ତ ଅର୍ଥଭୁକ୍ତିରେ ସହିତ, ଆପଣ ଏହା ସୁନିଶ୍ଚିତ କରନ୍ତି ଯେ ବଞ୍ଚିବାର ସମୟ ପାଇଁ ଆପଣ ଓ ଆପଣଙ୍କ ପରିବାର ନିଜସ୍ୱରେ ଯଥେଷ୍ଟ ଆର୍ଥିକ ସହାୟତା ଉପଲବ୍ଧ ହେବେ।
ଧ୍ୟାନରେ ରଖନ୍ତୁ: ପ୍ରିମିୟମ୍ ପରିମାଣ, ଭୟପୂର୍ଣ୍ଣ ଅର୍ଥଭୁକ୍ତିରେ ଇତ୍ୟାଦି ନିର୍ଣ୍ଣୟ କରିବା ପାଇଁ ଆଜେଣ୍ଟ ପ୍ରମାଣିତ ସିଦ୍ଧାନ୍ତ ଏବଂ ବିଜିଟାଲ କାଲକୁଲେଟର୍ ଉପରି ଯାହାକୁ ଆପଣ ବ୍ୟବହାର କରିପାରିବେ।

ଶିକ୍ଷା ୩ – ଆପଣ ନିଜର ଦୀର୍ଘକାଳୀନ ଲକ୍ଷ୍ୟକୁ ହାସଲ କରନ୍ତି
ବିବରଣୀ: ଆପଣଙ୍କର ବିଭିନ୍ନ ଆର୍ଥିକ ଲକ୍ଷ୍ୟ ରହିଥାଏ, ଯେପରିକି ଘର କିଣିବା, କାର କିଣିବା ଇତ୍ୟାଦି। ଲକ୍ଷ୍ୟଗୁଡ଼ିକୁ ସ୍ପଷ୍ଟ ଭାବେ ପରିଭାଷିତ କରାଯାଇ ଆର୍ଥିକ ଯୋଜନା ଆରମ୍ଭ କରାଯାଇଥାଏ । ଏହାପରେ ଆପଣ ଏପରି ଲକ୍ଷ୍ୟଗୁଡ଼ିକୁ ହାସଲ କରିବା ପାଇଁ ପୃଥକ୍ ନିବେଶ କରିବା ନିମନ୍ତେ ଆରମ୍ଭ କରିଥାନ୍ତି। ଯାହାଦ୍ୱାରା, ଏକ ବଣ୍ଟନିତ ଉପାୟରେ ଆପଣ ନିଜର ସ୍ୱପ୍ନଗୁଡ଼ିକୁ ପୂରଣ କରିବାରେ ସକ୍ଷମ ହୁଅନ୍ତି ।
ଧ୍ୟାନରେ ରଖନ୍ତୁ: ଲକ୍ଷ୍ୟଗୁଡ଼ିକୁ ସ୍ପଷ୍ଟ ଭାବେ ସ୍ୱଳ୍ପକାଳୀନ, ମଧ୍ୟମକାଳୀନ ଏବଂ ଦୀର୍ଘକାଳୀନ ଲକ୍ଷ୍ୟ ଭାବେ ଚିହ୍ନଟ କରାଯାଇ ସେଗୁଡ଼ିକୁ ହାସଲ କରାଯିବା ସମ୍ଭବ ହୋଇପାରିଥାଏ।

ଶିକ୍ଷା ୪ – ମୁଦ୍ରାସ୍ଫୀତିର ମୁକାବିଲା ପାଇଁ ଆପଣ ପ୍ରସ୍ତୁତ ହୋଇଯାଆନ୍ତି
ବିବରଣୀ: ମୁଦ୍ରାସ୍ଫୀତି ଆପଣଙ୍କ ସଞ୍ଚୟକୁ ଖାଇଦେଇଥାଏ। ମୁଦ୍ରାସ୍ଫୀତି ସହ ମୁକାବିଲା କରିବାର ଏକମାତ୍ର ଉପାୟ ହେଉଛି ଏପରି ସାଧନରେ ନିବେଶ କରିବା ଯାହା ଆକର୍ଷଣୀୟ ରିଟର୍ନ ଦେଇଥାଏ। ଭାରତ ନିବେଶ ମାଧ୍ୟମରେ ଆର୍ଥିକ ଯୋଜନା, ଏହା ଖୁଚିଷ୍ଟିତ କରିଥାଏ ଯେ ମୁଦ୍ରାସ୍ଫୀତି ଯେପରି ନିଜର ଆର୍ଥିକ ଲକ୍ଷ୍ୟଗୁଡ଼ିକୁ ହାସଲ କରିବାର ଆପଣଙ୍କ ସାମର୍ଥ୍ୟକୁ ପ୍ରଭାବିତ ନ କରେ।
ଧ୍ୟାନରେ ରଖନ୍ତୁ: ଆପଣ ମ୍ୟୁଚୁଆଲ୍ ଫଣ୍ଡ ମାଧ୍ୟମରେ ଦୀର୍ଘମିଆଦୀ ନିବେଶର ଭଲ ଉପାଇପାରିବେ ଯାହା ଆପଣଙ୍କ ଟଙ୍କାକୁ ବୃଦ୍ଧି ହେବାର ଅନୁମତି ଦେବଆଏ, ଯେଉଁଥିରେ ଶକ୍ତିକୁ ଧନ୍ୟବାଦ।

> ଏଇ ସେପ୍ଟେମ୍ବରରେ, ଆପଣ ଯାହାସବୁ ଶିଖିଥିଲେ ତାହାକୁ ମନେପକାନ୍ତି। ଆପଣଙ୍କୁ ଯିଏ ଶିଖାଇଥିଲେ ଆପଣ ତାକୁ ମନେ ପକାନ୍ତି । ବୟସ ବଢ଼ିବା ସହିତ ଆପଣ ହୃଦୟଙ୍ଗମ କରନ୍ତି ଯେ ଶିକ୍ଷା କେବେ ସମାପ୍ତ ହୁଏନାହିଁ । ବ୍ୟକ୍ତିଗତ ଫାଇନାନ୍ସ ହେଉଛି ଏହିଭଳି ଏକ ବିଷୟ । ଆପଣ ସବୁବେଳେ କିଛି ନା କିଛି ନୂଆ ଶିଖିଥାନ୍ତି। ଟଙ୍କାପଇସାର ଜଗତରେ ଆପଣଙ୍କ ଏହି ଯାତ୍ରାରେ ଆପଣ ନିଜେ ନିଜର ମାର୍ଗଦର୍ଶକ ସାଜନ୍ତି।

ଶିକ୍ଷା ୫ – ବିକଳ୍ପ – ଆପଣ ବିକଳ୍ପ ସଞ୍ଚୟ କରିବା ଆରମ୍ଭ କରନ୍ତି
ବିବରଣୀ: ବିକଳ୍ପ ଯୋଜନା ହେଉଛି ଆର୍ଥିକ ଯୋଜନାର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଏକ ଭଲମନ୍ଦ ଯୋଜନାରେ ବିକଳ୍ପ-ସଞ୍ଚୟକାରୀ ସାଧନଗୁଡ଼ିକୁ ପାଇଁ ପର୍ଯ୍ୟାପ୍ତ ସ୍ଥାନ ରହିଥାଏ। ଅଧିକନ୍ତୁ, ସଫଳ ଯୋଜନା ଆପଣଙ୍କୁ ଋଣ-ମିଳିକ୍ ଋଣାଳୟ, ବିକ୍ରୟ କରିମାନ୍ତା ଇତ୍ୟାଦିକୁ ଏଡ଼ାଇବାରେ ସହାୟତା କରିଥାଏ।
ଧ୍ୟାନରେ ରଖନ୍ତୁ: ଆପଣ ଇକ୍ୱିଟି ଲିଙ୍କଡ୍ ସଞ୍ଚୟ ଯୋଜନା (ଇଏଲଏସଏସ୍)ରେ ନିବେଶ କରି ନିଜର ବିକଳ୍ପଯୋଗ୍ୟ ଆୟରୁ ୧୧.୫ ଲକ୍ଷ ପର୍ଯ୍ୟନ୍ତ ହ୍ରାସ କରିପାରିବେ।

ଶିକ୍ଷା ୬ – ଆପଣଙ୍କ ପରିସମ୍ପତ୍ତି ଆବଣ୍ଟନ ଭଲତ ହୁଏ
ବିବରଣି: ଆର୍ଥିକ ଯୋଜନାରେ ଆପଣଙ୍କ ଆର୍ଥିକ ପରିସ୍ଥିତି, ଲିଙ୍ଗ କେବଳ ସାମର୍ଥ୍ୟ, ଆର୍ଥିକ ଲକ୍ଷ୍ୟ, ବିନିବେଶର ଅବଧି ଇତ୍ୟାଦିର ଏକ ଅନୁଶ୍ରୀମ ମୂଲ୍ୟାୟନ ଅନ୍ତର୍ଭୁକ୍ତ ହୋଇଥାଏ । ଏସବୁକୁ ପରିଗଣାଣି ମିଶ୍ରିତ ବିନିଯୋଗ କରିବା ପାଇଁ ଆପଣ ଏବଂ ବୁଝି ଭଲଲାଗେ ବୁଝିପାରୁଥିବା ଆବଣ୍ଟାଂଶ।
ଧ୍ୟାନରେ ରଖନ୍ତୁ: ଆବଶ୍ୟକ ଭାବେ, ଯଦି ଆପଣ ଯୁବକ ହୋଇଥାନ୍ତି ତେବେ ଆପଣଙ୍କ ଇକ୍ୱିଟିଯୋଜିତରେ ଅଧିକ ଇକ୍ୱିଟି ରହିବା କରୁରୀ। ବୟସ ବଢ଼ିବା ସହିତ ବେଭିନ୍ ଉପାଦାନ ବଢ଼ିବା ଆବଶ୍ୟକ।

ଶିକ୍ଷା ୭ – ଜରୁରିକାଳୀନ ପରିସ୍ଥିତିର ସାମ୍ନା କରିବା ପାଇଁ ଆପଣ ପ୍ରସ୍ତୁତ ହୋଇଯାଆନ୍ତି
ବିବରଣି: ଏକ ଭଲମନ୍ଦ ଆର୍ଥିକ ଯୋଜନାରେ ନିର୍ଦ୍ଦିଷ୍ଟ ତଥା ଅତିରିକ୍ତ ଭଲରେ ଆର୍ଥିକ ଆବଶ୍ୟକତାକୁ ବିଚାରକୁ ନିଆଯାଇଥାଏ। ବିବିଧତା, ଆକସ୍ମିକ କିମ୍ବା ଅବ୍ୟାକ୍ତ ଜରୁରିକାଳୀନ ଆବଶ୍ୟକତା ପାଇଁ ଆପଣଙ୍କର ଆୟର ଏକ ଅଂଶକୁ ଅଲଗା କରି ରଖାଯାଇଥାଏ । ଏହି ପାଇଁକୁ ସାଧାରଣ ଖର୍ଚ୍ଚ ପାଇଁ ବ୍ୟବହାର କରାଯାଯାଇ ନ ଥାଏ।
ଧ୍ୟାନରେ ରଖନ୍ତୁ: ନିଜର ଜରୁରିକାଳୀନ ପାଇଁକୁ ଦ୍ରୁତ ତରିକେ ଚଳିବା ପାଇଁ ଆପଣ ଲିକ୍ୱିଡ୍ ସାଧନରେ ଟଙ୍କା ନିବେଶ କରିପାରନ୍ତି। ଲିକ୍ୱିଡ୍ ମ୍ୟୁଚୁଆଲ୍ ଫଣ୍ଡଗୁଡ଼ିକ ଆପଣଙ୍କୁ ସୁରକ୍ଷିତ ଭରସାରେ ମଧ୍ୟମ ରିଟର୍ନ ଆଣ କରିବାର ଅନୁମତି ଦେଇଥାଏ।

ଶିକ୍ଷା ୮ – ଏକ ଶାନ୍ତିମୟ ଅବସରକାଳ ପାଇଁ ଆପଣ ପ୍ରସ୍ତୁତ ହୁଅନ୍ତି
ବିବରଣି: ଆର୍ଥିକ ଯୋଜନାର ଅର୍ଥ ହେବେକ ଏହା ନୁହେଁ ଯେ ଆପଣଙ୍କ ବର୍ତ୍ତମାନ ଆର୍ଥିକ ଜୀବନର ପରିବାରକୁ ନିଅନ୍ତି। ଏହା ଆପଣଙ୍କ ଆର୍ଥିକ ଭବିଷ୍ୟତକୁ ମଧ୍ୟ ଧ୍ୟାନରେ ରଖିଥାଏ। ଆପଣ ସାମାନ୍ୟ ନିଜର ଅବସରକାଳ ପାଇଁ ନିବେଶ କରିବା ଆରମ୍ଭ କରନ୍ତି। ଯାହାଦ୍ୱାରା, ଆପଣଙ୍କର ଟଙ୍କା ଆପଣଙ୍କ ବାର୍ଦ୍ଧକ୍ୟ କାଳର ଆବଶ୍ୟକତା ପୂରଣ ପାଇଁ ପର୍ଯ୍ୟାପ୍ତ ଭାବେ ବୃଦ୍ଧି ହୋଇଥାଏ।
ଧ୍ୟାନରେ ରଖନ୍ତୁ: ନିଜର ଅବସର ପରବର୍ତ୍ତୀ ଖର୍ଚ୍ଚକୁ ଆକଳନ କରିବା ସମୟରେ, ମୁଦ୍ରାସ୍ଫୀତି ଏବଂ ଅତିରିକ୍ତ ବିଚିତ୍ରତାପତ ଖର୍ଚ୍ଚକୁ ବିଚାରକୁ ନେବା ଭୁଲୁନୁ ନାହିଁ ।

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

ଏହାପରେ କ'ଣ ? ନିବେଶ ବିନା କୌଣସି ଆର୍ଥିକ ଯୋଜନା ପରିପୂର୍ଣ୍ଣ ହୋଇ ନ ଥାଏ। କିନ୍ତୁ ମନେରଖନ୍ତୁ, ନିବେଶ ମାମଲାରେ ସମସ୍ତଙ୍କୁ-ସୁହାଇଲା-ଭଳି-କିଛିଗୋଟେ ନାହିଁ। ନିଜର ବୟସ ବର୍ଗ ପାଇଁ ଆସନ୍ତୁ ଆଦର୍ଶ ଯୋଜନାଗୁଡ଼ିକ ଉପରେ ନଜର ପକାଇବା।

ନିଜର ନିବେଶ ଯୋଜନା ବାଛନ୍ତୁ

ଜୀବନ କେବେବି ଆପଣଙ୍କ ପରୀକ୍ଷା ନେଇପାରେ। ଆପଣ ପ୍ରସ୍ତୁତ ତ ?

ପରୀକ୍ଷା #୧
- ଯୁବ – ଜରୁରିକାଳୀନ ପରିସ୍ଥିତି ପାଇଁ ପ୍ରସ୍ତୁତ ରୁହନ୍ତୁ
- ମଧ୍ୟବୟସ୍କ – ଜରୁରିକାଳୀନ ପରିସ୍ଥିତି ପାଇଁ ପ୍ରସ୍ତୁତ ରୁହନ୍ତୁ
- ବରିଷ୍ଠ – ଆୟର ନିୟମିତ ପ୍ରବାହ ରଖନ୍ତୁ

ପରୀକ୍ଷା #୨
- ଯୁବ – ଭବିଷ୍ୟତ ପାଇଁ ଧନ ସୃଜନ କରନ୍ତୁ
- ମଧ୍ୟବୟସ୍କ – ରିସ୍କ ଏବଂ ରିଟର୍ନ ମଧ୍ୟରେ ସନ୍ତୁଳନ ରକ୍ଷା କରନ୍ତୁ
- ବରିଷ୍ଠ – ଏକ ନମନୀୟ ଉପାୟରେ ସୁରକ୍ଷିତ ରିଟର୍ନ ଆୟ କରନ୍ତୁ

ବିଭିନ୍ନ ପରୀକ୍ଷାରେ ସଫଳ ହେବା ପାଇଁ, ଆପଣ ବିଭିନ୍ନ ଅଧ୍ୟୟନ ସାମଗ୍ରୀର ସହାୟତା ନେଇଥାନ୍ତି। ଜୀବନର ପରୀକ୍ଷା ପାଇଁ ମଧ୍ୟ ଏହା ପ୍ରଯୁଜ୍ୟ- ସଫଳତାର ସହ ଉତ୍ତୀର୍ଣ୍ଣ ହେବା ପାଇଁ ଆପଣ ବିଭିନ୍ନ ନିବେଶ ଆବଶ୍ୟକ କରିଥାନ୍ତି।

ନିବେଶ #୧
- ଯୁବ – କ'ଣ – ଲିକ୍ୱିଡ୍ ମ୍ୟୁଚୁଆଲ୍ ଫଣ୍ଡ – କାହିଁକି – ଏପରି ଫଣ୍ଡଗୁଡ଼ିକର ପରିବେଷଣା ୧୯ ଦିନ ପର୍ଯ୍ୟନ୍ତ ହୋଇଥାଏ – ଆପଣ ସୁରକ୍ଷିତ ଭାବେ ମଧ୍ୟମ ରିଟର୍ନ ଆୟ କରିପାରିବେ
- ମଧ୍ୟବୟସ୍କ – କ'ଣ – ଲିକ୍ୱିଡ୍ ମ୍ୟୁଚୁଆଲ୍ ଫଣ୍ଡ – କାହିଁକି – ଏପରି ଫଣ୍ଡଗୁଡ଼ିକର ପରିବେଷଣା ୧୯ ଦିନ ପର୍ଯ୍ୟନ୍ତ ହୋଇଥାଏ – ଆପଣ ସୁରକ୍ଷିତ ଭାବେ ମଧ୍ୟମ ରିଟର୍ନ ଆୟ କରିପାରିବେ
- ବରିଷ୍ଠ – କ'ଣ – ମାସିକ ଆୟ ପ୍ଲାନ୍ – କାହିଁକି – ଆପଣ ନିୟମିତ ଦେୟ ପ୍ରାପ୍ତ କରିବେ ଯାହା ହାସଲ ହୋଇଥିବା ଲାଭ ଉପରେ ନିର୍ଭର କରିବ

ନିବେଶ #୨
- ଯୁବ – କ'ଣ – ଇକ୍ୱିଟି ମ୍ୟୁଚୁଆଲ୍ ଫଣ୍ଡ – କାହିଁକି – ଇକ୍ୱିଟିରେ ଦୀର୍ଘମିଆଦୀ ନିବେଶ ଆପଣଙ୍କୁ ଧନ ସୃଜନରେ ସହାୟତା କରିଥାଏ – ଏଗୁଡ଼ିକୁ ଆପଣଙ୍କୁ ମୁଦ୍ରାସ୍ଫୀତିର ମୁକାବିଲାରେ ମଧ୍ୟ ସହାୟତା କରିଥାଏ
- ମଧ୍ୟବୟସ୍କ – କ'ଣ – ହାଇବ୍ରିଡ୍ ମ୍ୟୁଚୁଆଲ୍ ଫଣ୍ଡ – କାହିଁକି – ଇକ୍ୱିଟି ଉପାଦାନ ଆପଣଙ୍କୁ ଆକର୍ଷଣୀୟ ରିଟର୍ନ ଆଣ କରିବାରେ ସହାୟତା କରିଥାଏ – ଡେବ୍ଟ ଉପାଦାନ ପୋର୍ଟଫୋଲିଓର ସ୍ଥିରତା ବଜାୟ ରଖିଥାଏ
- ବରିଷ୍ଠ – କ'ଣ – ସିଷ୍ଟମାଟିକ୍ ଟ୍ରାନ୍ସଫର୍ ପ୍ଲାନ୍ (ଏସ୍‌ଟିପି) – କିମ୍ବା ସିଷ୍ଟମାଟିକ୍ ଉଇଡ୍‌ରୱାଲ୍ ପ୍ଲାନ୍ (ଏସ୍‌ଡବ୍ଲୁପି) – କାହିଁକି – ଏଗୁଡ଼ିପି ଆପଣଙ୍କୁ ନିଜର ଟଙ୍କାକୁ ନିୟମିତ ଭାବେ ଗୋଟିଏ ଫଣ୍ଡ ହାଉସ୍‌ରୁ ଅନ୍ୟ ଫଣ୍ଡ ହାଉସ୍‌କୁ ସ୍ଥାନାନ୍ତର କରିବାର ଅନୁମତି ଦେଇଥାଏ – ଏଗୁଡ଼ିକୁପରି ଆପଣଙ୍କୁ ନିଜର ଟଙ୍କାକୁ ନିୟମିତ ଭାବେ ଗୋଟିଏ ଫଣ୍ଡ ହାଉସ୍‌ରୁ ଅନ୍ୟ ଫଣ୍ଡ ହାଉସ୍‌କୁ ସ୍ଥାନାନ୍ତର କରିବାର ଅନୁମତି ଦେଇଥାଏ

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

ସ୍ୱତନ୍ତ୍ର କୁମାର ବୁଝାନ୍ତି

ବିଶ୍ୱାସର ପକ୍ଷପାତିତା

ଆତ୍ମ-ଶିକ୍ଷା ହେଉଛି ଶ୍ରେଷ୍ଠ ଶିକ୍ଷା। କିନ୍ତୁ ଏହା ବିପଜ୍ଜନକ ମଧ୍ୟ ହୋଇପାରେ - ବିଶେଷକରି ଯେବେ ଆପଣଙ୍କ ଦଷ୍ଟ ଉପାର୍ଜିତ ଟଙ୍କାପଇସା ମାମଲାରେ।

ବିଶ୍ୱାସର ପକ୍ଷପାତିତା କ'ଣ
- ସରଳ ଭାଷାରେ, ବିଶ୍ୱାସର ପକ୍ଷପାତିତାର ଅର୍ଥ ହେଉଛି ଆପଣ ଯାହା ଠିକ୍ ବୋଲି ଭାବନ୍ତି କିମ୍ବା ଯାହା ଆପଣଙ୍କ ବିଶ୍ୱାସର ଅନୁକୂଳ ହୋଇଥାଏ ତାହାକୁ ଦୃଢ଼ୀଭୂତ କରିବା ପାଇଁ ପ୍ରାୟାସରେ ଚେଷ୍ଟା କରିବା।
- ଆପଣ ବେବେକ ନିଜ ମତକୁ ସମର୍ଥନ କରୁଥିବା ସୂଚନା ଏକାଠି କରିବାକୁ ଲାଗନ୍ତି, ତାହାର ବିରୋଧାଭାସ ସୂଚନାଗୁଡ଼ିକୁ ନୁଚେଁଡ଼ି ।
- ନିବେଶ କରିବା ସମୟରେ, ଏଭଳି ପକ୍ଷପାତିତା ଆପଣଙ୍କୁ ଏପରି ସୂଚନାଗୁଡ଼ିକୁ ଖୋଜିବା ପାଇଁ ବାଧ୍ୟ କରିଥାଏ ଯାହା ସୁନିଶ୍ଚିତ କରିବ ଯେ ଆପଣଙ୍କ ସମ୍ପାଦ୍ୟ ନିବେଶ ନିଶ୍ଚୟ ସର୍ବଶ୍ରେଷ୍ଠ ଅଟେ ।

ଉଦାହରଣ?
- ଧରନ୍ତୁ, ଆପଣ ଏହା ଶୁଣିବାକୁ ପାଆନ୍ତି ଯେ ୨୦୧୯ ମସିହା ସୁନାରେ ନିବେଶ ପାଇଁ ବର୍ଷୋତ୍ତମ ବର୍ଷ ହେବାକୁ ଯାଉଛି। ଯଦି ଆପଣଙ୍କ ପଛାଣ ଲାଇବାରେ 'ପରବର୍ତ୍ତୀ ବର୍ଷରେ ସୁନାରେ ନିବେଶକୁ ଏଡ଼ାଇବାର X କାରଣ' ପରିବର୍ତ୍ତେ '୨୦୧୯ରେ ସୁନା କାହିଁକି ବିକେବା ହେବ ତାହାର X କାରଣ' ଅଧିକ ରହିଛି ତେବେ ଆପଣ ବିଶ୍ୱାସର ପକ୍ଷପାତିତା ଦ୍ୱାରା ପ୍ରଭାବିତ।

ପକ୍ଷପାତିତାକୁ ପରାଜିତ କରିବା
- ଆପଣଙ୍କ ବିଶ୍ୱାସ ଏବଂ ମତ ସର୍ବଦା ଭୁଲ୍ ହୋଇ ନ ପାରେ। କିନ୍ତୁ, ନିବେଶ କରିବା ପୂର୍ବରୁ, କୌଣସି ପୂର୍ବ-ସ୍ଥିରୀକୃତ ଧାରଣା ନ ରଖି ଆପଣ ସମସ୍ତ ସୂଚନାଗୁଡ଼ିକୁ ଏକାଠି ଏବଂ ନିରପେକ୍ଷ ଭାବେ ବିଶ୍ଳେଷଣ କରିବା କରୁରୀ।
- ଯଦି କୌଣସି ସୂଚନା ଆପଣଙ୍କ ବିଶ୍ୱାସର ବିରୋଧୀ ହୋଇଥାଏ, ତେବେ ତାହାକୁ ଅଣଦେଖା ନ କରି ବୁଝିବାକୁ ଚେଷ୍ଟା କରାଯିବା ବିଜ୍ଞାନର ପରିଚୟ ହେବ।

କ୍ୟୁଆର୍ କୋଡ୍ ଡାଉନ୍‌ଲୋଡ୍ ଓ ସ୍କାନ୍ କରିବାର ପଦ୍ଧତି:
୧) ନିଜ ଫୋନରେ କ୍ୟୁଆର୍ କୋଡ୍ ଆପ୍ ଡାଉନ୍‌ଲୋଡ୍ କରନ୍ତୁ ।
୨) ଆପଣଙ୍କ ଫୋନ୍‌ରୁ ଓ କ୍ୟୁଆର୍ କୋଡ୍‌କୁ ସ୍କାନ୍ କରନ୍ତୁ ।
୩) ଆପଣଙ୍କ ସ୍କ୍ରୀନ୍‌ପଟେ କୋଡ୍‌କୁ ପଢ଼ିବ ଓ ଆପଣଙ୍କୁ ସବଭଲଲାଗିବେ ପଚାରାଇବ ।

ଆସନ୍ତା ଆର୍ଥିକବର୍ଷ ନିମନ୍ତେ ଆର୍ଥିକ ଯୋଜନା କରିବା ପାଇଁ ଏହି କ୍ୟୁଆର୍ କୋଡ୍‌କୁ ସ୍କାନ୍ କରନ୍ତୁ

ମ୍ୟୁଚୁଆଲ୍ ଫଣ୍ଡଗୁଡ଼ିକୁ ନେଇ ମନରେ କୌଣସି ପ୍ରଶ୍ନ ଅଛି କି ? ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ ଓ ତାହାକୁ ଆମ ନିକଟକୁ ପଠାନ୍ତୁ ।

ଆପଣଙ୍କ ସହରରେ ଆୟୋଜିତ ହେଉଥିବା କୌଣସି କାର୍ଯ୍ୟକ୍ରମ ନିମନ୍ତେ ପଞ୍ଜୀକୃତ ହେବା ଲାଗି ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ ।

ବିଶେଷଜ୍ଞ କୁହନ୍ତି

ଜଣେ ପାଠକ ଆମକୁ ପଚାରିଛନ୍ତି: ଆର୍ଥିକ ଯୋଜନା ସହ ଜଡ଼ିତ ସୋପାନ

ବିଶେଷଜ୍ଞଙ୍କ ଉତ୍ତର

ମହେନ୍ଦ୍ର କୁମାର ଦାସ
ଆର୍ଥିକ ପରାମର୍ଶଦାତା

ନିଜର ଆର୍ଥିକ ଲକ୍ଷ୍ୟ ନିର୍ଦ୍ଧାରଣ କରିବାର ଗୁରୁତ୍ୱପୂର୍ଣ୍ଣ ସୋପାନ ହେଉଛି ଆପଣଙ୍କୁ କେତେ ପରିମାଣର ଅର୍ଥରାଶି ଆବଶ୍ୟକ ଏବଂ ତାହାକୁ ହାସଲ କରିବା ପାଇଁ ଆପଣ ପ୍ରତିମାସରେ କେତେ ସଞ୍ଚୟ କରିପାରିବେ ତାହା ନିରୂପଣ କରିବା। ନିଜର ଆର୍ଥିକ ଲକ୍ଷ୍ୟରେ ପହଞ୍ଚିବା ଲାଗି ପ୍ରତିମାସରେ ଆବଶ୍ୟକ ହେଉଥିବା ସଞ୍ଚୟର ପରିମାଣ ଅଧିକ ପ୍ରତୀତ ହୋଇପାରେ, କିନ୍ତୁ ତାହାକୁ ଦେଖି ନିରୁତ୍ସାହିତ ହୁଅନ୍ତୁ ନାହିଁ । ମନେରଖନ୍ତୁ, ଆପଣଙ୍କୁ ଏକ ସାଧ୍ୟ ଲକ୍ଷ୍ୟରେ ପହଞ୍ଚିବାର ଅଛି ଏବଂ ଜୀବନରେ ସବୁକିଛି ପରିବର୍ତ୍ତନଶୀଳ ହୋଇଥାଏ। ହୁଏତ ଆପଣଙ୍କ ପରିସ୍ଥିତି ବଦଳିଯାଇଛି ଏବଂ ଆପଣ ଆଉ କାର କିଣିବାକୁ ଚାହୁଁନାହାନ୍ତି, ତେଣୁ ଅବସରକାଳ ପାଇଁ ସଞ୍ଚୟ କରିବା ଆପଣଙ

ଭକ୍ତି, ସତ୍ କର୍ମ ଓ ବିଶ୍ୱାସ ସମସ୍ତ ସୁଖର ଖଣି। କିନ୍ତୁ ସତ୍‌ସଙ୍ଗ ବିନା କେହି ଏହା ପାଇପାରେ ନାହିଁ। ବହୁ ପୁଣ୍ୟ ଫଳରେ ସାଧୁସଙ୍ଗ ମିଳିଥାଏ।

- ତୁଳସୀ ଦାସ

ସଂକ୍ଷେପରେ

ଅପରାଧୀଙ୍କୁ ଧରିବା ପାଇଁ ବସିଲା ବୈଠକ

ଭୁବନେଶ୍ୱର, ୨୩।୯(ବ୍ୟୁରୋ): ଦୁର୍ଗାପୂଜା ପୂର୍ବରୁ କିପରି ଅପରାଧ ରୋକାଯିବ ସେଥିଲାଗି ରବିବାର କମିଶନରେଟ୍ ମୁଖ୍ୟାଳୟରେ ଏକ ବୈଠକ ବସିଥିଲା। ଏଥିରେ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି, ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ, କଟକ ଡିସିପି ଅଖିଳେଶ୍ୱର ସିଂ ଓ ଜୋନ୍ ଏସିପି ଏବଂ ଏକାଧିକ ଥାନା ଅଧିକାରୀ ଯୋଗଦେଇଥିଲେ। ଦୁର୍ଗା ପୂଜାକୁ ନଜରରେ ରଖି କିଭଳି ପେସାଦାର ଅପରାଧୀମାନଙ୍କୁ ଗିରଫ କରାଯିବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ଏହାସହ ଯେଉଁମାନେ ପେସାଦାର ଅପରାଧୀ ସେମାନଙ୍କର ଏକ ତାଲିକା କରାଯାଉଛି। ସେମାନଙ୍କୁ କିପରି ୧୧୦ ଓ ଏନ୍‌ଏସଏରେ ବୁକ୍ କରାଇ ଜେଲ ପଠାଯିବ ସେନେଇ ଆଲୋଚନା ହୋଇଥିଲା। ଏହାସହ ପୂଜାକୁ ସୁରୁଖୁରୁରେ ସମାପନ କରିବା ପାଇଁ ମଣ୍ଡପ ନିକଟରେ ଏକାଧିକ ସିସିଟିଭି କ୍ୟାମେରା ଲଗାଇବା ପାଇଁ ପୂଜା କମିଟିକୁ କୁହାଯାଇଛି। ଟ୍ରାଫିକ୍ ସମସ୍ୟା କିଭଳି ନ ଉପୁଜିବ ସେଥିଲାଗି ଆଲୋଚନା କରାଯାଇଥିବା କମିଶନର କହିଛନ୍ତି।

ଚଳନ୍ତା ଟ୍ରେନରୁ ଓହ୍ଲାଇବା ବେଳେ ଗୋଡ଼ ଖସି ଛାତ୍ରୀ ଗୁରୁତର

ଭୁବନେଶ୍ୱର, ୨୩।୯(ବ୍ୟୁରୋ): ମଞ୍ଚେଶ୍ୱର ଷ୍ଟେଶନରେ ଜଣେ ଛାତ୍ରୀ ଚଳନ୍ତା ଟ୍ରେନରୁ ଓହ୍ଲାଇବାକୁ ଉଦ୍ୟମ କରି ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଷ୍ଟେଶନର ସୁରକ୍ଷା କର୍ମୀମାନେ ଉଦ୍ଧାର କରି ପଟିଆସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଆହତ ଛାତ୍ରୀ ହେଲେ ଖଲ୍ଲିକୋଟର ସ୍ନେହା କାନୁନ୍‌ଗୋ(୨୬)। ସେ ମଞ୍ଚେଶ୍ୱରସ୍ଥିତ ଏକ ଧନ୍ଦାମୂଳକ ଶିକ୍ଷାକେନ୍ଦ୍ରରେ ପଢୁଥିବା ଜଣାପଡିଛି। ପୋଲିସ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଛି। ସ୍ଥାନୀୟ ଲୋକଙ୍କ କହିବାକୁ ଅନୁଯାୟୀ, ସ୍ନେହା ରବିବାର ସକାଳେ ବ୍ରହ୍ମପୁରରୁ ଟ୍ରେନ ଯୋଗେ ମଞ୍ଚେଶ୍ୱରସ୍ଥିତ ଏକ ଘରୋଇ ହଷ୍ଟେଲକୁ ଫେରୁଥିଲେ। ସେ ଏକ୍ସପ୍ରେସ୍ ଟ୍ରେନରେ ବସିଥିବାରୁ ଟ୍ରେନଟି ମଞ୍ଚେଶ୍ୱର ଷ୍ଟେଶନରେ ରହି ନ ଥିଲା। ହେଲେ ଗାଡିର ବେଗ ମନ୍ଥର ଥିବାରୁ ଛାତ୍ରୀ ଜଣକ ଓହ୍ଲାଇବାକୁ ଉଦ୍ୟମ କରିଥିଲେ। କିନ୍ତୁ ତାଙ୍କ ଗୋଡ଼ ଖସିଯିବାରୁ ଟ୍ରେନ କିଛି ବାଟ ଘୋଷାଡି ନେଇଥିଲା। ଫଳରେ ତାଙ୍କ ଗୋଡ ଓ ଅଣ୍ଟାରେ ଗଭୀର ଆଘାତ ଲାଗିଛି। ତାଙ୍କ ଗୋଡ ଭାଙ୍ଗିଯାଇଥିବା ଜଣାପଡିଛି।

୫ଜଣଙ୍କୁ ଅମିତାଭ ମିଶ୍ର ଆୱାର୍ଡ

ଭୁବନେଶ୍ୱର, ୨୩।୯(ବ୍ୟୁରୋ): ସାଜ୍ ଔର୍ ଆୱଜ୍ ଏବଂ ପ୍ରଗତିର ମିଳିତ ଆନୁକୂଲ୍ୟରେ ରବିବାର ରବୀନ୍ଦ୍ର ମଣ୍ଡପଠାରେ ୧୧ଶ ଅମିତାଭ ମିଶ୍ର ଆୱାର୍ଡ୍ସ ନାଇଟ୍ ଏବଂ ୨୧ତମ ବାର୍ଷିକ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଣ୍ଠଶିଳ୍ପୀ ଦେବଦାସ ଓ ସାଥୀଙ୍କ ଦ୍ୱାରା ବଲିଉଡର କିମ୍ବଦନ୍ତୀ କଣ୍ଠଶିଳ୍ପୀ ମୁକେଶଙ୍କ ସ୍ମୃତିରେ 'ମୈଁ ତୋ ଏକ୍ ଖ୍ୱାବ୍ ହୁଁ...' ପରିବେଷିତ ହୋଇଥିଲା। 'ମୈଁ ତୋ ଏକ୍ ଖ୍ୱାବ୍ ହୁଁ', 'ତେରୀ ୟାଦ୍ ଦିଲ୍ ସେ', 'ହମ୍ ସଫର୍ ମେରେ ହମ୍ ସଫର୍', 'ଲେ ଚଲ୍ ଲେ ଚଲ୍', 'ହମ୍ ଭି ହେ ତୁମ୍ ଭି ହୋ' ଭଳି ଗୀତ ଗାଇ ଶୁଣାଇଥିଲେ ଦେବଦାସ, ସୁରଜ, ବି.ଏନ୍. କର, ସିଦ୍ଧାନ୍ତ, ତୁଷାର, ସୂର୍ଯ୍ୟ, ବରଦା, ସସ୍ମିତା, ସୀମା, ରତିକା, ପୁଣ୍ୟତା, ଦିଶା, ଜସ୍ମିନ୍, ସ୍ୱପ୍ନା, ବିରଜା ପ୍ରମୁଖ କଣ୍ଠଶିଳ୍ପୀ। କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟଶିଳ୍ପୀ ଦୀପ୍ତି ରାଉତରାୟ, ଗୀତିକାର ଅରୁଣ ମନ୍ତ୍ରୀ, ସାମାଜିକ କର୍ମୀ ଗାୟତ୍ରୀ ତ୍ରିପାଠୀ, ଅଭିନେତା ଗୀତିମୟ ନନ୍ଦ, ବାଦ୍ୟକାର ଅବନୀକାନ୍ତ ଦାସଙ୍କୁ ଅମିତାଭ ମିଶ୍ର ଆୱାର୍ଡ ଦିଆଯାଇଥିଲା। ସନ୍ଧ୍ୟାରେ ନାଲକୋର ପୂର୍ବତନ ସିଏମ୍‌ଡି ଡ. ଏସ୍.କେ. ତାମୋଟିଆ, ଦ ଏଭର୍‌ଗ୍ରୀନ୍‌ର ଚେୟାରମ୍ୟାନ୍ ଇଂ. କମଳକାନ୍ତ ମହାନ୍ତି, ପ୍ରଗତିର ସମ୍ପାଦକ ସୁଧାଂଶୁ ମାରିକ୍ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଗୁଲସନ୍ ନଦୀମ୍ ଓ ଜେନାମଣି ସଞ୍ଜୀବ କୁମାର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ପଥରରେ ଲଣ୍ଠନର ଆଲବର୍ଟ ହଲ୍

କଟକ ରୋଡ,୨୩।୯(ଡି.ଏନ୍.ଏ.)

ରାଜଧାନୀର ରସୁଲଗଡ଼ ଦୁର୍ଗାପୂଜା ପରିଚାଳନା କମିଟି ୨୬ବର୍ଷରେ ପଦାର୍ପଣ କରୁଛି। ପ୍ରତିବର୍ଷ କିଛି ନୂଆ କରିବାର ପ୍ରୟାସ ଜାରି ରଖିଛି ଏହି ଦୁର୍ଗାପୂଜା କମିଟି। ପୂର୍ବରୁ ଅନେକ କାଳ୍ପନିକ ତୋରଣ ତିଆରି କରି ଚର୍ଚ୍ଚାର ପରିସରକୁ ଆସିଥିବା କମିଟି ଏଥର ଭିନ୍ନ ଏକ ତୋରଣ ନିର୍ମାଣ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ପଶ୍ଚିମବଙ୍ଗ ଅଞ୍ଚଳର କାରିଗରଙ୍କ ଦ୍ୱାରା ପଥରରେ ଲଣ୍ଠନ ଆଲବର୍ଟ ହଲ ତୋରଣ ଚଳିତଥର ଶୋଭାପାଇବ। ଯାହାକି ମୁଖ୍ୟ ଆକର୍ଷଣ ହେବ ବୋଲି ପରିଚାଳନା କମିଟି କୋଷାଧ୍ୟକ୍ଷ ପ୍ରକାଶ ରାଉତରାୟ କହିଛନ୍ତି। ତୋରଣର ଉଚ୍ଚତା ୧୨୦ଫୁଟ ରହିଥିବା ବେଳେ ଚଉଡା ୮୦ଫୁଟ ରଖାଯାଇଛି।

ଚଳିତବର୍ଷ ଜନସମାଗମକୁ ଦୃଷ୍ଟିରେ ରଖି ପୂଜା କମିଟି ପକ୍ଷରୁ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସ୍ୱତନ୍ତ୍ର ପ୍ରବେଶ ଓ ପ୍ରସ୍ଥାନ ପଥ ରଖାଯିବ। ଟ୍ରାଫିକ ନିୟନ୍ତ୍ରଣ ସାଙ୍ଗକୁ ଶୃଙ୍ଖଳା ରକ୍ଷା ପାଇଁ ୧୦୦ଜଣ ସ୍ୱେଚ୍ଛାସେବୀଙ୍କ ସହ ୪୦ ସୁରକ୍ଷା କର୍ମୀ ମୁତୟନ ହେବେ। ଏହାସହ ପ୍ରତ୍ୟେକଙ୍କ ନିକଟରେ ୱାକିଟକି ରହିବ। ପୂଜାମଣ୍ଡପରେ ୨୫ ସିସି କ୍ୟାମେରା ଲଗାଯିବ। ଅନ୍ୟପକ୍ଷରେ ବିଭିନ୍ନ ଏଲଇଡି ଆଲୋକ ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ କରାଯିବ। ପୂଜା ମଣ୍ଡପ ପରିସରରେ ପୋଲିସ ସହାୟତା କେନ୍ଦ୍ର, ସୂଚନା କେନ୍ଦ୍ର ଓ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଖୋଲାଯିବ। ଭିନ୍ନକ୍ଷମ ଓ ବୟସ୍କ ନାଗରିକଙ୍କ ପାଇଁ ହୁଇଲ ଚେୟାରର ବ୍ୟବସ୍ଥା କରାଯିବାକୁ ଥିବାବେଳେ ସେମାନଙ୍କୁ ସୁରୁଖୁରରେ ଦର୍ଶନ ପାଇଁ ସ୍ୱେଚ୍ଛାସେବୀ ସହାୟତା କରିବେ। ଚଳିତବର୍ଷ ପୂଜା ବଜେଟ ପାଇଁ ପ୍ରାୟ ୩୦ଲକ୍ଷ ଟଙ୍କା ରଖାଯାଇଥିବା କମିଟି କର୍ମକର୍ତ୍ତାଙ୍କ ପକ୍ଷରୁ କୁହାଯାଇଛି। ୨୨ଫୁଟ ଉଚ୍ଚତା ବିଶିଷ୍ଟ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ହେବ। ଅଷ୍ଟମୀ ଓ ନବମୀ



ମା'ଆସୁଛନ୍ତି

ରସୁଲଗଡ ଦୁର୍ଗା ମଣ୍ଡପ

- କମିଟି କର୍ମକର୍ତ୍ତା ବାଣ୍ଟିବେ ସଚେତନତା ବାର୍ତ୍ତା
- ଲଗାଯିବ ୨୫ ସିସି କ୍ୟାମେରା

ତିଥିରେ ଚରୁଅନ୍ନ ଓ ଦଶମୀରେ ପିଠା ସାଙ୍ଗକୁ ଦହି ପଖାଳ ଭୋଗ ମା'ଙ୍କ ନିକଟରେ ଲାଗି ହେବ। ଅଷ୍ଟମୀ ତିଥିରେ ସନ୍ଧିପୂଜା ସହ ପାଣିକଖାରୁ ବଳିଦିଆଯିବ। ଷଷ୍ଠୀ ଠାରୁ ଦଶମୀ ପର୍ଯ୍ୟନ୍ତ ରାଜ୍ୟ ତଥା ବାହାରର କଳାକାରଙ୍କ ମାଧ୍ୟମରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଚଳିତଥର ପାରମ୍ପରିକ ବାଦ୍ୟରେ ଭସାଣି ଉତ୍ସବ ସମ୍ପନ୍ନ ହେବ।

ସ୍ଥାନୀୟ ଅଞ୍ଚଳର ଭାଇଚାରା ଓ କମିଟି କର୍ମକର୍ତ୍ତାଙ୍କ ଅକୁଣ୍ଠ ସମର୍ଥନ ରସୁଲଗଡ଼ ପୂଜା ଉତ୍ସବକୁ ଶୃଙ୍ଖଳିତ କରି ଗଢି ତୋଳିଛି। ମଣ୍ଡପକୁ ଆସୁଥିବା ଲୋକଙ୍କୁ ସୁରୁଖୁରରେ ଦର୍ଶନ ପାଇଁ କମିଟି ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି।

- ପ୍ରଦୀପ ବରିଶଲ, ସଭାପତି

ପଲିଥିନ ବ୍ୟବହାର ନ କରିବା ପାଇଁ ଚଳିତବର୍ଷ ପରିଚାଳନା କମିଟି ଏକ ଭିନ୍ନ ଉପାୟରେ ଲୋକଙ୍କ ନିକଟରେ ସଚେତନତା ବାର୍ତ୍ତା ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖିଛି। ପ୍ରଦୂଷଣ ରୋକିବା ପାଇଁ ମଧ୍ୟ ରାବଣ ପୋଡି କାର୍ଯ୍ୟକ୍ରମ ଏଠାରେ କରାଯାଏ ନାହିଁ। ଆଗାମୀ ଦିନରେ ଚାନ୍ଦି ମେଢ କରିବା ପାଇଁ ଯୋଜନା ରହିଛି।

- ଜାପାନ ରାଉତରାୟ , ସମ୍ପାଦକ

ଆଖି ଝଲସାଇଦେବ ଇଲେକ୍ଟ୍ରୋନିକ୍ ତୋରଣ

ଛତ୍ରବଜାର ଦୁର୍ଗାପୂଜା କମିଟି

କଟକ ଅଫିସ,୨୩।୯

୧୯୧୯ରେ କଟକରେ ହାତଗଣତି ସ୍ଥାନରେ ହେଉଥିଲା ଦୁର୍ଗାପୂଜା। କେତେକ ସ୍ଥାନରେ ବଙ୍ଗୀୟ ରୀତିନୀତିରେ ପୂଜା କରାଯାଉଥିବା ବେଳେ ଆଉ କିଛି ସ୍ଥାନରେ ଉତ୍କଳୀୟ ପରମ୍ପରା ଓ ରୀତିନୀତି ଆପଣା ଯାଉଥିଲା। ସେତେବେଳେ ପରିବା ବ୍ୟବସାୟର ପେଣ୍ଠସ୍ଥଳ ଛତ୍ରବଜାରର ବ୍ୟବସାୟୀମାନେ ଦଶହରାକୁ ମିଳିମିଶି ପାଳିବା ପାଇଁ ଏକାଠି ହୋଇଥିଲେ। ସେବେଠାରୁ ପ୍ରତିବର୍ଷ ଦଶହରାରେ ହରପାର୍ବତୀଙ୍କ ମୃଣ୍ମୟୀ ମୂର୍ତ୍ତି ତିଆରି କରି ପୂଜା କରି ଆସୁଥିଲେ। ତେବେ ୨୦୧୦ରୁ ଦେବୀ ଦୁର୍ଗାଙ୍କୁ ପୂଜା କରି ଆସୁଛି ଛତ୍ରବଜାର ଦୁର୍ଗାପୂଜା କମିଟି। ପ୍ରତିବର୍ଷ ଏହି ପୁରାତନ ମଣ୍ଡପ ମୂର୍ତ୍ତି ତିଆରିଠାରୁ ଆରମ୍ଭ କରି ତୋରଣ ଆଦି ଆୟୋଜନରେ ସ୍ୱତନ୍ତ୍ରତା ବଜାୟ ରଖିଛି। ଏଥର ଇଲେକ୍ଟ୍ରୋନିକ୍ ଓ ଏଲ୍‌ଇଡି ତୋରଣ ଆକର୍ଷଣ ସାଜିବ। ମହତାବ ରୋଡ୍ ପର୍ଯ୍ୟନ୍ତ ଆଲୋକ ସାଜସଜ୍ଜା ଆଖି ଝଲସାଇଦେବ। ଏଥିପାଇଁ ପ୍ରସ୍ତୁତି ଜୋର୍‌ସୋର୍‌ରେ ଚାଲିଛି। ଚଳିତବର୍ଷ କିଛି ନୂତନ ଧରଣର ଇଲେକ୍ଟ୍ରୋନିକ୍ ଗେଟ୍ ଦେଖିବାକୁ ମିଳିବ ଯାହା ସହରର ଅନ୍ୟ ପୂଜା କମିଟିର ତୋରଣକୁ ଫିକା ପକାଇଦେବ ବୋଲି କମିଟି ପକ୍ଷରୁ କୁହାଯାଇଛି।

ରୋମାଞ୍ଚ ଭରିଦିଏ ନବପତ୍ରିକା ପୂଜା

ନନ୍ଦୋତ୍ସବରେ ମାଟି ଉଠା ହେବାପରେ ଗଣେଶପୂଜାଠାରୁ ମୂର୍ତ୍ତି ନିର୍ମାଣ ଆରମ୍ଭ ହୁଏ। ଚଳିତବର୍ଷ ଶିଳ୍ପୀ କୁମ୍ଭାର ସାହିର ୬ଜଣ କାରିଗର ମୂର୍ତ୍ତି ନିର୍ମାଣ କରୁଛନ୍ତି। ଅଷ୍ଟୀରେ ଏହି ପୂଜାମଣ୍ଡପରେ ବେଲବରଣୀ କରାଯାଏ। ବେଲ ଗଛ ମୂଳରେ ୨ଟି ବେଲ, କିଛି ବେଲକାଠି, ବେଲପତ୍ରକୁ ନେଇ ପୂଜାର୍ଚ୍ଚନା ହୋଇଥାଏ। ୭ମୀରେ ମା'ଙ୍କୁ ଚକ୍ଷୁଦାନ ଦିଆଯିବା ସହ ନବପତ୍ରିକା ପୂଜା କରାଯାଏ। ନବପତ୍ରିକା ପୂଜା ଦେଖଣାହାରୀଙ୍କ ମନରେ

ଅନେକ ରୋମାଞ୍ଚ ଭରି ଦେଇଥାଏ। ୬ଷ୍ଠୀରେ ପୂଜା ହୋଇଥିବା ବେଲଜାତ ସାମଗ୍ରୀକୁ ନେଇ ଏକ କଦଳୀଗଛରେ ଦେବୀ ଆକୃତି ରୂପ ଦିଆଯାଏ। ଏହାକୁ ନବପତ୍ରିକା କୁହାଯାଏ। ପୂଜାର୍ଚ୍ଚନା ପରେ ଏହାକୁ ଦେବୀଘରକୁ ଅଣାଯାଏ। ପରେ ଅଷ୍ଟମୀ ପୂଜା ଧୁମ୍‌ଧାମରେ ପାଳନ କରାଯାଏ। ନବମୀରେ ଚଣ୍ଡୀପାଠ କରାଯିବା ସହ ଦଶମୀ ପୂଜା ଶେଷ ହୋଇ ବିସର୍ଜନ କରାଯାଏ। ଦେବୀଘରେ ଥିବା ନବପତ୍ରିକାକୁ ନେଇ ସ୍ଥାନୀୟ କେନାଲରେ ପ୍ରଥମେ ବିସର୍ଜନ କରାଯାଇଥାଏ।

ଗାଁକୁ ଆମିଷ ମନା

ଛତ୍ରବଜାର କଟକର ଏକ ପୁରାତନ ଜନବସତି। ଏଠାରେ ଆଖପାଖରେ ଥିବା କିଛି ଅଞ୍ଚଳକୁ ଗାଁ ଭାବେ ପରିଚୟ ଦିଆଯାଏ। ୧୬ପୂଜାଠାରୁ ଗାଁରେ ଆମିଷ ପ୍ରବେଶକୁ ନିଷେଧ କରାଯାଏ। ଏପରିକି ମାଟି ଉଠା ସମୟରେ କର୍ତ୍ତାଭାବେ ଦାୟିତ୍ୱ ଗ୍ରହଣ କରିଥିବା ବ୍ୟକ୍ତି ମଧ୍ୟ ପିଆଜ, ରସୁଣ ଖାଇ ନ ଥାନ୍ତି।

ଏଇଠୁ ସୃଷ୍ଟି ହୋଇଥିଲା ମେଲୋଡ଼ି ପରମ୍ପରା

ଛତ୍ରବଜାର ପୂଜା କମିଟି ଓଡ଼ିଶାରେ ମେଲୋଡ଼ିର ଅନ୍ତୁଡିଶାଳ ବୋଲିଦାବିକରିଛି। ପ୍ରଥମେ କଟକରେ ଦଶହରା ପର୍ବ ଆରମ୍ଭ ହୋଇଥିଲା। ତେବେ କଟକର ସମସ୍ତ ପୂଜା କମିଟିଗୁଡ଼ିକ ମଧ୍ୟରେ ଏହି ପୂଜା କମିଟି ପ୍ରଥମେ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଏପରି କି ଏହିଠାରେ ହିଁ ଗୀତ ପରିବେଷଣ କରି ଅନେକ ବ୍ୟକ୍ତି ପରବର୍ତ୍ତୀ ସମୟରେ ମେଲୋଡ଼ି ପାର୍ଟି ଗଠନ କରିଥିଲେ ବୋଲି କମିଟିର ସଦସ୍ୟମାନେ କହିଛନ୍ତି।

ଶହେ ବର୍ଷ ପୂର୍ତ୍ତି ଉତ୍ସବ ପାଇଁ ଅଢ଼େଇ କୁଇଣ୍ଟାଲର ଚାନ୍ଦି ମେଢ଼

ଆସନ୍ତାବର୍ଷ ଏହି ପୂଜା କମିଟି ଶହେ ବର୍ଷ ପୂରଣ କରିବ। ଏଥି ନିମନ୍ତେ ଚଳିତ ବର୍ଷ ଚାନ୍ଦି ପୂଜା ଶେଷ ହୋଇ ଚାନ୍ଦିମେଢ଼ ନିର୍ମାଣ ଆରମ୍ଭ ହୋଇ ସାରିଛି ବୋଲି ପୂଜା କମିଟି ପକ୍ଷରୁ କୁହାଯାଇଛି। ଚାନ୍ଦିମେଢ଼ଟି ଅଢ଼େଇ କୁଇଣ୍ଟାଲର ହେବାକୁ ଯୋଜନା ରହିଥିବାବେଳେ ପ୍ରଥମ ପର୍ଯ୍ୟାୟରେ ଏକ କୁଇଣ୍ଟାଲର ଚାନ୍ଦିରେ କାମ ଆରମ୍ଭ ହୋଇଛି।

ଶୃଙ୍ଖଳିତ ପୂଜା ମୁଖ୍ୟ ଲକ୍ଷ୍ୟ

ପୂଜାକୁ ଶାନ୍ତିଶୃଙ୍ଖଳାରେ ସମାପନ କରିବା ଆମ କମିଟିର ମୁଖ୍ୟ ଲକ୍ଷ୍ୟ। ପୂଜା କମିଟିର ସମସ୍ତ ସଦସ୍ୟ, କର୍ମକର୍ତ୍ତା ଏ ଦିଗରେ ଖୁବ୍ ସଚେତନ ମଧ୍ୟ। ଏହାକୁ ଦୃଷ୍ଟିରେ ରଖି ସବୁକିଛି ଆୟୋଜନ ସୁବ୍ୟବସ୍ଥିତ ଢ଼ଙ୍ଗରେ ଚାଲିଛି। ଆଗାମୀ ପୂଜା ନିମନ୍ତେ ୧୨ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଭସାଣିରେ ମଧ୍ୟ ବିଶୃଙ୍ଖଳା କିପରି ନ ହେବ ସେଥିପାଇଁ ଧ୍ୟାନ ଦିଆଯିବ।

- ଦେବେନ୍ଦ୍ରନାଥ ସାହୁ, ସଭାପତି

ଗଜପତି ଇଂରେଜ ସରକାରଙ୍କୁ ଲେଖିଥିବା ଚିଠି

ଡ. ସୁରେନ୍ଦ୍ର କୁମାର ମିଶ୍ର

'ଜୟୀ ରାଜଗୁରୁ ଆଣ୍ଡ ଆଣ୍ଟି କଲୋନିୟାଲ ରେଜିଷ୍ଟାନ୍ସ ଇନ୍ ଖୁର୍ଦ୍ଧା' ପୁସ୍ତକରେ ପ୍ରାମାଣିକ ଦସ୍ତାବିଜ ଆଧାରରେ ଲେଖକ ଲେଖିଛନ୍ତି ଯେ – କେତେକ ଐତିହାସିକ ଏଭଳି ସମୟରେ ଜଗବନ୍ଧୁଙ୍କର ଆନ୍ଦୋଳନରୁ ଦୂରେଇ ରହିବା ବିଷୟରେ ଆଲୋଚନା କରିଛନ୍ତି। ଆଉ କେତେକ ଇତିହାସକାର ତାଙ୍କର ସ୍ୱ ଇଚ୍ଛାରେ କର୍ମପନ୍ଥା ଗ୍ରହଣ ନ କରିବାର କାରଣ ନିର୍ଦ୍ଦେଶ କରିଅଛନ୍ତି। ଏ ସମ୍ପର୍କରେ ଅଧ୍ୟାପକ ବି.ସି. ରାୟ ନିଜ ପୁସ୍ତକ 'ବକ୍ସି ଜଗବନ୍ଧୁ'ରେ ଉଲ୍ଲେଖ କରିଛନ୍ତି ଖୋର୍ଦ୍ଧା ରାଜା ଓ ବ୍ରିଟିଶ ସରକାର ମଧ୍ୟରେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଜୀବନ–ମରଣ ଯୁଦ୍ଧରେ ସେନାମୁଖ୍ୟ ଭାବରେ ଜଗବନ୍ଧୁଙ୍କର ଏକ ମୁଖ୍ୟ ଭୂମିକା ଗ୍ରହଣ କରିବା ସମୀଚୀନ ଥିଲା, କିନ୍ତୁ କୌଣସି ବ୍ରିଟିଶ୍ କିମ୍ବା ଦେଶୀୟ ନଥିପତ୍ରରେ ସେହି ଯୁଦ୍ଧରେ ଲିପ୍ତ ରହିବା କଥାର ଚିହ୍ନବର୍ଣ୍ଣ ନାହିଁ। ଏହା ସ୍ପଷ୍ଟ ଭାବରେ ସୂଚାଇ ଦିଏ ଯେ, ସମ୍ଭବତଃ ଖୋର୍ଦ୍ଧା ରାଜ୍ୟ ହରାଇବାର ଆଶଙ୍କାରେ ଜୟୀ ରାଜଗୁରୁଙ୍କର ବ୍ରିଟିଶ ଭଳି ଏକ ବୃହତ୍ ଶକ୍ତି, ଯେଉଁମାନେ କି ମରହଟ୍ଟାମାନଙ୍କୁ ଓଡ଼ିଶାରୁ ତଡ଼ି ଦେଇଥିଲେ, ତାଙ୍କ ସହିତ ଲଢ଼ିବା ଚିନ୍ତାଧାରା ସପକ୍ଷରେ ଜଗବନ୍ଧୁ ନ ଥିଲେ। ସମ୍ଭବତଃ ଏହି କାରଣ ହେତୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାଠାରୁ ସେ ନିଜକୁ ଦୂରେଇ ରଖିଥିବାର ଦେଖାଯାଏ। ପୁନର୍ବାର ସେ ଉଲ୍ଲେଖ କରିଛନ୍ତି ୧୮୦୩ ମସିହାରେ ଇଂରେଜମାନେ ଓଡ଼ିଶା ଆକ୍ରମଣ ସମୟରେ ବ୍ରିଟିଶ୍ ଭଳି ଏକ ବୃହତ୍ ଶକ୍ତି ସହିତ ମୁକାବିଲା କରିବା ଅପେକ୍ଷା ଜଗବନ୍ଧୁ ଦୂରେଇ ରହିବା ଓ ସାବଧାନତା ଅବଲମ୍ବନ କରିବା ଲକ୍ଷ୍ୟ କରାଯାଏ।

ଏଥିରେ କିଛି ଅସୁବିଧା ନାହିଁ। ଆମେ ସ୍ୱୀକାର କରିବା ଯେ ୧୮୦୪ ମସିହାରେ ଜଣେ ସେନାପତିଙ୍କ ନେତୃତ୍ୱରେ ଯୁଦ୍ଧ ହୋଇଥିଲା। ସେତେବେଳେ ସେ ଯୁଦ୍ଧରୁ ଦୂରେଇ ରହିଥିବା ବ୍ୟକ୍ତିତ୍ୱ ୧୮୧୭ ମସିହାରେ ମଧ୍ୟ ଅଘୋଷିତ ଭାବରେ ହେଉ ପଛେ ସେନାପତି ଦାୟିତ୍ୱ ତୁଲାଇବାରେ ହେଳା କରି ନ ଥିଲେ, ତେଣୁ ପ୍ରଥମ ଯୁଦ୍ଧର ସେନାପତିଙ୍କୁ ଆମେ ଯେମିତି ମର୍ଯ୍ୟାଦା ଦେବା, ପ୍ରଥମ ବିଦ୍ରୋହର ସେନାପତିଙ୍କୁ ମଧ୍ୟ ସେଇଭଳି ମର୍ଯ୍ୟାଦା ଦେବାରେ କୁଣ୍ଠିତ ହେବାକଥା ନୁହଁ। ଦୁହିଁଙ୍କୁ ବୀରପୁରୁଷର ମର୍ଯ୍ୟାଦା ଦେଇ ୧୮୦୪ ମସିହା ବେଳରୁ ଆମେ ଆମର ବୀରତ୍ୱର ଇତିହାସ ଉପସ୍ଥାପନ କରିଥିଲେ ଓଡ଼ିଶାର ଗୌରବମୟ ଐତିହ୍ୟ ବିଶ୍ୱବିଦିତ ହୋଇଥାନ୍ତା। କେବଳ ଏତିକି ନୁହେଁ, ଏଇ ଦୁଇଜଣ ମର୍ଯ୍ୟାଦାବନ୍ତ ବୀରଙ୍କ ସହିତ ତାପଙ୍ଗ ଦଳବେହେରାଙ୍କୁ ଆମେ ଉପସ୍ଥାପନ କରିଥାନ୍ତେ। କାରଣ ଇଂରେଜମାନଙ୍କର ସାମ୍ରାଜ୍ୟବାଦୀ ଆଭିମୁଖ୍ୟକୁ ବର୍ଷେ–ଦି'ବର୍ଷ ନୁହେଁ ୨୩ ବର୍ଷ ଧରି ଓଡ଼ିଶାରେ ବିରୋଧ ହୋଇଥିଲା। ଅର୍ଥାତ୍ ୧୮୦୪ରୁ ୧୮୨୭ ମସିହା ପର୍ଯ୍ୟନ୍ତ।

୧୮୨୭ ମସିହାରେ ୭ ଦିନ ଧରି ଯେଉଁ ଯୁଦ୍ଧ ହୋଇଥିଲା, ତାହା ଉପରେ କିପରି ୧୮୦୪ ମସିହା ଜୟୀ ରାଜଗୁରୁଙ୍କ ଯୁଦ୍ଧର ପ୍ରଭାବ ପଡ଼ିଥିଲା, ତାହା ଆମେ ଆଲୋଚନା ଚକ୍

ଭଗବାନଙ୍କ ନାମ ଜପ କଲେ, ମନ ଯେ କେବଳ ଏକାଗ୍ର ହେବ, ତାହା ନୁହେଁ। ମନ ଭିତରେ ନିର୍ମଳ, ପବିତ୍ର ଓ ଶୁଦ୍ଧ ହୋଇଯାଏ।
-ରମଣ ମହର୍ଷି

ସଂକ୍ଷେପରେ

ସରପଞ୍ଚଙ୍କ ଦାଦାଗିରି ଗ୍ରାମସଭାରେ ବାପ ପୁଅଙ୍କୁ ଆକ୍ରମଣ

ଖୋର୍ଦ୍ଧା ଅଫିସ/ ନିରାକାରପୁର, ୨୩।୯ (ଡି.ଏନ.ଏ.): ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଏକ ଗାଁରେ ରବିବାର ସନ୍ଧ୍ୟାରେ ଗ୍ରାମସଭା ଚାଲୁ ଥିବାବେଳେ ନିରୁପମା ମହରଣାଙ୍କ ଦୁଇ ପୁଅ, ସ୍ୱାମୀ ପ୍ରଭାକର, ଭଣଜାଙ୍କୁ ମିଳିତ ଆକ୍ରମଣ ହୋଇଥିବା ଜଙ୍କିଆ ଥାନାରେ ଅଭିଯୋଗ ହୋଇଛି। ଜଣେ ସରପଞ୍ଚ ଓ ତାଙ୍କ ନିର୍ଦ୍ଦେଶରେ ସମର୍ଥକ ଏହି ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ପ୍ରତିବାଦ କରିବାରୁ ସମ୍ପୃକ୍ତ ସରପଞ୍ଚ ଘରେ ନିଆଁ ଲଗାଇ ଦେବେ, ଜଙ୍ଗଲରେ ବାପ ପୁଅଙ୍କୁ ମାରି ହତ୍ୟା କରିବେ ବୋଲି ଧମକ ଦେଇଛନ୍ତି। ଶାସକ ଦଳର ଲୋକ ହୋଇଥିବାରୁ ପୋଲିସରେ ଅଭିଯୋଗ କଲେ ସୁଫଳ ମିଳିବନି ବୋଲି ଧମକ ମିଳିଛି। ଅନ୍ୟପକ୍ଷେ ସରପଞ୍ଚଙ୍କ ପକ୍ଷରୁ ମଧ୍ୟ ପାଲଟା ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଭାରପ୍ରାପ୍ତ ଥାନା ଅଧିକାରୀ ନିରଞ୍ଜନ ରାଉତ କହିଛନ୍ତି। ଏ ନେଇ ସରପଞ୍ଚଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ଫୋନ ସୁଇଚ ଅଫ ଥିଲା।

ଟ୍ରକ୍ ଧକ୍କାରେ ସ୍କୁଟର ଚାଳକ ଗୁରୁତର

ଯାଁଳା, ୨୩।୯(ଡିଏନ.ଏ.): ଜଟଣୀ ଥାନା ଯାଁଳା ଫାଣ୍ଡି ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥ ଦଶହରା ପଡିଆଠାରେ ରବିବାର ରାତି ସାଢ଼େ ୧୧ଟାରେ ଟ୍ରକ ଧକ୍କାରେ ଜଣେ ସ୍କୁଟର ଚାଳକ ଗୁରୁତର ହୋଇଛନ୍ତି। ରାତିରେ ଖୋର୍ଦ୍ଧା ପଟୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ସ୍କୁଟର (ନଂ. ଓଆର୦୨ଜେଡ ୩୫୩୦)କୁ ପଛପଟୁ ଟ୍ରକ୍ (ନଂ. ଏପି୨୧ ଟିଏ୪୨୩୯) ଧକ୍କା ଦେଇଥିଲା। ସ୍କୁଟର ଚାଳକ ଗୁରୁତର ହୋଇପଡିଥିଲେ । ତାଙ୍କୁ ପିସିଆର ଭ୍ୟାନ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା ଲାଗି ଭର୍ତ୍ତି କରିଛି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଅଛି। ଫାଣ୍ଡି ପୋଲିସ ଦୁର୍ଘଟଣା ଗ୍ରସ୍ତ ଦୁଇଟି ଗାଡିକୁ ଜବତ କରିଛି। ଟ୍ରକ୍ ଚାଳକ ଫେରାର ହୋଇ ଯାଇଛନ୍ତି।

ବର୍ଷା ଧୋଇନେଲା ବୁଣା, ରୁଆଧାନ
କ୍ଷତିପୂରଣ ପାଇଁ ଦାବି

କଣାସ,୨୩।୯(ସ୍ୱ.ପ୍ର.): ପୁରୀ ଜିଲାର ଖାଲୁଆ ଅଞ୍ଚଳ ଭାବେ ଜଣାଯାଉଥିବା କଣାସ ବ୍ଲକରେ ଚଳିତବର୍ଷର ଲଘୁଚାପ ବର୍ଷା ଓ ବନ୍ୟା ଦ୍ୱାରା ବୁଣାଯାଇଥିବା ଧାନ, ଫସଲ ଓ ରୁଆ ଯାଇଥିବା ଧାନ ସଢ଼ି ଯାଇଥିବାରୁ ଚାଷୀମାନେ ଭାଙ୍ଗି ପଡିଛନ୍ତି। ଫଳରେ ବ୍ୟାଙ୍କରୁ ଆଣିଥିବା ଋଣ ପରିଶୋଧ ପାଇଁ ସେମାନେ ଚିନ୍ତାରେ ପଡିଯାଇଛନ୍ତି। ପ୍ରକାଶ ଯେ, ଉକ୍ତ ବ୍ଲକର ୨୮ ଗ୍ରାମପଞ୍ଚାୟତରେ ୧୧ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ସାରଦଧାନ ଚାଷୀମାନେ ବୁଣି ଥିଲେ। ଜୁନ ୨୦ତାରିଖରୁ ଲଘୁଚାପଜନିତ ବର୍ଷା ଲାଗିରହିବାରୁ ଜମିରେ ୫ଫୁଟ ପାଣି ଜମି ଧାନଗଛଗୁଡିକ ପଚି ନଷ୍ଟ ହୋଇଯାଇଥିଲା। ପରେ ପାଣିକମିବାରୁ ଦୂରଦୂରାନ୍ତରରୁ ଧାନତଳି ଆଣି ପୁନଶ୍ଚ ଜମିରେ ରୁଆଇଥିବା ବେଳେ ପୁନର୍ବାର ବର୍ଷା ହୋଇ ପାଣି ଲହଡା ଭାଙ୍ଗି ଧାନଗଛ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଯାହା ଚାଷୀଙ୍କ ହାଡଭଙ୍ଗା ପରିଶ୍ରମକୁ ବର୍ଷା ଭାଙ୍ଗି ଦେଇଥିଲା। ଏନେଇ କଣାସ ବ୍ଲକ କୃଷକ ସଂଗଠନ, ସାମାଜିକ କର୍ମୀ ସୁକାନ୍ତ କିଶୋର ସାମନ୍ତରାୟ ଓ ଶ୍ରୀକାନ୍ତ ପାଟ୍ଟଯୋଷୀ ମିଶି କ୍ଷତିଗ୍ରସ୍ତ ଧାନ ଫସଲକୁ ତଦନ୍ତ କରି ଚାଷୀମାନଙ୍କୁ କ୍ଷତିପୂରଣ ଦେବା ଏବଂ ବିରି, ମୁଗ, ଚିନାବାଦାମ ବିହନ ମାଗଣାରେ ଚାଷୀଙ୍କୁ ଯୋଗାଇଦେବାକୁ ଦାବି କରିଛନ୍ତି।

■ ମଞ୍ଚେଶ୍ୱର–ଚକେଇସିଆଣୀ ଗ୍ରାମ ବିବାଦ ଉଗ୍ରରୂପ ନେଲା

କ୍ଲବରେ ଭଙ୍ଗାରୁଜା, ଟେକାପଥର ମାଡ଼

ଭୁବନେଶ୍ୱର, ୨୩।୯(ବ୍ୟୁରୋ)

ମଞ୍ଚେଶ୍ୱର ଓ ଚକେଇସିଆଣୀ ଗ୍ରାମ ମଧ୍ୟରେ ଲାଗି ରହିଥିବା ବିବାଦ ରବିବାର ଅପରାହ୍ନରେ ଉଗ୍ରରୂପ ଧାରଣ କରିଛି। ମଞ୍ଚେଶ୍ୱର ଗ୍ରାମର କେତେଜଣ ଯୁବକ ସମେଇଗାଡିଆରେ ଥିବା ସୋମନାଥ କ୍ଲବରେ ପଶି ଭଙ୍ଗାରୁଜା କରିବା ସହ ଟେକା ପଥର ମାଡ କରିଥିଲେ। ଟେକାପଥର ମାଡରେ କ୍ଲବ ଘର ଝରକା ଓ ଅନ୍ୟାନ୍ୟ ସାମଗ୍ରୀ ସହିତ ଏକ ସ୍କୁଟି ଏବଂ ଜଣେ ବ୍ୟକ୍ତିଙ୍କ କାର୍ ଭାଙ୍ଗିରୁଜି ଯାଇଛି। ଏ ନେଇ କ୍ଲବର ସେକ୍ରେଟେରି ମାନସ ପତି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ତାଙ୍କ ଅଭିଯୋଗ ଆଧାରରେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏହି ଘଟଣାରେ ପୋଲିସ କାହାରିକୁ ଗିରଫ କରିନାହିଁ। ଦୁଇ ଗ୍ରାମ ମଧ୍ୟରେ ଉତ୍ତେଜନା ଲାଗି ରହିଥିବାରୁ ବ୍ୟାପକ ପୋଲିସ ମୁତୟନ କରାଯାଇଛି।

ଥାନା ଅଧିକାରୀ କେ.ପି. ମିଶ୍ର ନିଜେ ମଧ୍ୟ ଘଟଣାସ୍ଥଳକୁ ଯାଇ ସ୍ଥିତି ଉପରେ ନଜର ରଖିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଗତ ୧୬ ତାରିଖ ଦିନ କୌଣସି କାରଣକୁ ନେଇ ମଞ୍ଚେଶ୍ୱର ଗ୍ରାମ ଓ ଚକେଇସିଆଣୀ ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଥାନାରେ ଦୁଇ ଗୋଷ୍ଠୀ ପକ୍ଷରୁ ଅଭିଯୋଗ ହୋଇଥିଲା। ହେଲେ ଦୁଇ ଗ୍ରାମର ମୁରବିମାନେ ବସି ଏହି ମାମଲାକୁ ଆପୋସ ସମାଧାନ କରିବା ପାଇଁ ଚେଷ୍ଟା କରିଥିଲେ। ଏପରି କି ଦୁଇ ଗ୍ରାମର ମୁରବିମାନଙ୍କୁ ନେଇ ସୋମବାର ବୈଠକ ବସିବାର ଥିଲା। ହେଲେ ରବିବାର ଅପରାହ୍ନ ପ୍ରାୟ ୪ଟା ୩୦ରେ ମଞ୍ଚେଶ୍ୱର ଗ୍ରାମର ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଯୁବକ ସମେଇଗାଡିଆରେ ଥିବା ସୋମନାଥ କ୍ଲବ ନିକଟକୁ ଯାଇଥିଲେ। ସେମାନେ ଠେଙ୍ଗାବାଡି ଧରି କ୍ଲବ ଭିତରେ ପଶି ବ୍ୟାପକ ଭଙ୍ଗାରୁଜା କରିଥିଲେ। କ୍ଲବ ଭିତରେ ଥିବା ଚେୟାର ଟେବୁଲ ଓ ଅନ୍ୟ ଆସବାବପତ୍ରକୁ ଭାଙ୍ଗି ଦେଇଥିଲେ। ଏପରିକି ପୂର୍ଣ୍ଣ ରାଉତ ନାମକ ବ୍ୟକ୍ତି ଉକ୍ତ କ୍ଲବ ନିକଟରେ ନିଜର କାର(ଓଡି–୦୨ଏଏଲ୍–୪୩୫୭) ରଖିଥିବା ସମୟରେ ଟେକା ପଥର ମାଡରେ ତାଙ୍କର କାର ଭାଙ୍ଗିଯାଇଛି। ସେହିଭଳି କ୍ଲବ ଆଗରେ ଥିବା ଅନ୍ୟ ଏକ ସ୍କୁଟି(ଓଡି–୦୨–ଏଆର–୪୪୬୨) ଭାଙ୍ଗିଯାଇଛି। ଘଟଣା ପରେ ଗ୍ରାମର ଅଧିକାଂଶ ଯୁବକ ଫେରାର ହୋଇଯାଇଛନ୍ତି। ଅନ୍ୟପଟେ ଆଗକୁ ଦୁର୍ଗା ପୂଜା ଆସୁଥିବାରୁ କିଭଳି ଗଣ୍ଡଗୋଳକୁ ରୋକି ଦୁଇ ଗ୍ରାମରେ ଶାନ୍ତି ପ୍ରତିଷ୍ଠା ହେବ ସେଥିଲାଗି ଦୁଇ ଗ୍ରାମର ମୁରବିମାନେ ଆଲୋଚନା କରୁଥିବା ଜଣାପଡିଛି।

ଓଡ଼ିଆ ବିଶ୍ୱବିଦ୍ୟାଳୟ ଶିଳାନ୍ୟାସ ପାଇଁ ପ୍ରସ୍ତୁତି ଜୋରଦାର

ସାକ୍ଷୀଗୋପାଳ, ୨୩।୯(ଡି.ଏନ୍.ଏ.):

ପୁରୀ ଜିଲା ସତ୍ୟବାଦୀ ବକୁଳବନରେ ପ୍ରତିଷ୍ଠା ହେବ ଓଡ଼ିଆ ବିଶ୍ୱବିଦ୍ୟାଳୟ। ଏହି ଐତିହାସିକ ଶିଳାନ୍ୟାସ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିବେ ବୋଲି ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ କହିଛନ୍ତି। ରାଜସ୍ୱ ମନ୍ତ୍ରୀ, ବିଧାୟକ ଓ ଅଧିକାରୀମାନେ ସ୍ଥିତି ଅନୁଧ୍ୟାନ କରିବା ପରେ ପ୍ରସ୍ତୁତି ଜୋରଦାର ଆରମ୍ଭ ହୋଇଛି।

ଶିଳାନ୍ୟାସ ଓ ସଭାସ୍ଥଳ ପଞ୍ଚସଖା ପଡ଼ିଆକୁ ସଫା କରାଯାଇ ବାଲି ଓ ଡଷ୍ଟ ପକାଯାଇ ସମତୁଲ କରାଯିବ। ସ୍ମୃତି ସମାଧିପୀଠ, ବକୁଳବନ, ମୁକ୍ତାକାଶ ରଙ୍ଗମଞ୍ଚ ସଫେଇ ଓ ମରାମତି କାମ ପୂର୍ତ୍ତ ବିଭାଗ ପକ୍ଷରୁ କରାଯାଉଛି। ପାର୍ଶ୍ୱବର୍ତ୍ତୀ ରାସ୍ତା ସମ୍ପ୍ରସାରଣ କରିବାକୁ ଗ୍ରାମ ଉନ୍ନୟନ ଓ ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ପ୍ରସ୍ତାବିତ ଜମି ହସ୍ତାନ୍ତର କରିବାକୁ ସାକ୍ଷୀଗୋପାଳ ମନ୍ଦିର ପ୍ରଶାସନ ପକ୍ଷରୁ ରାଜ୍ୟ ଦେବୋତ୍ତର ଆୟୁକ୍ତଙ୍କ ଅନୁମତି ଲୋଡାଯାଇଛି। ଦେବୋତ୍ତର ଆୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ପ୍ରସ୍ତାବିତ ୨୯ଏକର ଜମିର ସରକାରୀ ଧାର୍ଯ୍ୟଦର ଅନୁଯାୟୀ ମୂଲ୍ୟାଙ୍କନ କରାଯାଇ ସତ୍ୟବାଦୀ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ପକ୍ଷରୁ ରିପୋର୍ଟ ପ୍ରଦାନ କରାଯାଇଛି। ପୁରୀ ଜିଲାପାଳ, ଉପ ଜିଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରସ୍ତୁତି ଚାଲିଥିବା ବେଳେ ରବିବାର ଅପରାହ୍ନରେ ପୁରୀ ଗ୍ରାମ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଡ. ଉଦ୍ଧବ ଚନ୍ଦ୍ର ମାଝୀ ବକୁଳବନରେ ପହଞ୍ଚି ଅଗ୍ରଗତି ବୁଲି ଦେଖିଛନ୍ତି।

ସେହିପରି ଭାରତ ବିକାଶ ପରିଷଦ, ବକୁଳବନ ସୁରକ୍ଷା ପରିଷଦ, କ୍ଲବ ସତ୍ୟବାଦୀର ସଦସ୍ୟମାନଙ୍କର ଏକ ବୈଠକ ସାକ୍ଷୀଗୋପାଳ ପାଛଶାଳାରେ ବସିଥିଲା। ବକୁଳବନ, ବନବିଦ୍ୟାଳୟ ପୁନରୁଦ୍ଧାର ସହିତ ଓଡ଼ିଆ ବିଶ୍ୱ ବିଦ୍ୟାଳୟ ସ୍ଥାପନ ପାଇଁ ରାଜ୍ୟ ସରକାର, ସତ୍ୟବାଦୀ ବିଧାୟକ ଓ କ୍ରିୟାନୁଷ୍ଠାନ କମିଟିକୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଆସନ୍ତା ୨୯ ତାରିଖରେ ଦେଶାତ୍ମବୋଧ ସଙ୍ଗୀତ ଓ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି।



ଅହମଦୀୟା ମୁସଲିମ୍ ସମ୍ପ୍ରଦାୟ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ଏକ ହୋଟେଲ୍‌ରେ ରବିବାର ଅନୁଷ୍ଠିତ ଶାନ୍ତି ଆଲୋଚନା ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।

ଶୈକ୍ଷିକ ଭ୍ରମଣରେ ଆନ୍ଧ୍ରଗଲେ ନଡ଼ିଆ ଚାଷୀ

ସାକ୍ଷୀଗୋପାଳ,୨୩।୯(ଡି.ଏନ୍.ଏ.):

ନଡିଆ ଚାଷ ସମ୍ପର୍କରେ ଅଧିକ ଜ୍ଞାନ କୌଶଳ ଆହରଣ କରି ଓଡ଼ିଶାରେ ନଡିଆ ଉତ୍ପାଦନ ଅଭିବୃଦ୍ଧି ଲକ୍ଷ୍ୟରେ କେନ୍ଦ୍ର ସରକାରଙ୍କ ନାରିକେଳ ଉନ୍ନୟନ ପରିଷଦ ପକ୍ଷରୁ ରବିବାର ୩୦ଜଣ ନଡିଆ ଚାଷୀ ଶୈକ୍ଷିକ ଭ୍ରମଣରେ ଆନ୍ଧ୍ରପ୍ରଦେଶ ଯାଇଛନ୍ତି। ଉପକୂଳ ଓଡ଼ିଶାର ବିଭିନ୍ନ ଜିଲାରୁ ଚାଷୀମାନଙ୍କୁ ଚୟନ କରାଯାଇଛି। ଆନ୍ଧ୍ରରେ ଥିବା ନଡ଼ିଆ ଚାଷୀମାନଙ୍କ ନଡିଆ ଫାର୍ମ ବୁଲିବା ସହିତ ସେମାନେ କିପରି ଉନ୍ନତ ପ୍ରଣାଳୀରେ ନଡିଆ ଚାଷ କରୁଛନ୍ତି ଭ୍ରମଣ କାଳରେ ଚାଷୀମାନେ ଶିକ୍ଷା ଗ୍ରହଣ କରିବେ। ସେମାନଙ୍କ ସହିତ ନାରିକେଳ ପରିଷଦର ଅଧିକାରୀ ରବି ଦାସ ଗାଇଡ୍ ଭାବେ ଏହି ଟୁରରେ ସାମିଲ ହୋଇଛନ୍ତି। ନାରିକେଳ ଉନ୍ନୟନ ପରିଷଦର ସଦସ୍ୟ ଡ. ବିଶ୍ୱନାଥ ରଥ, ଅଧିକାରୀ ସସ୍ମିତା ପଲେଇ ଓ ସର୍ବଭାରତୀୟ ନଡିଆ ଚାଷୀ ସଂଘର ରାଜ୍ୟ ସଭାପତି ହୃଷୀକେଶ ମିଶ୍ର ପ୍ରମୁଖ ଚାଷୀମାନଙ୍କୁ ପୁରୀ ରେଳଷ୍ଟେଶନରୁ ମେଲାଣି ଦେଇଥିଲେ।

ପଲିଥିନ ଓ ମାନବ ସ୍ୱାସ୍ଥ୍ୟ ଶୀର୍ଷକ କର୍ମଶାଳା

ପୁରୀ ଅଫିସ, ୨୩।୯:

ଆଇକନିକ ସିଟି ଯୋଜନାରେ ନାଲ୍‌କୋ ପୁରୀ ସହର ପାଇଁ ୧୮୦କୋଟି ଟଙ୍କା ଖର୍ଚ୍ଚ କରିବାର ଯୋଜନା ପ୍ରସ୍ତୁତ କରିଛି। କିଛି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି। ପୁରୀକୁ ପଲିଥିନ ମୁକ୍ତ କରିବା ଲାଗି ନାଲ୍‌କୋ ସମସ୍ତ ସହଯୋଗ ଯୋଗାଇ ଦେବ। ପଲିଥିନର ବିକଳ୍ପ ପାଇଁ ଆବଶ୍ୟକ ହେଲେ ଆର୍ଥିକ ସହାୟତା ଯୋଗାଇଦେବ ବୋଲି ପଲିଥିନ ଓ ମାନବ ସ୍ୱାସ୍ଥ୍ୟ ଶୀର୍ଷକ ଜାତୀୟ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି ନାଲ୍‌କୋ ସିଏମ୍‌ଡି ଡ. ତପନ ଚାନ୍ଦ କହିଛନ୍ତି।

ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ ନିର୍ମାଲ୍ୟ ପକ୍ଷରୁ ଆୟୋଜିତ ଏହି ଆଲୋଚନାଚକ୍ର ଅନୁଷ୍ଠାନର ସଭାପତି ବଦ୍ରି ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଉଦ୍ଧବ ଚନ୍ଦ୍ର ମାଝି, ଡାକ୍ତର ଅଶୋକ ମହାପାତ୍ର, ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନର ଅଧ୍ୟକ୍ଷ ହରେକୃଷ୍ଣ ମହାପାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ଡ. ପ୍ରଭାସ ଆଚାର୍ଯ୍ୟ, ସମ୍ବଲପୁର ରୁଦ୍ର ପ୍ରସନ୍ନ ରଥ, କ୍ୟାନସର ରୋଗ ବିଶେଷଜ୍ଞ ଡାକ୍ତର ଘନଶ୍ୟାମ ବିଶ୍ୱାସ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ହାଡିବନ୍ଧୁ ପାଣିଗ୍ରାହୀଙ୍କୁ ନିର୍ମାଲ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା।

ବର୍ଷିୟାନ ଆଇନଜୀବୀ ନୀଳକଣ୍ଠ ମିଶ୍ର, ଖବରଦାତା ପ୍ରଦୀପ ମହାନ୍ତି, ଡାକ୍ତର ଅମିତାଭ ରଥ, ଡାକ୍ତର ସୌମ୍ୟକାନ୍ତ ସାହୁ, ରାଜେଶ ମହାନ୍ତି, ଶ୍ୟାମ ପ୍ରକାଶ ସେନାପତି, କାଳୀ ପ୍ରସାଦ ନନ୍ଦ, ବିଷ୍ଣୁଚରଣ ବରାଳ, ରମାକାନ୍ତ ମହାପାତ୍ର, ଚଳଚ୍ଚିତ୍ର ଅଭିନେତ୍ରୀ ଅନୁଭା ପଣ୍ଡା, ଅଭିନେତା ବବି ମିଶ୍ର, କେଦାର ମିଶ୍ର, ପ୍ରିୟବ୍ରତ ଧୀର, ପୁଲୀନ ଆଚାର୍ଯ୍ୟ, ସନ୍ତୋଷ ପାତ୍ର ପ୍ରମୁଖଙ୍କୁ ନିର୍ମାଲ୍ୟ ବନ୍ଧୁ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ସାହି ଭାଇ, ଓଡ଼ିଶା ଯୁବ ଚେତନା ସଂଗଠନ, ଭକ୍ତି ନିର୍ମାଲ୍ୟ, ମିଶନ ଓଡ଼ିଶା ସମେତ ପୁରୀର ବିଭିନ୍ନ ଅନୁଷ୍ଠାନ ଅଂଶ ଗ୍ରହଣ କରି ପଲିଥିନ ଓ ପ୍ଲାଷ୍ଟିକର ଭୟାବହତା ଉପରେ ମତ ରଖିଥିଲେ। ଏହି ଅବସରରେ ନିର୍ମାଲ୍ୟର ସ୍ୱାକ୍ଷର ସଙ୍ଗୀତ ଓ ସ୍ମରଣିକା ଉନ୍ମୋଚନ ହୋଇଥିଲା। କାର୍ଯ୍ୟକ୍ରମକୁ ସଂଯୋଜନା ଓ ପରିଚାଳନା କରିଥିଲେ ଅନୁଷ୍ଠାନର ସମ୍ପାଦକ ଅଧ୍ୟାପକ ବିଶ୍ୱନାଥ ମିଶ୍ର।

ବ୍ରିଟ୍ କଲୋନୀ ଡେଭଲପ୍‌ମେଣ୍ଟ କମିଟିର ରକ୍ତଦାନ ଶିବିର

ଭୁବନେଶ୍ୱର, ୨୩।୯(ବ୍ୟୁରୋ)

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ନୟାପଲ୍ଲୀ ବ୍ରିଟ କଲୋନୀ ଡେଭଲପ୍‌ମେଣ୍ଟ କମିଟି ପକ୍ଷରୁ ରବିବାର ଏକ ରକ୍ତଦାନ ଶିବିର କଲୋନୀସ୍ଥିତ ପାର୍କରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୦ ୟୁନିଟ୍‌ରୁ ଅଧିକ ରକ୍ତ ସଂଗ୍ରହ କରାଯାଇଛି। ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟ ସହଯୋଗରେ ଆୟୋଜିତ ଶିବିରରେ କମିଟିର ସଭାପତି ଅନାଦି ଚରଣ ସାହୁ ଯୋଗଦେଇ ରକ୍ତଦାନ ଦ୍ୱାରା ଆପାତକାଳୀନ ସମୟରେ ବହୁମୂଲ୍ୟବାନ ଜୀବନ ରକ୍ଷା କରାଯାଇପାରିବ ବୋଲି ମତବ୍ୟକ୍ତ କରିଥିଲେ। କର୍ପୋରେଟର ନିଖିଳ କୁମାର ବଳବନ୍ତରାୟ ରକ୍ତଦାନ କରିବା ସହ କମିଟିର ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। କମିଟିର ସାଧାରଣ ସମ୍ପାଦକ ସନାତନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଏନ୍‌ବିଡବ୍ଲ୍ୟୁ ବଳରେ ଅଭିଯୁକ୍ତ ଗିରଫ

କଟକ ଅଫିସ୍, ୨୩।୯

ବହୁ ଆପରାଧିକ ମାମଲାରେ ସମ୍ପୃକ୍ତି ଥିବା ଅଭିଯୋଗରେ ବାଦାମବାଡି ପୋଲିସ ସ୍ଥାନୀୟ ରାଜାବଗିଚା ସୁଇପର କଲୋନୀ ଅଞ୍ଚଳର ରଥିଆ ନାୟକ(୨୯)ଙ୍କୁ ରବିବାର ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, ଗତ ଜାନୁୟାରୀ ମାସରେ ରାଜାବଗିଚା ଅଞ୍ଚଳରେ ହୋଇଥିବା ଏକ ଗଣ୍ଡଗୋଳ ମାମଲା ସହ ଅନ୍ୟ କେତେକ ଆପରାଧିକ ମାମଲାରେ ରଥିଆଙ୍କ ସମ୍ପୃକ୍ତି ରହିଛି। ତେବେ ଏହି ମାମଲା ବିଚାରାଧୀନ ଥିବାବେଳେ କୋର୍ଟରେ ହାଜର ହେବାକୁ ରଥିଆଙ୍କୁ ନିର୍ଦ୍ଦେଶ ଥିଲା। ହେଲେ ସେ କୋର୍ଟରେ ହାଜର ହୋଇ ନ ଥିଲେ।

ଫଳରେ କୋର୍ଟ ରଥିଆଙ୍କ ବିରୋଧରେ ଜାମିନ୍ ବିହୀନ ଗିରଫ ପରୱାନା(ଏନ୍‌ବିଡବ୍ଲ୍ୟୁ) ଜାରି କରିବା ସହ ତାଙ୍କୁ ଗିରଫ କରିବାକୁ ବାଦାମବାଡି ପୋଲିସଙ୍କୁ ନର୍ଦ୍ଦେଶ ଦେଇଥିଲେ। ବହୁ ଆପରାଧିକ ମାମଲାରେ ସମ୍ପୃକ୍ତି ଥିବା ଅଭିଯୋଗରେ ବାଦାମବାଡି ପୋଲିସ ସ୍ଥାନୀୟ ରାଜାବଗିଚା ସୁଇପର କଲୋନୀ ଅଞ୍ଚଳର ରଥିଆ ନାୟକ(୨୯)ଙ୍କୁ ରବିବାର ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, ଗତ ଜାନୁୟାରୀ ମାସରେ ରାଜାବଗିଚା ଅଞ୍ଚଳରେ ହୋଇଥିବା ଏକ ଗଣ୍ଡଗୋଳ ମାମଲା ସହ ଅନ୍ୟ କେତେକ ଆପରାଧିକ ମାମଲାରେ ରଥିଆଙ୍କ ସମ୍ପୃକ୍ତି ରହିଛି। ତେବେ ଏହି ମାମଲା ବିଚାରାଧୀନ ଥିବାବେଳେ କୋର୍ଟରେ ହାଜର ହେବାକୁ ରଥିଆଙ୍କୁ ନିର୍ଦ୍ଦେଶ ଥିଲା। ହେଲେ ସେ କୋର୍ଟରେ ହାଜର ହୋଇ ନ ଥିଲେ।

ଫଳରେ କୋର୍ଟ ରଥିଆଙ୍କ ବିରୋଧରେ ଜାମିନ୍ ବିହୀନ ଗିରଫ ପରୱାନା(ଏନ୍‌ବିଡବ୍ଲ୍ୟୁ) ଜାରି କରିବା ସହ ତାଙ୍କୁ ଗିରଫ କରିବାକୁ ବାଦାମବାଡି ପୋଲିସଙ୍କୁ ନର୍ଦ୍ଦେଶ ଦେଇଥିଲେ।

ଏସ୍‌ବିଆଇ କର୍ମଚାରୀ ସଂଘର ବୈଠକ

ପୁରୀ ଅଫିସ, ୨୩।୯:

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ(ଏସ୍‌ବିଆଇ) କର୍ମଚାରୀ ସଂଘର ୬୬ତମ ଏବଂ ଏସ୍‌ବିଆଇ ଭୁବନ

ଭଗବାନଙ୍କ ପ୍ରତି ଅଖଣ୍ଡ ବିଶ୍ୱାସରୁ ଯେଉଁ ସୁଖ ମିଳେ, ସେ ସୁଖ ଅନ୍ୟ କେଉଁଠି ମିଳେ ନାହିଁ।

- ଭଲ୍‌ଟାୟାର

ସଂକ୍ଷେପରେ

ପୂର୍ବ ଶତ୍ରୁତାରୁ ମରଣାନ୍ତକ ଆକ୍ରମଣ: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୩।୯(ବ୍ୟୁରୋ): ଖଣ୍ଡଗିରି ଥାନା ଅଧୀନ ନୂଆଗାଁ ଅଞ୍ଚଳରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ରବିବାର ଗିରଫ କରିଛି। ସେ ହେଲେ ଖଣ୍ଡଗିରି ଥାନା ନୂଆଗାଁ ଅଞ୍ଚଳର ନରେନ୍ଦ୍ର ମୁଦୁଲି(୩୮)। ସୂଚନା ମୁତାବକ, ନୂଆଗାଁ ଅଞ୍ଚଳରେ ରହୁଥିବା ଅକ୍ଷୟ ମୁଦୁଲି ଏବଂ ନରେନ୍ଦ୍ରଙ୍କ ମଧ୍ୟରେ ଜମି ବିବାଦକୁ ନେଇ ଶତ୍ରୁତା ଲାଗି ରହିଥିଲା। ଏହାକୁ ନେଇ ଶନିବାର ରାତିରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଝଗଡା ବଢିବାରୁ ନରେନ୍ଦ୍ର ଏକ ଲୁହା ରଡ୍‌ରେ ଅକ୍ଷୟଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ପରିବାର ଲୋକେ ଅକ୍ଷୟଙ୍କୁ ଉଦ୍ଧାର କରି ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରିବା ପରେ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା(୪୧୦/୧୮) ରୁଜୁ କରିବା ସହ ନରେନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ସୁନ୍ଦରପଦାରେ ଖୁଦୁରୁକୁଣୀ ପୂଜା ମଞ୍ଚସ୍ଥ ହେଲା ତପୋଇ ନାଟକ

ପୁରୁଣା ଭୁବନେଶ୍ୱର,୨୩ ।୯ (ଡି.ଏନ.ଏ.): ମା' ମଙ୍ଗଳା ଖୁଦୁରୁକୁଣୀ ଓଷାର ଶେଷ ପାଳି ରବିବାର ଥିଲା। ଏ ନେଇ ରାଜଧାନୀର ସୁନ୍ଦରପଦା, କପିଳପ୍ରସାଦ ଗାଁ ଉତ୍ସବ ମୁଖର ହୋଇ ଉଠିଥିଲା। ବିଭିନ୍ନ ସାହିରେ ୨୦ ଉର୍ଦ୍ଧ୍ୱ ଠାକୁରାଣୀଙ୍କ ମୂର୍ତ୍ତି ପୂଜା ପାଉଥିବା ଦେଖିବାକୁ ମିଳିଥିଲା। ତେବେ ସୁନ୍ଦରପଦା ଗାଁର ଯୁବତୀଯୁବକମାନେ ସାଧବ ସାଧବାଣୀ ବେଶରେ ସୁସଜ୍ଜିତ ହୋଇ ଉଚ୍ଛଳୀୟ ନୌବାଣିଜ୍ୟ ପରମ୍ପରାକୁ ଉଜ୍ଜୀବିତ କରିଥିଲେ। ଅଜିତ କୁମାର ନନ୍ଦଙ୍କ ନିର୍ଦ୍ଦେଶନାରେ ଗାଁର ପିଲାମାନଙ୍କ ଦ୍ୱାରା ତପୋଇ ନାଟକ ମଞ୍ଚସ୍ଥ ହୋଇଥିଲା। ଯାହାକି ସମସ୍ତଙ୍କୁ ବାନ୍ଧି ରଖିଥିଲା। ସନ୍ଧ୍ୟାରେ କାର୍ଯ୍ୟକ୍ରମକୁ ଭାଜପା ନେତା ଅମିୟ ଦାଶ, ପୂର୍ବତନ ଜିଲା ପରିଷଦ ସଭ୍ୟ ସଂଗ୍ରାମ କେଶରୀ ପାଇକରାୟ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ନୀଳମଣି ମିଶ୍ର ପରିଚାଳନା କରିଥିଲେ।

ଆଧାତ୍ମିକ ପୁସ୍ତକମେଳା ଉଦ୍‌ଯାପିତ

ଭୁବନେଶ୍ୱର, ୨୩।୯(ବ୍ୟୁରୋ): ଶ୍ରୀଗୁଣ୍ଡିଚା ଆଧାତ୍ମିକ ଟ୍ରଷ୍ଟ ପକ୍ଷରୁ ୟୁନିଟ୍-୩ ପ୍ରଦର୍ଶନୀ ପଡିଆରେ ଦୀର୍ଘ ୧୦ଦିନ ବ୍ୟାପୀ ଚାଲିଥିବା ସପ୍ତମ ଆଧାତ୍ମିକ ପୁସ୍ତକ ମେଳା ରବିବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥିଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଯୋଗଦେଇ କହିଥିଲେ, ବର୍ତ୍ତମାନର ଭୋଗବାଦୀ ଯୁଗରେ ଆଧାତ୍ମିକତାର ଆବଶ୍ୟକତା ବହୁ ଜରୁରୀ। ଭାରତର ଆତ୍ମା ହେଉଛି ଆଧାତ୍ମିକତା। ସମଗ୍ର ବିଶ୍ୱରେ ଭାରତର ସଭ୍ୟତା ଏବଂ ସଂସ୍କୃତି ପ୍ରାଚୀନ ଅଟେ। ଆଧାତ୍ମିକତା ହିଁ ଭାରତୀୟ ଦର୍ଶନର ମୂଳପିଣ୍ଡ ବୋଲି ସେ କହିଥିଲେ। ଆଧାତ୍ମିକ ଟ୍ରଷ୍ଟର ସଭାପତି ଡ. ଭାଗୀରଥି ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ସମ୍ମାନିତ ଅତିଥିଭାବେ ସ୍ୱାମୀ ବ୍ରହ୍ମନିଷ୍ଠାନନ୍ଦ ସରସ୍ୱତୀ, ରାଜ୍ୟ ଶ୍ରମଖଣ୍ଡ ଆୟୁକ୍ତ ଅଜୟ କୁମାର ପଟ୍ଟନାୟକ, ଟ୍ରଷ୍ଟ ସଦସ୍ୟା ବିଜୟଲକ୍ଷ୍ମୀ ସାହୁ, ଉପଦେଷ୍ଟା ଶିବସୁନ୍ଦର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଟ୍ରଷ୍ଟର ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ସ୍ୱାଗତଭାଷଣ ଦେଇଥିଲେ। ଗବେଷକ ମଦନମୋହନ ମହାପାତ୍ର ଆଧାତ୍ମିକ ପୁସ୍ତକମେଳାର ପ୍ରାସଙ୍ଗିକତା ସମ୍ପର୍କରେ କହିଥିଲେ। ଏହି ଅବସରରେ ଦିବ୍ୟଶଙ୍କର ମାନସିଂହଙ୍କୁ ଶ୍ରୀଗୁଣ୍ଡିଚା ସେବା ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଏକ ଆଧାତ୍ମିକ କବିତା ଆସର ଓ ଶେଷରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଏଥର ପ୍ରଦୂଷଣମୁକ୍ତ ଦଶହରା

ଭୁବନେଶ୍ୱର ୨୩।୯(ବ୍ୟୁରୋ)

ଭୁବନେଶ୍ୱରରେ ଏଥର ଦଶହରା ପର୍ବକୁ ପ୍ରଦୂଷଣମୁକ୍ତ କରାଯିବ। ସହରରେ ବଢୁଥିବା ପ୍ରଦୂଷଣକୁ ଦୃଷ୍ଟିରେ ରଖି ଚଳିତବର୍ଷ ପୂଜାକୁ ଶବ୍ଦ ଓ ବାୟୁ ପ୍ରଦୂଷଣରୁ ମୁକ୍ତ ରଖିବାକୁ ପ୍ରଚେଷ୍ଟା କରାଯିବ। ସମସ୍ତ ପୂଜା କମିଟି ଯେପରି ଏଥିରେ ସହଯୋଗ କରିବେ ସେଥିପ୍ରତି ପ୍ରାଥମିକତା ଦିଆଯିବ। କେବଳ ଏତିକି ନୁହେଁ, ଅଯଥା ଶକ୍ତି ଅପଚୟ ନ କରିବା ଉପରେ ମଧ୍ୟ ପୂଜା ମଣ୍ଡପଗୁଡିକ ଗୁରୁତ୍ୱ ଦେବେ। ଆସନ୍ତା ଅକ୍ଟୋବର ୨ରୁ ରାଜ୍ୟ ସରକାର ପ୍ଲାଷ୍ଟିକ୍ ଉପରେ ରୋକ୍ ଲଗାଇବାକୁ ଘୋଷଣା କରିଥିବାବେଳେ ଚଳିତପୂଜା କିଭଳି ପ୍ଲାଷ୍ଟିକ୍ ଓ ପଲିଥିନ୍‌ମୁକ୍ତ ହୋଇପାରିବ ସେଥିପ୍ରତି ମଧ୍ୟ ସର୍ବାଧିକ ଗୁରୁତ୍ୱ ଦିଆଯିବ। ବୟସ୍କ ଓ ଭିନ୍ନକ୍ଷମମାନଙ୍କ ପାଇଁ ପ୍ରତି ପୂଜାମଣ୍ଡପ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରିବେ। ମୋଟାମୋଟି ଭାବେ ୨୦୧୮ ଦୁର୍ଗାପୂଜା କିଭଳି ଶାନ୍ତିଶୃଙ୍ଖଳାର ଶେଷହେବ ସେଥିଲାଗି ପୂଜାମଣ୍ଡପଗୁଡିକ ସମସ୍ତ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଛି। ରାଜଧାନୀ ଶାନ୍ତି କମିଟି ପକ୍ଷରୁ ରବିବାର ଚନ୍ଦ୍ରଶେଖରପୁରରେ ଅନୁଷ୍ଠିତ ପ୍ରଥମ ଶାନ୍ତି କମିଟି ବୈଠକରେ ଏନେଇ ନିଷ୍ପତ୍ତି ନିଆଯାଇଛି।

ନିଷ୍ପତ୍ତି ଅନୁସାରେ, ଶବ୍ଦ ପ୍ରଦୂଷଣ ରୋକିବାକୁ ଚଳିତବର୍ଷ ପ୍ରତି ପୂଜାମଣ୍ଡପ ଏକ ନିର୍ଦ୍ଦିଷ୍ଟ ପରିସୀମା ମଧ୍ୟରେ ମାଇକ୍ରୋଫୋନ୍ ଓ ସାଉଣ୍ଡ୍ ସିଷ୍ଟମ ବ୍ୟବହାର କରିବେ। ମାଇକ୍ରୋଫୋନ୍‌ରେ କେବଳ ଶ୍ଳୋକାବୃତ୍ତି, ଚଣ୍ଡିପାଠ, ଗୀତାପାଠ ଓ ଅନ୍ୟାନ୍ୟ ପୂଜାକର୍ମ କରିବେ। ମେଲୋଡି ଓ ଭଜନ ସମାରୋହରେ କେବଳ ସାଉଣ୍ଡ୍ ବକ୍ସ ଆଇନ୍ ଅନୁମୋଦନ ଅନୁଯାୟୀ ବ୍ୟବହାର କରାଯିବ। ଗୀତ ବଜାଇବାବେଳେ ଯେପରି ସ୍ଥାନୀୟ ଲୋକ ହଇରାଣ ହେବେନି ସେଥିପାଇଁ ଭଲ୍ୟୁମ୍‌ର ଏକ ନିର୍ଦ୍ଦିଷ୍ଟ ଲିମିଟ୍ ରହିବ। ଭସାଣି ବେଳେ ଡିଜେ ଓ ଧୁମ୍‌ଧଡାକ ଗୀତ ପରିବର୍ତ୍ତେ ପାରମ୍ପରିକ ବାଦ୍ୟର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯିବ। ସେହିଭଳି ମା' ଦୁର୍ଗାଙ୍କ ମୃଣ୍ମୟ ମୂର୍ତ୍ତିରେ ରାସାୟନିକ ରଙ୍ଗର ବ୍ୟବହାର ନ କରିବାକୁ ମଣ୍ଡପ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯିବ। ମଣ୍ଡପରେ ପଲିଥିନ୍ ଓ ପାଉଚ୍ ପାଣି ବର୍ଜନ କରିବାକୁ ଭୁବନେଶ୍ୱରର ସମସ୍ତ ପୂଜାମଣ୍ଡପ ସମ୍ମତି ପ୍ରଦାନ କରିଥିବାବେଳେ ସାଧାରଣ ଲୋକଙ୍କୁ ଏଥିପ୍ରତି ସଚେତନ କରିବାକୁ ପୂଜାମଣ୍ଡପ ବାହାରେ ରାଜଧାନୀ ଶାନ୍ତି କମିଟି ପକ୍ଷରୁ ସ୍ୱତନ୍ତ୍ର ଫ୍ଲେକ୍ସ ଲଗାଯିବ। ଅନ୍ୟପକ୍ଷରେ ସମସ୍ତ ମଣ୍ଡପରେ ଗାଇଡ୍‌ଲାଇନ୍ ଅନୁଯାୟୀ ଅଗ୍ନି ନିର୍ବାପକ ସାମଗ୍ରୀ ରହିବ। ସାଧାରଣ ଲୋକ ତଥା ଶ୍ରଦ୍ଧାଳୁଙ୍କ ପାଇଁ ପାନୀୟଜଳ ଏବଂ ଫାଷ୍ଟ୍‌ଏଡ୍ ବ୍ୟବସ୍ଥା ରହିବ। ପୂଜା ସମୟରେ ବରିଷ୍ଠ ନାଗରିକ, ମହିଳା ଓ ଭିନ୍ନକ୍ଷମାନେ ଯେପରି ସୁବିଧାରେ ମଣ୍ଡପରେ ପ୍ରବେଶ କରିବେ ଓ ଦର୍ଶନ କରିବେ ସେଥିଲାଗି ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରିବେ। ମିଳିତ ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବାକୁ ପୂଜାମଣ୍ଡପଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି।

ବୈଠକରେ ଉପସ୍ଥିତ ଶାନ୍ତି କମିଟି ସଦସ୍ୟ, ବିଭିନ୍ନ ପୂଜାମଣ୍ଡପ କର୍ମକର୍ତ୍ତା ଓ ଅନ୍ୟମାନେ।

ଶାନ୍ତି କମିଟି ବୈଠକରେ ନିଆଗଲା ନିଷ୍ପତ୍ତି

- ପଲିଥିନ୍, ପ୍ଲାଷ୍ଟିକ୍ ବ୍ୟବହାର ଉପରେ ରୋକ୍ ଲାଗିବ
- ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ନିଆଯିବ ପଦକ୍ଷେପ
- ବୟସ୍କ, ଭିନ୍ନକ୍ଷମଙ୍କ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

ଯଦି କୌଣସି ସମସ୍ୟା ଉପୁଜେ ତା'ହେଲେ ଶାନ୍ତି କମିଟି କର୍ମକର୍ତ୍ତା ମଣ୍ଡପକୁ ଯାଇ ତାହାର ସମାଧାନ କରିବେ ବୋଲି ବୈଠକରେ କୁହାଯାଇଛି।

ଶାନ୍ତି କମିଟି ସଭାପତି ମଧୁମାଧବ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଉପସଭାପତି ସିଦ୍ଧାର୍ଥ ଦାସ, ସମ୍ପାଦକ ନବକିଶୋର ବେହେରା, ଶଶିଭୂଷଣ ବେହେରା, ସୁର ରାଉତରାୟ, ଭାରତୀ ଚକ୍ର, ଡ. ଆଲୋକ ଲୋଧା, ସୁବାସ ଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଖୁବ୍‌ଶୀଘ୍ର ପରବର୍ତ୍ତୀ ବୈଠକ କରାଯାଇ ପ୍ରଶାସନ ସହ ପୂଜା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯିବ ବୋଲି କୁହାଯାଇଛି।

ଅକ୍ଟୋବର ୨୦ରେ ମିଳିତ ଭସାଣି

ଭୁବନେଶ୍ୱରର ସମସ୍ତ ଦୁର୍ଗାପୂଜା କମିଟିର ସଦସ୍ୟ ଓ ଆଖପାଖ ଅଞ୍ଚଳର ବରିଷ୍ଠ ନାଗରିକ ତଥା ମୁରବିମାନଙ୍କୁ ନେଇ ଆୟୋଜିତ ଶାନ୍ତି କମିଟି ବୈଠକରେ ଚଳିତ ବର୍ଷ ପୂଜାକୁ ସମନ୍ୱୟ ରକ୍ଷାପୂର୍ବକ ମହାଆଡମ୍ବରରେ ପାଳନ କରିବାକୁ ପରାମର୍ଶ ଦିଆଯାଇଛି। ଚଳିତବର୍ଷ ଅକ୍ଟୋବର ୧୫ରେ ବିଲ୍ୱାଧିବାସ ପୂଜାପରେ ୨୦ରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ୨ରୁ ପୀଠରେ ଷୋଳପୂଜା ଏବଂ ୯ ତାରିଖରୁ ନବରାତ୍ର ପୂଜା ଆରମ୍ଭ ହେବ।

ପିସିଆର୍ ଗାଡ଼ି ଅଚଳ, ପାଟ୍ରୋଲିଂ ଠପ୍

ବାଲିଅନ୍ତା,୨୩।୯(ଡି.ଏନ୍.ଏ.)

ବାଲିଅନ୍ତା ଥାନା ପାହାଳ ଫାଣ୍ଡି ଅଞ୍ଚଳ ପାଇଁ ଥିବା ପିସିଆର ଗାଡିଟି ଗତ ୬ଦିନ ହେଲା ଅଚଳ ହୋଇପଡ଼ିଛି। ଫଳରେ ବ୍ୟସ୍ତବହୁଳ ୧୬ନଂ ଜାତୀୟ ରାଜପଥରେ ପାଟ୍ରୋଲିଂରେ ବାଧା ଉପୁଜିଛି। ପାହାଳ ଫାଣ୍ଡି ଅଧୀନରେ ହଂସପାଳଠାରୁ ନଖରା ପର୍ଯ୍ୟନ୍ତ ୫କି.ମି ବ୍ୟବହୃତ ଜାତୀୟ ରାଜପଥରେ ଦୁର୍ଘଟଣା, ରାହାଜାନି ଏକ ନିତିଦିନିଆ ଘଟଣା ପାଲଟିଛି। ତେବେ ୨୪ଘଣ୍ଟିଆ ପିସିଆର ପାଟ୍ରୋଲିଂ ବ୍ୟବସ୍ଥା ଥିବା ଯୋଗୁ ଆହତ ବ୍ୟକ୍ତିଙ୍କୁ ଡାକ୍ତରଖାନା ନେବା ସହ ଦୁର୍ବୃତ୍ତମାନଙ୍କୁ ଭୟ ରହୁଥିଲା। କିନ୍ତୁ ଗତ ୬ଦିନ ହେବ ପିସିଆର ଗାଡି ଖରାପ ଥିବାରୁ ପାଟ୍ରୋଲିଂ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ ହୋଇପଡିଛି। ଅନ୍ୟପକ୍ଷେ ପାହାଳ ଫାଣ୍ଡିରେ ଆବଶ୍ୟକ କର୍ମଚାରୀ ନାହାନ୍ତି। ଫଳରେ କୌଣସି ସ୍ଥାନରେ ଘଟଣା ବା ଦୁର୍ଘଟଣା ହେଲେ ପୋଲିସ ସେଠାରେ ପହଞ୍ଚିବାରେ ବିଳମ୍ବ ହେଉଛି। ଏନେଇ ଫାଣ୍ଡି ଅଧିକାରୀ ଓମ ପ୍ରକାଶ ମହାନ୍ତିଙ୍କୁ ପଚାରିବାରୁ ପିସିଆର ଗାଡ଼ି ଖରାପ ଥିବାରୁ ପାହାଳ ଫାଣ୍ଡି ପୋଲିସ ଉପରେ ଅଧିକ ଚାପ ପଡୁଛି ବୋଲି କହିଛନ୍ତି।

ସାଂସ୍କୃତିକ ଅନୁଷ୍ଠାନ ଗୁରୁକୁଳ ଗୀତାଞ୍ଜଳି ପକ୍ଷରୁ ସୂଚନାଭବନଠାରେ ଅନୁଷ୍ଠିତ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ସନ୍ଧ୍ୟାରେ ଛାତ୍ରୀଛାତ୍ରମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

ପଣ୍ଡିତ ଉମେଶ କରଙ୍କୁ ଗୁରୁକୁଳ ଗୀତାଞ୍ଜଳି ସମ୍ମାନ

ଭୁବନେଶ୍ୱର, ୨୩।୯(ବ୍ୟୁରୋ)

ସାଂସ୍କୃତିକ ଅନୁଷ୍ଠାନ ଗୁରୁକୁଳ ଗୀତାଞ୍ଜଳି ପକ୍ଷରୁ ସୂଚନାଭବନଠାରେ ଚାଲିଥିବା ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ସନ୍ଧ୍ୟା ରବିବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଉତ୍ସବର ପ୍ରଥମ ପ୍ରସ୍ତୁତିରେ ଗୁରୁଗୁଳ ଗୀତାଞ୍ଜଳିର ଛାତ୍ରୀଛାତ୍ରମାନେ ରାଗ୍ ଭୂପାଲୀରେ ଭାବରଙ୍ଗଙ୍କ ରଚିତ 'ନାଦଦେବ ତୋରେ ଶରଣ' ଧ୍ରୁପଦ୍ ପରିବେଷଣ କରିଥିଲେ। ଏହାପରେ ଶିବପ୍ରସାଦ ବିଲମ୍ବିତ ଏବଂ ଦ୍ରୁତ୍ ଖେୟାଲୟରେ 'ବିହାଗ' ରାଗ ପରିବେଷଣ କରିଥିଲେ। ପରେ ପରେ ପର୍ଯ୍ୟାୟକ୍ରମେ ଶିଳ୍ପୀଙ୍କ ଦ୍ୱାରା 'ଭୀମପଲାସୀ', 'ଭୂପାଲୀ', 'ପୁରିୟାଧନାଶ୍ରୀ', 'ବୃନ୍ଦାବନୀ ସାରଙ୍ଗ', 'ମୁଲ୍‌ତାନୀ', 'ଦୁର୍ଗା', 'ମାଲକୋଷ', 'ଆଡାନା' ଭଳି ରାଗରେ ପରିବେଷିତ ଗୀତ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଶେଷରେ ଅନୁଷ୍ଠାନର ଗୁରୁ ପଣ୍ଡିତ ଡ. ଚିତ୍ତରଞ୍ଜନ ପାଣି ରାଗ 'ଚନ୍ଦ୍ରକୋଷ' ଗାୟନ ଦ୍ୱାରା ସମସ୍ତଙ୍କୁ ଚକିତ କରିଥିଲେ। ଏହି ଅବସରରେ ବିଶିଷ୍ଟ ତବଲାବାଦକ ପଣ୍ଡିତ ଉମେଶ କରଙ୍କୁ ଗୁରୁକୁଳ ଗୀତାଞ୍ଜଳି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସନ୍ଧ୍ୟାରେ ମୁଖ୍ୟଅତିଥିଭାବେ ପଣ୍ଡିତ ଡ. ଦାମୋଦର ହୋତା ଏବଂ ସମ୍ମାନିତ ଅତିଥିଭାବେ ଡ. ଅବସର ବେଉରିଆ ଯୋଗଦେଇଥିଲେ। ଶିଳ୍ପୀଙ୍କୁ ତବଲା, ହାରମୋନିୟମ୍ ଏବଂ ପଖାଓ୍ୱଜରେ ସୀତାଂଶୁ, ରତ୍ନାକର, ଅଜୟ ଏବଂ ଅରୂପ ପ୍ରମୁଖ ସହଯୋଗ କରିଥିଲେ। ସ୍ଥିତପ୍ରଜ୍ଞ ମଞ୍ଚ ପରିଚାଳନା କରିଥିଲେ।

ଗଙ୍ଗନଗର ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ

ପୁରୁଣା ଭୁବନେଶ୍ୱର, ୨୩।୯ (ଡି.ଏନ.ଏ.)

ସ୍ଥାନୀୟ ଗଙ୍ଗନଗର ଯୁବ ପରିଷଦ ପକ୍ଷରୁ ସର୍ବଜନୀନ ଦୁର୍ଗାପୂଜା ପାଇଁ ରବିବାର ମାଟି ଅନୁକୂଳ ହୋଇଛି। ପରିଷଦର ସଦସ୍ୟଙ୍କ ସହ ପୂଜକ ବିଶ୍ୱନାଥ ରଥ ଘଣ୍ଟା, ଘଣ୍ଟ, ବାଜା, ବାଣ ଶୋଭାଯାତ୍ରାରେ ଦୟାନଦୀ କୂଳରେ ପହଞ୍ଚିଥିଲେ। ସେଠାରେ ଯଥାବିଧି ମାଟି ଅନୁକୂଳ କରାଯିବା ପରେ ଫେରନ୍ତା ଶୋଭାଯାତ୍ରାରେ ମାଟିକୁ ଦୁର୍ଗା ମଣ୍ଡପରେ ରଖାଯାଇଥିଲା। ଏଥିରେ ସମ୍ପାଦକ ନାରାୟଣ ପ୍ରସାଦ ସାହୁ, କୃଷ୍ଣ ପ୍ରସାଦ ପଣ୍ଡା, ପ୍ରକାଶ ଦାସ, ରଞ୍ଜନ କୁମାର ସ୍ୱାଇଁ, ବ୍ରହ୍ମାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

କୃଷ୍ଣ ପ୍ରସାଦ ପଣ୍ଡା,

୨୮ରୁ ରାଜଧାନୀ ବାଣିଜ୍ୟ ମେଳା

ଭୁବନେଶ୍ୱର,୨୩।୯

ଚଳିତ ମାସ ୨୮ରୁ ଭୁବନେଶ୍ୱରରେ ରାଜଧାନୀ ବାଣିଜ୍ୟ ମେଳା ୟୁନିଟ୍-୩ ପ୍ରଦର୍ଶନୀ ପଡିଆଠାରେ ଅନୁଷ୍ଠିତ ହେବ। ଏହି ମେଳା ଅକ୍ଟୋବର ୬ ଯାଏ ଚାଲିବ। ମେଳାରେ ୩୦୦ ଷ୍ଟଲ୍ ରହିବ। ଦିନ ୩ ଠାରୁ ରାତି ୧୦ ଯାଏ ମେଳା ଚାଲିବ। ଏହା ମଧ୍ୟରେ ୬୦ କର୍ପୋରେଟ ଷ୍ଟଲ ରହିଛି। ଏଫ୍‌ଏମ୍‌ସିଜି, କଞ୍ଜ୍ୟୁମର ଡ୍ୟୁରେବଲ, ଇଲେକଟ୍ରୋନିକ୍ସ, ହୋମ୍ ଆପ୍ଲାଏନ୍ସ, ଆଇଟି ସେଗ୍‌ମେଣ୍ଟର ଷ୍ଟଲ ମାନ ଏଠାରେ ସ୍ଥାନ ପାଇବ। ଏହା ବାଦ୍ ସ୍ୱୟଂ ସହାୟକ ଗୋଷ୍ଠୀ, ଏମ୍‌ଏସ୍‌ଏମ୍‌ଇ ସହ ଅଟୋ ଏକ୍ସପୋ ମଧ୍ୟ ଆୟୋଜନ କରାଯିବ। ଏଥିରେ ଉଭୟ ଦୁଇ ଚକିଆ ଏବଂ ଚାରି ଚକିଆ ଯାନ ନିର୍ମାତା କମ୍ପାନୀଗୁଡିକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରାୟ ୧୦ ରାଜ୍ୟର ବ୍ୟବସାୟୀ ମେଳାରେ ଅଂଶଗ୍ରହଣ କରିବେ। ଏଠାରେ ୧୮୦ ଆର୍ଟିସାନ୍ସଙ୍କ ସାମଗ୍ରୀ ଉପଲବ୍ଧ ହେବ। ମେଳାରେ ଏକ ଫୁଡ କୋର୍ଟ ମଧ୍ୟ ରହିବ। ଫୁଡ କୋର୍ଟରେ ବାରିପଦାର ମୁଢି ମାଂସ, ଚକୁଳି ମାଂସ, କଟକର ଦହିବରା ଆଳୁଦମ୍, କେନ୍ଦ୍ରାପଡା ରସାବଳି ଭଳି ବିଭିନ୍ନ ଖାଦ୍ୟର ମଜା ଗ୍ରାହକ ଉଠାଇ ପାରିବେ। ପ୍ରତି ସଂଧାରେ ଓଡିଶାର ଲୋକଗୀତ, ନୃତ୍ୟ, ଶାସ୍ତ୍ରୀୟ ନୃତ୍ୟ ଓ ଆଧୁନିକ ନୃତ୍ୟକୁ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ରହିଛି।

ସମାଜ ସେବା କରିବାକୁ ଇଚ୍ଛାଶକ୍ତି ଦରକାର

ପୁରୁଣା ଭୁବନେଶ୍ୱର, ୨୩।୯ (ଡି.ଏନ.ଏ.)

ସମାଜରେ ରହୁଥିବା ଗରିବ ଲୋକମାନଙ୍କ ସେବା କରିବାକୁ ଟଙ୍କା ନୁହେଁ ବରଂ ନିଜର ଇଚ୍ଛାଶକ୍ତିର ଅବଶ୍ୟକତା ରହିଛି। ଯାହାଦ୍ୱାରା ଜଣେ ମଣିଷ ଅର୍ଥନୈତିକ ଚାପର ଶିକାର ହୋଇ ନ ଥାଏ। ବରଂ ଟଙ୍କା ଆସିବାର ବାଟ ଆପେ ଆପେ ଆସିଥାଏ ବୋଲି କୁହାଯାଇଛି। ରବିବାର ସ୍ଥାନୀୟ ଭୀମଟଙ୍ଗୀ ଫେଜ– ୨ରେ ଆୟୋଜିତ ଲେକ୍ସ ଆଓ୍ୱାର ନେସ ଫାଉଣ୍ଡେଶନ ପକ୍ଷରୁ ଦାନ ଉତ୍ସବ କାର୍ଯ୍ୟକ୍ରମରେ ଏହି ମତପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ବଡବେଣୁଆଁ ନିମାପଡା ଅଞ୍ଚଳର ଛାତରୁ ପଡି ଗୁରୁତର ହୋଇଥିବା ହେମନ୍ତ ସାହୁଙ୍କୁ ୨୦ ହଜାର ଏବଂ ଚକେଇସିଆଣୀର କିଡନୀ ଫେଲ ହୋଇଥିବା ସୁନୀଲ ପଟ୍ଟନାୟକଙ୍କୁ ୧୦ ହଜାର ଟଙ୍କାର ସହାୟତା ଚେକ ପ୍ରଦାନ କରାଯାଇଥିଲା। ଏଥିରେ ଦେବୀ ପ୍ରସାଦ ଦାସ, ଅର୍ଜିତ ମହାନ୍ତି, ପ୍ରୀତି ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

'ଭୂତ୍' ଭଳି ହରର୍ ଫିଲ୍ମରେ କାମ କରି ସଫଳତା ପାଇବା ଖୁବ୍ କଷ୍ଟକର।
-ଉର୍ମିଳା ମାତୋଣ୍ଡକର, ବଲିଉଡ୍ ଅଭିନେତ୍ରୀ

ମହିଳା ଆତ୍ମହତ୍ୟା ରୋକିବାକୁ ପ୍ରସ୍ତାବ

ପ୍ରଣୟନ ହେବ ଜାତୀୟ ନୀତି

ନୂଆଦିଲ୍ଲୀ

ବିଶ୍ୱରେ ଆତ୍ମହତ୍ୟା କରୁଥିବା ଲୋକଙ୍କ ମଧ୍ୟରେ ଭାରତୀୟ ମହିଳାଙ୍କ ସଂଖ୍ୟା ୩୭% ହୋଇଥିବା ବେଳେ ଏହାର ନିରାକରଣ ଲାଗି ସରକାର ଜାତୀୟ ନୀତି ପ୍ରସ୍ତୁତ କରିବା ଆବଶ୍ୟକ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପ୍ରସ୍ତାବ ଦେଇଛନ୍ତି। ମହିଳାମାନେ ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ପାଇଁ ସେମାନଙ୍କୁ ପ୍ରୋତ୍ସାହିତ କରିବାକୁ କୁହାଯାଇଛି।

ଗ୍ଲୋବାଲ ବର୍ଡନ ଅଫ୍ ଡିଜିଜ୍ କ୍ଷତି-୨୦୧୬ ନିକଟରେ ଲାନସେଟ୍ ପବ୍ଲିକ୍ ହେଲ୍‌ଥ ଜର୍ନାଲରେ ପ୍ରକାଶ ପାଇଛି। ବିଶ୍ୱରେ ଆତ୍ମହତ୍ୟାକାରୀଙ୍କ ମଧ୍ୟରେ ଭାରତର ୩୭% ମହିଳା ହୋଇଥିବା ବେଳେ ୩୪% ପୁରୁଷ ଥିବା ଏଥିରୁ ଜଣାପଡିଛି। ବିଶେଷଜ୍ଞଙ୍କ କହିବାନୁଯାୟୀ, ବିଶ୍ୱରେ ଆତ୍ମହତ୍ୟା ଜନିତ ମୃତ୍ୟୁସଂଖ୍ୟା ଅଧିକ। ମେଣ୍ଟାଲ ହେଲ୍‌ଥ ଆଣ୍ଡ ବିହେଭିଓରାଲ୍ ସାଇନ୍ସର ନିର୍ଦ୍ଦେଶକ ଡାକ୍ତର ସମିର ପାରିଖ କହନ୍ତି, କିଛି ପ୍ରତିକାରମୂଳକ ବ୍ୟବସ୍ଥା ଦ୍ୱାରା ଆତ୍ମହତ୍ୟାକୁ ଏଡାଇ ଦିଆଯାଇ ପାରିବ। ବିଭିନ୍ନ ମାନସିକ ରୋଗ ମଧ୍ୟରୁ ଚାପ ହେଉଛି ଏକ ସାଧାରଣ ସମସ୍ୟା। ପୁରୁଷଙ୍କ ତୁଳନାରେ ଏହାଦ୍ୱାରା ମହିଳାମାନେ ଅଧିକ ଆକ୍ରାନ୍ତ ହୋଇଥାଆନ୍ତି। ସେମାନେ ଘରର ଯାବତୀୟ ଜଞ୍ଜାଳ ମୁଣ୍ଡାଉଥିବା ବେଳେ ନିଜ ସ୍ୱାସ୍ଥ୍ୟ ପ୍ରତି ଅଣଦେଖା କରିଥାଆନ୍ତି। ସେମାନେ ପ୍ରଥମେ ନିଜ ସ୍ୱାସ୍ଥ୍ୟ ପ୍ରତି ଅଧିକ ଯତ୍ନବାନ୍ ହେବାକୁ ପରାମର୍ଶ ଦିଆଯିବା ଉଚିତ। ମହିଳାଙ୍କୁ ଆତ୍ମହତ୍ୟାରୁ ନିବୃତ୍ତ କରିବା ପାଇଁ ଏହା ଉପରେ ଜାତୀୟ ସ୍ତରରେ ନୀତି ପ୍ରସ୍ତୁତ ହେବା ଆବଶ୍ୟକ। ଏକ ଅଧ୍ୟୟନ ଅନୁଯାୟୀ, ଭାରତରେ ଆତ୍ମହତ୍ୟା କରୁଥିବା ଲୋକଙ୍କ ମଧ୍ୟରୁ ୬୩% ହେଉଛନ୍ତି ୧୫ରୁ ୩୯ବର୍ଷ ବୟସ ମଧ୍ୟରେ। ଆଉ ଜଣେ ବିଶେଷଜ୍ଞଙ୍କ କହିବାନୁଯାୟୀ, ମହିଳାଙ୍କୁ ସ୍ୱାଧୀନତା ଦେବା ସହିତ ସେମାନଙ୍କ ହାତକୁ କ୍ଷମତା ଦିଆଯିବା ଆବଶ୍ୟକ। ସେମାନଙ୍କର ଆତ୍ମମର୍ଯ୍ୟାଦା ବଜାୟ ରହିବା ସହିତ ମୌଳିକ ସ୍ୱାସ୍ଥ୍ୟସେବା ଏବଂ ଅର୍ଥନୈତିକ କ୍ଷମତା ଦିଆଯିବା ଆବଶ୍ୟକ। ମହିଳାମାନେ ସ୍ୱୟଂ ସହାୟକ ଗୋଷ୍ଠୀରେ ସାମିଲ ହେବା ସହିତ ଔଦ୍ୟୋଗିକ କାର୍ଯ୍ୟରେ ଯେଭଳି ସଫଳ ହୋଇପାରନ୍ତି ତାହା ସୁନିଶ୍ଚିତ କରାଯିବା ଦରକାର। ଏହିସବୁ ପ୍ରତିକାର ବ୍ୟବସ୍ଥା ଦ୍ୱାରା ମହିଳା ଆତ୍ମହତ୍ୟା ସଂଖ୍ୟାକୁ ହ୍ରାସ କରାଯାଇପାରିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

ସିଡ୍‌ନୀ ବିମାନବନ୍ଦରରେ ଶିଲ୍ପା ହଟହଟା

ମେଲବୋର୍ନ

ବଲିଉଡ୍ ଅଭିନେତ୍ରୀ ଶିଲ୍ପା ଶେଟ୍ଟୀ ରବିବାର ସିଡ୍‌ନୀ ବିମାନବନ୍ଦରରେ ହଟହଟାର ସମ୍ମୁଖୀନ ହୋଇଥିଲେ। ତାଙ୍କ ପ୍ରତି ଜାତିଗତ ଆକ୍ଷେପ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଜଣେ ଯାତ୍ରୀଙ୍କ ବର୍ଣ୍ଣକୁ ନେଇ ତାଙ୍କ ପ୍ରତି ଏଭଳି ଆଚରଣ ପ୍ରଦର୍ଶନ କରାଯାଇ ନ ପାରେ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

ଏହି ଅଭିନେତ୍ରୀ ସିଡ୍‌ନୀରୁ ମେଲବୋର୍ନ ଯାତ୍ରା କରୁଥିବା ବେଳେ ତାଙ୍କୁ ହଇରାଣ କରାଯାଇଥିବା ସମ୍ପର୍କରେ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି। ସେ ଦୁଇଟି ବ୍ୟାଗ୍ ବହନ କରିନେଉଥିବାବେଳେ ଗୋଟିଏ ବ୍ୟାଗ୍ ଅଧା ଭର୍ତ୍ତି ହୋଇଥିଲେ ମଧ୍ୟ ଏହା ଓଭରସାଇଜ୍‌ଡ ବୋଲି ଆପତ୍ତି ଉଠାଯାଇଥିଲା। ଏହାପରେ ସେ 'ଓଭରସାଇଜ୍‌ଡ ଲଗେଜ୍' କାରବାର ସହ ସମ୍ପୃକ୍ତ କାଉଣ୍ଟର ପାଖକୁ ଯାଇଥିଲେ। ସେଠାରେ ଜଣେ ମହିଳା କର୍ମଚାରୀ ତାଙ୍କର ବ୍ୟାଗ୍‌କୁ ହାତରେ ଧରି ୫ ମିନିଟ୍ ପର୍ଯ୍ୟନ୍ତ ତନଖି କରିବା ପରେ ମଧ୍ୟ ସେ କୌଣସି ସ୍ଥିର ନିଷ୍ପତ୍ତିରେ ପହଞ୍ଚିପାରି ନ ଥିଲେ। ଏହାପରେ ସେ ବିଚଳିତ ହୋଇପଡିଥିଲେ ଏବଂ ଏଥିପାଇଁ ସେ ସମସ୍ୟା ଭୋଗୁଥିବା ପ୍ରକାଶ କରିଥିଲେ। ଅନ୍ୟ ଜଣେ କର୍ମଚାରୀ ଉକ୍ତ ବ୍ୟାଗ୍ ଓଭରସାଇଜ୍‌ଡ ନୁହେଁ ଏବଂ ଏହାକୁ ସହଜରେ ଚେକ୍ କରାଯାଇପାରେ ବୋଲି ପ୍ରକାଶ କରିଥିଲେ।

ସିଡ୍‌ନୀ ଏୟାରଲାଇନ୍ସର କର୍ମଚାରୀଙ୍କ ଏଭଳି ବ୍ୟବହାର ଅସହ୍ୟ ବୋଲି ଶିଲ୍ପା ପ୍ରକାଶ କରିଛନ୍ତି। ଶିଲ୍ପା ୨୦୦୭ରେ ବ୍ରିଟିଶ ରିୟଲିଟି ଶୋ' 'ସେଲିବ୍ରିଟି ବିଗ୍ ବ୍ରଦର'ରେ ଅଂଶଗ୍ରହଣ କରିବାବେଳେ ଅନୁରୂପ ଜାତିଗତ ଆକ୍ଷେପର ସମ୍ମୁଖୀନ ହୋଇଥିଲେ।

କଳ୍ପନା ଲାଜ୍‌ମୀଙ୍କ ପରଲୋକ

ମୁମ୍ବାଇ,୨୩।୯(ପି.ଟି.)

ବିଶିଷ୍ଟ ଚଳଚ୍ଚିତ୍ର ନିର୍ମାତା ତଥା ଲେଖିକା କଳ୍ପନା ଲାଜ୍‌ମୀଙ୍କ ରବିବାର ୬୪ ବର୍ଷ ବୟସରେ ପରଲୋକ ହୋଇଛି। ଲିଭର୍ ଏବଂ ଜଟିଳ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ କଳ୍ପନା ଦୀର୍ଘଦିନ ହେଲା ସ୍ଥାନୀୟ କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ରବିବାର ଅପରାହ୍ନ ୪ଟା ୩୦ରେ ଚିକିତ୍ସାଧୀନ ଅବସ୍ଥାରେ କଳ୍ପନାଙ୍କ ପରଲୋକ ହୋଇଥିବା ତାଙ୍କ ଭାଇ ଦେବ ଲାଜ୍‌ମୀ ସୂଚନା ଦେଇଛନ୍ତି। ସ୍ଥାନୀୟ ଓସିଓ୍ୱାରା ଶ୍ମଶାନରେ କଳ୍ପନାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବିଶିଷ୍ଟ ନିର୍ଦ୍ଦେଶିକାଙ୍କ ପରଲୋକରେ ସମଗ୍ର ବଲିଉଡ୍ ଜଗତରୁ ଶୋକପ୍ରକାଶ ପାଇଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। କଳ୍ପନା ଥିଲେ ଚିତ୍ରକର ଲଲିତା ଲାଜ୍‌ମୀଙ୍କ ଝିଅ ଏବଂ ଗୁରୁଦତ୍ତଙ୍କ ଝିଆରୀ। ତାଙ୍କ ନିର୍ଦ୍ଦେଶିତ ଫିଲ୍ମଗୁଡ଼ିକ ମଧ୍ୟରେ ରହିଛି 'ଏକ୍ ପଲ୍', 'ରୁଦାଲି', 'ଦାମନ୍', 'ଦରମିୟାଁ', 'ଚିଙ୍ଗାରି' ଇତ୍ୟାଦି।

ଗାନ୍ଧିଜୀଙ୍କ ଜନ୍ମବାର୍ଷିକୀରେ 'ମୁଶାଇରା'

ନୂଆଦିଲ୍ଲୀ



ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ଅବସରରେ ତାଙ୍କର ଶିକ୍ଷାଭିତ୍ତିକ ବିଭିନ୍ନ କାର୍ଯ୍ୟକ୍ରମ (ମୁଶାଇରା) ସ୍ଥାନ ପାଇବ। ପ୍ରଥମ ମୁଶାଇରା ସ୍ୱରୂପ ଉର୍ଦ୍ଦୁକବି ସମ୍ମିଳନୀ ଅକ୍ଟୋବର ୬ରେ ସ୍ଥାନୀୟ ଆମ୍ବେଡକର ଇଣ୍ଟରନ୍ୟାଶନାଲ୍ ସେଣ୍ଟରଠାରେ ଅନୁଷ୍ଠିତ ହେବ ବୋଲି ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ ମୁଖ୍‌ତାର ଅବ୍‌ବାସ୍ ନକଓ୍ୱି ପ୍ରକାଶ କରିଛନ୍ତି।

ଏକତା, ଜାତୀୟ ସଂହତି, ଗଣତାନ୍ତ୍ରିକ ମୂଲ୍ୟବୋଧ, ଅହିଂସା ଏବଂ ବିଶ୍ୱ ଶାନ୍ତି ଉପରେ ମହାତ୍ମା ଗାନ୍ଧୀଙ୍କ ବାର୍ତ୍ତାକୁ ଭିତ୍ତିକରି ପ୍ରସିଦ୍ଧ ଉର୍ଦ୍ଦୁ କବିମାନେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିବେ। ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ହେଉଥିବା କାର୍ଯ୍ୟକ୍ରମକୁ ପ୍ରସିଦ୍ଧ ଉର୍ଦ୍ଦୁ କବି ଗୁଲ୍‌ଜାର, ୱାସିମ୍ ବରେଲ୍‌ୱି, ରାଜେଶ ରେଡ୍‌ଡୀ ଏବଂ ମନସୁର ଓସ୍‌ମାନିଙ୍କୁ ନିମନ୍ତ୍ରଣ କରାଯାଇଛି। ନୂଆଦିଲ୍ଲୀ, ମୁମ୍ବାଇ, ଲକ୍ଷ୍ନୌ, ଚଣ୍ଡିଗଡ, ଅହମଦାବାଦ୍, ବେଙ୍ଗାଲୁରୁ, ରାଞ୍ଚି ଏବଂ ଅନ୍ୟାନ୍ୟ ସହରରେ ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ମହାତ୍ମା ଗାନ୍ଧୀଙ୍କ ନୀତି ଓ ବାର୍ତ୍ତାର ପ୍ରସାର ହେବା ସହିତ ସମାଜରେ ଭ୍ରାତୃଭାବ ଏବଂ ସାମାଜିକ ସଂହତି ପ୍ରତିଷ୍ଠା ହୋଇପାରିବ ବୋଲି ନକଓ୍ୱି ପ୍ରକାଶ କରିଛନ୍ତି।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

ସ୍ଥାନୀୟ ଅଞ୍ଚଳ- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି।

ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

ସ୍ଥାନ	ସର୍ବୋଚ୍ଚ ତାପମାତ୍ରା	ସର୍ବ ନିମ୍ନ ତାପମାତ୍ରା
ବାଲେଶ୍ୱର	୩୩.୦	୨୩.୭
ଚାନ୍ଦବାଲି	୩୪.୭	୨୫.୫
କଟକ	୩୩.୩	୨୩.୫
ପାରାଦ୍ୱୀପ	୩୧.୭	୨୭.୮
ଭୁବନେଶ୍ୱର	୩୧.୭	୨୪.୦
ଗୋପାଳପୁର	୩୩.୮	୨୫.୪
ପୁରୀ	୩୩.୨	୨୬.୪
ଅନୁଗୋଳ	୩୩.୧	୨୧.୬
ବାରିପଦା	୩୨.୪	୨୪.୬
ଝାରସୁଗୁଡ଼ା	୩୩.୬	୨୩.୮
କେନ୍ଦୁଝର	୩୨.୦	୨୧.୬
ସମ୍ବଲପୁର	୩୪.୨	୨୩.୫
ସୁନ୍ଦରଗଡ଼	୩୩.୦	୨୧.୦
ହୀରାକୁଦ	୩୪.୦	୨୪.୦
ତାଳଚେର	୩୪.୧	୨୪.୬
ଭବାନୀପାଟଣା	---	୨୩.୫
ବଲାଙ୍ଗୀର	୩୩.୪	୨୪.୦
କୋରାପୁଟ	୨୯.୨	୧୯.୮
ଫୁଲବାଣୀ	୩୧.୦	୧୯.୦
ଟିଟିଲାଗଡ଼	---	୨୧.୫
ମାଲକାନଗିରି	୩୧.୮	---
ସୋନପୁର	୩୪.୦	୨୨.୦
ଦାରିଙ୍ଗିବାଡ଼ି	---	---
ଢେଙ୍କାନାଳ	---	---

ଡିଗ୍ରୀ ସେଲ୍‌ସିୟସ୍

[ଇତିହାସର ଆଇନାରେ]

ସେପ୍ଟେମ୍ବର ୨୪ର ପ୍ରମୁଖ ଘଟଣା

୨୦୦୭ ସେପ୍ଟେମ୍ବର ୨୪ରେ ମିଆଁମାରର ୟାଙ୍ଗୁନରେ ୩୦,୦୦୦ ରୁ ୧୦୦,୦୦୦ଲୋକ ସରକାର ବିରୋଧି ବିରୋଧ ପ୍ରଦର୍ଶନ କରିଥିଲେ। ଏହାକୁ ସାଫ୍ରୋନ୍ ବିପ୍ଳବ ବୋଲି ମଧ୍ୟ କୁହାଯାଏ। ବହୁ ଅର୍ଥନୀତିଜ୍ଞ ଏବଂ ରାଜନେତା ଏଥିରେ ଯୋଗ ଦେଇଥିଲେ। ଇନ୍ଧନର ବିକ୍ରି ମୂଲ୍ୟ ଉପରେ ସବସିଡି ହଟାଇବା କାରଣରୁ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରି ଏହି ଆନ୍ଦୋଳନ ହୋଇଥିଲା।

୧୯୪୮ ସେପ୍ଟେମ୍ବର ୨୪ରେ ଜାପାନରେ ହୋଣ୍ଡା ମୋଟର କମ୍ପାନୀ ସ୍ଥାପିତ ହୋଇଥିଲା। ୧୯୫୯ରୁ ଏହା ବିଶ୍ୱର ବୃହତ୍ତ ଅଟୋମୋବାଇଲ କମ୍ପାନୀ ଭାବେ ପରିଚିତ। ବିଶ୍ୱର ୮ଟିବଡ ଅଟୋମୋବାଇଲ କମ୍ପାନୀ ମଧ୍ୟରେ ଏହା ରହିଛି।

'ମୋମୋ' ନିରୋଧୀ ଗେମ୍ ବିକଶିତ

ନୂଆଦିଲ୍ଲୀ



ପିଲାଙ୍କ ନିମନ୍ତେ ସରକାର ନିଜସ୍ୱ ଏକ ଗେମ୍ ଆପ୍ଲିକେଶନ୍ ଲଞ୍ଚ କରିଛନ୍ତି। 'ବ୍ଲୁ ହ୍ୱେଲ୍' ଏବଂ 'ମୋମୋ' ଚ୍ୟାଲେଞ୍ଜ ଭଳି ବିପଜ୍ଜନକ ଖେଳଠୁ ପିଲାଙ୍କୁ ଦୂରେଇ ରଖିବା ନିମନ୍ତେ ଏଭଳି ଖେଳ ବିକାଶ କରାଯାଇଛି। 'ସାଇବର ଟ୍ରିଭିଆ' ଆପ୍‌ରେ ଏକ ସେଟ୍ ମଲ୍ଟିଫଲ୍ ଚଏସ୍ କୋଶ୍ଚିନ୍ ରହିଛି। ପିଲାଙ୍କ ଉତ୍ତର ଦକ୍ଷତାକୁ ଦେଖି ସେମାନଙ୍କୁ ପଏଣ୍ଟ ଦିଆଯିବ। ଏହାଦ୍ୱାରା ସେମାନେ ଖେଳର ମଜା ଉଠାଇପାରିବେ।

ଶିଶୁ ଅଧିକାର ସୁରକ୍ଷା ନିମିତ୍ତ ରାଷ୍ଟ୍ରୀୟ କମିଶନ୍‌ଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପିଲାଙ୍କୁ କୌତୁକ ଢଙ୍ଗରେ ବିଭିନ୍ନ ପ୍ରଶ୍ନ ପଚାରି ଶିକ୍ଷାପ୍ରଦାନ ଲାଗି ବ୍ୟବସ୍ଥା ହୋଇଛି। ଏଥିପାଇଁ ଇଣ୍ଟରନେଟ୍‌ରେ ଜଣେ ଷ୍ଟ୍ରେଞ୍ଜରଙ୍କ ସହିତ ସମ୍ପର୍କ ସ୍ଥାପନ କରିବା ପରେ ତାଙ୍କ ନିର୍ଦ୍ଦେଶ ଅନୁଯାୟୀ ପିଲାମାନେ କାର୍ଯ୍ୟ କରିବେ ବୋଲି ଶିଶୁ ସୁରକ୍ଷା କମିଶନର ଯଶବନ୍ତ ଜୈନ ପ୍ରକାଶ କରିଛନ୍ତି। 'ବ୍ଲୁ ହ୍ୱେଲ୍' ଏବଂ 'ମୋମୋ' ଭଳି ଚ୍ୟାଲେଞ୍ଜ୍ ସୃଷ୍ଟିକାରୀ ଖେଳ ଖେଳି କେତେକ ପିଲା ଆତ୍ମହତ୍ୟା କରିବା ଭଳି ଘଟଣା ବୃଦ୍ଧିପାଇବା ପରେ ଏପରି ଏକ ଗେମ୍ ସରକାର ବିକାଶ କରିଛନ୍ତି। ଆଜିକାଲି ପିଲାମାନେ ଅଧିକ ସ୍ମାର୍ଟ ହେବା କାରଣରୁ ସାଇବର ଦୁନିଆର ବିପଜ୍ଜନକ ଦିଗ ବିଷୟରେ ଜାଣିପାରୁ ନାହାନ୍ତି। ଏଥିପାଇଁ ଏହି ଖେଳର ବିକାଶ କରାଯାଇଥିବା ଜୈନ କହିଛନ୍ତି।

OFFICE OF THE DEAN & PRINCIPAL
BHIMA BHOI MEDICAL COLLEGE & HOSPITAL, BALANGIR
At/PO/Dist.- Balangir, PIN- 767002 (Odisha)
Email: gmcbalangir@gmail.com, Tel.- 06652-236001, Fax: 06652-236002
(Formerly known as Government Medical College & Hospital, Balangir)
No. 1482 **NOTICE** Date: 17.09.2018
No. 443-E:- This is for information of all concerned that, the tender noticed floated vide this Office Letter No. 1125/18-19/ GMCH, dated 24.07.2018 for procurement of Models, Charts and Specimens etc. is hereby cancelled. A fresh tender notice will be published soon with inclusion of more items.
Sd./- Dean & Principal,
Government Medical College & Hospital, Balangir
10126/11/0011/1819

Government of Odisha No.624-B
"e" Procurement Notice
WORKS DEPARTMENT
Bid Identification No. S.E.K.C., Keonjhar No. 16 / 2018-19
e-mail : sekcpwd_keonjhar@yahoo.com
Letter No. 2908 Dt. 11.09.2018
1. Name of the work :- Construction of H.L. Bridge over river Sona at Joda in Keonjhar district under D.M.F for 2018-19
2. Estimated cost :- Rs. 398.71 Lakhs
3. Period of completion :- 11 (Eleven) Calendar Months
4. Date and Time of availability of Bid document in the portal :- From 11.00 Hours of 25.09.2018 to 16.00 Hours of 10.10.2018
5. Last date / Time for receipt of bids in the portal :- 16.00 Hours of 10.10.2018
6. Date of opening of Bid from Portal :- 12.00 Hours on 12.10.2018
7. Name and address of the officer inviting Bid :- Superintending Engineer, Keonjhar (R&B) Circle, Keonjhar-758001
Further details can be seen from the e-procurement portal **"http://tendersodisha.gov.in"**.
Sd./- P.C. Nayak
Superintending Engineer
Keonjhar (R&B) Circle, Keonjhar
34004/11/0024/1819

OFFICE OF THE EXECUTIVE ENGINEER
MINOR IRRIGATION DIVISION, ANGUL
No. 1532 Date: 15 / 09 / 2018
GOVERNMENT OF ODISHA
e- Procurement Notice No.535-A
Bid ID. E.E, M.I. Division, Angul No.-05/2018-19
E-mail ID: eemidivision_angul@yahoo.com
Name of the work : Improvement to Ogee Para Minor Irrigation projects in Chhendipada Block of Angul District under M.I. Division, Angul (Double Cover)
No. of Works : 1 (One) No.
Estimated Cost : Rs.84.00 Lakhs
Cost of Tender Paper : From Rs. 10,000 /- (Non-Refundable) to be paid electronically through the payment gateway of designated Banks
Period of Completion : 06(six) calendar months
Availability of bid documents for sale and receipt through On-line : From dt.26.09.2018, 10.00 A.M, to dt.09.10.2018, upto 5.00PM in website (**www.tendersorissa.gov.in**)
Date of opening of bid documents : On dt.10.10.2018 at 10.30 A.M in the Office of the Executive Engineer, M.I. Division, Angul
Digital Signature Certificate of Bidder : The Bidder must possess compatible Digital Signature Certificate (DSC).
The detail tender call notice can also be seen in the DOWR website : **http:/dowrorissa.gov.in**
Name & Address of the OIT : Executive Engineer, Minor Irrigation Division, Angul. At / P.O.: Hakimpada, College Square District : Angul, PIN-759143, Ph. No .: 06764- 236522, Email ID: **eemidivision_angul@yahoo.com**
Further details can be seen from the e-Procurement market place **http://tendersorissa.gov.in**.
(Er. J. C. Nayak)
Executive Engineer
M.I. Division, Angul
32284/11/0007/1819

GOVERNMENT OF ODISHA
OFFICE OF THE SUPERINTENDING ENGINEER
CUTTACK (R&B) CIRCLE, CUTTACK
Tel/Fax – 0671-2301751/230271, E-mail.ID-sectcrb_2006@yahoo.co.in
('e' – PROCUREMENT NOTICE) No.607-B
Bid Identification No.S.E.Ctc.(R&B) 7/2018-19
1. The Superintending Engineer, Cuttack (R&B)Circle, Cuttack on behalf of Governor of Odisha invites on Percentage rate basis bid in double cover system in ONLINE MODE from eligible contractors for Road works as mentioned below.
2. No. of work :- 8 Nos.
3. Nature of work :- Road works
4. Class of contractor :- 'B', & 'A' & Special Class
5. Tender paper cost :- Rs.10000/- **(online)**
6. Available of bid documents in the website :- **From 25.09.2018 to 16.00 Hours of 10.10.2018**
7. Date of opening of bid :- **Dt. 12.10.2018 at 11.00 Hours**
8. The Bidders have to participate in ONLINE bidding only. Further details can be seen from the website **https://tendersodisha.gov.in**. Any addendum / corrigendum / cancellation of tender can also be seen in the said website.
Superintending Engineer
Cuttack(R&B)Circle
34012/11/0016/1819

Tender to operate A/C Deluxe Buses on Charter Basis from District Hqrs. to Rajadhani Bhubaneswar / Cuttack
ODISHA STATE ROAD TRANSPORT CORPORATION, BHUBANESWAR
No. 13194/OSRTC/ Bhubaneswar Dated 22.09.18
CORRIGENDUM
Operation of OSRTC buses on Charter Basis
In continuation to the Tender Notice No. 11531, dated 18.08.2018 published in the Odia daily the "Samaj" and the "Dharitri" and hosted in OSRTC website www.osrtc.in the bid document is modified as follows:
1. In the 10th phase Chartering of buses, Person / Company / Organization desirous of taking five (05) or more routes shall be given preference during selection.
2. OSRTC will operate A/C Deluxe buses as "Rajdhani Express" operating from District Headquarters to State Capital, Bhubaneswar. Person / Company / Organization desirous of taking five (05) or more routes shall be given preference during selection.
All other terms and conditions of the Tender remains unaltered. Once selected the Firm / Person / Organization shall follow the OSRTC policies and terms & conditions.
Sd./- General Manager (Admn.)
OSRTC, Bhubaneswar

GOVERNMENT OF ODISHA
OFFICE OF THE SUPERINTENDING ENGINEER
PHULBANI (R&B) CIRCLE, PHULBANI
Phone : - 06842 254004/ FAX : - 06842 255054
Email: sernbphulbani@gmail.com
INVITATION FOR BIDS (IFB) No.606-B
Bid Identification No. SE-(R&B)-PLB- 05/2018-19
No. 1148 Dated 18.09.2018
1 The Superintending Engineer, Phulbani (R& B) Circle, Phulbani on behalf of the Governor of Odisha invites percentage rate bid (Composite Tender) in double cover system in ONLINE MODE for construction of building works detailed in the table below from eligible contractors.
2 Nature of work :- Building work
3 No. of tenders :- 2 nos of Building work
4 Tender cost :- Rs. 10,000/- (through online) only
5 Class of Contractor :- "B" Class and 'A' Class
6 Date & Time of sale & receipt of bids :- 27.09.2018 to 10.10.2018
7 Date of Opening of bid :- 11.00 AM of 11.10.2018
8 The Bidders shall have to participate in online bidding only. Further details can be seen from the website **https://tendersodisha.gov.in**. any addendum/Corrigendum / Cancellation of tender can also be seen in the said website. The authority reserves the right to reject any or all bids without assigning any reason.
Sd./- Er. Tushar Ranjan Parida
Superintending Engineer,
Phulbani (R&B) Circle, Phulbani
34129/11/0007/1819

See Career Appointment on every Wednesday & Saturday

ଉଷୁମ ଲେମ୍ବୁପାଣି : କିଛି କଥା

ଉଷୁମ ଲେମ୍ବୁପାଣିରେ ଅନେକ ଉପକାରୀ ଗୁଣ ଭରି ରହିଛି। ଜାଣନ୍ତୁ ସେ ସମ୍ପର୍କରେ...

- ଉଷୁମ ଲେମ୍ବୁ ପାଣିରେ ଭିଟାମିନ୍-ସି ଏବଂ ପୋଟାସିୟମ ଭରି ରହିଛି, ଯାହା ଶରୀର ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ।
- ନିୟମିତ ଉଷୁମ ଲେମ୍ବୁପାଣି ପିଇଲେ ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ।
- ଏହାକୁ ପିଇଲେ ମେଦବୃଦ୍ଧି ସମସ୍ୟାରୁ ଅନେକାଂଶରେ ମୁକ୍ତି ମିଳିଥାଏ।
- ପାଚନକ୍ରିୟାଜନିତ ସମସ୍ୟା ନେଇ ଚିନ୍ତିତ କି ? ଯଦି ହଁ, ତେବେ ଲେମ୍ବୁ ପାଣି ପିଇଲେ ତାହା ପାଚନକ୍ରିୟାକୁ ଆହୁରି ସକ୍ରିୟ କରାଇଥାଏ।
- ଏଭଳି ପାଣି ନିୟମିତ ପିଇଲେ ଶରୀରରେ ଇନଫେକସନ ଆଶଙ୍କା ଅନେକାଂଶରେ କମ୍ ଥାଏ।
- ଶରୀରରେ ଜଳୀୟ ଅଂଶକୁ ସନ୍ତୁଳିତ ରଖେ ଉଷୁମ ଲେମ୍ବୁପାଣି।

ହୃଦ୍‌ରୋଗଜନିତ ଆଶଙ୍କା ଦୂର କରେ ଦୁଗ୍ଧଜାତୀୟ ଖାଦ୍ୟ



ହୃଦ୍‌ରୋଗଜନିତ ସମସ୍ୟାଠାରୁ ନିଜକୁ ଦୂରେଇ ରଖିବାକୁ ଚାହୁଁଛନ୍ତି କି ? ଯଦି ହଁ, ତେବେ ଏହାର ଉପାୟ ହାତ ପାଆନ୍ତାରେ ରହିଛି। ଯଦି ଜଣେ ବ୍ୟକ୍ତି ନିୟମିତ ଦୁଗ୍ଧଜନିତ ଖାଦ୍ୟ ଖାଆନ୍ତି ତେବେ ତାହା ହୃତପିଣ୍ଡ (ହାର୍ଟ)କୁ ସୁସ୍ଥ ରଖିଥାଏ। ଏପରି ବିଷୟବସ୍ତୁ ନେଇ ଲଣ୍ଡନ ୟୁନିଭର୍ସିଟିର ହୃଦ୍‌ରୋଗ ବିଶେଷଜ୍ଞମାନେ ଏକ ଗବେଷଣା କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ନିୟମିତ ଦୁଗ୍ଧଜାତୀୟ ଖାଦ୍ୟ ଖାଇବାକୁ ଦିଆଯାଇଥିଲା। ଅପରପକ୍ଷରେ ନିୟମିତ ସମୟ ଅନ୍ତରାଳରେ ଏହାର ପ୍ରଭାବ ହାର୍ଟ ଉପରେ କି ପ୍ରଭାବ ପଡୁଛି ତାହାକୁ ତନ୍ନ ତନ୍ନ କରି ସେମାନେ ନିରୀକ୍ଷଣ କରିଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତିଙ୍କର ହାର୍ଟରେ କୌଣସି ସମସ୍ୟା ଦେଖିବାକୁ ମିଳି ନ ଥିଲା। ହେଲେ ଏପରି ଖାଦ୍ୟ ସହ ନିୟମିତ କିଛି ସମୟ ବ୍ୟାୟାମ କରିବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

ସୌରଜଗତକୁ ପରିକ୍ରମା କରୁଥିବା ସ୍ୱପ୍ନର ମଣିଷ

ସ୍ମିତା ଚାନ୍ଦ

ମହାନ୍ ବୈଜ୍ଞାନିକ ଅବଦୁଲ କଲାମ କହିଥିଲେ, ଯଦି ସ୍ୱପ୍ନ ଦେଖିବ, ତେବେ ଦିନରେ ଦେଖ, ଆଖି ଖୋଲି ସ୍ୱପ୍ନ ଦେଖ। ମୁଁ ବି ଆଖି ଖୋଲି ଦେଖୁଥିଲି କାନ୍ଥରେ ଝୁଲୁଥିବା ସେହି ମହାନ୍ ବ୍ୟକ୍ତିଙ୍କର ଫଟୋଚିତ୍ରକୁ। ଭାବୁଥିଲି ରକେଟ୍ ଓ କ୍ଷେପଣାସ୍ତ୍ର ନିର୍ମାଣ କୌଶଳର କଥା। ଏମିତି ଏକ ରକେଟ୍‌କୁ ସ୍ୱପ୍ନ ଦେଖୁଥିଲି, ଯାହା ସହଜରେ ପୃଥିବୀର ମାଧ୍ୟାକର୍ଷଣ ବଳୟ ବାହାରକୁ ଯାଇପାରିବ। ସେଥିପାଇଁ ସେ ସେକେଣ୍ଡକୁ ୧୧.୨ କିଲୋମିଟର ଗତି କରିପାରୁଥିବ। ସେହି ବେଗକୁ ଆମେ କହୁ 'ପଳାୟନ ବେଗ'। କୌଣସି ବସ୍ତୁକୁ ସେତିକି ବେଗରେ ଉପରକୁ ଫିଙ୍ଗିଲେ ତାହା ପୃଥିବୀର ଆକର୍ଷଣ ବାହାରକୁ ପଳେଇବ। ବସ୍ତୁଟି ଆଉ ପୃଥିବୀପୃଷ୍ଠକୁ ଫେରି ଆସିବ ନାହିଁ। ସେଇଥିପାଇଁ ତ ସେହି ବେଗର ନାମ 'ପଳାୟନ ବେଗ' ରଖାଯାଇଛି, ଯାହାର ପରିମାଣ ଘଣ୍ଟାକୁ ପ୍ରାୟ ୪୦,୦୦୦ କିମି।

କାନ୍ଥରେ ଝୁଲୁଥିବା ସେହି ଫଟୋଚିତ୍ର ଭିତରେ ଦେଖୁଥିଲି ମୋ ସ୍ୱପ୍ନର ମଣିଷଙ୍କୁ । ସେ ମଣିଷ ନୁହନ୍ତି, ବରଂ ହାଡ଼ମାଂସରେ ଗଢା ଜଣେ ଦେବାତ୍ମା। ଜଣେ ଅମାୟିକ ବୈଜ୍ଞାନିକ । ତାଙ୍କ ଭିତରେ କେବଳ ଭଲ ଗୁଣ ହିଁ ଭରପୂର ହୋଇ ରହିଥିଲା। ମନରେ ହିଂସା ନ ଥିଲା, କି ହୃଦୟରେ ରାଗ ଓ ଛଳନା ନ ଥିଲା । ସମସ୍ତଙ୍କ ପ୍ରତି ସ୍ନେହ, ସହାନୁଭୂତି ଓ ଭଲପାଇବା ରହିଥିଲା। ସେ ଥିଲେ ଏକ ଅଜବ ଦୁନିଆର ମଣିଷ । ତାଙ୍କ ଦୁନିଆରେ ସମସ୍ତେ ସମସ୍ତଙ୍କୁ ସାହାଯ୍ୟ କରୁଥିଲେ। ସହନଶୀଳତା ସମସ୍ତଙ୍କର ଭୂଷଣ ଥିଲା। ସମସ୍ତେ ସମସ୍ତଙ୍କର ଦୁଃଖ ଓ ସୁଖକୁ ଅବିଳମ୍ବେ ବୁଝି ପାରୁଥିଲେ। ସମସ୍ତେ ଥିଲେ ପିମ୍ପୁଡ଼ିଠାରୁ ବି ଅଧିକ ଶୃଙ୍ଖଳିତ। ତାଙ୍କ ଦୁନିଆରେ ସବୁଠି ସବୁଜିମା ଭରି ରହିଥିଲା । ପରିବେଶ ସୁସ୍ଥ ଥିଲା। ସମସ୍ତେ ସୁନ୍ଦର ଭାବେ ଭାବ ବିନିମୟ କରିପାରୁଥିଲେ। ସେ ଗଛର ଭାଷା ପଢିପାରୁଥିଲେ । ପାଟି ଫିଟୁ ନ ଥିବା ଜୀବର ମନ କଥା ବୁଝି ପାରୁଥିଲେ। ତାଙ୍କର ଡେଣା ଥିଲା। ରକେଟ୍ ପରି ଶକ୍ତିଶାଳୀ ଡେଣା । ନିଜର ଡେଣା ସାହାଯ୍ୟରେ ସେ ମହାକାଶରେ ବିଚରଣ କରିପାରୁଥିଲେ । ପୃଥିବୀର ମାଧ୍ୟାକର୍ଷଣ ବଳ ତାଙ୍କୁ ଅଟକାଇ ପାରୁ ନ ଥିଲା। ସେ ଅତି ସହଜରେ ପଳାୟନ ବେଗରେ ଉଡ଼ି ଉଡ଼ି ପୃଥିବୀର ଆକର୍ଷଣ ବଳୟ ବାହାରକୁ ଯାଇପାରୁଥିଲେ। ଅନ୍ୟ ଗ୍ରହର ଜୀବମାନଙ୍କ ସହିତ ସମ୍ପର୍କ ସ୍ଥାପନ କରି ପାରୁଥିଲେ।

ପୃଥିବୀକୁ ମିଶେଇ ଆମ ସୌରଜଗତରେ ଆଠଟି ଗ୍ରହ ଅଛନ୍ତି । ଗ୍ରହଗୁଡିକ ନିଜ ଚାରିପଟେ ନଟୁ ପରି ବୁଲିବା ସହ ସୂର୍ଯ୍ୟଙ୍କ ଚାରିପଟେ ଘୂରୁଛନ୍ତି। ସୂର୍ଯ୍ୟ ମଧ୍ୟ ସ୍ଥିର ନୁହେଁ। ସେ ବି ନିଜ ଚାରିପଟେ ଘୂରିବା ସହ ଆମ ଆକାଶଗଙ୍ଗା ଛାୟାପଥରେ ଘୂରୁଛି। ଆକାଶଗଙ୍ଗା ଛାୟାପଥରେ ସୂର୍ଯ୍ୟ ଭଳି କୋଟି କୋଟି ବଡ଼ ସାନ ନକ୍ଷତ୍ର ରହିଛି। ଆମ ବିଶ୍ୱ ବ୍ରହ୍ମାଣ୍ଡରେ ଆକାଶଗଙ୍ଗା ଛାୟାପଥ ଭଳି ଅନେକ ଛାୟାପଥ ରହିଛି । ସବୁ ଛାୟାପଥ ଘୂରୁଛନ୍ତି । ମୋଟାମୋଟି କହିଲେ, ବିଶ୍ୱ ବ୍ରହ୍ମାଣ୍ଡରେ ସମସ୍ତ ଗ୍ରହ, ଉପଗ୍ରହ, ନକ୍ଷତ୍ର ଓ ଛାୟାପଥ, ସମସ୍ତେ ଘୂରୁଛନ୍ତି। ସତରେ କେତେ ଶୃଙ୍ଖଳିତ ସେମାନେ ?



> ପୃଥିବୀକୁ ମିଶେଇ ଆମ ସୌରଜଗତରେ ଆଠଟି ଗ୍ରହ ଅଛନ୍ତି। ଗ୍ରହଗୁଡ଼ିକ ନିଜ ଚାରିପଟେ ନଟୁ ପରି ବୁଲିବା ସହ ସୂର୍ଯ୍ୟଙ୍କ ଚାରିପଟେ ଘୂରୁଛନ୍ତି। ସୂର୍ଯ୍ୟ ମଧ୍ୟ ସ୍ଥିର ନୁହେଁ। ସେ ବି ନିଜ ଚାରିପଟେ ଘୂରିବା ସହ ଆମ ଆକାଶଗଙ୍ଗା ଛାୟାପଥରେ ଘୂରୁଛି। ଆକାଶଗଙ୍ଗା ଛାୟାପଥରେ ସୂର୍ଯ୍ୟ ଭଳି କୋଟି କୋଟି ବଡ଼ ସାନ ନକ୍ଷତ୍ର ରହିଛି। ଆମ ବିଶ୍ୱ ବ୍ରହ୍ମାଣ୍ଡରେ ଆକାଶଗଙ୍ଗା ଛାୟାପଥ ଭଳି ଅନେକ ଛାୟାପଥ ରହିଛି। ସବୁ ଛାୟାପଥ ଘୂରୁଛନ୍ତି। ମୋଟାମୋଟି କହିଲେ, ବିଶ୍ୱ ବ୍ରହ୍ମାଣ୍ଡରେ ସମସ୍ତ ଗ୍ରହ, ଉପଗ୍ରହ, ନକ୍ଷତ୍ର ଓ ଛାୟାପଥ ସମସ୍ତେ ଘୂରୁଛନ୍ତି। ସତରେ କେତେ ଶୃଙ୍ଖଳିତ ସେମାନେ ?

ମୋ ସ୍ୱପ୍ନର ମଣିଷ ବେଳେବେଳେ ଆମର ମାମୁଘର ଚନ୍ଦ୍ରପୃଷ୍ଠକୁ ଉଡି ଯାଉଥିଲେ । ଚନ୍ଦ୍ରପୃଷ୍ଠରେ ପଳାୟନ ବେଗ ହେଉଛି ପୃଥିବୀର ପଳାୟନ ବେଗର ପାଞ୍ଚ ଭାଗରୁ ମାତ୍ର ଏକ ଭାଗ, ଅର୍ଥାତ୍ ସେକେଣ୍ଡକୁ ୨.୩୮ କିମି। ସେ ଚନ୍ଦ୍ରପୃଷ୍ଠରେ ପାଦ ରଖି ବଡ଼ ବଡ଼ ଖାଲୁଆ ସ୍ଥାନ ଓ ଛୋଟ ଛୋଟ ପାହାଡ ଭଳି ଉଚ୍ଚା ସ୍ଥାନର ମଜା ନେଉଥିଲେ । ତାଙ୍କ ପାଇଁ ପୃଥିବୀର ଆକର୍ଷଣ ବିପକ୍ଷରେ ଉଡିବା ଯେତିକି କଷ୍ଟ, ଚନ୍ଦ୍ରର ଆକର୍ଷଣ ବିପକ୍ଷରେ ଉଡିବା ସେତେ କଷ୍ଟ ନ ଥିଲା । ସୂର୍ଯ୍ୟଙ୍କର ସବୁଠାରୁ ନିକଟରେ ରହିଛି ବୁଧ ଗ୍ରହ । ସେ ବୁଧଗ୍ରହକୁ ଯାଉଥିଲେ। ବୁଧଗ୍ରହରୁ ବାହାରିବା ପାଇଁ ସେକେଣ୍ଡକୁ ୪.୨୫ କିମି ଆବଶ୍ୟକ, ଯାହାକି ପୃଥିବୀର ପଳାୟନ ବେଗର ପାଞ୍ଚ ଭାଗରୁ ପ୍ରାୟ ଦୁଇ ଭାଗ । ବୁଧ ଗ୍ରହ ଆମ ସୌରଜଗତର ସବୁଠାରୁ ଛୋଟ ଗ୍ରହ। ସୂର୍ଯ୍ୟଙ୍କର ନିକଟରେ ଥିବାରୁ ଅଧିକ ଆଲୋକ ଯୋଗୁ ମୋ' ସ୍ୱପ୍ନର ମଣିଷ ବୁଧ ଗ୍ରହକୁ ଠିକ୍ ଭାବରେ ଦେଖିପାରୁ ନ ଥିଲେ । ଗ୍ରହପୃଷ୍ଠରେ ପାଦ ରଖି କେବଳ ଖାଲ ଢିପ ଅନୁଭବ କରିପାରୁଥିଲେ।

ବୁଧ ଗ୍ରହକୁ ଛାଡି ସେ ଉଡି ଯାଇଥିଲେ ଶୁକ୍ର ଗ୍ରହକୁ। ଶୁକ୍ର ଗ୍ରହରେ ପାଦ ଦେବାର ଆନନ୍ଦ ଥିଲା କିଛି ନିଆରା। ଏହି ଗ୍ରହଟି ଅନ୍ୟ ଗ୍ରହଗୁଡିକ ପରି ନିଜ ଚାରିପଟେ ପଶ୍ଚିମରୁ ପୂର୍ବକୁ ଘୂରେ ନାହିଁ, ବରଂ ପୂର୍ବରୁ ପଶ୍ଚିମକୁ ଘୂରୁଛି। ହଁ, ଶୁକ୍ର ଗ୍ରହ ପରି ୟୁରାନସ୍ ମଧ୍ୟ ପୂର୍ବରୁ ପଶ୍ଚିମକୁ ଘୂରେ। ଶୁକ୍ର ଗ୍ରହର ପଥୁରିଆ ମୃତ୍ତିକା, ବିଷାକ୍ତ ଘନ ବାୟୁମଣ୍ଡଳ ଓ ଜଳ ଶୂନ୍ୟତା ମୋ' ସ୍ୱପ୍ନର ମଣିଷଙ୍କୁ ଅତିଷ୍ଠ କରୁଥିଲା। ତେଣୁ ସେ ଶୁକ୍ର ଗ୍ରହରୁ ବିଦାୟ ନେଲେ । ଶୁକ୍ରଗ୍ରହର ପୃଷ୍ଠରୁ ବାହାରିବା ପାଇଁ ସେକେଣ୍ଡକୁ ୧୦.୩୬ କିଲୋମିଟର ବେଗ ଜରୁରୀ । ଶୁକ୍ରଗ୍ରହର ପଳାୟନ ବେଗ ଆମ ପୃଥିବୀର ପଳାୟନ ବେଗ ସହିତ ତୁଳନୀୟ । ସେଠାରୁ ଉଡ଼ି ଉଡି, ସେ ମଙ୍ଗଳ ଗ୍ରହରେ ପାଦ ଦେଇଥିଲେ । ସୌରଜଗତର ଲୋହିତ ଗ୍ରହ ମଙ୍ଗଳ ଉପରେ ବସି ଭବିଷ୍ୟତରେ ପୃଥିବୀବାସୀ ସେଠାରେ ରହିବାର ସ୍ୱପ୍ନ ଦେଖିଥିଲେ । ପୃଥିବୀ ପରି ସେଠାରେ ଋତୁ ପରିବର୍ତ୍ତନ ହେଉଥିବା କଥା ଭାବୁଥିଲେ । ସେଠାରେ ଥିବା ଜଳ ବିଷୟରେ ଭାବୁଥିଲେ। ସେଠାରୁ ବାହାରିବାକୁ ତାଙ୍କର ବୋଧହୁଏ ଇଚ୍ଛା ନ ଥିଲା । ସତ କହିଲେ, ଲାଲ ଗ୍ରହରେ ବସି ସେଠାରେ ଆଉ ଏକ ପୃଥିବୀର ପରିକଳ୍ପନା କରୁଥିଲେ। ତାଙ୍କୁ ଲାଗୁଥିଲା, ଏହା ଦିନେ ନା ଦିନେ ବାସ୍ତବତାର ରୂପ ବି ନେଇପାରେ । ଇଚ୍ଛା ନ ଥିଲେ ସେ ମଙ୍ଗଳଗ୍ରହରୁ ବିଦାୟ ନେଲେ । ମଙ୍ଗଳ ପୃଷ୍ଠରୁ ବାହାରିବା ପାଇଁ ପଳାୟନ ବେଗର ପରିମାଣ ଥିଲା ସେକେଣ୍ଡକୁ ୫ କିମି । ଏହା ପୃଥିବୀର ପଳାୟନ ବେଗର ପାଖାପାଖି ଅଢେଇ ଭାଗରୁ ଏକ ଭାଗ।

ସେପଟେ ମୋ ସ୍ୱପ୍ନର ମଣିଷ ଉଡ଼ି ଉଡ଼ି ଗୋଟିଏ ଗ୍ରହରୁ ଆଉ ଗୋଟିଏ ଗ୍ରହକୁ ଚାଲିଯାଉଥିଲେ । ଏପଟେ ମୁଁ ଉଲ୍ଲସିତ ହୋଇ ଉଠୁଥିଲି । ତାଙ୍କର ପରବର୍ତ୍ତୀ ଗନ୍ତବ୍ୟ ସ୍ଥଳ ଥିଲା ଗ୍ରହରାଜ ବୃହସ୍ପତି । ବୃହସ୍ପତି, ଶନି, ୟୁରାନସ ଓ ନେପଚୁନ୍ ଗ୍ରହଗୁଡ଼ିକ ପୃଥିବୀଠାରୁ ଢେର ବଡ଼। ତେଣୁ ଏମାନଙ୍କର ପଳାୟନ ବେଗ ମଧ୍ୟ ପୃଥିବୀର ପଳାୟନ ବେଗଠାରୁ ବେଶ୍ ଅଧିକ । ବୃହସ୍ପତି ପାଇଁ ପଳାୟନ ବେଗର ମୂଲ୍ୟ ସେକେଣ୍ଡକୁ ୬୦ କିମି । ଶନି ପାଇଁ ପଳାୟନ ବେଗର ମୂଲ୍ୟ ସେକେଣ୍ଡକୁ ୩୬ କିମି । ୟୁରାନସ ପାଇଁ ପଳାୟନ ବେଗର ମୂଲ୍ୟ ସେକେଣ୍ଡକୁ ୨୧ କିମି ଏବଂ ନେପଚୁନ୍ ପାଇଁ ପଳାୟନ ବେଗର ମୂଲ୍ୟ ସେକେଣ୍ଡକୁ ୨୪ କିମି । ମୁଁ ସତରେ ଚାହୁଁଥିଲି, ମୋ ପ୍ରିୟ ମଣିଷ ସେସବୁ ଗ୍ରହକୁ ନ ଗଲେ ଭଲ ହେବ । କାରଣ ସେଠାକୁ ଗଲେ, ଗ୍ରହପୃଷ୍ଠ ଛାଡ଼ି ଆକର୍ଷଣ ବଳୟର ବାହାରକୁ ଆସିବା କଷ୍ଟ ହେବ । ତେଣୁ ମଙ୍ଗଳଗ୍ରହରୁ ବାହାରି ଆମର ଜୀବନ୍ତ ସବୁଜିମା ଗ୍ରହ ପୃଥିବୀକୁ ଲେଉଟିବା ଠିକ୍ ହେବ ବୋଲି ମୁଁ ମନେ ମନେ ଭାବୁଥିଲି । କିନ୍ତୁ ସେ କ'ଣ ସାଧାରଣ ମଣିଷ ? ସେ କ'ଣ ମୋ କଥା ଶୁଣିବେ ? ନା, ଶୁଣୁ ନାହିଁ। ପୃଥିବୀକୁ ପଛ କରି ଉଡ଼ିଯାଉଛନ୍ତି ଗ୍ରହରାଜ ବୃହସ୍ପତି ଆଡ଼କୁ। ମୁଁ ଚାହିଁ ରହିଥିଲି ତାଙ୍କର ଫେରିବା ବାଟକୁ। ହଠାତ୍ ପୁଅର 'ମାଆ' ଡାକରେ ମୋର ନିଦ ଭାଙ୍ଗିଗଲା। ସ୍ୱପ୍ନ ହଜିଗଲା। ଆଖି ଖୋଲିଲି। ସୌରଜଗତର ଗ୍ରହଗୁଡ଼ିକ କୁଆଡ଼େ ଉଭେଇ ଯାଇଥିଲେ । ଅମାୟିକ ବୈଜ୍ଞାନିକଙ୍କର ଫଟୋଚିତ୍ର ସେମିତି କାନ୍ଥରେ ଝୁଲୁଥିଲା। ଦୁନିଆକୁ ପୁଣି ଏକ ସାଧାରଣ ମଣିଷ ପରି କାଳାତିପାତ କରିବାର ପ୍ରତିଶ୍ରୁତି ଦେଇ ପୁଅ ପାଖକୁ ଚାଲିଲି।

–ବିଜ୍ଞାନ ଶିକ୍ଷୟିତ୍ରୀ,
ଭଣ୍ଡାରୀପୋଖରୀ ହାଇସ୍କୁଲ, ଭଦ୍ରକ

ସ୍ୱାସ୍ଥ୍ୟୋପକାରୀ ପିଆଜ

ବିଶେଷ ଭାବରେ ଫାଷ୍ଟଫୁଡ ଜାତୀୟ ଖାଦ୍ୟ ପ୍ରସ୍ତୁତିରେ ପିଆଜର ଆବଶ୍ୟକତା ପଡିଥାଏ। ଅନେକ ଖାଦ୍ୟର ସ୍ୱାଦକୁ ଏହା ବଢ଼ାଇ ଦେଇଥାଏ। ଏଥିରେ ଅନେକ ସ୍ୱାସ୍ଥ୍ୟପୋକାରୀ ଗୁଣ ଭରି ରହିଛି। ସେ ସମ୍ପର୍କରେ ଟିପ୍ସ...

- ★ପିଆଜରେ ସଲଫର କମ୍ପାଉଣ୍ଡ ଏବଂ ଆଣ୍ଟିଅକ୍ସିଡାଣ୍ଟ ଭଳି ତତ୍ତ୍ୱ ଭରି ରହିଛି। ଏହା ଶରୀରର ଭିତର ଭାଗକୁ ଦୃଢ଼ କରିବା ସହ ଶାରୀରିକ ଦୁର୍ବଳତା ଦୂର କରିଥାଏ।
- ★ଆମ ଶରୀରରେ ଥିବା ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବାରେ ପିଆଜ ସହାୟକ ହୋଇଥାଏ।
- ★ଏଥିରେ କ୍ୟାନସର ସହ ଲଢ଼ିବାର ଶକ୍ତି ରହିଛି ବୋଲି ଆମେରିକୀୟ କ୍ୟାନସର ବିଶେଷଜ୍ଞମାନେ ସଦ୍ୟତମ ଗବେଷଣାରୁ ଜାଣିପାରିଛନ୍ତି।
- ★ଆପଣ ଅଲସରଜନିତ ସମସ୍ୟା ସହ ଜଡିତ କି ? ଯଦି ହଁ, ତେବେ ନିୟମିତ ପିଆଜ ଖାଇଲେ ସେଥିରୁ କେତେକାଂଶରେ ଉପଶମ ମିଳିଥାଏ।

- ★ପିଆଜରେ ଭିଟାମିନ୍-ଏ, ଇ, ସି ପ୍ରଚୁର ମାତ୍ରାରେ ଭରି ରହିଛି। ଏହାକୁ ନିୟମିତ ଖାଇଲେ ଚର୍ମରେ ଚମକ୍ ଆସିଥାଏ।
- ★ପିଆଜ ଖାଇଲେ ତାହା ମସ୍ତିଷ୍କ କାର୍ଯ୍ୟଧାରାକୁ ଆହୁରି ସକ୍ରିୟ କରାଏ।

ମ୍ୟାଲେରିଆ ସଂକ୍ରମଣରୁ ରକ୍ଷା ପାଇବାର ସହଜ ଉପାୟ

ମ୍ୟାଲେରିଆ ସଂକ୍ରମଣଜନିତ ସମସ୍ୟାରୁ ରକ୍ଷା ପାଇବାର ସହଜ ଉପାୟ ହାତ ପାଆନ୍ତାରେ ରହିଛି। ଏଭଳି ଏକ ଉପାୟ ସଦ୍ୟତମ ଗବେଷଣାରୁ ଜଣାପଡିଛି। ମ୍ୟାଲେରିଆ ସଂକ୍ରମଣରୁ କିପରି ସହଜରେ ରକ୍ଷା ପାଇହେବ ସେ ନେଇ ସିଡ୍‌ନୀ ୟୁନିଭର୍ସିଟିର ମ୍ୟାଲେରିଆ ବିଶେଷଜ୍ଞମାନେ ଗବେଷଣା କରିଥିଲେ। ଯଦି ଜଣେ ବ୍ୟକ୍ତି ନିୟମିତ ଭିଟାମିନ ଏଯୁକ୍ତ ଖାଦ୍ୟ ଖାଆନ୍ତି ତେବେ ଏଥିରୁ ଅନେକାଂଶରେ ଉପଶମ ମିଳିବ ବୋଲି ସେମାନେ ଗବେଷଣା ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଏଭଳି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ଗବେଷଣା ସମୟରେ ସେମାନେ ମ୍ୟାଲେରିଆ ସଂକ୍ରମଣ ସମସ୍ୟା ସହ ଜଡିତ କେତେଜଣ ବ୍ୟକ୍ତିଙ୍କୁ ନିୟମିତ ଭିଟାମିନ୍ 'ଏ'ଯୁକ୍ତ ଖାଦ୍ୟ ଖାଇବାକୁ ଦେଇଥିଲେ। ଅପରପକ୍ଷରେ ନିୟମିତ ସମୟ ଅନ୍ତରାଳରେ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଗବେଷଣା ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ମ୍ୟାଲେରିଆ ସଂକ୍ରମଣରୁ ଉପଶମ ଲାଭ କରୁଥିବା ଜଣାପଡିଥିଲା।

ଫ୍ରଏଡୀୟ ଧାରାରେ ମାନସିକ ସ୍ୱାସ୍ଥ୍ୟ

ପ୍ରଫେସର ଇନ୍ଦୁ ଭୂଷଣ ଦାସ

ଆଧୁନିକ ମନୋବିଜ୍ଞାନର ତୁଙ୍ଗ ଶିଖର– ପୁରୁଷ ସିଗ୍‌ମଣ୍ଡ ଫ୍ରଏଡ। ମନର ଅଜସ୍ର ରହସ୍ୟ ସମ୍ପର୍କରେ ତାଙ୍କର ଯୁଗାନ୍ତକାରୀ ଗବେଷଣା ବିତର୍କ ସୃଷ୍ଟି କରିଆସିଛନ୍ତି ବାରମ୍ବାର। ତେବେ ତାଙ୍କର କେତେକ ବିଶ୍ଳେଷଣ ଏବେ ମଧ୍ୟ ହରାଇ ନାହିଁ ନିଜସ୍ୱ ତାତ୍ପର୍ଯ୍ୟ। ଏବେ ମଧ୍ୟ ମଣିଷ ମନର ବ୍ୟାଖ୍ୟାକାରୀବର୍ଗଙ୍କ ପକ୍ଷରେ ସେ ଗୁରୁ ସ୍ଥାନୀୟ ଭାବମୂର୍ତ୍ତି ନେଇ ବିଦ୍ୟମାନ। ଏ କ୍ଷେତ୍ରରେ ଫ୍ରଏଡ୍‌ଙ୍କ ଦୃଷ୍ଟିଭଙ୍ଗୀ ଥିଲା ଭିନ୍ନ। ସମାଜ ସହିତ ଆପେକ୍ଷିକ ସମ୍ପର୍କ ଓ କାର୍ଯ୍ୟ କରିବାର କ୍ଷମତାକୁ ନେଇ ଜଣଙ୍କର ମାନସିକ ସ୍ୱାସ୍ଥ୍ୟ ଗଠିତ ବୋଲି ସେ ଭାବୁଥିଲେ। ଏଇ ଦର୍ଶନବାଦକୁ ଆହୁରି ସରଳ କରିବାକୁ ଯାଇ ସେ ଉତ୍‌ଥାନ କରୁଥିଲେ ମଣିଷର ଆପାତତଃ ଉଦ୍ଦେଶ୍ୟ କ'ଣ ଓ ସେଇ ଦୃଷ୍ଟିକୋଣରୁ ତୋ' ଅନୁଭୂତିର ମୂଲ୍ୟବୋଧ। କାରଣ ଦୈନନ୍ଦିନ କାର୍ଯ୍ୟସୂଚୀ ଆମର ଆଚାର, ବ୍ୟବହାର ବିଚାରଶକ୍ତି ଉପରେ ଖୁବ୍ ବେଶି ନିର୍ଭର ନ କରି ଅନୁଭୂତି ଉପରେ ମାତ୍ରାଧିକ ନିର୍ଭର କରେ।

ଏକ ଅନୁଭୂତି ଚାରୋଟି ଭିନ୍ନ ଶକ୍ତିକୁ ଏକ ସୁଷମ ସମନ୍ୱୟରୁ ସୃଷ୍ଟି। ସେଗୁଡ଼ିକ ହେଲା – **ଆତ୍ମୀୟତା ଓ ଘୃଣାଭାବ:** ଆତ୍ମୀୟତାକୁ ସୃଜନଶୀଳ ଓ ଘୃଣାଭାବକୁ ଧ୍ୱଂସାତ୍ମକ ଶକ୍ତି ଭାବରେ ଫ୍ରଏଡ ବର୍ଣ୍ଣନା କରିଛନ୍ତି। ଆମ ଦୈନନ୍ଦିନ ଜୀବନ ସଂଗ୍ରାମ ପାଇଁ ଉଭୟ ସୃଜନଶୀଳ ଓ ଧ୍ୱଂସାତ୍ମକ ଶକ୍ତିର ସମନ୍ୱୟ ଆବଶ୍ୟକ। ଏକ ଶକ୍ତିର ସଦ୍‌ବିନିଯୋଗ ନ ହୋଇ ଅବାସ୍ତବ ବ୍ୟବହାର ହେଲେ, ଏହା ମାନସିକ ସ୍ୱାସ୍ଥ୍ୟ ଉପରେ କୁ-ପ୍ରଭାବ ପକାଏ। ଉଦାହରଣ ସ୍ୱରୂପ ଆକ୍ରମଣାତ୍ମକ ଅନୁଭୂତିକୁ ବାହାରେ ପରିପ୍ରକାଶ ନ କରି, ଜଣେ ଯଦି କ୍ରୋଧ ଓ ଧ୍ୱଂସାତ୍ମକ ମନୋବୃତ୍ତିକୁ ନିଜ ଭିତରକୁ ନିଏ, ଭିତରେ ସବୁ ସମୟରେ ଉତ୍କଣ୍ଠା ଓ ଉଦ୍‌ବେଗ ଲାଗି ରହେ ଏବଂ ନାନାଦି ମାନସିକଜନିତ ଶାରୀରିକ ରୋଗର ଶିକାର ହୋଇ ସେ କ୍ରମଶଃ ପଙ୍ଗୁ ହୋଇଯାଏ। ପୁଣି ଅନେକ ସମୟରେ

> ଆତ୍ମୀୟତାକୁ ସୃଜନଶୀଳ ଓ ଘୃଣାଭାବକୁ ଧ୍ୱଂସାତ୍ମକ ଶକ୍ତି ଭାବରେ ଫ୍ରଏଡ ବର୍ଣ୍ଣନା କରିଛନ୍ତି। ଆମ ଦୈନନ୍ଦିନ ଜୀବନ ସଂଗ୍ରାମ ପାଇଁ ଉଭୟ ସୃଜନଶୀଳ ଓ ଧ୍ୱଂସାତ୍ମକ ଶକ୍ତିର ସମନ୍ୱୟ ଆବଶ୍ୟକ। ଚାକିରି, ବ୍ୟବସାୟ ବା ଅନ୍ୟ କୌଣସି ବୃତ୍ତି ଅଥବା କୌଣସି ସାମାଜିକ ସମସ୍ୟାର ସମାଧାନ ପାଇଁ ଆମେ ଯେଉଁ ଉତ୍ସାହ ଓ ଆକ୍ରମଣାତ୍ମକ ପଦକ୍ଷେପ ନେଉ, ତାହା ସୃଜନଶୀଳ ଶକ୍ତ

ସଂକ୍ଷେପରେ

ଆର୍‌ବିଆଇ, ସେବିର ତୀକ୍ଷ୍ଣ ନଜରରେ ବିତ୍ତ ବଜାର

ବମ୍ବେ, ୨୩-୯: ବଜାର ନିୟାମକ ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ(ସେବି) ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଦେଶର ବିତ୍ତ ବଜାରକୁ ତୀକ୍ଷ୍ଣ ନଜରରେ ରଖିଛନ୍ତି। ଆବଶ୍ୟକ ସ୍ଥଳେ ଉଚିତ ପଦକ୍ଷେପ ନେବା ପାଇଁ ଏହି ଦୁଇ ନିୟାମକ ପ୍ରସ୍ତୁତ ଅଛନ୍ତି। ବର୍ତ୍ତମାନ ସମୟରେ ଦେଶର ଅର୍ଥନୈତିକ ତଥା ବିତ୍ତୀୟ ସ୍ଥିତିକୁ ଅନୁଧ୍ୟାନ କରି ଆର୍‌ବିଆଇ ଏହା କହିଛି।

ପୁଣି ବଢ଼ିପାରେ ସୁଧ ହାର

ନୂଆଦିଲ୍ଲୀ,୨୩-୯(ପି.ଟି.): ଭାରତୀୟ ରିଜର୍ଭ ବ୍ୟାଙ୍କ ଏହାର ପରବର୍ତ୍ତୀ ମୁଦ୍ରା ନୀତି ସମୀକ୍ଷା ବୈଠକରେ ପୁଣି ଥରେ ସୁଧହାର ବୃଦ୍ଧି କରିପାରେ। ଦେଶର ପ୍ରାୟ ୪୨% କମ୍ପାନୀ ଏଭଳି ଆଶା କରୁଛନ୍ତି। ଭାରତୀୟ ଶିଳ୍ପ ମହାସଂଘ(ସିଆଇଆଇ) ଏକ ସର୍ଭେ ଆଧାରରେ ଏହାର ୧୦୪ତମ ତ୍ରୈମାସିକ ବିଜ୍‌ନେସ୍ କନ୍‌ଫିଡେନ୍ସ ଇଣ୍ଡେକ୍ସ(ବିସିଆଇ)ରେ ଏହା ଦର୍ଶାଇଛି। ପ୍ରାୟ ୨୦୦ ଶିଳ୍ପ ସଂସ୍ଥାର ପ୍ରତିକ୍ରିୟା ଆଧାରରେ ସିଆଇଆଇ ଦର୍ଶାଇଛି ଯେ, ଏଥର ସୁଧହାର ବଢାଇବାର ଯଥେଷ୍ଟ ସମ୍ଭାବନା ରହିଛି। ଅକ୍ଟୋବର ୩ରେ ଆର୍‌ବିଆଇର ଚତୁର୍ଥ ତ୍ରିମାସିକ ମୁଦ୍ରାନୀତି ସମୀକ୍ଷା ବୈଠକ ରହିଛି।

କୋମଳ ଲାହିରୀ ହ୍ୱାଟ୍ସଆପ୍‌ର ଭାରତ ଲାଗି ଗ୍ରିଭାନ୍ସ ଅଫିସର

ନୂଆଦିଲ୍ଲୀ,୨୩-୯: ଶେଷରେ କେନ୍ଦ୍ର ସରକାରଙ୍କ ଚାପ ଆଗରେ ମୁଣ୍ଡ ନୁଆଇ ହ୍ୱାଟ୍ସଆପ୍ କୋମଳ ଲାହିରୀଙ୍କୁ ଭାରତ ଲାଗି ଏହାର ଗ୍ରିଭାନ୍ସ ଅଫିସର ନିଯୁକ୍ତ କରିଛି। ମିଥ୍ୟା ବାର୍ତ୍ତାକୁ ରୋକିବା ଲାଗି ପଦକ୍ଷେପ ନେଉ ବୋଲି କେନ୍ଦ୍ର ସରକାର ଦାବି କରିବା ପରେ ଫେସବୁକ୍ ଅଧୀନସ୍ଥ ଏହି କମ୍ପାନୀ ନିଜ ୱେବସାଇଟରେ ଉକ୍ତ ନିଯୁକ୍ତି ସମ୍ପର୍କରେ ଉଲ୍ଲେଖ କରିଛି। ଯେକୌଣସି ବ୍ୟକ୍ତି ମୋବାଇଲ ଆପ୍, ଇ-ମେଲ୍ ଅଥବା ଲିଖିତ ଭାବେ ନିଜର ଅଭିଯୋଗ ଉକ୍ତ ଅଧିକାରୀଙ୍କ ନିକଟକୁ ପଠାଇପାରିବେ ବୋଲି ଏଥିରେ ଦର୍ଶାଯାଇଛି।

୩୬କୁ ହ୍ରାସ ପାଇବ ଆରଆରବି ସଂଖ୍ୟା

ନୂଆଦିଲ୍ଲୀ,୨୩-୯(ପି.ଟି.):ଗ୍ରାମାଞ୍ଚଳରେ ଚାଷୀ ଓ କ୍ଷୁଦ୍ର ବ୍ୟବସାୟୀଙ୍କୁ ଋଣ ପ୍ରଦାନ ଉଦ୍ଦେଶ୍ୟରେ ଖୋଲିଥିବା ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ(ଆର୍‌ଆର୍‌ବି)ଗୁଡିକର ସଂଖ୍ୟା ହ୍ରାସ ପାଇବ। ବର୍ତ୍ତମାନ ସାରା ଦେଶରେ ଏହିଭଳି ୫୬ଟି ବ୍ୟାଙ୍କ ରହିଛି। ଏହି ସଂଖ୍ୟା ୩୬ କୁ ହ୍ରାସ କରିବା ପାଇଁ କେନ୍ଦ୍ର ସରକାର ଯୋଜନା କରୁଛନ୍ତି। ଅର୍ଥମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ଏହି ସୂଚନା ଦେଇଛନ୍ତି। ରାଜ୍ୟ ସରକାରଙ୍କ ସହିତ ଆଲୋଚନା କରି ଆର୍‌ଆର୍‌ବିଗୁଡିକର କାର୍ଯ୍ୟ ଦକ୍ଷତା ବୃଦ୍ଧି କରିବା ସକାଶେ ଏହାର ଆକାରକୁ ବଡ କରିବା ପାଇଁ ଏହିଭଳି ପଦକ୍ଷେପ ନିଆଯିବ। ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଏ ସଂକ୍ରାନ୍ତ ରୋଡ ମ୍ୟାପ ପ୍ରସ୍ତୁତି ଚାଲିଛି ବୋଲି ଅଧିକାରୀ ଜଣକ କହିଛନ୍ତି।

ପ୍ରକୃତ ନିବେଶକ ହେବାକୁ ଚାହୁଁଥିଲେ, ଖର୍ଚ୍ଚ ପରେ ବଳକା ଅଂଶ ସଞ୍ଚୟ କରିବା ପରିବର୍ତ୍ତେ ସଞ୍ଚୟ ପରେ ବଳକା ଅଂଶ ଖର୍ଚ୍ଚ କରିବା ଉଚିତ।
– ୱାରେନ ବଫେ, ପ୍ରତିଷ୍ଠାତା, ୱର୍କଶାୟାର ହାଥାୱେ

ଏକ ଦ୍ରୁତ ପରିବର୍ତ୍ତନଶୀଳ ପୃଥିବୀରେ ବିପଦକୁ ସାମ୍ନା ନ କରିବା ସବୁଠାରୁ ବଡ ବିପଦ।
– ମାର୍କ ଜୁକରବର୍ଗ, ସହପ୍ରତିଷ୍ଠାତା, ଫେସ୍‌ବୁକ୍

ଟଙ୍କା ମୂଲ୍ୟ ହ୍ରାସ, ସିଏଡି ମୁଖ୍ୟ ସମସ୍ୟା

ନିବେଶ ପ୍ରତ୍ୟାହାରରେ ବ୍ୟସ୍ତ ଏଫ୍‌ପିଆଇ

ନୂଆଦିଲ୍ଲୀ,୨୩-୯

ଡଲାର ବିନିମୟରେ ଟଙ୍କାର ମୂଲ୍ୟ ହ୍ରାସ ସାଙ୍ଗକୁ ଦେଶର ଚଳନ୍ତି ଜମା ନିଅଣ୍ଟ(ସିଏଡି) ବୃଦ୍ଧି ତଥା ଭୂ-ରାଜନୈତିକ କାରଣରୁ ବିଦେଶୀ ପୋର୍ଟଫୋଲିଓ ନିବେଶକ(ଏଫ୍‌ପିଆଇ)ମାନେ ଦେଶରୁ ସେମାନଙ୍କର ନିବେଶ ପ୍ରତ୍ୟାହାର କରିବା ଆରମ୍ଭ କରିଛନ୍ତି। ଜୁଲାଇ ଓ ଅଗଷ୍ଟରେ ସେମାନେ ଭାରତୀୟ ଷ୍ଟକ୍ ଓ ଋଣ ବଜାରରେ ନିବେଶ ବଢ଼ାଇଥିବା ବେଳେ ସେମାନେ ଚଳିତ ମାସର ଆଜିସୁଦ୍ଧା ୧୫,୩୬୫ କୋଟି ଟଙ୍କା କାଢ଼ି ନେଇଛନ୍ତି। ଏଥିପୂର୍ବରୁ ସେମାନେ ଜୁଲାଇରେ ୨୩୦୦ କୋଟି ଓ ଅଗଷ୍ଟରେ ୫୨୦୦ କୋଟି ଟଙ୍କା ନିବେଶ କରିଥିଲେ। ଡିପୋଜିଟୋରୀ ତଥ୍ୟ ଅନୁଯାୟୀ ଏଫ୍‌ପିଆଇ ୩ରୁ ୨୧ ସେପ୍ଟେମ୍ବର ମଧ୍ୟରେ ଶେୟାର ବଜାରରୁ ୬୮୩୨ କୋଟି ଟଙ୍କା କାଢ଼ି ଥିବା ବେଳେ ଋଣ ବଜାରରୁ ୮୫୩୩ କୋଟି ଟଙ୍କା ନେଇ ସାରିଛନ୍ତି। ଏଥିପୂର୍ବରୁ ଏପ୍ରିଲରୁ ଜୁନ୍ ମଧ୍ୟରେ ସେମାନେ ଦେଶରୁ ୬୧ ହଜାର କୋଟି ଟଙ୍କାର ନିବେଶ ପ୍ରତ୍ୟାହାର କରିସାରିଛନ୍ତି। ଅଶୋଧିତ ତୈଳ ଦର ବୃଦ୍ଧି ପାଇବା କାରଣରୁ ଦେଶର ସିଏଡି ବଢୁଥିବାରୁ ଏଫପିଆଇଙ୍କ ଚିନ୍ତା ବଢ଼ିଯାଇଛି। ଏହାଛଡା ଟଙ୍କାର ମୂଲ୍ୟକୁ ସ୍ଥିର ରଖିବା ଲାଗି କେନ୍ଦ୍ର ସରକାରଙ୍କ ପଦକ୍ଷେପ ଯଥେଷ୍ଟ ନହେବା ଏବଂ ମୁଦ୍ରାସ୍ଫୀତି ବଢ଼ିବାର ଆଶଙ୍କା ବୃଦ୍ଧି ଯୋଗୁ ବିଦେଶୀ ନିବେଶକମାନେ ଏବେ ନିବେଶ କାଢ଼ି ନେଉଛନ୍ତି ବୋଲି ମର୍ନିଂଷ୍ଟାରର ବରିଷ୍ଠ ରିସର୍ଚ୍ଚ ଆନାଲିଷ୍ଟ ହିମାଂଶୁ ଶ୍ରୀବାସ୍ତବ କହିଛନ୍ତି।

ସେପ୍ଟେମ୍ବରରେ ୧୫,୩୬୫ କୋଟି ଉଠାଇ ନେଲେ

୯ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ସମ୍ପତ୍ତି ବିକିବେ ସରକାର

ନୂଆଦିଲ୍ଲୀ,୨୩-୯

କେନ୍ଦ୍ର ସରକାର ୯ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ସମ୍ପତ୍ତି ବିକ୍ରି କରିବାକୁ ଯାଉଛନ୍ତି। ସେମାନଙ୍କର ଜମି ଓ ଅନ୍ୟ ସମ୍ପତ୍ତିକୁ ବିକ୍ରି କରାଯିବ। ମୋଟ୍ ୨୪ ଉଦ୍ୟୋଗକୁ ରଣନୈତିକ ଦୃଷ୍ଟିକୋଣରୁ ବିକ୍ରି କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସରକାର ସେମାନଙ୍କ ମଧ୍ୟରୁ ୯ଟିର ସମ୍ପତ୍ତି ବିକ୍ରି କରିବାକୁ ଯାଉଛନ୍ତି। ସ୍ୱତନ୍ତ୍ର ଭାବେ ଏଗୁଡିକ ବିକ୍ରି କରାଯିବ। ପବନ ହଂସ, ସ୍କୁଟର୍ସ ଇଣ୍ଡିଆ, ଏୟାର ଇଣ୍ଡିଆ,ଭାରତ ପମ୍ପ ଆଣ୍ଡ କମ୍ପ୍ରେସର୍ସ ଲିମିଟେଡ, ପ୍ରୋଜେକ୍ଟ ଆଣ୍ଡ ଡେଭଲପ୍‌ମେଣ୍ଟ ଇଣ୍ଡିଆ ଲିମିଟେଡ(ପିଡିଆଇଏଲ), ହିନ୍ଦୁସ୍ଥାନ ପ୍ରିଫ୍ୟାବ୍, ହିନ୍ଦୁସ୍ଥାନ ନ୍ୟୁଜପ୍ରିଣ୍ଟ ଲିମିଟେଡ, ବ୍ରିଜ ଆଣ୍ଡ ରୁଫ୍ କୋ.ଏବଂ ହିନ୍ଦୁସ୍ଥାନ ଫ୍ଲୁରୋକାର୍ବନର ସମ୍ପତ୍ତି ବିକ୍ରି ହେବ। କ୍ଷତିରେ ଚାଲୁଥିବା ଏୟାର ଇଣ୍ଡିଆର ୪ ସହଯୋଗୀ କମ୍ପାନୀକୁ ବିକ୍ରି କରାଯିବ। ଏୟାରଲାଇନ ଆଲାଏଡ ସର୍ଭିସେଜ ଲିମିଟେଡ ଓ ହୋଟେଲ କର୍ପୋରେଶନ ଅଫ ଇଣ୍ଡିଆକୁ ଏଥିରେ ସାମିଲ କରାଯାଇଛି। ଏହାଛଡା ରାଷ୍ଟ୍ରାୟ ରାଜଧାନୀରେ ଥିବା ଏହାର ମୁଖ୍ୟାଳୟ ଏବଂ ଦେଶର ବିଭିନ୍ନ ସ୍ଥାନରେ ଥିବା ଏହାର ଜମି ଓ ଘରକୁ ବିକ୍ରି କରାଯିବ। ଚଳିତ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ସମ୍ପତ୍ତି ବିକ୍ରି ଓ ପୁଞ୍ଜି ପ୍ରତ୍ୟାହାରରୁ ୮୦ ହଜାର କୋଟି ଟଙ୍କା ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛନ୍ତି।

ଏମ୍‌ଏସପି ବୃଦ୍ଧିରୁ ସୁନା ଚାହିଦା ୨୫% ବଢ଼ିବ

ନୂଆଦିଲ୍ଲୀ,୨୩-୯

ଚାଷୀଙ୍କୁ ସେମାନଙ୍କ ଉତ୍ପାଦିତ ଫସଲର ଅଧିକ ମୂଲ୍ୟ ଦେବା ଲକ୍ଷ୍ୟରେ କେନ୍ଦ୍ର ସରକାର ଏହାର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ବୃଦ୍ଧି କରିଛନ୍ତି। ଏହି କାରଣରୁ ଚଳିତ ବର୍ଷର ଦ୍ୱିତୀୟାର୍ଦ୍ଧରେ ସୁନା ଚାହିଦା ପ୍ରାୟ ୨୫% ବୃଦ୍ଧି ପାଇବ ବୋଲି ଏକ ରିପୋର୍ଟ ପ୍ରକାଶ ପାଇଛି। ଭାରତ ସୁନା ବ୍ୟବହାରରେ ବିଶ୍ୱରେ ଦ୍ୱିତୀୟ ଥିବା ବେଳେ ବର୍ଷକୁ ପ୍ରାୟ ୮୦୦ରୁ ୯୦୦ ଟନ ସୁନା କିଣାଯାଇଥାଏ। ଗ୍ରାମାଞ୍ଚଳରୁ ହିଁ ଦୁଇ ତୃତୀୟାଂଶ ସୁନା ଚାହିଦା ଦେଖାଯାଇଥାଏ। ଆସୋଚାମ-ୱାର୍ଲ୍ଡ ଗୋଲ୍ଡ କାଉନସିଲ ରିପୋର୍ଟରେ କୁହାଯାଇଛି ଯେ, ଚଳିତ ବର୍ଷ ପ୍ରଥମ ଛଅ ମାସରେ ସୁନା ଚାହିଦା କମିଛି। ତେବେ ଦ୍ୱିତୀୟ ୬ ମାସରେ ଚାହିଦାରେ ୨୫% ବୃଦ୍ଧି ଦେଖାଯିବ। ହାତରେ ଅଧିକ ଅର୍ଥ ଥିବା ଯୋଗୁ ଗ୍ରାମାଞ୍ଚଳର ଅଧିବାସୀ ଅଧିକ ସୁନା କିଣିବେ।

ବଜାରରେ ଟାଟା ଟିଆଗୋ ଏନ୍‌ଆର୍‌ଜି

ନୂଆ ମଡେଲକୁ ଟାଟା ମୋଟର୍ସ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଉନ୍ମୋଚନ କରାଯାଉଛି।

ଭୁବନେଶ୍ୱର,୨୩-୯

ଟାଟା ମୋଟର୍ସ ଲିମିଟେଡ ପକ୍ଷରୁ ଓଡିଶା ବଜାରକୁ ଆସିଛି ନୂଆ ଟିଆଗୋ ଏନ୍‌ଆର୍‌ଜି। ସ୍ଥାନୀୟ ଏକ ହୋଟେଲରେ ଏହି ମଡେଲକୁ ଉନ୍ମୋଚନ କରାଯାଇଛି। କମ୍ପାନୀର ଆଞ୍ଚଳିକ ସେଲସ ପ୍ରବନ୍ଧକ ଶିଶିର ଶ୍ରୀବାସ୍ତବ, ଆଞ୍ଚଳିକ ସର୍ଭିସ ପ୍ରବନ୍ଧକ ରମେଶ ବର୍ଦ୍ଧରାଜନ, ରାଜ ଭଟ୍ଟ, ରୁପେନ୍ଦ୍ର ସିଦ୍ଧାର୍ଥ ପ୍ରମୁଖ ଉପସ୍ଥିତ ରହି ନୂଆ ମଡେଲଟିକୁ ବଜାର ପ୍ରବେଶ କରାଇଥିଲେ। ଗ୍ରାହକଙ୍କ ବର୍ଦ୍ଧିତ ଚାହିଦାକୁ ଧ୍ୟାନରେ ରଖି କମ୍ପାନୀ ପାସେଞ୍ଜର ଭେଇକିଲ୍ ବର୍ଗରେ ଉକ୍ତ ମଡେଲକୁ ବଜାରକୁ ଛାଡିଛି। ଏହା ଅଲ୍ ନ୍ୟୁ ଏସ୍‌ୟୁଭି ଇନସ୍ପାୟାର୍ଡ ଭେଇକିଲ ହୋଇଥିବା ବେଳେ ଏହାକୁ ଅର୍ବାନ ଟଫ୍‌ରୋଡର ଭାବେ ସ୍ଥାନିତ କରାଯାଇଛି।

ନୂଆ ଷ୍ଟାଇଲ ସେଗମେଣ୍ଟରେ ବଜାରକୁ ଆସିଥିବା ଉକ୍ତ ମଡେଲରେ ଗ୍ରାହକମାନେ ପ୍ରମୁଖ ଡିଜାଇନ ଏବଂ ଟେକ୍ନୋଲୋଜି ଲାଭ କରିବାକୁ ସକ୍ଷମ ହେବେ ବୋଲି କମ୍ପାନୀ ପ୍ରକାଶ କରିଛି। ଏହା୧.୨ ଲିଟରର ରେଭୋଟ୍ରନ ପେଟ୍ରୋଲ ଇଞ୍ଜିନ ଏବଂ ୧.୦୫ ଲିଟରର ରେଭୋଟର୍କ ଡିଜେଲ ଇଞ୍ଜିନ ସହ ଆସୁଛି। ୫ ସ୍ପିଡ୍ ମାନୁଆଲ୍ ଟ୍ରାନ୍ସମିଶନ, ମାଲାବାର ସିଲଭର, କାନ୍‌ୟନ୍ ଅରେଞ୍ଜ, ଫୁଜି ହ୍ୱାଇଟ ଭଳି ୩ ଆକର୍ଷକ ରଙ୍ଗରେ ଏହା ଉପଲବ୍ଧ ହେଉଛି। ଏଥିରେ ଡୁଆଲ ଟୋନ ଇନଫିନିଟି ବ୍ଲାକ ରୁଫ୍, ରୁଫ ରେଲ୍ ରହିଛି। ଟିଆଗୋ ଏନ୍‌ଆର୍‌ଜି ପେଟ୍ରୋଲ ଭର୍ସନର ବଜାର ଦର ୫.୪୯ ଲକ୍ଷ ଟଙ୍କା ଏବଂ ଡିଜେଲ ଭର୍ସନ ୬.୩୧ ଲକ୍ଷ ଟଙ୍କା ରହିଛି।

ଟିଆଗୋ ର୍ୟାଲି ଅନୁଷ୍ଠିତ

କମ୍ପାନୀ ପକ୍ଷରୁ ଟିଆଗୋ ମଡେଲର ଓନରଙ୍କୁ ନେଇ ଏକ ର୍ୟାଲି ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିଲା। ଏହି ର୍ୟାଲି ସହର ପରିକ୍ରମା କରିଥିଲା। ଗ୍ରାହକଙ୍କ ସମ୍ପର୍କ ଅଭିଯାନ ଅନ୍ତର୍ଗତ କମ୍ପାନୀ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ର୍ୟାଲି ସହର ପରିକ୍ରମା କରିବା ପରେ ସ୍ଥାନୀୟ ସ୍ୱସ୍ତି ପ୍ରିମିୟମ ହୋଟେଲଠାରେ ଶେଷ ହୋଇଥିଲା।

ଟଙ୍କା ମୂଲ୍ୟ ହ୍ରାସରୁ ଫାଇଦା

ରିୟଲିଟି ସେକ୍ଟରରେ ନିବେଶ ବଢ଼ାଉଛନ୍ତି ଏନ୍‌ଆର୍‌ଆଇ

ମୁମ୍ବାଇ,୨୩-୯

ରିୟଲିଟି ସେକ୍ଟରରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବଢ଼ାଇବା ଲାଗି ଏକାଧିକ ନିୟମରେ ସଂଶୋଧନ ଏବଂ ଟଙ୍କାର ମୂଲ୍ୟ ହ୍ରାସ ଯୋଗୁ ଏବେ ଏହି ସେକ୍ଟର ପ୍ରତି ପ୍ରବାସୀ ଭାରତୀୟ(ଏନ୍‌ଆର୍‌ଆଇ)ଙ୍କ ଆଗ୍ରହ ବଢ଼ିବାରେ ଲାଗିଛି। ସେମାନେ ପ୍ରତି ବର୍ଷ ନିବେଶ ବଢ଼ାଇବାରେ ଲାଗିଛନ୍ତି।

ଭାରତ, ଦକ୍ଷିଣ ଏସିଆ, ମଧ୍ୟପ୍ରାଚ୍ୟ ଏବଂ ଆଫ୍ରିକା ଦାୟିତ୍ୱରେ ଥିବା ସିବିଆର୍‌ଇ ଅଧ୍ୟକ୍ଷ ଅଂଶୁମାନ ମାଗାଜିନ କହିଛନ୍ତି ଯେ, ପ୍ରବାସୀ ଭାରତୀୟ କିମ୍ବା ସଂସ୍ଥାଗତ ନିବେଶକମାନେ ଏବେ ଭାରତର ରିୟଲ ଇଷ୍ଟେଟ ପ୍ରତି ଆଗ୍ରହ ଦେଖାଉଛନ୍ତି। ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୭୩ ସ୍ତର ନିକଟତର ହେଉଥିବା ବେଳେ ଭାରତରେ ଏବେ ଜମି ଶସ୍ତା ହୋଇଗଲାଣି। ଏହା ହିଁ ଉଚିତ୍ ସମୟ ଭାବି ସେମାନେ ଏବେ ଭାରତରେ ରିୟଲିଟି ସେକ୍ଟରରେ ନିବେଶ ବଢ଼ାଇ ଚାଲିଛନ୍ତି। ଏବେ ଭାରତରେ ଏହି ସେକ୍ଟରରେ କାରବାର ବାର୍ଷିକ ୩ ଲକ୍ଷ କୋଟି ଟଙ୍କାରେ ପହଞ୍ଚି ଯାଇଛି। ତନ୍ମଧ୍ୟରୁ ପ୍ରାୟ ୭ରୁ ୮ ପ୍ରତିଶତ ଏନ୍‌ଆର୍‌ଆଇଙ୍କ ଅର୍ଥ ରହିଛି। ନିସୁକ୍ଷ୍ ଫାଇନାନ୍ସର ଏମ୍‌ଡି ତଥା ସିଇଓ ଅମିତ ଗୋଏଙ୍କା କହିଛନ୍ତି ଯେ, ଏବେ ଏନ୍‌ଆର୍‌ଆଇମାନେ ରିୟଲିଟି ସେକ୍ଟରରେ ବର୍ଷକୁ ପ୍ରାୟ ୨୧ହଜାରରୁ ୩୦ ହଜାର କୋଟି ଟଙ୍କାର ନିବେଶ କରୁଛନ୍ତି। ଟଙ୍କାର ମୂଲ୍ୟ ୧୦ ପ୍ରତିଶତ ହ୍ରାସ ପାଇବା ଅର୍ଥ ସେମାନେ ଏହି ସମାନ ପ୍ରତିଶତ ଶସ୍ତାରେ ଜମି କିଣିପାରୁଛନ୍ତି। ଆଗାମୀ ନିବେଶ ୧୦ରୁ ୧୨ ପ୍ରତିଶତକୁ ବୃଦ୍ଧି ପାଇବ ବୋଲି ଆଶାକରାଯାଉଛି। ଦେଶରେ ରିୟଲିଟି ସେକ୍ଟରରେ କାରବାର ଧୀରେ ଧୀରେ ବୃଦ୍ଧି ପାଉଥିବାରୁ ଏନ୍‌ଆର୍‌ଆଇମାନେ ଏବେ ଅଧିକ ଲାଭ ପାଇବା ଆଶାରେ ଏହି ସେକ୍ଟରରେ ନିବେଶ ବଢ଼ାଇ ଚାଲିଛନ୍ତି ବୋଲି ନାରେଡକୋର ଜାତୀୟ ପ୍ରେସିଡେଣ୍ଟ ନିରଞ୍ଜନ ହୀରାନନ୍ଦାନି ପ୍ରକାଶ କରିଛନ୍ତି।

ଏନ୍‌ଟିଏସ୍‌ଇରେ ଫିଟ୍‌ଜୀ ଛାତ୍ରୀଛାତ୍ରଙ୍କ ସଫଳତା

FIITJEE

ଭୁବନେଶ୍ୱର,୨୩-୯

ଏନ୍‌ସିଇଆର୍‌ଟି ଦ୍ୱାରା ପରିଚାଳିତ ଏନ୍‌ଟିଏସ୍‌ଇ ୨୦୧୮ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷାରେ ଫିଟ୍‌ଜୀ କଟକ ଏବଂ ଭୁବନେଶ୍ୱର ସେଣ୍ଟରର ମୋଟ୍ ୩୯ଜଣ ଛାତ୍ରୀଛାତ୍ର ସଫଳ ହୋଇଛନ୍ତି। ଏନ୍‌ଟିଏସ୍‌ଇ ପ୍ରଥମ ପର୍ଯ୍ୟାୟ ପରିକ୍ଷା ନଭେମ୍ବର ୨୦୧୭ ଏବଂ ଦ୍ୱିତୀୟ ପର୍ଯ୍ୟାୟ ପରିକ୍ଷା ଚଳିତ ବର୍ଷ ମେ ୧୩ରେ ଅନୁଷ୍ଠିତ ହୋଇଥିଲା। ସାରା ଦେଶର ସାଧାରଣ ବିଭାଗର ୭୫୬ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଫିଟ୍‌ଜୀର ୪୦୦ ଛାତ୍ରୀଛାତ୍ର ରହିଛନ୍ତି। ଓଡିଶାରେ ସାଧାରଣ ବିଭାଗରୁ ଫିଟଜୀ ୯୦.୭୦% ଅଧିକ ସଫଳତା ହାସଲ କରିଛି। ଭୁବନେଶ୍ୱର ସେଣ୍ଟରର ଛାତ୍ର ଅଙ୍କିତ ଦେ ମୋଟ୍ ୧୯୭ରୁ ୧୭୦ ମାର୍କ ଲାଭ କରିଛନ୍ତି। ଫିଟଜୀର ଉନ୍ନତ ଷ୍ଟଡି ମଟେରିଆଲ, ଡାଉଟକ୍ଲିଅରିଂ କ୍ଲାସ, ପର୍ସନାଲାଇଜ୍ ଗାଇଡାନ୍ସ ଦ୍ୱାରା ଏହି ସଫଳତା ହାସଲ କରିବାକୁ ସକ୍ଷମ ହୋଇଛି ବୋଲି ଅଙ୍କିତ କହିଛନ୍ତି। ଛାତ୍ରୀଛାତ୍ର ଜାତୀୟ ସ୍ତରରେ ସଫଳତା ହାସଲ କରୁଥିବାରୁ ଏକ ଗୌରବ ମୁହୂର୍ତ୍ତ ବୋଲି ଭୁବନେଶ୍ୱର ସେଣ୍ଟର ମୁଖ୍ୟ ରାଣା ଜୟ ବର୍ଦ୍ଧନ ସୂଚନା ଦେଇଛନ୍ତି। ବର୍ତ୍ତମାନର ପ୍ରତିଦ୍ୱନ୍ଦ୍ୱିତାମୂଳକ ସମୟକୁ ଧ୍ୟାନରେ ରଖି ଛାତ୍ରୀଛାତ୍ରଙ୍କୁ ପ୍ରସ୍ତୁତ କରାଯାଉଥିବା ଫିଟଜୀ ଓଡିଶା ଅପରେଶନ ମେଣ୍ଟର ପି.କେ ଦାସ ସୂଚନା ଦେଇଛନ୍ତି।

ଆମଦାନୀ ଉପରେ କଟକଣା ଲଗାଯିବ: ଗର୍ଗ

ନୂଆଦିଲ୍ଲୀ, ୨୩-୯

କେନ୍ଦ୍ର ସରକାର ଅଣ-ଜରୁରୀ ସାମଗ୍ରୀର ଆମଦାନୀରେ କଟକଣା ଲଗାଇବାକୁ ଯାଉଛନ୍ତି। ଏଥିପାଇଁ ବିଭିନ୍ନ ବିକଳ୍ପ ଉପରେ ବିଚାର ଚାଲିଛି ବୋଲି ଅର୍ଥନୈତିକ ବ୍ୟାପାର ସଚିବ ସୁଭାଷ ଚନ୍ଦ୍ର ଗର୍ଗ କହିଛନ୍ତି। ଡଲାର ବିନିମୟରେ ଟଙ୍କାର ମୂଲ୍ୟକୁ ୬୮-୭୦ ମଧ୍ୟରେ ସ୍ଥିର ରଖିବା ଲାଗି ଉକ୍ତ ପଦକ୍ଷେପ ନିଆଯିବ। ତେବେ ଟଙ୍କାର ମୂଲ୍ୟ ଆଜିସୁଦ୍ଧା ୧୨%ହ୍ରାସ ପାଇଥିଲେ ହେଁ ଏହା ଅସ୍ଥାୟୀ ବୋଲି ଗର୍ଗ ସ୍ପଷ୍ଟ କରିଛନ୍ତି। ସୂଚନାଥାଉ କି, କେନ୍ଦ୍ର ସରକାର ଚଳିତ ମାସରେ ଟଙ୍କାକୁ ଶକ୍ତିଶାଳୀ କରିବା ଲାଗି ଏବଂ ଚଳନ୍ତି ଜମା ନିଅଣ୍ଟ ବୃଦ୍ଧିକୁ ହ୍ରାସ କରିବା ଉଦ୍ଦେଶ୍ୟରେ ବିନିର୍ମାଣ କମ୍ପାନୀଙ୍କ ପାଇଁ ବିଦେଶୀ ବଜାରରୁ ଋଣ ନେବା ନିୟମକୁ ସରଳ କରିଛନ୍ତି। ଏହାବ୍ୟତୀତ ବିଦେଶୀ ପୋର୍ଟଫୋଲିଓ ନିବେଶକ(ଏଫପିଆଇ)ଙ୍କ କର୍ପୋରେଟ ବଣ୍ଡରେ ନିବେଶ ଉପରେ ଥିବା କଟକଣାକୁ ପ୍ରତ୍ୟାହାର କରିନେଇଛନ୍ତି। ଏହାଛଡା ମସଲା ବଣ୍ଡରେ ଟିକସ ଛାଡର ଲାଭ ମଧ୍ୟ ଘୋଷଣା କରାଯାଇଛି। ଗର୍ଗ କହିଛନ୍ତି ଯେ, କେନ୍ଦ୍ର ସରକାର ଅଣ-ଜରୁରୀ ସାମଗ୍ରୀ ତାଲିକା ପ୍ରସ୍ତୁତ କରିସାରିଛନ୍ତି।

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା
(ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮, ଭୁବନେଶ୍ୱର- ୭୫୧୦୧୨
ସଂଖ୍ୟା- ୧୧୨୮୨ / IND-II-PH-756 ତାରିଖ: ୨୨।୦୯।୨୦୧୮

ବିଜ୍ଞାପନ

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ମେସର୍ସ ଶ୍ରୀ ମହାବୀର ଫେରୋଆଲୋଏକ୍ ପ୍ରା.ଲି. ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା, କାଲୁଙ୍ଗା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ, କାଲୁଙ୍ଗା ଅନ୍ତର୍ଗତ ଜିଆବାହାଲ ଗ୍ରାମସ୍ଥିତ ପେଲେଟ ପ୍ଲାଣ୍ଟର ସମ୍ପ୍ରସାରଣ ଓ ଉପାଦେୟତା (ଦୈନିକ ୧୮୦୦ ଟନ୍‌ରୁ ୪୮୦୦ ଟନ୍), ଡିଆରଆଇ ପ

ଭାରତର ରୋହିତ ଶର୍ମା ଓ ଶିଖର ଧାୱନ ବର୍ତ୍ତମାନ ହେଉଛନ୍ତି ସବୁଠାରୁ ବିଧ୍ୱଂସକାରୀ ଓପନିଂ ଯୋଡ଼ି ।
–ସୁନୀଲ ଗାଭାସ୍କର, କ୍ରିକେଟ କିମ୍ବଦନ୍ତୀ

ଭାରତ ଯଦି ଡେଭିସ୍ କପ୍ ଏଲିଟ୍ ଗ୍ରୁପ୍‌ରେ ସ୍ଥାନ ପାଇବାକୁ ଚାହୁଁଛି ତେବେ କ୍ୱାଲିଟି ସିଙ୍ଗଲ୍ସ ଖେଳାଳି ବିକଶିତ କରିବାର ଆବଶ୍ୟକତା ରହିଛି।
–ବିଜୟ ଅମୃତରାଜ, ଭାରତୀୟ ଟେନିସ କିମ୍ବଦନ୍ତୀ

ଧାୱନ, ରୋହିତଙ୍କ ଶତକରେ ପାକିସ୍ତାନ ପରାସ୍ତ

ଭାରତ ଫାଇନାଲରେ

ଦୁବାଇ, ୨୩।୯

ମ୍ୟାନ୍ ଅଫ୍ ଦି ମ୍ୟାଚ ଶିଖର ଧାୱନ ଓ ଅଧିନାୟକ ରୋହିତ ଶର୍ମାଙ୍କ ଶତକ ଏବଂ ଓପନିଂ ଯୋଡ଼ିରେ ୨୧୦ ରନର ଭାଗୀଦାରି ବଳରେ ଭାରତ ଦୁବାଇ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଏସିଆ କପ୍ ସୁପର ଫୋର୍ ମ୍ୟାଚରେ ପାକିସ୍ତାନକୁ ୯ ଉଇକେଟରେ ପରାସ୍ତ କରିଛି। ପାକିସ୍ତାନ ପକ୍ଷରୁ ଧାର୍ଯ୍ୟ ୨୩୮ ରନ ବିଜୟ ଲକ୍ଷ୍ୟକୁ ଭାରତ ୩୯.୨ ଓଭରରେ ମାତ୍ର ୧ ଉଇକେଟ ହରାଇ ହାସଲ କରି ନେଇଥିଲା। ସୁପର ଫୋର୍‌ରେ ଦ୍ୱିତୀୟ ବିଜୟ ସହ ଭାରତ ଫାଇନାଲରେ ପ୍ରବେଶ କରିଛି।

ଧାୱନ ଓ ରୋହିତଙ୍କ ବ୍ୟାଟିଂ ଆଗରେ ପାକିସ୍ତାନ ବୋଲିଂ ଅତ୍ୟନ୍ତ ପ୍ରଭାବହୀନ ମନେ ହୋଇଥିଲା। ଦୁଇ ବ୍ୟାଟ୍ସମ୍ୟାନ ଦମ୍‌ଦାର ବ୍ୟାଟିଂ କରି ପଡ଼ିଆର ଚତୁର୍ଦ୍ଦିଗକୁ ଶଟ୍‌ମାନ ମାରି ମ୍ୟାଚକୁ ଏକପାଖିଆ କରିବା ସହ ଭାରତର ବିଜୟକୁ ସହଜ କରି ଦେଇଥିଲେ। ପାକିସ୍ତାନ ବୋଲରଙ୍କୁ ନାକେଦମ୍ କରି ପ୍ରଥମେ ଶତକ ହାସଲ କରିଥିଲେ ଧାୱନ। ଶାହିନ ଆଫ୍ରିଦୀଙ୍କ ବଲ୍‌ରେ ଚୌକାମାରି ଶତକ ପୂରଣ କରିଥିବା ଧାୱନ ୧୦୦ ବଲ୍‌ର ସମ୍ମୁଖୀନ ହୋଇ ୧୬ ଚୌକା ଓ ୨ ଛକା ସହାୟତାରେ ମୋଟ ୧୧୪ ରନ କରି ଦୁର୍ଭାଗ୍ୟଜନକଭାବେ ରନଆଉଟ ହୋଇ ଯାଇଥିଲେ। ୩୪ତମ ଓଭରର ତୃତୀୟ ବଲ୍‌କୁ ରୋହିତ ପଏଣ୍ଟ ଅଞ୍ଚଳକୁ ଖେଳିଥିବାବେଳେ ଧାୱନ ସିଙ୍ଗଲ ରନ ନେବା ଲକ୍ଷ୍ୟରେ ଦୌଡ଼ିଥିଲେ। ମାତ୍ର ରୋହିତ ମନା କରିବାପରେ ଧାୱନ ଆଉ କ୍ରିଜକୁ ଫେରି ପାରି ନ ଥିଲେ। ଏହାଥିଲା ଚଳିତ ଟୁର୍ନାମେଣ୍ଟରେ ଦ୍ୱିତୀୟ ତାଙ୍କ କ୍ୟାରିୟରର ୧୫ତମ ଦିନିକିଆ ଶତକ। ଏହାପରେ ରୋହିତ କ୍ୟାରିୟରର ୧୯ତମ ଦିନିକିଆ ଶତକ ପୂରଣ କରିଥିଲେ। ଏହା ମଧ୍ୟରେ ସେ ଏକଦିବସୀୟ କ୍ରିକେଟରେ ୭,୦୦୦ ରନ ମଧ୍ୟ ପୂରଣ କରିଥିଲେ। ଗୋଟିଏ ଦିନିକିଆରେ ପାକିସ୍ତାନ ବିପକ୍ଷରେ ଭାରତର ୨ ଜଣ ବ୍ୟାଟ୍ସମ୍ୟାନ ଶତକ ହାସଲ କରିବା ଏହାଥିଲା ତୃତୀୟ ଘଟଣା। ପୂର୍ବରୁ ୧୯୯୬ରେ ଶାରଜାରେ ସଚିନ ତେନ୍ଦୁଲକର(୧୧୮) ଓ ନବଜୋତ୍ ସିଂ ସିଦ୍ଧୁ(୧୦୧) ଏବଂ କୋଚିଠାରେ ୨୦୦୫ରେ ବୀରେନ୍ଦ୍ର ସେହ୍ୱାଗ(୧୦୮) ଓ ରାହୁଲ ଦ୍ରାଭିଡ୍(୧୦୪) ଏହା କରିଥିଲେ। ୧୧୯ଟି ବଲ୍‌ର ସମ୍ମୁଖୀନ ହୋଇଥିବା ରୋହିତ ୭ ଚୌକା ଓ ୪ ଛକା ସହାୟତାରେ ୧୧୧ ଓ ଅମ୍ବାତି ରାୟୁଡୁ ୧୨ ରନରେ ଅପରାଜିତ ରହି ଆହୁରି ୬୩ ବଲ୍ ବାକିଥାଇ ଭାରତ ବିଜୟରେ ମୁଣ୍ଡି ମାରିଥିଲେ। ପାକିସ୍ତାନର କୌଣସି ବୋଲର ଗୋଟିଏ ହେଲେ ଉଇକେଟ ପାଇ ନ ଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ପାକିସ୍ତାନ ଧିମା ଖେଳି ୧୫.୫ ଓଭରରେ ୫୮ ରନ ମଧ୍ୟରେ ୩ଟି ଉଇକେଟ ହରାଇଥିଲା। ଇମାମ-ଉଲ-ହକ୍ ୧୦, ବାବର ଆଜମ ୯ ଓ ଭଲ ଆରମ୍ଭ କରିଥିବା ଫକର ଜମନ ୩୧ ରନ କରି ପ୍ୟାଭିଲିୟନ ଫେରିଥିଲେ। ୟୁଜବେନ୍ଦ୍ର ଚହଲ ଓ କୁଲଦୀପ ଯାଦବ ଦୁଇ ଓପନରଙ୍କୁ ଆଉଟ କରିଥିବାବେଳେ ବାବର ରନ୍‌ଆଉଟ ହୋଇ ଯାଇଥିଲେ। ପରେ ସର୍ଫରାଜ ଓ ସୋଏବଙ୍କ ଶତକୀୟ ଭାଗୀଦାରି ଯୋଗୁ ଦଳ ଏକ ସମ୍ମାନଜନକ ସ୍କୋର ଆଡ଼କୁ ମୁହାଁଇଥିଲା। ଦୁହେଁ ସତର୍କତାର ସହ ବ୍ୟାଟିଂ କରି ୪ର୍ଥ ଉଇକେଟରେ ୧୦୭ ରନ ଯୋଗ କରିଥିଲେ। ସର୍ଫରାଜଙ୍କୁ ଅଧିନାୟକ ରୋହିତ ଶର୍ମାଙ୍କ ହାତରେ କ୍ୟାଚ କରାଇ କୁଲଦୀପ ପାର୍ଟନରଶିପ୍ ଭାଙ୍ଗିଥିଲେ। ୬୬ ବଲ୍‌ର ସମ୍ମଖୀନ ହୋଇଥିବା ସର୍ଫରାଜ ୨ ଚୌକା ସହାୟତାରେ ୪୪ ରନ କରିଥିଲେ। ସୋଏବ ଦଳ ପକ୍ଷରୁ ସର୍ବାଧିକ ୭୮(୯୦ ବଲ, ୪ ଚୌକା, ୨ ଛକା) ରନ କରିଥିବାବେଳେ ଯଶପ୍ରୀତ ବୁମ୍‌ରାଙ୍କ ଶିକାର ବନିଥିଲେ। ଅସିଫ ଅଲୀ ୨୧ ବଲ୍‌ରୁ ଦ୍ରୁତ ୩୦(୧ ଚୌକା, ୨ ଛକା) ରନ କରିଥିବାବେଳେ ଶାଦବ ଖାଁ ୧୦ ରନ କରିବାକୁ ସକ୍ଷମ ହୋଇଥିଲେ। ମହମ୍ମଦ ନୱାଜ ୧୫ ରନ କରି ଅପରାଜିତ ରହିଥିଲେ। ଭାରତ ପକ୍ଷରୁ ବୁମ୍‌ରା, ଚହଲ, କୁଲଦୀପ ୨ଟି ଲେଖାଏ ଉଇକେଟ ନେଇଥିଲେ।

ଦ୍ୱିଶତକୀୟ ଭାଗୀଦାରି ଅବସରରେ ରୋହିତ ଶର୍ମା ଓ ଶିଖର ଧାୱନ ।

ସଂକ୍ଷିପ୍ତ ସ୍କୋର

- ପାକିସ୍ତାନ ୫୦ ଓଭରରେ ୨୩୭/୭(ସୋଏବ-୭୮, ସର୍ଫରାଜ-୪୪, ଫକର-୩୧, ଅସିଫ-୩୦, ବୁମ୍‌ରା-୨/୨୯, ଚହଲ-୨/୪୬, କୁଲଦୀପ-୨/୪୧)।
- ଭାରତ ୩୯.୩ ଓଭରରେ ୨୩୮/୧(ଧାୱନ-୧୧୪, ରୋହିତ-୧୧୧*)।

ବାଂଲାଦେଶ ୩ ରନରେ ବିଜୟୀ

ଆବୁଧାବି, ୨୩।୯

ସ୍ଥାନୀୟ ଶେଖ ଜାୟେଦ ଷ୍ଟାଡିୟମରେ ଅନୁଷ୍ଠିତ ଏସିଆ କପ୍ କ୍ରିକେଟ ସୁପର ଫୋର୍‌ର ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ବାଂଲାଦେଶ ୩ ରନରେ ଆଫଗାନିସ୍ତାନକୁ ହରାଇ ଦେଇଛି। ଏଥିସହିତ ଦଳ ୨ଟି ମ୍ୟାଚରୁ ଗୋଟିଏ ବିଜୟ ସହ ୨ପଏଣ୍ଟ ଅର୍ଜନ କରିଛି। ରବିବାର ଅନୁଷ୍ଠିତ ଏହି ମ୍ୟାଚରେ ୨୫୦ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଆଫଗାନିସ୍ତାନ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟରେ ୨୪୬ ରନ କରିବାରେ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ହସ୍ମାତୁଲ୍ଲା ଶାହିଦି ୭୧ରନ ଓ ମହମ୍ମଦ ଶେହଜାଦ ୫୩ ରନ କରିଥିଲେ। ପୂର୍ବରୁ ବାଂଲାଦେଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ୧୮ ରନ ମଧ୍ୟରେ ୨ଟି ଉଇକେଟ ହରାଇ ଦଳ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ଓପନର ଲିଟନ ଦାସ ୪୧, ମିଡିଲ ଅର୍ଡରରେ ମୁଶଫିକର ରହିମ ୩୩ ରନ କରି ଇନିଂସକୁ ସମ୍ଭାଳି ନେଇଥିବାବେଳେ ଶେଷଭାଗରେ ଇମ୍ରୁଲ କାଏସ ଓ ମହମୁଦୁଲ୍ଲା ଅର୍ଦ୍ଧଶତକୀୟ ଇନିଂସ ଖେଳି ୫୦ ଓଭରରେ ଦଳୀୟ ସ୍କୋରକୁ ୨୪୯ରେ ପହଞ୍ଚାଇ ଦେଇଥିଲେ। କାଏସ ୮୯ ବଲ୍‌ରୁ ୭୨(୬ ଚୌକା) ରନ କରି ଅପରାଜିତ ରହିଥିବାବେଳେ ମହମୁଦୁଲ୍ଲା ୭୪(୮୧ ବଲ,, ୩ ଚୌକା, ୨ ଛକା) ରନରେ ଆଉଟ ହୋଇଥିଲେ।

ସଂକ୍ଷେପରେ

ଓଡ଼ିଶା ସେମିରୁ ବିଦାୟ

ବେଙ୍ଗାଲୁରୁ, ୨୩।୯: ତୃତୀୟ ହକି ଇଣ୍ଡିଆ ୫-ଏ ସାଇଡ୍ ଜାତୀୟ ସିନିୟର ହକି ଚାମ୍ପିୟନଶିପ (ପୁରୁଷ)ର ସେମିଫାଇନାଲରୁ ଓଡ଼ିଶା ବିଦାୟ ନେଇଛି। ରବିବାର ଅନୁଷ୍ଠିତ ମ୍ୟାଚରେ ହକି କର୍ନାଟକ ୧୧-୩ ଗୋଲରେ ଓଡ଼ିଶାକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ସ୍ଥାନୀୟ ଖେଳାଳି ମହମ୍ମଦ ରାହିଲ ମୌସିନ୍ ଚାରୋଟି ଗୋଲ ସ୍କୋର କରିଥିବା ବେଳେ ଆଭରଣ ସୁଦେବ ଏବଂ ପୃଥ୍ୱୀ ରାଜ ଦୁଇଟି ଲେଖାଏଁ ଗୋଲ ଦେଇଥିଲେ। ଏହାଛଡ଼ା ଏମବି ଲିକିଥ୍, କେଟି କାରିଆପ୍ପା ଓ ଭି.ଟି. ମୁଥାନା ଗୋଟିଏ ଲେଖାଏଁ ଗୋଲ ସ୍କୋର କରି ଘରୋଇ ଦଳକୁ ଚମତ୍କାର ବିଜୟ ଦେଇଥିଲେ। ଓଡ଼ିଶା ତରଫରୁ ଟିକେଇ କୁଜୁର, ଆହିସ ଟପ୍ପୋ ଏବଂ ନିଲମ ସଞ୍ଜୀପ ଖେସ୍ ଗୋଟିଏ ଲେଖାଏଁ ଗୋଲ ଦେବାରେ ସମର୍ଥ ହୋଇଥିଲେ। ଫାଇନାଲରେ କର୍ନାଟକ ୪-୩ ଗୋଲରେ ହରିୟାଣାକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ବ୍ରୋଞ୍ଜ ପଦକ ପାଇଁ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୪-୫ ଗୋଲରେ ହାରି ଚତୁର୍ଥ ସ୍ଥାନ ଅଧିକାର କରିଛି।

ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ

କଟକ ଅଫିସ, ୨୩।୯: ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ର ରବିବାର ଅନୁଷ୍ଠିତ ମ୍ୟାଚ୍‌ରେ ରାଇଜିଂ ଷ୍ଟୁଡେଣ୍ଟ ୩-୧ ଗୋଲରେ ଜୟଦୁର୍ଗା କ୍ଲବକୁ ପରାସ୍ତ କରିଛି। ରାଇଜିଂ ଷ୍ଟୁଡେଣ୍ଟ ପକ୍ଷରୁ ୧୫ତମ ମିନିଟରେ ରାଜୁ ବିଶାର, ୩୧ତମ ମିନିଟରେ କୁଆର ମାରାଣ୍ଡି, ୫୦ତମ ମିନିଟରେ ଅରବିନ୍ଦ ଲାକ୍ରା ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ । ଜୟଦୁର୍ଗା ପକ୍ଷରୁ ୪୨ତମ ମିନିଟରେ ସିଦ୍ଧାନ୍ତ ଦାସ ଗୋଟିଏ ଗୋଲ ଦେଇଛନ୍ତି।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE (* GST 5% Extra)

For Single Day		For 7 Days		For 15 Days		For 30Days	
6 × 4	12 × 4	6 × 4	12 × 4	6 × 4	12 × 4	6 × 4	12 × 4
1,500.00	2,000.00	6,000.00	12,000.00	12,000.00	25,000.00	20,000.00	40,000.00

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT 7749095348, 8249919890

SPOT ADMISSION
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

କମ୍ପାନୀର ସମସ୍ତ ଖର୍ଚ୍ଚ ଋଣରୁ କଟିବ।
ଭାରତର ନଂ.1 କମ୍ପାନୀ
M. GROUP OF FINANCE
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି ଆଦି ସମସ୍ତ ଋଣ ଘରେ ବସି ପାଆନ୍ତୁ 2% ସୁଧ, 50% ରିହାତିରେ।
(ଠକମାନଙ୍କ ପ୍ରତି ସାବଧାନ)
9467916478
9467913850
J/6, B-Block, Jiwan Park, Delhi

M. GROUP FINANCE
freedom Economic Services
• Personal Loan
• Business Loan
• Salary Slip Loan
1% interest, ମହିଳାଙ୍କ ପାଇଁ 50% subsidy
Agent ଆମନ୍ତ୍ରିତ
BALASORE
9776040555, 9668427353
GANJAM
8895847878, 9439636215
Email: freedomeconomicservices@gmail.com
Block Chack, Balasore-756027

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
44/170, Kargil Road, BBSR
ଯୋଗାଯୋଗ-
7991052261
7991052595

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
19, Jagannath Nagar, BBSR-25
8658167603
7064382081

FINANCE
P.M.J.S.Y ସମସ୍ତ ଆଧାରକାର୍ଡ ଧାରକମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ ସୁଧରେ ସବୁ ପ୍ରକାର ଋଣ ଯୋଗାଇ ଦେଉଛି । ଋଣ ପଇସା ୪୮ ଘଣ୍ଟା ଭିତରେ ବ୍ୟାଙ୍କ ଆଉଣ୍ଟ ଖାତାରେ ଟ୍ରାନ୍ସଫର ହେବ । 30% ସବସିଡି ।
Ameerpt, Hyderabad
Pin- 5000106 (Telengana)
7787922501
7787907927
pmjansamridhi@gmail.com

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ଫ୍ଲାଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580
95578-79781

ଟୀପାଟଣି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527
+91 8126673652
ଠକମାନଙ୍କ ପ୍ରତି ସାବଧାନ

ସାକ୍ଷୀ ଫାଇନାନ୍ସ
ଋଣ ଋଣ ଋଣ
ସରକାରୀ ଜନକଲ୍ୟାଣ ଋଣ ମାତ୍ର 24 ଘଣ୍ଟାରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ସୁଧ 1% ବାର୍ଷିକ, ରିହାତି 45% (ମହିଳାଙ୍କ ପାଇଁ ବିଶେଷ ରିହାତି)
At: 208, Jiwan Park, Delhi - 110059
Mob: 07310616779

FINANCE
UNB ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତିପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୩୬ ଘଣ୍ଟାରେ । 0% ସୁଧ 45% ଛାଡ । ଘରେ ବସି ପାଆନ୍ତୁ
No File Charge No Guarantor
Apply Online From Home
7302721098
8650077892

ଇନ୍‌ଫ୍ରା ଟେଲିକମ୍ ନେଟ୍‌ୱର୍କ କମ୍ପାନୀ
ଖାଲି ଜମି, ଚାଷଜମି, ଛାତ ଯେକୌଣସି ସ୍ଥାନରେ ନେଟ୍‌ୱର୍କ ଉପକରଣ ସ୍ଥାପନ କରନ୍ତୁ। ଅଗ୍ରିମ 30-90 ଲକ୍ଷ । ଭଡ଼ା - 30ରୁ 90 ହଜାର। ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଏବଂ ନେଟ୍‌ୱର୍କ ଉପକରଣ ସ୍ଥାପନ + ମାଗଣା ମୋବାଇଲ, ବାଇକ୍ + ମାସିକ 30,000 ର ଅନ୍ୟାନ୍ୟ ସୁବିଧାସୁଯୋଗ।
ନାମ ଓ ଠିକଣା ଦିଅନ୍ତୁ ତା'ପରେ ଆମେ ଆପଣଙ୍କୁ ସର୍ଭେ ଫଳାଫଳ ଦେବୁ।
Address:- Head Office
G-79 Aadrsh Nagar Krolbagh Delhi
Contact: 8009586581, 8881393751

ମୋବାଇଲ ଉପକରଣ
ଆୟନୀ ଗ୍ରୁପ୍ ଭାରତର ସର୍ବପ୍ରଥମ କମ୍ପାନୀ (ରେଜି. odi577407) । ଖାଲି ଜମିରେ ଡିଜିଟାଲ ଉପକରଣ ଲଗାନ୍ତୁ। ଅଗ୍ରିମ 70,000,00 ଭଡ଼ା 50,000 + ଏକ ବାଇକ୍ + 1 ଲାପ୍‌ଟପ୍ ଫ୍ରି + ମାସିକ 60,000ର ଅନ୍ୟାନ୍ୟ ସୁବିଧା। (ଇଚ୍ଛୁକ ବ୍ୟକ୍ତି ନାମ-ଠିକଣା ଏସ୍‌ଏମ୍‌ଏସ୍/ଫୋନ୍ କରନ୍ତୁ)
9634734514
23/315, Block-23, Trilok Puri, Delhi

SMS JOB
କମ୍ପାନୀରେ SMS JOB କରି Part/Full Time ଘରେବସି ଶିକ୍ଷିତ ବେରୋଜଗାର ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
କମ୍ପାନୀ ଦ୍ୱାରା Mobile+Laptop+ Bike + ୫୦୦୦୦ର ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
09631847145
09006905977

Ambujha Group
Govt. Registered Gold Medalist
କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, ଫ୍ଲାଟ୍‌ରେ ସବୁ କମ୍ପାନୀର ଡିଜିଟାଲ୍ ଉପକରଣ ଲଗାନ୍ତୁ। ଅଗ୍ରିମ 90 ଲକ୍ଷ, ଭଡ଼ା - 45,000/- + ବାଇକ୍ ଓ ଅନ୍ୟାନ୍ୟ ସୁବିଧା ପାଆନ୍ତୁ ।
9671892171
7060089488
WZ-94B, TF, Gali No.3, Guru Nanak Nagar, Delhi

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ । (1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ) 1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଆନ ସେଠି ହେବ A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠହରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍‌ମାନ୍
21 ଡେଟିଜ ବିଦ୍ୟାରେ ନିପୁଣ
9873361894, 9654673664

DOORSANCHAR YOJNA
(A GOVT. APPROVED)
ସରକାରୀ ଯୋଜନାରେ ଅନ୍ତର୍ଗତ ଯାନ୍ତ୍ରିକ ଉପକରଣ ଗୁଡିକ ନିଜର ପ୍ଲଟ୍, କ୍ଷେତ, ଛାତ ଉପରେ ଶତ ପ୍ରତିଶତ ଗ୍ୟାରେଣ୍ଟିଡ୍ ଶୀଘ୍ର ଲଗାନ୍ତୁ
ଭଡା- ୧୨୦୦୦୦/- + ଆଡଭାନ୍ସ- ୧ କୋଟି ୨୦ ଲକ୍ଷ + କୋର୍ଟ ଏଗ୍ରିମେଣ୍ଟ
୨ ଚାକିରୀ + ରହିବା + ଖାଇବା Free
Office No.413, Commercial Complex, Paschim Vihar, New Delhi-64
08076675193
08700152155

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୫୦୦/-ରୁ ୧୦୦୦୦୦-୫୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

ଠକମାନଙ୍କ ପ୍ରତି ସାବଧାନ
ନଂ.1 Govt. Approved Vision Group ଦ୍ୱାରା ଆପଣଙ୍କ ଖାଲି ଜମି, ପ୍ଲଟ୍‌ରେ ଡିଜିଟାଲ ଉପକରଣ ଲଗାନ୍ତୁ ମାତ୍ର 7 ଦିନରେ ଏବଂ ପାଆନ୍ତୁ: ଭଡ଼ା- 60,000/-, ଅଗ୍ରିମ- 45 ଲକ୍ଷ। ସିଧାସଳଖ କମ୍ପାନୀ ସହ ଯୋଗାଯୋଗ କରନ୍ତୁ।
ପୂଜା ବର୍ମା
7526990563
A-65 - Anoop Nagar, Block-A, Bindapur, Indore

FINANCE
ଭାରତ ସରକାର ରେଜିଷ୍ଟର କମ୍ପାନି 1980 ରୁ ଆପଣଙ୍କ ସେବାରେ
Regd. No : OD14813486
କରୁଛି କେବଳ ଆଧାରକାର୍ଡ, ପ୍ରପୋର୍ଟି, ମାର୍କସିଟ୍, ପର୍ସନାଲ୍, ହୋମ, ଜମି, ଏଜୁକେସନ୍, ବିଜ୍‌ନେସ୍, ଲଘୁ ଉଦ୍ୟୋଗ ପାଇଁ ସମସ୍ତ ଋଣ ଘରେ ବସି ମାତ୍ର ୨୪ଘଣ୍ଟାରେ 1% ସୁଧ 40% ରିହାତି ବିଦ୍ୟାର୍ଥୀ ମାନଙ୍କୁ ସମ୍ପୂର୍ଣ୍ଣ ଅଗ୍ରାଧିକାର ।
ଅଧିକ ବିବରଣୀ ପାଇଁ ସମ୍ପର୍କ କରନ୍ତୁ
31 UA, Bangalow Road, Kamla Nagar, New Delhi
7751976559

FINANCE
ନବରାତ୍ର ଋଣ ଧମାକା । ଭାରତର ସବୁଠାରୁ ବଡ କମ୍ପାନୀ Kuber Finance ୧୨ଘଣ୍ଟା ମଧ୍ୟରେ ଯୋଗାଇ ଦେଉଛି 2% ବାର

ଚାଇନା ଭଳି ଶକ୍ତିଶାଳୀ ଦଳ ବିପକ୍ଷ ମ୍ୟାଚ ଆମକୁ ଏସିଆ କପ୍ ଲାଗି ପ୍ରସ୍ତୁତି କ୍ଷେତ୍ରରେ ବିଶେଷ ସହାୟକ ହେବା
–ଷ୍ଟିଫେନ କନଷ୍ଟାଣ୍ଟିନ, ଭାରତୀୟ ଫୁଟ୍‌ବଲର ମୁଖ୍ୟ କୋଚ୍

ବର୍ତ୍ତମାନ ନଜର ଟୋକିଓ ଅଲିମ୍ପିକ୍ସ ଉପରେ ରହିଥିଲେ ହେଁ ୨୦୨୨ ଏସିଆନ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଅଧିକ ପଦକ ହାସଲ ଆମର ଲକ୍ଷ୍ୟ ରହିଛି।
–ରାଜ୍ୟବର୍ଦ୍ଧନ ସିଂ ରାଠୋର, କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ

ସଂକ୍ଷେପରେ

ସଭାପତି ପଦବୀ ବଜାୟ ରଖିଲେ ସୁବୋଧ

ସୁବୋଧ କୁମାର ରାଉତରାୟ

କଟକ ଅଫିସ,୨୩।୯: ଓଡ଼ିଶା ଭଲିବଲ ଆସୋସିଏଶନ (ଓଭିଏ)ର ସଭାପତି ପଦବୀ ବଜାୟ ରଖିଛନ୍ତି ସୁବୋଧ କୁମାର ରାଉତରାୟ। ୪୨ ସଦସ୍ୟଙ୍କ ମଧ୍ୟରୁ ୩୦ଜଣ ଭୋଟ ଦେଇଥିଲେ। ସୁବୋଧଙ୍କ ସପକ୍ଷରେ ୨୯ଟି ଭୋଟ ଯାଇଥିବାବେଳେ ଅନ୍ୟଏକ ଭୋଟ ନାକଚ ହୋଇଥିଲା । ପ୍ରତିଦ୍ୱନ୍ଦ୍ୱୀ ପ୍ରଦୀପ କୁମାର ମହାନ୍ତି ଅସୁସ୍ଥତା ଦର୍ଶାଇ ନିର୍ବାଚନରେ ସାମିଲ ହୋଇନାହାନ୍ତି। ଫଳରେ ଲଗାତର ଦୁଇଥର ସୁବୋଧ ଓଭିଏର ସଭାପତି ହୋଇଛନ୍ତି। ୨୦୧୦ ମସିହାରେ ଓଭିଏର କାର୍ଯ୍ୟକାରୀ ସଭାପତି ରହିଥିବା ସୁବୋଧ ୨୦୧୪ ମସିହାରେ ଓଭିଏରେ ସଭାପତି ହୋଇଥିଲେ। ଅନ୍ୟପକ୍ଷରେ ପୂର୍ବରୁ ଓଭିଏର ଅନ୍ୟ ସମସ୍ତ ପଦବୀ ନିର୍ଦ୍ୱନ୍ଦରେ ପୂରଣ ହୋଇଛି । ପାରାଦୀପ ପୋର୍ଟର ସଞ୍ଜୟ କୁମାର ଦାସ କାର୍ଯ୍ୟକାରୀ ସଭାପତି, ଜଗତ୍‌ସିଂହପୁରର ଗଗନେନ୍ଦୁ ଦାସ ସମ୍ପାଦକ, କେନ୍ଦ୍ରାପଡ଼ାର ସୟଦ ଅକ୍ରମ ଅଲ୍ଲା, କେନ୍ଦୁଝରର ଜନାର୍ଦ୍ଦନ ଦାସ, କୋରାପୁଟର ଭବାନୀ ପ୍ରସାଦ ପଣ୍ଡା, ମୟୂରଭଞ୍ଜର କିଶୋର କୁମାର ବିଶ୍ୱାଳ, ଫୁଲବାଣୀର ଶିବପ୍ରସାଦ ତ୍ରିପାଠୀ, ସମ୍ବଲପୁରର ଦୁଲାଲଚନ୍ଦ୍ର ପ୍ରଧାନ ଉପସଭାପତି, ଢ଼େଙ୍କାନାଳର ଆଦିତ୍ୟ କୁମାର ଆଚାର୍ଯ୍ୟ, ବାଲେଶ୍ୱରର ଜଗଦୀଶ ଚନ୍ଦ୍ର ବେହେରା ଯୁଗ୍ମ ସମ୍ପାଦକ, ଭୁବନେଶ୍ୱରର ମନୋରଞ୍ଜନ ମହାନ୍ତି କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ।

ଦିଲ୍ଲୀ, ଆସାମର ସହଜ ବିଜୟ

କଟକ ଅଫିସ,୨୩।୯: କଟକରେ ଚାଲିଥିବା ୨୪ତମ ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିୟନଶିପରେ ରବିବାର ୪ଟି ମ୍ୟାଚ୍ ଖେଳାଯାଇଛି । ଏଥିରେ ଦିଲ୍ଲୀ ୬-୦ ଗୋଲରେ ଝାଡ଼ଖଣ୍ଡକୁ, ମଣିପୁର ୬-୨ ଗୋଲରେ ପଣ୍ଡିଚେରୀକୁ, ପଞ୍ଜାବ ୬-୧ ଗୋଲରେ କେରଳକୁ, ଆସାମ ୪-୦ ଗୋଲରେ ବିହାରକୁ ପରାସ୍ତ କରିଛି ।

ଦୀପକ ଜିତିଲେ ରୌପ୍ୟ

ଟ୍ରାନାଭା (ସ୍ଲୋଭାକିଆ), ୨୩।୯ (ପି.ଟି.): ବିଶ୍ୱ ଜୁନିୟର କୁସ୍ତି ଚାମ୍ପିୟନଶିପ୍‌ରେ ଭାରତ ଏକ ସ୍ୱର୍ଣ୍ଣ ପଦକ ଜିତିପାରି ନାହିଁ। ରବିବାର ଅନୁଷ୍ଠିତ ୮୬ କେଜି ଶ୍ରେଣୀ ଫ୍ରିଷ୍ଟାଇଲ ଫାଇନାଲରେ ଦୀପକ ପୁନିଆ ତୁର୍କୀର ଆରିଫ୍ ଓଜେନଙ୍କଠାରୁ ହାରିଯାଇଛନ୍ତି। ଫଳରେ ତାଙ୍କୁ ରୌପ୍ୟରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ନୂଆଦିଲ୍ଲୀଠାରେ ଏସିଆନ ଜୁନିୟର ସ୍ୱର୍ଣ୍ଣ ଜିତିଥିବା ଦୀପକ ଓଜେନଙ୍କଠାରୁ ୧-୨ରେ ପରାସ୍ତ ହୋଇଯାଇଥିଲେ। ଫଳରେ ଭାରତ ବିଶ୍ୱ ଜୁନିୟର ଚାମ୍ପିୟନଶିପ୍‌ରେ ୪ରୌପ୍ୟ ଓ ୩ ବ୍ରୋଞ୍ଜ ସହ ମୋଟ ୭ ପଦକ ସହ ଏହାର ଅଭିଯାନ ଶେଷ କରିଛି।

ପଙ୍କଜଙ୍କ ଇସ୍ତଫା

କଟକ ଅଫିସ,୨୩।୯: ଓଡ଼ିଶା ଆଥ୍‌ଲେଟିକ୍ସ ଆସୋସିଏଶନ (ଓଏଏ) ଉପସଭାପତି ପଙ୍କଜ ଲୋଚନ ମହାନ୍ତି ରବିବାର ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ଏହି ନିଷ୍ପତ୍ତି ପଛରେ ବ୍ୟକ୍ତିଗତ କାରଣ ଥିବା ସେ ଦର୍ଶାଇଛନ୍ତି। ଓଏଏ ବ୍ୟତୀତ ସେ ବେସ୍‌ବଲ ଫେଡେରେଶନ ଅଫ୍ ଇଣ୍ଡିଆର ସଭାପତି ଅଛନ୍ତି। ଉଲ୍ଲେଖଥାଉ କି, ଓଏଏର ସାଧାରଣ ପରିଷଦ ବୈଠକ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ଓ ଓଡ଼ିଶା ଭଲିବଲ ଆସୋସିଏଶନର ନବନିର୍ବାଚିତ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ପଙ୍କଜଙ୍କ ଇସ୍ତଫାକୁ ନେଇ କ୍ରୀଡ଼ା ସଙ୍ଗଠନମାନଙ୍କ ମଧ୍ୟରେ ନାନା ପ୍ରଶ୍ନ ଉଠିଛି।

■ ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍

ପୁରୁଷ ୧୫୦୦ ମିଟରରୁ ପ୍ରତିଯୋଗିତା ଆରମ୍ଭ

ଭୁବନେଶ୍ୱର, ୨୩।୯(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି ୫୮ତମ ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍। ୨୮ ତାରିଖ ପର୍ଯ୍ୟନ୍ତ ହେବାକୁ ଯାଉଥିବା ଏହି ପ୍ରତିଯୋଗିତାରେ ମୋଟ ୮୯୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫଆଇ) ପକ୍ଷରୁ ପ୍ରକାଶିତ କାର୍ଯ୍ୟସୂଚୀ ଅନୁସାରେ ସକାଳ ୭ଟାରେ ପୁରୁଷ ୧୫୦୦ ମିଟର ରେସ୍ ପ୍ରିଲିମିନାରି ରାଉଣ୍ଡ ସହିତ ପ୍ରତିଯୋଗିତା ଆରମ୍ଭ ହେବ। ଏହାପରେ ପୂର୍ବାହ୍ନରେ ପୁରୁଷ ଡେକାଥଲନ ୧୦୦ ମିଟର ରେସ୍, ପୁରୁଷ ୧୦୦ ମିଟର ରେସ୍ ରାଉଣ୍ଡ-୧, ପୁରୁଷ ଡିସ୍‌କସ୍ ଥ୍ରୋ କ୍ୱାଲିଫାଇଂ ରାଉଣ୍ଡ-୧, ପୁରୁଷ ଡେକାଥଲନ ଲଙ୍ଗଜମ୍ପ, ମହିଳା ୧୦୦ ମିଟର ରାଉଣ୍ଡ-୧, ପୁରୁଷ ଡିସ୍‌କସ୍ ଥ୍ରୋ କ୍ୱାଲିଫାଇଂ ରାଉଣ୍ଡ-୨, ପୁରୁଷ ୪୦୦ ମିଟର ରାଉଣ୍ଡ-୧, ପୁରୁଷ ଡେକାଥଲନ ଶଟ୍‌ପୁଟ୍, ମହିଳା ୪୦୦ ମିଟର ରାଉଣ୍ଡ-୧ ଇଭେଣ୍ଟ ଆୟୋଜିତ ହେବ। ଅପରାହ୍ନରେ ପୁରୁଷ ୧୧୦ ମିଟର ହର୍ଡଲ୍ସ ରାଉଣ୍ଡ-୧ ଏବଂ ପୁରୁଷ ପୋଲଭଲ୍ଟ ଫାଇନାଲ ଅନୁଷ୍ଠିତ ହେବ। ସନ୍ଧ୍ୟାରେ ମହିଳା ୧୦୦ ମିଟର ହର୍ଡଲ୍ସ ରାଉଣ୍ଡ-୧, ପୁରୁଷ ଡେକାଥଲନ ହାଇଜମ୍ପ, ପୁରୁଷ ଶଟ୍‌ପୁଟ୍ କ୍ୱାଲିଫାଇଂ ରାଉଣ୍ଡ-୧, ପୁରୁଷ ୧୦୦ ମିଟର ସେମିଫାଇନାଲ, ମହିଳା ଜାଭେଲିନ୍ ଥ୍ରୋ ଫାଇନାଲ, ମହିଳା ଟ୍ରିପଲ ଜମ୍ପ ଫାଇନାଲ, ମହିଳା ୧୦୦ ମିଟର ସେମିଫାଇନାଲ, ପୁରୁଷ ଶଟ୍‌ପୁଟ୍ କ୍ୱାଲିଫାଇଂ ରାଉଣ୍ଡ-୨, ପୁରୁଷ ୪୦୦ ମିଟର ସେମିଫାଇନାଲ ଇଭେଣ୍ଟ ଆୟୋଜିତ ହେବ। ରାତିରେ ହେବାକୁଥିବା ଇଭେଣ୍ଟଗୁଡ଼ିକ ହେଲା ପୁରୁଷ ୧୦,୦୦୦ ମିଟର ଫାଇନାଲ, ମହିଳା ୧୦,୦୦୦ ମିଟର ଫାଇନାଲ ଏବଂ ପୁରୁଷ ଡେକାଥଲନ ୪୦୦ ମିଟର ରେସ୍। ମହିଳା ଜାଭେଲିନ୍ ଥ୍ରୋ, ଟ୍ରିପଲ ଜମ୍ପ, ୧୦,୦୦୦ ମିଟର ରେସ୍, ପୁରୁଷ ପୋଲଭଲ୍ଟ ଓ ୧୦,୦୦୦ ମିଟର ରେସ୍‌ର ପଦକ ପ୍ରଦାନ ଉତ୍ସବ ମଧ୍ୟ ଅନୁଷ୍ଠିତ ହେବ।

ଏଏଫଆଇ ପକ୍ଷରୁ ପ୍ରକାଶିତ ଆଥଲେଟ୍ ତାଲିକା ଅନୁସାରେ ଓଡ଼ିଶାରୁ ମୋଟ ୧୭ ଆଥଲେଟ୍ ଏଥିରେ ଅଂଶଗ୍ରହଣ କରିବେ। ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦଙ୍କ ନାମ ଏଥିରେ ଥିଲେ ହେଁ ସେ ଏସିଆନ ଗେମ୍ସରେ ଭାଗନେଇ କ୍ଳାନ୍ତ ଥିବାରୁ ଅଂଶଗ୍ରହଣ କରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ପୁରୁଷ ୪x୧୦୦ ମିଟର ରିଲେରେ ଓଡ଼ିଶା ଭାଗନେବାର କାର୍ଯ୍ୟକ୍ରମ ରହିଛି। ଅନ୍ୟତମ ତାରକା ଓଡ଼ିଆ ଆଥଲେଟ୍ ଜଉନା ମୁର୍ମୁ ଓଏନ୍‌ଜିସି ପକ୍ଷରୁ ମହିଳା ୪୦୦ ମିଟର ରେସ୍ ଓ ୪୦୦ ମିଟର ହର୍ଡଲ୍ସରେ ଭାଗନେବେ। ତେଣୁ ଜଉନାଙ୍କ ବ୍ୟତୀତ ଓଡ଼ିଶା ପ୍ରତିଯୋଗୀଙ୍କ ମଧ୍ୟରେ ଅମୀୟ କୁମାରଙ୍କ ଉପରେ ନଜର ରହିବ।

ଏଏଫଆଇ ତାଲିକା ଅନୁସାରେ ଭାଗ ନେବାକୁ ଯାଉଥିବା ଓଡ଼ିଶା ପ୍ରତିଯୋଗୀ

ସମସାଦ ଆରା ବେଗମ: ୫୦୦୦ ମିଟର ରେସ୍
ଉର୍ଜା ଭୂୟାଁ: ମହିଳା ହାମର ଥ୍ରୋ
ପାର୍ବତୀ ସେଠୀ: ମହିଳା ଡିସକସ୍
ଦିବ୍ୟା ସାଣ୍ଡିଲ୍ୟ: ମହିଳା ହାମର ଥ୍ରୋ
ହରି ବେହେରା: ଡିସ୍‌କସ୍ ଥ୍ରୋ
ଅଶୋକ ଦଣ୍ଡସେନା: ୧୦,୦୦୦ ମିଟର ରେସ୍
ଚିନ୍ମୟ ରଞ୍ଜନ ଜେନା: ଜାଭେଲିନ୍ ଥ୍ରୋ
ପ୍ରସନ୍ନଜିତ କୌର: ୨୦୦ ମିଟର ରେସ୍
ମନୋଜ କୁମାର ମହାରଣା: ଡିସ୍‌କସ୍ ଥ୍ରୋ
ଅମିୟ କୁମାର ମଲିକ: ୧୦୦ ଓ ୨୦୦ ମିଟର ରେସ୍
ନିରଞ୍ଜନ ମହାନ୍ତି: ୧୦୦ ଓ ୨୦୦ ମିଟର ରେସ୍
ସୁକଦେବ ମହାନ୍ତି: ଡେକାଥଲନ
କୌଶଲ୍ୟା କୁମାର ନାୟକ: ୪୦୦ ମିଟର ହର୍ଡଲ୍ସ
ମଳୟ ରଞ୍ଜନ ପତି: ହାମର ଥ୍ରୋ
ଆଶିଷ କୁମାର ପାତ୍ର: ଲଙ୍ଗଜମ୍ପ
ଅଭିଜିତ ସାହୁ: ୧୦୦ ମିଟର ରେସ୍
ରଞ୍ଜନ କୁମାର ସାହୁ: ଶଟ୍‌ପୁଟ୍ ଥ୍ରୋ
(ବି.ଦ୍ର.-ଓଡ଼ିଆ ଆଥଲେଟ୍ ଜଉନା ମୁର୍ମୁ ଓଏନ୍‌ଜିସି ପକ୍ଷରୁ ମହିଳା ୪୦୦ ମିଟର ରେସ୍ ଓ ୪୦୦ ମିଟର ହର୍ଡଲ୍ସ ଇଭେଣ୍ଟରେ ଭାଗନେବେ। ପୁରୁଷ ୪x୧୦୦ ମିଟର ରିଲେରେ ମଧ୍ୟ ଓଡ଼ିଶା ଭାଗନେବାର କାର୍ଯ୍ୟକ୍ରମ ରହିଛି)।

ଜାତୀୟ ଥ୍ରୋ ବଲରେ ଭାଗ ନେବ ଓଡ଼ିଶା

ମନୋନୀତ ଓଡ଼ିଶା ଥ୍ରୋ ବଲ ଦଳ ।

ଭୁବନେଶ୍ୱର,୨୩।୯(ସ୍ପୋର୍ଟ୍ସ ବ୍ୟୁରୋ)

ତାମିଲନାଡୁର ତିରୁପୁରା ଷ୍ଟାଡିୟମ୍‌ରେ ବୁଧବାରଠାରୁ ୨୯ତମ ଜାତୀୟ ଥ୍ରୋ ବଲ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଇଭେଣ୍ଟରେ ଭାଗ ନେବା ଲାଗି ଓଡ଼ିଶାର ସବ୍-ଜୁନିୟର ବାଳିକା ଓ ବାଳକ ଦଳ ରବିବାର ଗସ୍ତ କରିଛନ୍ତି। ଏହି ଦଳ ଚୟନ ନିମନ୍ତେ ଚଳିତ ମାସ ୧ ଓ ୨ ତାରିଖରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ଠାରେ ସବ୍-ଜୁନିୟର ଥ୍ରୋ ବଲ ଚାମ୍ପିୟନଶିପ୍ ଆୟୋଜିତ ହୋଇଥିଲା। ଏଥିରୁ ୧୪ ଜଣିଆ ବାଳିକା ଓ ବାଳକ ଦଳ ମନୋନୀତ କରାଯାଇଛି। ବାଳିକା ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ପୁଷ୍ପାଞ୍ଜଳୀ ପତି, ସୁଧାସିନ୍ଧୁ ସାହୁ, ମାନସୀ ପ୍ରଧାନ, ଶୁଭଶ୍ରୀ ରାଉତରାଏ, ସୁଭଦ୍ରା ସ୍ୱାଇଁ, କସ୍ତୁରି ମହାରଣା, ସୋନାଲି ସାହୁ, ନିକି ଝା, ପ୍ରିୟା ଓରାମ, ନିବେଦିତା ଖୁଣ୍ଟିଆ, ପ୍ରିୟଙ୍କା ବାରିକ, ଲାବଣ୍ୟବତୀ ଦାସ, ଶୋଭାରାଣୀ ଦାଶ ଓ ଅଦିତି ପଟ୍ଟନାୟକ। ସେହିଭଳି ଶୁଭ ସାମନ୍ତ, ବିଶ୍ୱଜିତ ପଲାଇ, ସୁଶାନ୍ତ କୁମାର ଦାସ, ଏସ୍. ଗଣେଶ ରେଡ୍ଡୀ, କେତନ ପଣ୍ଡା, ଆଶୁତୋଷ ମହାନ୍ତି, ସୁବ୍ରତ କୁମାର ସାହୁ, ରାକେଶ ସାହୁ, ରିଙ୍କୁନ ଜେନା, ପ୍ରିତମ ରାଉତ, ସମ୍ରେଶ ବେହେରା, କୃଷ୍ଣଚନ୍ଦ୍ର ମିଶ୍ର, ଚିରାଗ ଆରିଅଲ ଓ ଆଶିଷ କୁମାର ପଟେଲଙ୍କୁ ନେଇ ଓଡ଼ିଶା ବାଳକ ଦଳ ଗଠିତ ହୋଇଛି। ବାଳିକା ଦଳ ସହ କୋଚ୍ ଶୁଭଦର୍ଶନୀ ଜେନା ଓ ମ୍ୟାନେଜର ନିବେଦିତା ନାୟକ ଗସ୍ତ କରିଥିବାବେଳେ ଏସ୍. ଜଗା ରେଡ୍ଡୀ (କୋଚ୍) ଓ ଅରୁଣ ପଟ୍ଟନାୟକ (ମ୍ୟାନେଜର) ବାଳକ ଦଳ ସହ ରହିଛନ୍ତି। ଏମାନଙ୍କ ବ୍ୟତୀତ ନ୍ୟାଶନାଲ ରେଫରି ଭାବେ ରାମକୃଷ୍ଣ ବେହେରା, କୈଳାଶ ଚନ୍ଦ୍ର ବାରିକ ଓ ଓଡ଼ିଶା ଥ୍ରୋ ବଲ ଆସୋସିଏଶନ ସମ୍ପାଦକ ଜିତେନ୍ଦ୍ର ନାଥ ଦାସ ତାମିଲନାଡୁ ଗସ୍ତ କରିଛନ୍ତି।

ବିଶ୍ୱ ହେଭିୱେଟ୍ ବକ୍ସିଂ

ବ୍ରିଟେନ୍‌ର ଅଣ୍ଟୋନୀ ଜୋଶୁଆ (ବାମ) ଓ ଆଲେକଜାଣ୍ଡାର ପୋଭେଟକିନ୍‌ଙ୍କ ମଧ୍ୟରେ ଲଢ଼େଇ ।

ଟାଇଟଲ ବଜାୟ ରଖିଲେ ଜୋଶୁଆ

ଲଣ୍ଡନ,୨୩।୯(ଏଏଫପି)

ବ୍ରିଟିଶ୍ ପେସାଦାର ବକ୍ସର ଅଣ୍ଟୋନୀ ଜୋଶୁଆ ତାଙ୍କର ବିଶ୍ୱ ହେଭିୱେଟ୍ ଟାଇଟଲଗୁଡିକ ବଜାୟ ରଖିଛନ୍ତି। ସ୍ଥାନୀୟ ୱେମ୍ବଲେ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ମୁକାବିଲାରେ ସେ ରୁଷିଆ ଅଭିଜ୍ଞ ତଥା ପେସାଦାର ବକ୍ସର ଆଲେକଜାଣ୍ଡାର ପୋଭେଟକିନ୍‌ଙ୍କୁ ପରାସ୍ତ କରି ଟାଇଟଲ ହାସଲ କରିବା ସହ ପୂର୍ବ ସଫଳତାକୁ ବଜାୟ ରଖିବାରେ ସକ୍ଷମ ହୋଇଛନ୍ତି। ଏହି ବିଜୟ ଫଳରେ ଆଣ୍ଟୋନୀ ତାଙ୍କ ଆନ୍ତର୍ଜାତିକ ବକ୍ସିଂ ଫେଡେରେଶନ (ଆଇବିଏଫ୍), ବିଶ୍ୱ ବକ୍ସିଂ ଅର୍ଗାନାଇଜେଶନ (ଡବ୍ଲ୍ୟୁବିଓ) ଓ ବିଶ୍ୱ ବକ୍ସିଂ ଆସୋସିଏଶନ (ଡବ୍ଲ୍ୟୁବିଏ) ଟାଇଟଲ ବଜାୟ ରଖିବାରେ ସଫଳ ହୋଇଛନ୍ତି। ଡବ୍ଲ୍ୟୁବିଏ, ଆଇବିଏଫ୍ ଓ ଡବ୍ଲ୍ୟୁବିଓ ଚାମ୍ପିୟନ ଆଣ୍ଟୋନୀ ୮୦ ହଜାର ଘରୋଇ ଦର୍ଶକଙ୍କ ସମ୍ମୁଖରେ ଚମତ୍କାର ପ୍ରଦର୍ଶନ କରିଥିଲେ। ୭ ରାଉଣ୍ଡରେ ୨୮ ବର୍ଷୀୟ ଆଣ୍ଟୋନୀ ମାତ୍ର ୧ ମିନିଟ ୫୯ ସେକେଣ୍ଡରେ ୩୯ ବର୍ଷୀୟ ପୋଭେଟକିନଙ୍କୁ ଧରାଶାୟୀ କରିଥିଲେ। ଏହି ଫାଇଟ୍‌ରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା। ଅନ୍ୟପଟେ ଦୀର୍ଘ ୧୩ ବର୍ଷର ଉଜ୍ଜ୍ୱଳମୟ କ୍ୟାରିୟରରେ ପୋଭେଟକିନ୍‌ଙ୍କ ପାଇଁ ଏହା ପ୍ରଥମ ପରାଜୟ ସାବ୍ୟସ୍ତ ହୋଇଛି। ଏଥିସହ ଆଣ୍ଟୋନୀ ୨୨ଟି ଫାଇଟ୍‌ରେ ଅବତୀର୍ଣ୍ଣ ହୋଇ କ୍ୟାରିୟରର ୨୨ତମ ପେସାଦାର ବିଜୟ ହାସଲ କରିଛନ୍ତି। ଏଥିରେ ୨୧ଟି ନକ୍‌ଆଉଟ ସାମିଲ ରହିଛି। ବିଜୟୀ ହୋଇଥିଲେ ମଧ୍ୟ ଆଣ୍ଟୋନୀ ପୋଭେଟକିନଙ୍କ ପ୍ରଦର୍ଶନକୁ ବେଶ୍ ପ୍ରଶଂସା କରିଛନ୍ତି। ପୋଭେଟକିନ୍ ହେଉଛନ୍ତି ଜଣେ ଜବରଦସ୍ତ ଫାଇଟର। ସେ ମୁଣ୍ଡ ପାଇଁ ବେଶ୍ ଶକ୍ତିଶାଳୀ, କିନ୍ତୁ ବଡି ପାଇଁ ସାମାନ୍ୟ ଦୁର୍ବଳ ବୋଲି ସେ କହିଛନ୍ତି। ନିଜ ଲମ୍ବା ଉଚ୍ଚତାରୁ ଆଣ୍ଟୋନୀ ଫାଇଦା ଉଠାଇଥିଲେ।

ବିଜୁ ପଟ୍ଟନାୟକ ଗ୍ରାମୀଣ ହକି ଉଦ୍‌ଯାପିତ

ରାଉରକେଲା ଅଫିସ,୨୩।୯

ସେକ୍ଟର-୫ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ଗ୍ରାମୀଣ ହକି ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ହକି ତରକା ତଥା ପୂର୍ବତନ ଏମ୍‌ପି ଦିଲୀପ ତିର୍କୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, ସମ୍ମାନିତ ଅତିଥି ଭାବେ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ରାଜଗାଙ୍ଗପୁର ବିଧାୟକ ମଙ୍ଗଳା କିଷାନ, ସୁନ୍ଦରଗଡ଼ ଜିଲା ପରିଷଦ ଅଧ୍ୟକ୍ଷା ଏମା ଏକ୍କା, ଆର୍‌ଡିଏ ଅଧ୍ୟକ୍ଷ ସାରଦା ନାୟକ, ସ୍ମାର୍ଟ ସିଟି ସିଇଓ ରଶ୍ମିତା ପଣ୍ଡା, ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ପ୍ରବୋଧ ତିର୍କୀ ପ୍ରମୁଖ ଯୋଗଦେଇଥିଲେ। ପ୍ରତିଯୋଗିତାର ଫାଇନାଲ କୁଡ୍ରା ବ୍ଲକ କହପାଣି ଓ ଲେଫ୍ରିପଡ଼ା ବ୍ଲକ ନ୍ୟୁ ଷ୍ଟାର କ୍ଲବ ମଧ୍ୟରେ ଖେଳାଯାଇଥିଲା। ଏଥିରେ କହପାଣି ଚାମ୍ପିୟନ ହୋଇଥିଲା। ଚାମ୍ପିୟନ ଦଳକୁ ୫ଲକ୍ଷ ଓ ରନର୍ସ ଅପ୍ ଦଳକୁ ୩ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ୩ୟ ସ୍ଥାନରେ ରହିଥିବା ରାଜଗାଙ୍ଗପୁର କୁକୁଡ଼ାମୁଣ୍ଡାର ପାତ୍ରାଟୋଲିକୁ ୨ଲକ୍ଷ ଓ ୪ର୍ଥ ସ୍ଥାନରେ ରହିଥିବା ନୂଆଗାଁ ବ୍ଲକ ଜୋକେର୍ତା ଟିମକୁ ୧ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା।

ନବରଙ୍ଗପୁର, ନୂଆପଡ଼ା ଚାମ୍ପିୟନ

ବରଗଡ଼ ଅଫିସ୍,୨୩।୯

ବରଗଡ଼ ଜର୍ଜ ହାଇସ୍କୁଲରେ ୬୪ତମ ରାଜ୍ୟସ୍ତରୀୟ ୧୭ବର୍ଷରୁ କମ୍ ବାଳିକା, ବାଳକ ସ୍କୁଲ କବାଡ଼ି ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି । ବରଗଡ଼ ଜିଲା ଶିକ୍ଷା ବିଭାଗର ଆୟୋଜନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ଫାଇନାଲର ବାଳିକା ବିଭାଗରେ ନବରଙ୍ଗପୁର ପ୍ରତିପକ୍ଷ ଭୁବନେଶ୍ୱରକୁ ୨୩-୧୨ ଏବଂ ବାଳକ ବିଭାଗରେ ନୂଆପଡ଼ା ପ୍ରତିପକ୍ଷ ଢେଙ୍କାନାଳକୁ ୪୭-୨୮ ପଏଣ୍ଟରେ ପରାସ୍ତ କରି ଚାମ୍ପିୟନ ହୋଇଛି। ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ରାଜ୍ୟ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଭୟ ଚାମ୍ପିୟନ ଦଳକୁ ପୁରସ୍କୃତ କରିଥିଲେ।

ସିମରନ, ଆଶିଷଙ୍କୁ ଟାଇଟଲ

ଭୁବନେଶ୍ୱର, ୨୩।୯(କ୍ରୀଡ଼ା ପ୍ରତିନିଧି)

ମେଣ୍ଢାଶାଳସ୍ଥିତ ଗୁରୁକୁଳ ରିସର୍ଟ ଟେନିସ କମ୍ପ୍ଲେକ୍ସରେ ୧୬ ବର୍ଷରୁ କମ୍ ଏଆଇଟିଏ-ଓଟିଏ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଛି। ଓଡ଼ିଶାର ଦୁଇ ପ୍ରତିଯୋଗୀ ସିମରନ ନେହା ଏକ୍କା ଓ ଆଶିଷ କୁମାର ପରିଡ଼ା ଯଥାକ୍ରମେ ବାଳିକା ଓ ବାଳକ ବିଭାଗ ଚାମ୍ପିୟନ ହୋଇଛନ୍ତି। ବାଳକ ସିଙ୍ଗଲ୍ସ ଫାଇନାଲରେ ଟପ୍ ସିଡ୍ ଆଶିଷ ଅନ୍ୟତମ ଓଡ଼ିଆ ଖେଳାଳି ସଂଗ୍ରାମ କୁମାର ପାତ୍ରଙ୍କୁ ୬-୪, ୬-୦ ସେଟ୍‌ରେ ପରାସ୍ତ କରଛନ୍ତି। ସେହିପରି ବାଳିକା ଫାଇନାଲରେ ଦ୍ୱିତୀୟ ସିଡ୍ ସିମ୍‌ରନ ଝାଡ଼ଖଣ୍ଡର ଅଦିତି ପ୍ରଧାନଙ୍କୁ ୬-୨, ୬-୨ ସେଟ୍‌ରେ ହରାଇ ଦେଇଛନ୍ତି। ଚାମ୍ପିୟନ ଓ ରନର୍ସଅପ୍ ପ୍ରତିଯୋଗୀ ଯଥାକ୍ରମେ ୧୫ ଓ ୧୦

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୨୪/୨୦୧୮ Bhubaneswar, Monday, September 24/ 2018

ଗ୍ୟାସ ଟାଙ୍କିରେ ନିଆଁ

ଭୁବନେଶ୍ୱର, ୨୩।୯(ବ୍ୟୁରୋ)

ଖାରବେଳନଗର ଥାନା ଅଧୀନ ମସ୍‌ଜିଦ କଲୋନୀରେ ଏକ ଅଣ୍ଡା ଦୋକାନରେ ରବିବାର ଅପରାହ୍ନରେ ଗ୍ୟାସ ଟାଙ୍କିରେ ନିଆଁ ଲାଗିଥିଲା । ଏହା ଦେଖି ସେଠାରେ ଉପସ୍ଥିତ ଲୋକ ଭୟଭୀତ ହୋଇ ଦୌଡ଼ିଥିଲେ । କେତେଜଣ ଲୋକ ଟାଙ୍କିଟିକୁ ଗଡାଇ ଗଡାଇ ଏକ ଫାଙ୍କା ସ୍ଥାନକୁ ନେଇଯାଇଥିଲେ । କଳ୍ପନାସ୍ଥିତ ଅଗ୍ନିଶମ କେନ୍ଦ୍ରର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ।

ଦୁର୍ଘଟଣାକୁ କେନ୍ଦ୍ରକରି ତୁମୁଳକାଣ୍ଡ: ପୋଲିସକୁ ପିଟିଲେ ଉତ୍ତ୍ୟକ୍ତ ଯୁବକ

ଭୁବନେଶ୍ୱର, ୨୩।୯(ବ୍ୟୁରୋ)

ଭରତପୁର ଛକରେ ରବିବାର ରାତିରେ ଏକ କାର ଦୁର୍ଘଟଣାକୁ କେନ୍ଦ୍ରକରି ତୁମୁଳକାଣ୍ଡ ଘଟିଛି । ସନ୍ତୋଷୀନଗର ବସ୍ତିର କେତେଜଣ ଯୁବକ ଉକ୍ତ କାର୍‌କୁ ଓଲଟାଇ ନିଆଁ ଲଗାଇବା ପାଇଁ ଉଦ୍ୟମ କରିବା ବେଳେ ପୋଲିସ ଅଟକାଇବାରୁ ସେମାନେ ପୋଲିସକୁ ମାଡ ମାରିଥିବା ଅଭିଯୋଗ ହୋଇଛି । ଏପରି କି ପୋଲିସ ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଲାଠି ଚାଳନା କରିଥିବା ଜଣାପଡିଛି । ଦୁର୍ଘଟଣାରେ ବାଇକ୍‌ରେ ଯାଉଥିବା ସ୍ଥାନୀୟ ବସ୍ତିର ସନ୍ତୋଷ ସାହୁ ଓ ବୃନ୍ଦାବନ

ସାହୁ ଆହତ ହୋଇଛନ୍ତି । ସେମାନଙ୍କୁ ଚିକିତ୍ସା ପାଇଁ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ଜଣାପଡିଛି ।

ଭରତପୁର ଛକରେ ରବିବାର ରାତି ପ୍ରାୟ ୯ଟା ୩୦ରେ ଖୁଦୁରୁକୁଣୀ ଭସାଣି ଶୋଭାଯାତ୍ରା ଯାଉଥିଲା । ଗୋଟିଏ ରାସ୍ତାରେ ଭସାଣି ମେଢ ଯାଉଥିବାରୁ ରାସ୍ତାଟି ବ୍ଲକ ହୋଇଥିଲା । ଅନ୍ୟପଟ ରାସ୍ତାରେ ଏକ କାର ଭରତପୁରରୁ ଚନ୍ଦକା ଅଭିମୁଖେ ଯାଉଥିଲା । ଏହି ସମୟରେ ସନ୍ତୋଷ ଏବଂ ବୃନ୍ଦାବନ ଚନ୍ଦକାରୁ ଭରତପୁର ଅଭିମୁଖେ ବାଇକରେ ଆସୁଥିବାବେଳେ ଭରତପୁର ଛକରେ ଉକ୍ତ କାର୍ ସେମାନଙ୍କୁ ସାମ୍ନାପଟୁ ଧକ୍କା ଦେଇଥିଲା । ସ୍ଥାନୀୟ କେତେଜଣ ଯୁବକ ଏହି ଖବର ପାଇ ଘଟଣାସ୍ଥଳରେ ପହଞ୍ଚି କାର ଡ୍ରାଇଭରକୁ ମାଡ ମାରିବା ସହ ଗାଡିକୁ ଓଲଟାଇ ନିଆଁ ଲଗାଇବାକୁ ଉଦ୍ୟମ କରିଥିଲେ । ଖବର ପାଇ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଉଦ୍ୟମ କରିବାରୁ ଉତ୍ତ୍ୟକ୍ତ ଯୁବକମାନେ ପୋଲିସକୁ ମାଡ ମାରିଥିବା ଅଭିଯୋଗ ହୋଇଛି ।

ପରିବର୍ଦ୍ଧିତ ସେଫ୍‌ଟୀ
→ ଡୁଆଲ୍ ଫ୍ରଣ୍ଟ ଏଆର୍‌ବ୍ୟାଗ୍‌ସ → ABSସାଙ୍ଗକୁ EBDଆଉ CSC
→ ରିଅର୍ ପାର୍କିଙ୍ଗ ଆସିଷ୍ଟ ଓ ଅଧିକ

ENERGY ଅଧିକ କରିବା ପାଇଁ
→ ଆର୍ମର୍ଡ ଫ୍ରଣ୍ଟ ଏଣ୍ଡ ଡ଼ିଜାଇନ୍ → ଟଫ୍ ସାଇଡ୍ ପ୍ରୋଫାଇଲ୍ ସାଙ୍ଗକୁ 180 mm ଗ୍ରାଉଣ୍ଡ କ୍ଲିଅରାନ୍‌ସ
→ ମସ୍‌କୁଲାର୍ ରିଅର୍ ସାଙ୍ଗକୁ ରଗଡ୍ କ୍ଲାଡିଙ୍ଗ ଆଉ ସ୍କିଡ୍ ପ୍ଲେଟ୍

ଆବ୍‌ସଲ୍ୟୁଟ୍ ଇଙ୍କ୍ଲୁଇନ୍‌ଫୋଟେନ୍‌ମେଣ୍ଟ
→ 5" ଟଚ୍‌ସ୍କ୍ରିନ୍ ହର୍ମାନ ଦ୍ୱାରା
→3D–ନାଭିଗେସନ୍ → 8 ସ୍ପୀକର୍ ସରାଉଣ୍ଡ ସାଉଣ୍ଡ ସୀଷ୍ଟମ୍

Authorised Tata Motors Dealers:

EXCHANGE THROUGH TATA MOTORS ASSURED

BHUBANESWAR- Shree Bharat Motors- 8884498977, **Trupti Enterprises-** 8527232272, **PURI - Trupti Enterprises-** 8527232272 **NAYAGARH- Trupti Enterprises-** 8527232272. **PARADIP- Trupti Enterprises-** 8527232272, **CUTTACK**-7290055388, **ANGUL- Monalisha Motors**: 8884498968. **DHENKANAL- Monalisha Motors**: 8884498968. **BALASORE: Shree Bharat Motors:** 8884498976. **KEONJHAR**- 7290055388. **BERHAMPUR - Shree Bharat Motors:** 8884498978. **JEYPORE- Laxmi Sales & Service-** 8448994722.

Images and illustrations are indicative and for information purpose only. All features/specifications are not available in all variants and may vary for different variants. Accessories may or may not be a part of standard fitment. *Price is Ex-Showroom Bhubaneswar.

Regd Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. For more information, contact nearest Hero MotoCorp's authorised outlet or call Toll Free No.: 1800-266-0018 or visit heromotocorp.com. Always wear a helmet while riding a two-wheeler. Accessories and features shown may not be part of standard fitment. #Finance available at the sole discretion of the financiers. For more details please contact the nearest Hero MotoCorp dealership. *Terms and Condition apply. Offers valid in select states only. Limited period offers.

FINANCE PARTNER HeroFinCorp. HDFC BANK We understand your world IndusInd Bank TWO WHEELER LOANS HeroMotoCorpIndia HeroMotoCorpLimited TheHeroMotoCorp HeroMotoCorp.com HeroMotoCorp

For Institutional and Bulk Sales please write to Kolkata@heromotocorp.com

ଅଥରାଇଜ୍‌ଡ ଡିଲର : ଭୁବନେଶ୍ୱର: ରୋହନ ହୀରୋ – 7799766422. ଭାରତ ହୀରୋ – 7799766378. ଡିଡି ହୀରୋ – 7799566329. **ବାଲେଶ୍ୱର:** ନୀଲମ ହୀରୋ – 7799766393. **ବାରିପଦା :** ଆଦିତ୍ୟ ହୀରୋ – 7799766370. **ଭଦ୍ରକ :** ସଞ୍ଜୀବ ହୀରୋ – 7799766380. **ଚଣ୍ଡୀଖୋଲ:** ଏସ୍.କେ. ହୀରୋ – 7799766362. **କଟକ:** ଜେଏମଜି ହୀରୋ – 7799766366. ଏସେନ୍ ହୀରୋ – 7799766425. ସନୀ ହୀରୋ – 7799766401. **ଜରତସିଂହପୁର:** ତ୍ରିଶୂଳ ହୀରୋ – 7799766383. **ଯାଜପୁର ରୋଡ:** ସୌମିକ ହୀରୋ – 7799766410. **ଜଳେଶ୍ୱର:** ସାଲ ହୀରୋ – 7799766407. **ଜଟଣୀ:** ବିଶାଳ ହୀରୋ – 7799766398. **କେନ୍ଦୁଝର:** ସୁପ୍ରିମ ହୀରୋ – 7799766360. **ନୟାଗଡ଼:** ଭଗବତୀ ହୀରୋ – 7799766417. **ଅଥରାଇଜ୍‌ଡ ସର୍ଭିସ୍ ସେଣ୍ଟର: ବାଲିଆପାଳ :** ବାବା ମୋଟର୍ସ – 253841, 9438757377. **ବାଲୁଗାଁ:** ମହାମାୟୀ ମୋଟର୍ସ – (06756) 250280. **ଯାଜପୁର:** ଆୟୁଷ ଅଟୋମୋବାଇଲ୍‌ସ – 223864. **କେନ୍ଦ୍ରାପଡ଼ା:** ବୈଷ୍ଣବୀ ମୋଟର୍ସ – 221083. **ଖୋର୍ଦ୍ଧା:** ଦିନେଶ ଟ୍ରେଡିଂ କମ୍ପାନୀ – 221511. **ନିମାପଡ଼ା:** ବାସୁଦେବ ଅଟୋମୋବାଇଲ୍‌ସ – 252725. **ପାରାଦୀପ:** ପ୍ରଦୀପ ମୋଟର୍ସ – 9238120001. **ପଟ୍ଟାମୁଣ୍ଡାଇ:** ମିଶ୍ର ଅଟୋ – 220430. **ପିପିଲି:** ଶ୍ରୀରାମ ମୋଟର୍ସ – 240687. **ପୁରୀ:** ଲକ୍ଷ୍ମୀ ପ୍ରିୟା ମୋଟର୍ସ – 225552. **ରାହାମା:** ଶରଳା ଅଟୋମୋବାଇଲ୍‌ସ – 248001, 248002. **ରାଉରଙ୍ଗପୁର: ନା ସାଜନରୀ ମୋଟର୍ସ** – 7008906387. **ସୋରୋ:** ଟୁଇଙ୍କିଲ ମୋଟର୍ସ – 221711, 9337375571. ହୀରୋ ସିଓର! ସାର୍ଟିଫାଏଡ ପ୍ରି-ଓନ୍‌ଡ୍- ଟୁ ହୁଇଲର୍ – ବିଦ୍ୟାଧରପୁର, କଟକ – 8093080012.

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ମଧ୍ୟପ୍ରଦେଶ ବାଗସେବାନିଆରେ ଘଟିଛି ଏକ ଅଭାବନୀୟ ଘଟଣା। ଏଠାରେ ଜଣେ ଥାନାବାବୁଙ୍କ ୨୫ ବର୍ଷୀୟା ଝିଅଙ୍କୁ ୪ ଜଣ ଯୁବକ ଏକ ଢାବାକୁ ଡାକି ନେଇ ଗଣବଳାତ୍କାର କରିଛନ୍ତି। ସମ୍ପୃକ୍ତା ଝିଅଙ୍କଠାରୁ ଅଭିଯୁକ୍ତମାନେ ୪ ଲକ୍ଷ ଟଙ୍କା ଧାର ନେଇଥିଲେ। ଦରକାର ହେବାରୁ ଝିଅ ଟଙ୍କା ମାଗିଥିଲେ। ଯୁବକମାନେ ତାଙ୍କୁ ଟଙ୍କା ଦେବାକୁ ନିକଟସ୍ଥ ଏକ ଢାବାକୁ ଡାକିଥିଲେ। ସେଠାରେ ଯୁବକମାନେ ତାଙ୍କୁ ଗଣବଳାତ୍କାର କରିଥିବା ପୀଡ଼ିତା ଅଭିଯୋଗ କରିଛନ୍ତି।

ଡାହାଣୀ ସନ୍ଦେହରେ ୨ ମହିଳାଙ୍କୁ ହତ୍ୟା

■ ସାବତ ମା' ତୀରବିଦ୍ଧ, ଡାକ୍ତରଖାନାରେ ଭର୍ତ୍ତି
■ ଅଭିଯୁକ୍ତ ଗିରଫ, କୁରାଢ଼ି ଓ ଧନୁତୀର ଜବତ

ରାଇରଙ୍ଗପୁର,୨୩।୯(ଡି.ଏନ.ଏ.)

ଅନ୍ଧବିଶ୍ୱାସର ଅର୍ଗଳିରେ ଶଙ୍କୁଛି ଜୀବନ। ଏଥିରୁ ଯେମିତି ମୁକ୍ତି ନାହିଁ। ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାରେ ଡାହାଣୀ ସନ୍ଦେହ ଭଳି ଅନ୍ଧବିଶ୍ୱାସକୁ ନେଇ ବିଭିନ୍ନ ସମୟରେ ଜଘନ୍ୟ ଓ ଲୋମହର୍ଷଣକାରୀ ହତ୍ୟା ଅପରାଧ ଘଟିଚାଲିଛି। ଏହାକୁ ରୋକା ଯାଇପାରୁ ନାହିଁ। ରାଇରଙ୍ଗପୁର ପୋଲିସ ସର୍କଲ ଅଧୀନ ତେଣ୍ଡରା ପଞ୍ଚାୟତ ମଧୁପୁର ଗ୍ରାମର ଶ୍ୟାମ ବାସ୍କେ ନାମକ ଜଣେ ଯୁବକ ରବିବାର ପୂର୍ବାହ୍ନରେ ଗାଁ ଦାଣ୍ଡରେ ଡାହାଣୀ ସନ୍ଦେହରେ ଜଣେ ମହିଳାଙ୍କୁ ତୀର ମାଡ଼ କରିବା ସହ ଅନ୍ୟ ୨ଜଣ ମହିଳାଙ୍କୁ ଗୋଡ଼ାଇ ଗୋଡ଼ାଇ କୁରାଢ଼ିରେ ହାଣି ବୀଭତ୍ସ ଭାବେ ହତ୍ୟା କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଅଭିଯୁକ୍ତ ଶ୍ୟାମ ହତ୍ୟା ଘଟାଇବା ପରେ ଜାମଦା ଥାନାରେ ଆତ୍ମସମର୍ପଣ କରିଥିବା କୁହାଯାଉଛି। ପୋଲିସ ତାଙ୍କୁ ଜେରା କରିବା ପରେ ଘଟଣାସ୍ଥଳକୁ ଯାଇ ଅନୁସନ୍ଧାନ ଚଳାଇଛି। ଗାଁ ଦାଣ୍ଡରୁ ୨ ମହିଳାଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ଡାକ୍ତରଖାନା ପଠାଇଛି। ଅନ୍ୟ ତୀରବିଦ୍ଧ ମହିଳାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ରାଇରଙ୍ଗପୁର ଏସଡିପିଓ ଅମୂଲ୍ୟ କୁମାର ଧର, ଜାମଦା ଥାନା ଦାୟିତ୍ୱରେ ଥିବା ତିରିଂ ଥାନା ଅଧିକାରୀ ସୁଦର୍ଶନ ଗାଙ୍ଗୟୀ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଦଳ ସହ ଅଧିକ ତଦନ୍ତ ଚଳାଇଛନ୍ତି।

ଝାଡ଼ଖଣ୍ଡ ସୀମାକୁ ଲାଗିଥିବା ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଗାଁ ମଧୁପୁର। ଜାମଦା ଥାନାଠାରୁ ଦୂରତା ୫କି.ମି.। ହତ୍ୟାକାଣ୍ଡ ଘଟାଇଥିବା ଶ୍ୟାମ ପୋଲିସକୁ ଦେଇଥିବା ବୟାନରେ କହିଛନ୍ତି ଯେ, ସମ୍ପ୍ରତି ତାଙ୍କର ତିନୋଟି ପିଲା ରୋଗାକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ। ସାବତ ମା' ଯୋବା ବାସ୍କେ ସେମାନଙ୍କୁ ଗୁଣିଗାରେଡ଼ି କରି ମାରି ଦେଇଥିବା ସେ ସନ୍ଦେହ କରିଆସୁଥିଲେ। ଅନ୍ୟ ୨ ମହିଳା ଏହି ଗୁଣିଗାରେଡ଼ି କାର୍ଯ୍ୟରେ ସମ୍ପୃକ୍ତ ଥିଲେ। ସନ୍ତାନ ମୃତ୍ୟୁର ପ୍ରତିଶୋଧ ନେବାଲାଗି ସେ ବହୁ ଦିନରୁ ଯୋଜନା କରିଥିଲେ। ରବିବାର ପୂର୍ବାହ୍ନ ପ୍ରାୟ ସାଢ଼େ ୯ଟାବେଳେ ଗାଁ ଦାଣ୍ଡରେ ତାଙ୍କ ସାବତ ମା' ଥିବାବେଳେ ତାଙ୍କ ଉପରକୁ ତୀର ମାଡ଼ କରି ସେ ଆକ୍ରମଣ କରିଥିଲେ। ଏହି ସମୟରେ ଗାଁ ଦାଣ୍ଡରେ ଉପସ୍ଥିତ ଥିବା ଅନ୍ୟ ୨ ମହିଳା ସୂର୍ଯ୍ୟ ହେମ୍ବ୍ରମ ଏବଂ କାର୍ମୀ ମୁର୍ମୁଙ୍କୁ ହାଣିବା ପାଇଁ ସେ କୁରାଢ଼ି ଧରି ଗୋଡ଼ାଇଥିଲେ। ଲୋକଙ୍କ ଆଖି ସାମ୍ନାରେ ରକ୍ତମୁଖା ଶ୍ୟାମ ୨ ମହିଳାଙ୍କୁ ହାଣି ପକାଇଥିଲେ। ପ୍ରଚୁର ରକ୍ତସ୍ରାବ ହେବାରୁ ଘଟଣାସ୍ଥଳରେ ସୂର୍ଯ୍ୟ ଓ କର୍ମୀଙ୍କ ମୃତ୍ୟୁ ଘଟିଥିଲା। ଉପସ୍ଥିତ ଲୋକେ ଏଭଳି ହତ୍ୟା ଘଟଣାରେ ଆତଙ୍କିତ ହୋଇ ଜୀବନ ରକ୍ଷା ପାଇଁ ଧାଇଁ ପଳାଇଯାଇଥିଲେ। ଏହାପରେ ଅଭିଯୁକ୍ତ ଥାନାକୁ ଯାଇ ଆତ୍ମସମର୍ପଣ କରିଥିବା କହିଥିବାବେଳେ ପୋଲିସ ଏହାକୁ ଖଣ୍ଡନ କରିଛି। ପୋଲିସ ହତ୍ୟା ଖବର ପାଇ ମଧୁପୁର ଗ୍ରାମକୁ ଯିବାବେଳେ ବାଟରୁ ଅଭିଯୁକ୍ତ ଶ୍ୟାମଙ୍କୁ ଗିରଫ କରିଥିବା ଏସଡିପିଓ ଧର ସୂଚନା ଦେଇଛନ୍ତି। ଏନେଇ ଜାମଦା ଥାନାରେ ଏକ ହତ୍ୟା ମାମଲା (ନଂ. ୨୯/୧୮) ରୁଜୁ କରାଯାଇଛି। ହତ୍ୟାକାଣ୍ଡରେ ବ୍ୟବହୃତ କୁରାଢ଼ି ଓ ଧନୁ ତୀରକୁ ଜବତ କରାଯାଇଛି। ଡାହାଣୀ ସନ୍ଦେହଜନିତ ହତ୍ୟାକୁ ରୋକିବାପାଇଁ ପୋଲିସ ଓ ପ୍ରଶାସନ ଉଦ୍ୟମ କରୁଥିବା କହୁଥିଲେ ହେଁ ଆଦିବାସୀ ଅଧ୍ୟୁଷିତ ଗ୍ରାମାଞ୍ଚଳରେ ଏହାର କିଛି ପ୍ରଭାବ ପଡ଼ି ନ ଥିବା ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି।

ଆଜି କ୍ୟାବିନେଟ୍ ବୈଠକ

ଭୁବନେଶ୍ୱର,୨୩।୯(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ସୋମବାର ପୂର୍ବାହ୍ନ ୧୧.୪୫ମିନିଟ୍‌ରେ ସଚିବାଳୟଠାରେ ଅନୁଷ୍ଠିତ ହେବ। କ୍ୟାବିନେଟ୍‌ରେ ୩ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରୀ ମିଳିବ ବୋଲି ଜଣାପଡ଼ିଛି। ଏହାଛଡ଼ା କିଛି ଅତିରିକ୍ତ ପ୍ରସ୍ତାବ ଆସିପାରେ ବୋଲି ଜଣେ ମନ୍ତ୍ରୀ ସୂଚନା ଦେଇଛନ୍ତି। ପଞ୍ଚାୟତିରାଜ ବିଭାଗ ସମ୍ପର୍କିତ ଏକ ପ୍ରସ୍ତାବ ରହିଥିବା ସୂତ୍ରରୁ ଜଣାପଡ଼ିଛି।

ଅନ୍ତର୍ଜାତୀୟ ପାର୍ଲାମେଣ୍ଟାରିଆନ ସମ୍ମିଳନୀରେ ଯୋଗଦେବେ କନ୍ଧମାଳ ଏମ୍‌ପି

ବାଲିଗୁଡ଼ା,୨୩।୯ (ଡି.ଏନ୍.ଏ.)

କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଅକ୍ଟୋବର ୧୪ରୁ ସୁଇଜରଲାଣ୍ଡର ଜେନେଭାଠାରେ ଆରମ୍ଭ ହେଉଥିବା ଅନ୍ତର୍ଜାତୀୟ ପାର୍ଲାମେଣ୍ଟାରିଆନ ସମ୍ମିଳନୀରେ ଯୋଗ ଦେବେ। ଏଥିରେ ଅଂଶଗ୍ରହଣ କରିବାକୁ ଲୋକ ସଭା ବାଚସ୍ପତି ସୁମିତ୍ରା ମହାଜନ ଉଭୟ ଲୋକ ସଭା ଓ ରାଜ୍ୟ ସଭାରୁ ୧୦ ଜଣ ଏମ୍‌ପିଙ୍କୁ ମନୋନିତ କରିଛନ୍ତି। ସେମାନଙ୍କ ମଧ୍ୟରେ ଓଡିଶାର କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ସ୍ଥାନ ପାଇଛନ୍ତି। ଏହି ସମ୍ମିଳନୀ ପାଇଁ ମନୋନୀତ ହୋଇଥିବାରୁ ସେ ବାଚସ୍ପତିଙ୍କୁ ସାଧୁବାଦ ଜଣାଇଛନ୍ତି।

■ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଘଟଣା

ଦୋଷ ସ୍ୱୀକାର କଲେ ଯୁବକ

■ ୨୦ ଲକ୍ଷ କ୍ଷତିପୂରଣ ଦାବିରେ ରାସ୍ତାରୋକୋ
■ ଫାଶୀ ଦେବା ଲାଗି ଦାବି

ଫୁଲବାଣୀ ଅଫିସ/କୋଟଗଡ, ୨୩।୯

କନ୍ଧମାଳ ଜିଲା କୋଟଗଡ ଥାନା ଅଞ୍ଚଳରେ ଜଣେ ୯ ବର୍ଷର ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଘଟଣାରେ ସମ୍ପୃକ୍ତ ଯୁବକ ପୋଲିସ ପାଖରେ ରବିବାର ଦୋଷ ସ୍ୱୀକାର କରିଛନ୍ତି। ପ୍ରଥମେ ଚକୋଲେଟ ଦେଇ ଭୁଲାଇ ନେବା ପରେ ବଳାତ୍କାର କରିବା ଏବଂ ଧରା ପଡିଯିବା ଭୟରେ ନାବାଳିକାଙ୍କ ତଣ୍ଟିଚିପି ହତ୍ୟା କରିଥିଲେ ବୋଲି ପୋଲିସ ଆଗରେ ପ୍ରକାଶ କରିଛନ୍ତି। ରବିବାର ସାଇଣ୍ଟିଫିକ ଟିମ୍ ଏବଂ ଡଗ୍ ସ୍କ୍ୱାଡ୍ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ଅପରପକ୍ଷେ ମୃତ ନାବାଳିକାଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ୨୦ ଘଣ୍ଟା ଧରି କୋଟଗଡ ମୁଖ୍ୟରାସ୍ତା ଅବରୋଧ କରିଥିଲେ। ଏଥିସହ ବଳାତ୍କାର କରିଥିବା ଯୁବକଙ୍କୁ ତୁରନ୍ତ ଫାଶୀ ଦେବା ପାଇଁ ଲୋକେ ଅଡି ବସିଛନ୍ତି। ଉକ୍ତ ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ନାବାଳିକାର ପରିବାର ପ୍ରତି ସମବେଦନା ଜଣାଇବା ସହ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୫ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି।

ଏହି ଘଟଣାରେ ଗିରଫ ହୋଇଥିବା ଗଗନ ପ୍ରଧାନ ପୋଲିସକୁ କହିଛନ୍ତି, ସେ ନାବାଳିକାଙ୍କୁ ୨ ଥର ବଳାତ୍କାର କରିଛନ୍ତି। ଏହା ପରେ କାଳେ ନାବାଳିକା ଘଟଣା ବିଷୟରେ ଘର ଲୋକଙ୍କୁ କହି ଦେବେ ସେହି ଭୟରେ ତଣ୍ଟିଚିପି ମାରି ଦେଇଥିଲେ। ପୋଲିସ ନାବାଳିକାଙ୍କ ମୃତଦେହ ବ୍ୟବଚ୍ଛେଦ ଏବଂ ଗଗନଙ୍କୁ ଡାକ୍ତରୀମାଇନା ପାଇଁ ବ୍ରହ୍ମପୁର ବଡ ମେଡିକାଲ ପଠାଇଛି। ପ୍ରଶାସନ ପକ୍ଷରୁ ମୃତକଙ୍କ ପରିବାରକୁ ରେଡ୍‌କ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ୨୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦାବିରେ ଦୀର୍ଘ ସମୟ ଧରି ରାସ୍ତାରୋକୋ ଯୋଗୁ କୋଟଗଡରୁ ବାଲିଗୁଡା, ମୁନିଗୁଡା, ଭବାନୀପାଟଣା ଓ ରାୟଗଡାକୁ ଗାଡି ଚଳାଚଳ ବନ୍ଦ ରହିଥିଲା। ଏ ନେଇ ବାଲିଗୁଡା ଏସ୍‌ଡିପିଓ ନୀତିନ୍ କୁଶଲକର ଦାଗୁଡୁ କହିଛନ୍ତି, ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ଦାବି କରୁଛନ୍ତି। ମୁଖ୍ୟମନ୍ତ୍ରୀ ସହାୟତା ରାଶି ଘୋଷଣା କରିଛନ୍ତି। ଆଇନ ଅନୁସାରେ ଦୋଷୀ ଉପଯୁକ୍ତ ଦଣ୍ଡ ପାଇବେ ବୋଲି କହିଛନ୍ତି।

ଏସ୍‌ସିବିରେ ୧୦୧ ଡେଙ୍ଗୁ ରୋଗୀ

ଆଖି ବୁଜିଲେ ଆଉ ଜଣେ ରୋଗୀ

କଟକ ଅଫିସ, ୨୩।୯

ରାଜ୍ୟରେ ଡେଙ୍ଗୁ କାୟା ବିସ୍ତାର କରି ଚାଲିଛି। ଦିନକୁ ଦିନ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଥିବାବେଳେ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ଆଉଜଣେ ଡେଙ୍ଗୁ ରୋଗୀ ଆଖି ବୁଜିଛନ୍ତି। ମୃତ ଯୁବକ ହେଲେ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅଞ୍ଚଳର ସୌମ୍ୟରଞ୍ଜନ ନାୟକ (୧୮)। ସେ ଗତ ୨୦ ତାରିଖରେ ଚିକିତ୍ସା ପାଇଁ ଏସ୍‌ସିବିକୁ ଆସିଥିଲେ। ତାଙ୍କୁ ଆଇସିୟୁରେ ରଖି ଚିକିତ୍ସା କରାଯାଉଥିଲା। ରବିବାର ପୂର୍ବାହ୍ନ ୧୦ଟାରେ ତାଙ୍କର ମୃତ୍ୟୁ ଘଟିଛି। ତେବେ ଏହାକୁ ମିଶାଇ ଏସ୍‌ସିବିରେ ଡେଙ୍ଗୁ ରୋଗୀଙ୍କ ମୃତ୍ୟୁ ସଂଖ୍ୟା ୫ରେ ପହଞ୍ଚିଛି। ପୂର୍ବରୁ ଏଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିମାନେ ହେଉଛନ୍ତି ରାୟଗଡ଼ା ଉପକାରାଗାରର ବିଚାରାଧୀନ କଏଦୀ ରବୀନ୍ଦ୍ର ନାୟକ, କଟକ ଜିଲା ଟାଙ୍ଗୀ ବ୍ଲକ ଅଞ୍ଚଳର ପ୍ରତିମା ସ୍ୱାଇଁ, କେନ୍ଦୁଝର ଜିଲାର ତ୍ରୈଲୋକ୍ୟ ବାରିକ ଓ ପୁରୀ ଜିଲାର ପ୍ରଶାନ୍ତ ମହାରଣା।

ଅନ୍ୟପକ୍ଷରେ ରବିବାର ସନ୍ଧ୍ୟା ସୁଦ୍ଧା ଏସ୍‌ସିବି ମେଡିକାଲରେ ୧୦୧ଜଣ ଡେଙ୍ଗୁ ରୋଗୀ ଚିକିତ୍ସାଧୀନ ଅଛନ୍ତି। ସେମାନଙ୍କ ମଧ୍ୟରୁ ୮୬ଜଣ ରୋଗୀ ୱାର୍ଡରେ ଚିକିତ୍ସିତ ହେଉଥିବାବେଳେ ୧୭ ଜଣ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ସେହିଭଳି ୭୨ ଜଣ ରୋଗୀଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିଲା। ସେଥିରୁ ୧୭ ନମୁନାରେ ଡେଙ୍ଗୁ ପଜିଟିଭ ଚିହ୍ନଟ ହୋଇଛି। ଏଥିରେ କଟକରୁ ୪, ଜଗତ୍‌ସିଂହପୁର ୪, କେନ୍ଦ୍ରାପଡ଼ା ୬, ନୟାଗଡ଼ ୨ ଓ ଯାଜପୁରର ଜଣେ ରୋଗୀ ରହିଛନ୍ତି।

ଭଗବାନଙ୍କ ନାମ ଜପ କଲେ, ମନ ଯେ କେବଳ ଏକାଗ୍ର ହେବ, ତାହା ନୁହେଁ। ମନ ଭିତରେ ନିର୍ମଳ, ପବିତ୍ର ଓ ଶୁଦ୍ଧ ହୋଇଯାଏ।
-ରମଣ ମହର୍ଷି

ସଂକ୍ଷେପରେ

ଚୁଆରେ ପଡ଼ି ଯୁବକଙ୍କ ମୃତ୍ୟୁ

ଆଠଗଡ଼,୨୩।୯(ସ୍ୱ.ପ୍ର.): ଗାଧୋଇବାକୁ ଯାଇଥିବାବେଳେ ଚୁଆରେ ପଡ଼ି ଆଠଗଡ଼ ଥାନା କୋରଙ୍ଗା ଗ୍ରାମର ଜଣେ ଯୁବକଙ୍କ ରବିବାର ଅପରାହ୍ନରେ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଗ୍ରାମର ଗନ୍ଧର୍ବ ଦେହୁରୀଙ୍କ ଏକମାତ୍ର ପୁଅ ଜ୍ଞାନରଞ୍ଜନ ଦେହୁରୀ(୧୮)। ଜ୍ଞାନରଞ୍ଜନ ଗାଧୋଇକି ଆସିବା ପରେ ତାଙ୍କ ଭଉଣୀ ଘରକୁ ଖୁଦୁରୁକୁଣୀ ଭାର ନେଇ ଯିବାର ଥିଲା। ମାତ୍ର ଗାଧୋଇକି ଫେରିବାରେ ଡେରି ହେବାରୁ ପରିବାର ଲୋକେ ବ୍ୟସ୍ତହୋଇ ଖୋଜିବା ଆରମ୍ଭ କରିଥିଲେ। ଏହି ସମୟରେ ସେ ଗ୍ରାମ ନିକଟ ଚୁଆରେ ଭାସୁଥିବା ଦେଖିବାକୁ ପାଇଥିଲେ। ପରେ ତାଙ୍କୁ ଗ୍ରାମବାସୀଙ୍କ ସହାୟତାରେ ଉଦ୍ଧାର କରାଯାଇ ଆଠଗଡ଼ ଉପଖଣ୍ଡ ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆଠଗଡ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ନଂ-୩୮/୧୮ ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ମଙ୍ଗଳା ମନ୍ଦିରର ବିଗ୍ରହ ପ୍ରତିଷ୍ଠା ଉତ୍ସବ

ମାହାଙ୍ଗା,୨୩।୯(ସ୍ୱ.ପ୍ର.): ମାହାଙ୍ଗା ବ୍ଲକ ମୂଳବସନ୍ତ ପଞ୍ଚାୟତସ୍ଥିତ ଧର୍ମଦାସପୁର ଗ୍ରାମରେ ମା' ମଙ୍ଗଳା ମନ୍ଦିରର ବିଗ୍ରହ ପ୍ରତିଷ୍ଠା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଳସ ଶୋଭାଯାତ୍ରା ସହ ହୋମଯଜ୍ଞ, ଭଜନ କୀର୍ତ୍ତନ କାର୍ଯ୍ୟକ୍ରମ ହୋଇଥିଲା। ବିଶିଷ୍ଟ ପଣ୍ଡିତମାନେ ଯୋଗଦେଇ ବେଦପାଠ କରିବା ସହ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। କର୍ତ୍ତାଭାବେ ଶତ୍ରୁଘ୍ନ ସାହୁ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ମୁଖ୍ୟ ପୂଜକଭାବେ ପଣ୍ଡିତ ବଂଶାଧର ମିଶ୍ର ଯୋଗ ଦେଇଥିଲେ। ପ୍ରତ୍ୟୁଷରୁ ବିରୂପା ନଦୀ ଶନିଘାଟରୁ ଜଳବରଣି କରାଯାଇ ଯଜ୍ଞସ୍ଥଳରେ ଘଟସ୍ଥାପନ କରାଯାଇଥିଲା। ବିଧି ଅନୁଯାୟୀ ପୂଜା ପାଠ କରାଯିବା ପରେ ମନ୍ଦିରରେ ମା' ମଙ୍ଗଳାଙ୍କ ବିଗ୍ରହ ସ୍ଥାପନ କରାଯାଇଥିଲା। ଉତ୍ସବରେ ସ୍ଥାନୀୟ ଗ୍ରାମବାସୀ ସହଯୋଗ କରିଥିଲେ।

ମାଗଣା କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର ଉଦ୍‌ଘାଟିତ

ଆଠଗଡ଼,୨୩।୯(ସ୍ୱ.ପ୍ର.): ଆଠଗଡ଼ ଏନଏସି ଅଧୀନ କନ୍ତୋଲ ନୋଡାଲ ସ୍କୁଲ ନିକଟରେ ଏନଆଇଆଇଟି ଫାଉଣ୍ଡେଶନ ଓ ଏଟିସି ଇଣ୍ଡିଆ ନାମକ ଘରୋଇ ସଂସ୍ଥା ପକ୍ଷରୁ ଏକ ମାଗଣା କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମଣ୍ଡଳ ମୁଖ୍ୟ ଅଭିଜିତ୍ ମୁଖାର୍ଜୀ ସଭାପତିତ୍ୱ କରିଥିଲେ। ଆଠଗଡ଼ ଏସଡିପିଓ ପ୍ରକାଶ ଚନ୍ଦ୍ର ପାଲ ମୁଖ୍ୟଅତିଥି, ଏନଏସି ନଗରପାଳ ସୁଚିତ୍ରା ସାହୁ, ପୂର୍ବତନ ଉପନଗରପାଳ ଲଳିତ ମୋହନ ନାୟକ, କାଉନସିଲର ପ୍ରକାଶ ଚନ୍ଦ୍ର ବେହେରା, ସମ୍ମିତା ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କେନ୍ଦ୍ର ସଞ୍ଚାଳିକା ସ୍ନେହଲତା ନାଏକ, ପ୍ରଶାନ୍ତ ମହାନ୍ତି, ଆରାଧନା ମହାପାତ୍ର, ଦୀପ୍ତି ନନ୍ଦ ଓ ସଞ୍ଜୀବ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ପାଇଲଟ ଗାଡ଼ିକୁ ଧକ୍କା ଦେଇଥିବା ଟ୍ରକ୍ ଚାଳକ ଗିରଫ

ଆଠଗଡ଼,୨୩।୯(ସ୍ୱ.ପ୍ର.): ଆଠଗଡ଼ ଥାନା ଭୁବନେଶ୍ୱର-ବଡ଼କେରା ରାଜ୍ୟ ରାଜପଥର ବନଖଣ୍ଡି ଗ୍ରାମ ନିକଟରେ ଶନିବାର କଟକ ପୋଲିସ ପାଇଲଟ ଗାଡିକୁ ଧକ୍କା ଦେଇଥିବା ଟ୍ରକ ଚାଳକ ନିର୍ମଳ ସାହୁ(୩୮)ଙ୍କୁ ରବିବାର ଆଠଗଡ଼ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଚାଳକଙ୍କ ଘର ଢେଙ୍କାନାଳ ସଦର ଥାନା କୋଟପାଳ ଗ୍ରାମରେ ବୋଲି ଜଣାପଡିଛି। ଏ ନେଇ ଥାନାରେ ଏକ ମାମଲା (ନଂ-୨୦୧/୧୮)ରୁଜୁ ହୋଇଛି। ସୂଚନାଯୋଗ୍ୟ, ଶନିବାର ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନାଙ୍କୁ ଢେଙ୍କାନାଳ ସୀମାନ୍ତରୁ ଆଣିବାକୁ କଟକରୁ ଯାଉଥିବା ପାଇଲଟ ଗାଡ଼ିକୁ ବନଖଣ୍ଡି ନିକଟରେ ଏକ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ପାଇଲଟ ଗାଡ଼ିରେ ଥିବା ୩ଜଣ ମହିଳା ପୋଲିସ କର୍ମଚାରୀ ଆହତ ହୋଇଥିଲେ।

ଏଥର ପ୍ରଦୂଷଣମୁକ୍ତ ଦଶହରା

ଭୁବନେଶ୍ୱର ୨୩।୯(ବ୍ୟୁରୋ)

ଶାନ୍ତି କମିଟି ବୈଠକରେ ନିଆଗଲା ନିଷ୍ପତ୍ତି

- ପଲିଥିନ୍, ପ୍ଲାଷ୍ଟିକ୍ ବ୍ୟବହାର ଉପରେ ରୋକ୍ ଲାଗିବ
- ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ନିଆଯିବ ପଦକ୍ଷେପ
- ବୟସ୍କ, ଭିନ୍ନକ୍ଷମଙ୍କ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

ଭୁବନେଶ୍ୱରରେ ଏଥର ଦଶହରା ପର୍ବକୁ ପ୍ରଦୂଷଣମୁକ୍ତ କରାଯିବ। ସହରରେ ବଢୁଥିବା ପ୍ରଦୂଷଣକୁ ଦୃଷ୍ଟିରେ ରଖି ଚଳିତବର୍ଷ ପୂଜାକୁ ଶବ୍ଦ ଓ ବାୟୁ ପ୍ରଦୂଷଣରୁ ମୁକ୍ତ ରଖିବାକୁ ପ୍ରଚେଷ୍ଟା କରାଯିବ। ସମସ୍ତ ପୂଜା କମିଟି ଯେପରି ଏଥିରେ ସହଯୋଗ କରିବେ ସେଥିପ୍ରତି ପ୍ରାଥମିକତା ଦିଆଯିବ। କେବଳ ଏତିକି ନୁହେଁ, ଅଯଥା ଶକ୍ତି ଅପଚୟ ନ କରିବା ଉପରେ ମଧ୍ୟ ପୂଜା ମଣ୍ଡପଗୁଡିକ ଗୁରୁତ୍ୱ ଦେବେ। ଆସନ୍ତା ଅକ୍ଟୋବର ୨ରୁ ରାଜ୍ୟ ସରକାର ପ୍ଲାଷ୍ଟିକ୍ ଉପରେ ରୋକ୍ ଲଗାଇବାକୁ ଘୋଷଣା କରିଥିବାବେଳେ ଚଳିତପୂଜା କିଭଳି ପ୍ଲାଷ୍ଟିକ୍ ଓ ପଲିଥିନ୍‌ମୁକ୍ତ ହୋଇପାରିବ ସେଥିପ୍ରତି ମଧ୍ୟ ସର୍ବାଧିକ ଗୁରୁତ୍ୱ ଦିଆଯିବ। ବୟସ୍କ ଓ ଭିନ୍ନକ୍ଷମମାନଙ୍କ ପାଇଁ ପ୍ରତି ପୂଜାମଣ୍ଡପ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରିବେ। ମୋଟାମୋଟି ଭାବେ ୨୦୧୮ ଦୁର୍ଗାପୂଜା କିଭଳି ଶାନ୍ତିଶୃଙ୍ଖଳାର ଶେଷହେବ ସେଥିଲାଗି ପୂଜାମଣ୍ଡପଗୁଡିକ ସମସ୍ତ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଛି। ରାଜଧାନୀ ଶାନ୍ତି କମିଟି ପକ୍ଷରୁ ରବିବାର ଚନ୍ଦ୍ରଶେଖରପୁରରେ ଅନୁଷ୍ଠିତ ପ୍ରଥମ ଶାନ୍ତି କମିଟି ବୈଠକରେ ଏନେଇ ନିଷ୍ପତ୍ତି ନିଆଯାଇଛି।

ନିଷ୍ପତ୍ତି ଅନୁସାରେ, ଶବ୍ଦ ପ୍ରଦୂଷଣ ରୋକିବାକୁ ଚଳିତବର୍ଷ ପ୍ରତି ପୂଜାମଣ୍ଡପ ଏକ ନିର୍ଦ୍ଦିଷ୍ଟ ପରିସୀମା ମଧ୍ୟରେ ମାଇକ୍ରୋଫୋନ୍ ଓ ସାଉଣ୍ଡ୍ ସିଷ୍ଟମ ବ୍ୟବହାର କରିବେ। ମାଇକ୍ରୋଫୋନ୍‌ରେ କେବଳ ଶ୍ଳୋକାବୃତ୍ତି, ଚଣ୍ଡିପାଠ, ଗୀତାପାଠ ଓ ଅନ୍ୟାନ୍ୟ ପୂଜାକର୍ମ କରିବେ। ମେଲୋଡି ଓ ଭଜନ ସମାରୋହରେ କେବଳ ସାଉଣ୍ଡ୍ ବକ୍ସ ଆଇନ୍ ଅନୁମୋଦନ ଅନୁଯାୟୀ ବ୍ୟବହାର କରାଯିବ। ଗୀତ ବଜାଇବାବେଳେ ଯେପରି ସ୍ଥାନୀୟ ଲୋକ ହଇରାଣ ହେବେନି ସେଥିପାଇଁ ଭଲ୍ୟୁମ୍‌ର ଏକ ନିର୍ଦ୍ଦିଷ୍ଟ ଲିମିଟ୍ ରହିବ। ଭସାଣି ବେଳେ ଡିଜେ ଓ ଧୁମ୍‌ଧଡାକ ଗୀତ ପରିବର୍ତ୍ତେ ପାରମ୍ପରିକ ବାଦ୍ୟର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯିବ। ସେହିଭଳି ମା' ଦୁର୍ଗାଙ୍କ ମୃଣ୍ମୟ ମୂର୍ତ୍ତିରେ ରାସାୟନିକ ରଙ୍ଗର ବ୍ୟବହାର ନ କରିବାକୁ ମଣ୍ଡପ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯିବ। ମଣ୍ଡପରେ ପଲିଥିନ୍ ଓ ପାଉଚ୍ ପାଣି ବର୍ଜନ କରିବାକୁ ଭୁବନେଶ୍ୱରର ସମସ୍ତ ପୂଜାମଣ୍ଡପ ସମ୍ମତି ପ୍ରଦାନ କରିଥିବାବେଳେ ସାଧାରଣ ଲୋକଙ୍କୁ ଏଥିପ୍ରତି ସଚେତନ କରିବାକୁ ପୂଜାମଣ୍ଡପ ବାହାରେ ରାଜଧାନୀ ଶାନ୍ତି କମିଟି ପକ୍ଷରୁ ସ୍ୱତନ୍ତ୍ର ଫ୍ଲେକ୍ସ ଲଗାଯିବ।

ଅନ୍ୟପକ୍ଷରେ ସମସ୍ତ ମଣ୍ଡପରେ ଗାଇଡ୍‌ଲାଇନ୍ ଅନୁଯାୟୀ ଅଗ୍ନି ନିର୍ବାପକ ସାମଗ୍ରୀ ରହିବ। ସାଧାରଣ ଲୋକ ତଥା ଶ୍ରଦ୍ଧାଳୁଙ୍କ ପାଇଁ ପାନୀୟଜଳ ଏବଂ ଫାଷ୍ଟ୍‌ଏଡ୍ ବ୍ୟବସ୍ଥା ରହିବ। ପୂଜା ସମୟରେ ବରିଷ୍ଠ ନାଗରିକ, ମହିଳା ଓ ଭିନ୍ନକ୍ଷମମାନେ ଯେପରି ସୁବିଧାରେ ମଣ୍ଡପରେ ପ୍ରବେଶ କରିବେ ଓ ଦର୍ଶନ କରିବେ ସେଥିଲାଗି ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରିବେ। ମିଳିତ ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବାକୁ ପୂଜାମଣ୍ଡପଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି କୌଣସି ସମସ୍ୟା ଉପୁଜେ ତା'ହେଲେ ଶାନ୍ତି କମିଟି କର୍ମକର୍ତ୍ତା ମଣ୍ଡପକୁ ଯାଇ ତାହାର ସମାଧାନ କରିବେ ବୋଲି ବୈଠକରେ କୁହାଯାଇଛି।

ଶାନ୍ତି କମିଟି ସଭାପତି ମଧୁମାଧବ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଉପସଭାପତି ସିଦ୍ଧାର୍ଥ ଦାସ, ସମ୍ପାଦକ ନବକିଶୋର ବେହେରା, ଶଶିଭୂଷଣ ବେହେରା, ସୁର ରାଉତରାୟ, ଭାରତୀ ଚକ୍ର, ଡ. ଆଲୋକ ଲୋଧା, ସୁବାସ ଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଖୁବ୍‌ଶୀଘ୍ର ପରବର୍ତ୍ତୀ ବୈଠକ କରାଯାଇ ପ୍ରଶାସନ ସହ ପୂଜା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯିବ ବୋଲି କୁହାଯାଇଛି।

ଅକ୍ଟୋବର ୨୦ରେ ମିଳିତ ଭସାଣି

ଭୁବନେଶ୍ୱରର ସମସ୍ତ ଦୁର୍ଗାପୂଜା କମିଟିର ସଦସ୍ୟ ଓ ଆଖପାଖ ଅଞ୍ଚଳର ବରିଷ୍ଠ ନାଗରିକ ତଥା ମୁରବିମାନଙ୍କୁ ନେଇ ଆୟୋଜିତ ଶାନ୍ତି କମିଟି ବୈଠକରେ ଚଳିତ ବର୍ଷ ପୂଜାକୁ ସମନ୍ୱୟ ରକ୍ଷାପୂର୍ବକ ମହାଆଡମ୍ବରରେ ପାଳନ କରିବାକୁ ପରାମର୍ଶ ଦିଆଯାଇଛି। ଚଳିତବର୍ଷ ଅକ୍ଟୋବର ୧୫ରେ ବିଲ୍ୱାଧିବାସ ପୂଜାପରେ ୨୦ରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ୨ରୁ ପୀଠରେ ଷୋଳପୂଜା ଏବଂ ୯ ତାରିଖରୁ ନବରାତ୍ର ପୂଜା ଆରମ୍ଭ ହେବ।

ବାଜପେୟୀଙ୍କ ସ୍ମୃତିରେ କାବ୍ୟାଞ୍ଜଳି ସଭା

ଆଠଗଡ଼,୨୩।୯(ସ୍ୱ.ପ୍ର.)

ଅଟଳ ବିହାରୀ ବାଜପେୟୀଙ୍କ ଦେହାବସାନର ଏକମାସ ପୂର୍ତ୍ତିଅବସରରେ ଆଠଗଡ଼ସ୍ଥିତ ମହାତ୍ମା ଗାନ୍ଧୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ପରିସରରେ ଏକ କାବ୍ୟାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଭାଜପା ନେତା ପ୍ରଫୁଲ୍ଲ କୁମାର ପରିଡ଼ାଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ସାହିତ୍ୟିକ ତଥା ଭାଜପା ନେତା ବିଭୁତି ଭୂଷଣ ମିଶ୍ର ମୁଖ୍ୟଅତିଥି ଓ ବିଶିଷ୍ଟ ସାହିତ୍ୟିକ ପ୍ରାଧ୍ୟାପକ ଡ. ନାରାୟଣ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଠଗଡ଼ ସାହିତ୍ୟ ସମାଜ ସଭାପତି ଆଇନଜୀବୀ ପ୍ରାଣକୃଷ୍ଣ ଦାଶ, ଫଣିଭୂଷଣ ରଥ, ସନ୍ତୋଷ ପଟ୍ଟନାୟକ ଓ ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ବାଜପେୟୀଙ୍କ ସ୍ମୃତିଚାରଣ କରିଥିଲେ। ଆଠଗଡ଼ ଓକିଲ ସଂଘ ପୂର୍ବତନ ସଭାପତି ଜଗଦାନନ୍ଦ ତ୍ରିପାଠୀ, ଆଇନଜୀବୀ ପ୍ରକାଶ ସେଠୀ ଓ ନଚିକେତା ପରମାଣିକ ପ୍ରମୁଖ ବାଜପେୟୀଙ୍କ କବିତା ସମ୍ପର୍କରେ ଆଲୋକପାତ କରିଥିଲେ। ସଭାରେ ଆଠଗଡ଼ ବୁଦ୍ଧିଜୀବୀ ସଂଘ ସଦସ୍ୟ ଉଦୟନାଥ ଶତପଥୀ, ସର୍ବେଶ୍ୱର ପଣ୍ଡା ଓ ହୃଦାନନ୍ଦ ତ୍ରିପାଠୀ ପ୍ରମୁଖଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ସଂକଳ୍ପ ସଭା

ରଘୁନାଥପୁର, ୨୩।୯(ଡି.ଏନ.ଏ.)

ଚାଷୀଙ୍କୁ ପ୍ରାଇସ, ପ୍ରେଷ୍ଟିଜ ଓ ପେନସନ ଦାବି ନେଇ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଦୀର୍ଘବର୍ଷ ଧରି ସରକାରଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା ସରକାରଙ୍କ ପକ୍ଷରୁ ସାମାନ୍ୟତମ ଆନ୍ତରିକତା ପ୍ରକାଶ ପାଉନାହିଁ। ପେଟ୍ରୋଲ ଓ ଡିଜେଲଠାରୁ ଆରମ୍ଭ କରି ଅତ୍ୟାବଶ୍ୟକ ସାମଗ୍ରୀର ଦର ହୁ ହୁ ହୋଇ ବଢୁଥିବାବେଳେ ରାଜ୍ୟର କୃଷକମାନେ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଆଉ ଗୁହେଁ ଆନ୍ଦୋଳନକୁ ଏକ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚାଇବା ପାଇଁ କୃଷକ ସଙ୍ଗଠନ ପକ୍ଷରୁ ଆସନ୍ତା ଅକ୍ଟୋବର ୨୯ରୁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଚାଷୀମାନେ ପଦଯାତ୍ରାରେ ବାହାରି ନଭେମ୍ବର ୫ରେ ଭୁବନେଶ୍ୱରରେ ପହଞ୍ଚି ସରକାରୀ କଳକୁ ଜାମ କରିବାକୁ ସଙ୍ଗଠନ ପକ୍ଷରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ସଙ୍ଗଠନର ରାଜ୍ୟ ସହ ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ ଓ କର୍ମକର୍ତ୍ତା ଦେବୀ ପ୍ରସାଦ ମହାରଣାଙ୍କ ନେତୃତ୍ୱରେ ଛାମୁଆ ଚାଷୀମାନଙ୍କୁ ନେଇ ରଘୁନାଥପୁର ବ୍ଲକ ଏରଡଙ୍ଗା ପଞ୍ଚାୟତରେ ଏକ ସଂକଳ୍ପ ସଭା ଶନିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହସଂଯୋଜକ ସ୍ୱାଇଁ ଜଣେ ଚାଷୀ ଦୈନ ଦିନ ଜୀବନରେ ନିଜର ପେଟ ଚାଖଣ୍ଡକ ପାଇଁ କିପରି କଳବଳ ହେଉଛି ସେ ସମ୍ପର୍କରେ ସବିଶେଷ ବିବରଣୀ ରଖିଥିଲେ। ପଡିଶା ଘରେ ଥିବା ସରକାରୀ ଚାକିରିଆ ପରିବାର କିମ୍ବା ବ୍ୟବସାୟୀ ପରିବାର ନିଜ ଇଚ୍ଛାନୁଶାରେ ଖାଇ ପିନ୍ଧି ଅୟସ କରୁଥିବାବେଳେ ଚାଷୀ ପରିବାର ନିଜର ଆବେଗକୁ କୋହ ମଧ୍ୟରେ ସୀମିତ ରଖିବା ଛଡା ଉପାୟ ନାହିଁ। ଶେଷରେ ବଳ ହଟି ଗଲେ ଜୀବନରେ ଶେଷ ପାହାଚରେ ଗଣ୍ଡେ ଖାଇବା ଆଉ ଖଣ୍ଡେ ପିନ୍ଧିବା ପାଇଁ ତା' ପାଖରେ ସାମର୍ଥ୍ୟରେ ଅଭାବ ରହିଛି। ସେହିପରି କର୍ମକର୍ତ୍ତା ମହାରଣା ଧାନର ସହାୟକ ମୂଲ୍ୟ ବୃଦ୍ଧି, ସମାଜରେ ଚାଷୀଙ୍କୁ ସ୍ୱତନ୍ତ୍ର ସମ୍ମାନ ଓ ପେନସନ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ମତ ରଖିଥିଲେ। ଏଥିପାଇଁ ସରକାର ସ୍ୱତନ୍ତ୍ର କାରାଗାରର ବ୍ୟବସ୍ଥା କରନ୍ତୁ ବୋଲି ମହାରଣା ଚେତାଇ ଦେଇଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ବହୁ ଚାଷୀ ଉପସ୍ଥିତ ଥିଲେ।

ସରିଲା ଖୁଦୁରୁକୁଣୀ ଓଷା

ବାଙ୍କୀ ଚର୍ଚ୍ଚିକା ସାହି ଓ ଆଠଗଡ଼ ଅଞ୍ଚଳର ହୋଇଥିବା ଖୁଦୁରୁକୁଣୀ ମେଢ଼।

ବାଙ୍କୀ,୨୩।୯(ସ୍ୱ.ପ୍ର.)

ମା'ମଙ୍ଗଳାଙ୍କ ଖୁଦୁରୁକୁଣୀ ଓଷା ରବିବାର ଶେଷ ହୋଇଛି। ପ୍ରଥମ ପାଳିରୁ ଯୁବତୀମାନେ ଉତ୍ସାହ ଓ ଉଦ୍ଦୀପନା ସହ ପୂଜା କରୁଥିବାବେଳେ ଶେଷ ପାଳିରେ ସାଂସ୍କୃତିକ କାର୍ଯ୍ୟକ୍ରମ କରିଛନ୍ତି। ଏଥିପାଇଁ ୨-୩ ଦିନ ପୂର୍ବରୁ ପୂଜା ମଣ୍ଡପରେ ପ୍ରତିଯୋଗିତା ମୂଳକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରତ୍ୟୁଷରୁ ସାଙ୍ଗ ହୋଇ ଫୁଲତୋଳିବା ସହ ପୂଜାଘରେ ଫୁଲ ଗୁଣ୍ଡିଥିଲେ। ପରେ ସମବେତ ହୋଇ ସମସ୍ତ କାର୍ଯ୍ୟ ସମାପନ କରି ସ୍ନାନ କରିବା ସହିତ ବାଲୁକା ସ୍ତୁପ ସ୍ଥାପନକରି ପୂଜାର୍ଚ୍ଚନା କରିଥିଲେ। ଏହାପରେ ବିଭିନ୍ନ ପୂଜା ମଣ୍ଡପରେ ତଅପୋଇ ଚିତ୍ର ଅଙ୍କା ଥିବା ପଟଚିତ୍ର ସହ ମଙ୍ଗଳାଙ୍କ ମାଟି ପ୍ରତିମାକୁ ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟାରେ ସମସ୍ତ ବ୍ରତଧାରୀ ପୂଜାସ୍ଥଳୀ ନିକଟରେ ଖୁଦୁରୁକୁଣୀ ସମ୍ପର୍କିତ କବିତା ପାଠ କରିବା ସହିତ ଦିହୁଡି ଓ ବନ୍ଦାପନା କାର୍ଯ୍ୟ ସମାପ୍ତ କରିଥିଲେ। ପରେ ମଙ୍ଗଳାଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ବାଙ୍କୀ ଉପଖଣ୍ଡର ଗୋପାଳପୁର, ପାଟପୁର, ଭେଡା, ରଗଡି, ଦୁର୍ଗାପୁର, ଶିମିଳିପୁର, ଚକାପଦା, ହରିରାଜପୁର, ଶିଶୁଆ, ବାଉଁଶପୁଟ, ବନ୍ଦାଳ, ତାଳବସ୍ତ୍ର, ସୁବର୍ଣ୍ଣପୁର, ଡମପଡ଼ା, ଭଗିପୁର, ରଜୀବ, ଗୋଳାଗଣ୍ଡ, ବୈଦେଶ୍ୱର, କଳାପଥର, କିଆପଲା, ବେଦପୁର ଓ ବ୍ରହ୍ମପୁରା ଆଦି ଅଞ୍ଚଳରେ ଏହି ଓଷା ପାଳିତ ହେଉଥିବା ବେଳେ ଚର୍ଚ୍ଚିକା ସାହିରେ ଏହାକୁ ଧୁମ୍‌ଧାମ୍‌ରେ ପାଳନ କରାଯାଇଛି।

ଆଠଗଡ଼,(ସ୍ୱ.ପ୍ର.): ଆଠଗଡ଼ ଅଞ୍ଚଳର ପୁରପଲ୍ଲିରେ ଏକ ମାସ ଧରି ଚାଲିଥିବା ଖୁଦୁରୁକୁଣୀ ବ୍ରତ ରବିବାର ଉଦ୍‌ଯାପିତ ହୋଇଛି। ପରମ୍ପରା ଅନୁଯାୟୀ ସକାଳୁ ଯୁବତୀମାନେ ସମବେତ ହୋଇ ନିକଟସ୍ଥ ପୋଖରୀ ବା ନଦୀରେ ସ୍ନାନ ସାରି ବାଲୁକା ପୂଜା କରିଥିଲେ। ସ୍ନାନ ପରେ ପୂଜା ମଣ୍ଡପରେ ମା'ମଙ୍ଗଳାଙ୍କ ମୂର୍ତ୍ତିକୁ ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟାରେ ପୂଜା ମଣ୍ଡପରେ ଆଲୋକ ଓ ତୋରଣ ସଜ୍ଜା ହୋଇଥିଲା। ଯୁବତୀମାନେ ପୂଜା ମଣ୍ଡପରେ ସମବେତ ହୋଇ ଖୁଦୁରୁକୁଣୀ ଓଷା ବ୍ରତ ବା ମା' ମଙ୍ଗଳାଙ୍କ ବହି ପାଠ କରିଥିଲେ। ଶେଷରେ ଝୁଣାରେ ଦୁହୁରୀ ପୂଜା ଓ ବୋଇତ ବନ୍ଦାଣ ପରେ ବ୍ରତ ସମାପନ ହୋଇଥିଲା।

କବାଡ଼ି, ଭଲିବଲ୍ ଟୁର୍ନାମେଣ୍ଟ ପ୍ରତିଯୋଗିତା ପ୍ରସ୍ତୁତି ବୈଠକ

ବାଙ୍କୀ,୨୩।୯(ସ୍ୱ.ପ୍ର.)

ବାଙ୍କୀ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚଳିତ ବର୍ଷ ବାଙ୍କୀ ମହୋତ୍ସବ ଉପଲକ୍ଷେ ନିର୍ବାଚନମଣ୍ଡଳୀସ୍ତରୀୟ ଫୁଟବଲ୍, କବାଡ଼ି ଓ ଭଲିବଲ୍ ଟୁ

ଭଗବାନଙ୍କ ପ୍ରତି ଅଖଣ୍ଡ ବିଶ୍ୱାସରୁ ଯେଉଁ ସୁଖ ମିଳେ, ସେ ସୁଖ ଅନ୍ୟ କେଉଁଠି ମିଳେ ନାହିଁ।

- ଭଲ୍‌ଟାୟାର

ସଂକ୍ଷେପରେ

ହାଟେଶ୍ୱର ଜନକଲ୍ୟାଣ ସମିତିର ବାର୍ଷିକ ଉତ୍ସବ

ଚୌଦ୍ୱାର, ୨୩।୯ (ଡି.ଏନ.ଏ.): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ନଖରା ପଞ୍ଚାୟତ ହାଟେଶ୍ୱର ଜନକଲ୍ୟାଣ ସମିତିର ବାର୍ଷିକ ଉତ୍ସବ ହାଟେଶ୍ୱର ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ନୀଳଚକ୍ର ଅନୁଷ୍ଠାନର ଅଧ୍ୟକ୍ଷା ନମିତା ପଣ୍ଡା, ଅନ୍ୟ ଅତିଥି ଭାବେ ସୁଦୀପ୍ତା ଦାସ, ବାଳକୃଷ୍ଣ ମହାନ୍ତି, ପବିତ୍ର ମୋହନ ଉପାଧ୍ୟାୟ, କିରଣବାଳା ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସମିତି ସମ୍ପାଦକ ଶରତ ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ ଓ ସଭାପତି ବିଚିତ୍ରାନନ୍ଦ ନାୟକ ବିବରଣୀ ପାଠ କରିଥିଲେ। ସିଦ୍ଧେଶ୍ୱର ନାୟକ, ତ୍ରୈଲୋକ୍ୟ ନାଥ ଓଝା ଓ ପ୍ରମୋଦ ଓଝା ଉତ୍ସବ ପରିଚାଳନା କରିଥିଲେ।

ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ଚୌଦ୍ୱାର, ୨୩।୯ (ଡି.ଏନ.ଏ.): ପଣ୍ଡିତ ନୀଳକଣ୍ଠ ଦାସ ସମ୍ମାନପ୍ରାପ୍ତ ଶ୍ରେଷ୍ଠ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କୁ ରବିବାର ବାଣିପଦା ପଞ୍ଚାୟତବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ଥାନୀୟ କଲ୍ୟାଣମଣ୍ଡପ ପରିସରରେ ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ସୁବୁଦ୍ଧିରାୟଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବ୍ଲକ ଅଧ୍ୟକ୍ଷା ଜୟଶ୍ରୀ ପ୍ରଧାନ, ଉପାଧ୍ୟକ୍ଷା ଜାନକୀ ପରିଡା, ଜିଲା ପରିଷଦ ସଭ୍ୟ ଶ୍ରୀଧର ରାଉଲ, ସରୋଜ ପ୍ରଧାନ, ସମିତିସଭ୍ୟା କଳ୍ପନା ରାଉତ ଓ ମୋହନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବାଣିପଦା ଓ ଇନ୍ଦ୍ରାଣୀପାଟଣା ପଞ୍ଚାୟତର ବାର୍ଦ୍ଧକ୍ୟ, ବିଧବା ଓ ଦିବ୍ୟାଙ୍ଗମାନଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ତୀର୍ଥାନନ୍ଦ ସୁବୁଦ୍ଧିରାୟ, ଲକ୍ଷ୍ମଣ ରାଉତ ଓ ମନୋରଞ୍ଜନ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଶୋଭନୀୟ ଶିକ୍ଷାଶ୍ରମର ପ୍ରତିଷ୍ଠା ଦିବସ

କଟକ ଅଫିସ, ୨୩।୯: ଶୋଭନୀୟ ଶିକ୍ଷାଶ୍ରମର ପ୍ରତିଷ୍ଠା ଦିବସ ବିଡାନାସୀ ଶୋଭନୀୟ ନଗରସ୍ଥିତ ଆଦର୍ଶ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର ପରିସରରେ ସମ୍ପାଦିକା ସତ୍ୟଭାମା ଦେବୀଙ୍କ ମାର୍ଗଦର୍ଶନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଓଡିଶା ପ୍ରାଥମିକ ଶିକ୍ଷା ଉପନିର୍ଦ୍ଦେଶକ ଡ. ବିଶ୍ୱଜିତ୍ ଘୋଷ ଯୋଗଦେଇଥିଲେ। ରେବାଦେବୀ ଶୋଭନୀୟ ଶିକ୍ଷାଶ୍ରମର ପ୍ରଧାନଶିକ୍ଷୟିତ୍ରୀ ଡ. ବନଲତା ଦେବୀ ଧନ୍ୟବାଦ ଦେଇଥିଲେ।

ସାଧାରଣ ପରିଷଦ ବୈଠକ

କଟକ ଅଫିସ, ୨୩।୯: ଓଡ଼ିଶା ରାଜ୍ୟ ଅର୍ଥ ନିଗମ କର୍ମଚାରୀ ସମବାୟ ସମିତିର ୩୯ତମ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। କଟକ ଓଏମ୍‌ପିସ୍ଥିତ ନିଗମର ମୁଖ୍ୟ କାର୍ଯ୍ୟାଳୟଠାରେ ଆଲୋକ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମବାୟ ସମିତିର ବହୁ କର୍ମଚାରୀ ଯୋଗଦେଇଥିଲେ। ସମ୍ପାଦକ ବସନ୍ତ କୁମାର ଜେନା ବାର୍ଷିକ ବିବରଣୀ ପାଠ କରି ଗତ ଆର୍ଥିକବର୍ଷର ଲାଭକ୍ଷତି ଉପସ୍ଥାପନ କରିଥିଲେ। ସମିତିର ବରିଷ୍ଠ ସଦସ୍ୟ କାହ୍ନୁଚରଣ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

ସିଏମ୍‌ସିର ଇ-ଲାଇବ୍ରେରି ମିଶନ ଫେଲ୍

କଟକ ଅଫିସ,୨୩।୯

- ସେହି ଅର୍ଥରେ ଅନ୍ୟ ପାଠାଗାର ପାଇଁ କିଣାହେବ ପୁସ୍ତକ
- ୪ ପାଠାଗାରର ସ୍ଥିତିକୁ ନେଇ ବଢ଼ୁଛି ଅସନ୍ତୋଷ
- ପ୍ରଶ୍ନ ଉଠାଇଲେ କର୍ପୋରେଟର

ଦେଶର ଅନ୍ୟ ସହରାଞ୍ଚଳ ଭଳି କଟକ ମହାନଗର ନିଗମ (ସିଏମ୍‌ସି) ନିଜ ଅଞ୍ଚଳରେ ଇ-ଲାଇବ୍ରେରି ସ୍ଥାପନ କରିବାକୁ ଦୁଇବର୍ଷ ତଳେ ଚିନ୍ତା କରିଥିଲା। କାରଣ ଏଥିରେ ପାଠକୀୟ ତଥ୍ୟ ବର୍ଷ ବର୍ଷ ଧରି ସେମିତି ରହିବା ସହ ପାଠକଙ୍କ ପାଇଁ ଏହା ବେଶ୍ ସହଜ ହେବ। ବିଶେଷକରି ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ ଓ ସାଧାରଣ ଗୃହିଣୀ ଘରେ ରହି ଇଣ୍ଟରନେଟ୍ ଜରିଆରେ ଏହି ସୁବିଧା ପାଇପାରିବେ। ଏନେଇ ଘୋଷଣା ପରେ ସେତେବେଳେ ପାଠକଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଥିଲା। ଏଥିପାଇଁ ମଧ୍ୟ ପ୍ରାରମ୍ଭିକ ପର୍ଯ୍ୟାୟରେ ସିଏମ୍‌ସି କିଛିପାଦ ଆଗେଇଥିଲା। ଲୁମିନସ୍ ନାମକ ଏକ ଇ-ଲାଇବ୍ରେରି ସେବା ପ୍ରଦାନକାରୀ କମ୍ପାନୀ ସହ କଥାବାର୍ତ୍ତା ମଧ୍ୟ ସରିଥିଲା। ହେଲେ ଏହି ମିଶନ ଏଯାଏ ସଫଳ ହୋଇପାରିନି। ବ୍ୟୟବହୁଳ ଆଳ ଦେଖାଇ ସିଏମ୍‌ସି ଏହି ଯୋଜନାରୁ ଗୋଡ଼ ଖସାଇବାକୁ ବସିଛି। ନିକଟରେ ବସିଥିବା ସିଏମ୍‌ସି ଏଜୁକେଶନ ଏବଂ କଲ୍‌ଚର ଷ୍ଟାଣ୍ଡିଂ କମିଟି ବୈଠକ ଆଲୋଚନାରୁ ଏହା ସ୍ପଷ୍ଟ ବାରି ହୋଇପଡିଛି।

ମିଳିଥିବା ସୂଚନା ମୁତାବକ, ଇ-ଲାଇବ୍ରେରି ପାଇଁ ପାଖାପାଖି ୨୦ ଲକ୍ଷ ଟଙ୍କା ଆବଶ୍ୟକ। ମାତ୍ର ଏଥିରେ ଏତେ ଟଙ୍କା ଖର୍ଚ୍ଚ କରିବା ଅପେକ୍ଷା ସେଥିରେ ସହରରେ ଥିବା ପାଠାଗାରଗୁଡିକର ସମସ୍ୟା ସମାଧାନ ଓ ପାଠ୍ୟ ଉପକରଣ କିଣିବାକୁ ଉଚିତ ମଣୁଛି ସିଏମ୍‌ସି। ବିଶେଷକରି ଅଧିକ ଡିମାଣ୍ଡ୍ ଥିବା ବହିଗୁଡିକ କିଣିବାକୁ ସ୍ଥିର କରାଯାଇଛି। ବର୍ତ୍ତମାନ ସିଏମ୍‌ସି ଅଧୀନରେ ୪ଟି ପାଠାଗାର ରହିଛି। ତାହା ହେଲା ବିଶ୍ୱନାଥ ପଣ୍ଡିତ ପାଠାଗାର, ଉର୍ଦ୍ଦୁ ପାଠାଗାର, ସ୍ପୋର୍ଟ୍ସ ଲାଇବ୍ରେରୀ ଏବଂ ନୂଆ କରି ସ୍ଥାପନ ହୋଇଥିବା ଗାନ୍ଧୀ ପାଠାଗାର। ବଡ଼ ଦୁର୍ଭାଗ୍ୟର କଥା ଉର୍ଦ୍ଦୁ ଲାଇବ୍ରେରୀ ଜରାଜୀର୍ଣ୍ଣ ଅବସ୍ଥାରେ ତିନି ବର୍ଷ ହେବ ବନ୍ଦ ପଡିଥିବାବେଳେ ନବ ନିର୍ମିତ ଗାନ୍ଧୀ ପାଠାଗାର ସ୍ୱାୟତ୍ତ ଶାସନ ଦିବସରେ ଉଦ୍‌ଘାଟନ ହେବାର କାର୍ଯ୍ୟକ୍ରମ ରହିଥିଲେ ମଧ୍ୟ ହଠାତ୍ ବାତିଲା କରାଗଲା। ତାହା ଆଜି ପର୍ଯ୍ୟନ୍ତ ସେବାରେ ଆସି ନ ଥିବାବେଳେ ବିଶ୍ୱନାଥ ପଣ୍ଡିତ ପାଠାଗାରରେ ଲାଗି ରହିଥିବା ବିଭିନ୍ନ ସମସ୍ୟାକୁ ନେଇ ପାଠକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଛି। ସର୍ବପୁରାତନ ଏହି ପାଠାଗାରର ଜମିକୁ ନେଇ ବିବାଦ ଲାଗି ରହିଥିବାରୁ ଏହାର ଚାରିପାର୍ଶ୍ୱରେ ପାଚେରି ନିର୍ମାଣ ହୋଇପାରିଲା ନାହିଁ। ଫଳରେ ଅଧିକାଂଶ ସମୟରେ ଏଠାକୁ ଆସୁଥିବା ପାଠକଙ୍କ ସାଇକେଲ ଓ ଗାଡି ଚୋରି ହେଉଛି। ମାତ୍ର ସିଏମ୍‌ସି ଏସବୁ ସମସ୍ୟାକୁ ଦୂର ନ କରି ପ୍ରଥମେ ଇ-ଲାଇବ୍ରେରି ଓ ଏବେ ପୁସ୍ତକ କ୍ରୟ ନିଷ୍ପତ୍ତିକୁ ଆଉ ଏକ ପ୍ରହସନ ବୋଲି ପାଠକମାନେ ବିବେଚନା କରୁଛନ୍ତି।

ଏହାକୁ ନେଇ ସିଏମ୍‌ସିର କେତେଜଣ କର୍ପୋରେଟର ମଧ୍ୟ ମୁହଁ ଖୋଲିଛନ୍ତି। କର୍ପୋରେଟର ଚିତ୍ତରଞ୍ଜନ ଦାସ କହିଛନ୍ତି, ସବୁଠାରୁ ଅଧିକ ପାଠକ ଉପକୃତ ହେଉଥିବା ବିଶ୍ୱନାଥ ପଣ୍ଡିତ ପାଠାଗାରରେ ସାଇକେଲ ଷ୍ଟାଣ୍ଡଠାରୁ ଆରମ୍ଭ କରି ଶୌଚାଳୟ, ସିସିଟିଭି ବ୍ୟବସ୍ଥା କରାଯିବା ଦରକାର। ମାତ୍ର ବିଭିନ୍ନ ସମୟରେ ସିଏମ୍‌ସି ନାନା ବାହାନା ଦେଖାଇ ପାଠକମାନଙ୍କୁ ଭୁଆଁ ବୁଲାଉଛନ୍ତି। କର୍ପୋରେଟର ଗିରିବାଳା ବେହେରା କୁହନ୍ତି, ଇ-ଲାଇବ୍ରେରି ଦ୍ୱାରା ସବୁବର୍ଗର ପାଠକ ଉପକୃତ ହୋଇଥାନ୍ତେ। ଏହାକୁ ସିଏମ୍‌ସି ଏବେ ବ୍ୟୟବହୁଳ ଦର୍ଶାଉଛି। କିନ୍ତୁ ସେତେବେଳେ ଏହି ବ୍ୟବସ୍ଥା ନେଇ ବ୍ୟୟ ବରାଦ ନ କରି କିପରି ଘୋଷଣା କରାଗଲା। ଏଭଳି ମିଛ ଯୋଜନା ମାଧ୍ୟମରେ ସିଏମ୍‌ସି ପ୍ରଶଂସା ସାଉଣ୍ଟିବାକୁ ଚେଷ୍ଟା କରିବା ଠିକ୍ ନୁହେଁ ବୋଲି ସେ କହିଛନ୍ତି।

କଟକ ପେଟିନ ସାହିରୁ ଶ୍ରୀ ଶ୍ରୀ ଷୋଳପୁଅ ମା' ଠାକୁରାଣୀ ଘଟକୁ ଆବାହନ କରାଯାଇ ରାଣୀହାଟ କେନାଲ ରୋଡସ୍ଥିତ ପୂଜା ମଣ୍ଡପକୁ ଶୋଭାଯାତ୍ରାରେ ନିଆଯାଉଛି।

କଟକ ଡଗରପଡ଼ାସ୍ଥିତ ସ୍ୱାମୀ ବିଚିତ୍ରାନନ୍ଦ କଲ୍ୟାଣ ଆଶ୍ରମରେ ଅନୁଷ୍ଠିତ କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମରେ ଗାୟତ୍ରୀ ମହାନ୍ତି କର୍କଟ ରୋଗ ସମ୍ପର୍କରେ ସୂଚନା ଦେଉଛନ୍ତି।

ରାସ୍ତା ଉପରକୁ ମାଡ଼ି ଆସିଛି ଡାଳ: ଯାତାୟାତରେ ସମସ୍ୟା

କଟକ ସଦର, ୨୩।୯ (ଡି.ଏନ.ଏ.)

କଟକ-ପାରାଦୀପ ରାସ୍ତାପାର୍ଶ୍ୱରେ ଭୁବନେଶ୍ୱର ଜଙ୍ଗଲ ବିଭାଗ ପକ୍ଷରୁ ୫ ବର୍ଷ ତଳେ ବୃକ୍ଷରୋପଣ କରାଯାଇଥିଲା। ଇତିମଧ୍ୟରେ ଗଛଗୁଡିକ ବଡ ହୋଇଯିବା ପରେ ଏହାର ଡାଳ ରାସ୍ତା ଉପରକୁ ମାଡିଆସିଛି। ଫଳରେ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ବିଶେଷକରି ଗତିରାଉତପାଟଣା, ଦେଓପୁର, କମରପଦା, କମାପୁର, ଅଲାରପୁର ଓ ଅର୍ଚ୍ଚଳ ଆଦି ସ୍ଥାନର ରାସ୍ତା ଉପରେ ଗଛଡାଳ ମାଡି ଆସିଥିବାରୁ ଗାଡିଗୁଡିକ ଅତିକ୍ରମ କରିବା ପାଇଁ ସମସ୍ୟା ହେଉଛି। ଖାଲି ଏତିକି ନୁହେଁ ବାଇକ୍ ଓ ସାଇକେଲ ଆରୋହୀ ମଧ୍ୟ ଅନେକ ସମୟରେ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ବର୍ଷାଦିନେ ଗଛର ଡାଳକୁ ସାମାନ୍ୟ କାଟି ଦିଆଗଲେ ବର୍ଷାପବନ ଆସିଲେ ରାସ୍ତାରେ ଯାତାୟାତ ବନ୍ଦ ହୋଇଯାଉଛି। କାରଣ ଗଛ ଜୋରରେ ହଲିବା ଦ୍ୱାରା ଡାଳ ରାସ୍ତାର ମଧ୍ୟ ଭାଗକୁ ଚାଲି ଆସୁଥିବା ଦେଖାଯାଉଛି। ସେଥିପାଇଁ ବାଇକ୍ ଆରୋହୀମାନେ ବେଶି ଭୟଭୀତ ହୋଇପଡୁଛନ୍ତି। ଜଙ୍ଗଲ ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି। ଆଉ ଏଭଳି ସମସ୍ୟା ହୁଅନ୍ତା ନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି।

ଡ. ହରେକୃଷ୍ଣ ମହତାବଙ୍କ ଉପରେ ଆଲୋଚନା

କଟକ ଅଫିସ, ୨୩।୯

ସମନ୍ୱୟ ଅନୁଷ୍ଠାନ ପକ୍ଷରୁ ଫୁଲନଖରା ତେଲେଙ୍ଗାପେଣ୍ଠସ୍ଥିତ ଅନନ୍ତବଳିଆ ସେବାଶ୍ରମ ପରିସରରେ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ଉପରେ ଏକ ଆଲୋଚନାସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ସାହିତ୍ୟିକ ଦୁଃଖିଶ୍ୟାମ ଦାସ ସଭାପତିତ୍ୱ କରିଥିବାବେଳେ ସାଧାରଣ ସମ୍ପାଦକ ଇଂ. ଅବିନାଶ ପରିଡ଼ା ପ୍ରାରମ୍ଭିକ ଭାଷଣ ଦେଇଥିଲେ। ସାମାଜିକ କର୍ମୀ ପୀତବାସ ମହାପାତ୍ର ସ୍ୱାଗତ ଭାଷଣ ଓ କଣ୍ଠଶିଳ୍ପୀ ଦିନେଶ ଯୋଶୀ ଭକ୍ତି ସଙ୍ଗୀତ ଗାନ କରିଥିଲେ। ଡ. ହରେକୃଷ୍ଣ ମହତାବଙ୍କ ସାମଗ୍ରିକ କୃତି ଉପରେ ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ଦ୍ୱାରା ଲିଖିତ ପ୍ରବନ୍ଧ ପାଠ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଦୁର୍ଗା ପ୍ରସନ୍ନ ନନ୍ଦ, ପ୍ରଶାନ୍ତ ଦାସ, କବୀର ଜେନା, ଆଲୋକ ପଣ୍ଡା, ସତ୍ୟନାରାୟଣ ନନ୍ଦ, କିଶୋର ସ୍ୱାଇଁ ଯୋଗଦେଇଥିଲେ। ରଶ୍ମିରେଖା ଦାସଙ୍କ ସଂଯୋଜନାରେ ଇଂ. ପ୍ରଦୀପ୍ତ ମହାପାତ୍ର, କମଲ ଅଗ୍ରୱାଲା, ରବୀନ୍ଦ୍ରନାଥ ପଣ୍ଡା, ଅଧ୍ୟାପକ ଅଶୋକ ବାରିକ, ସସ୍ମିତା ଜେନା, ଆଶୁତୋଷ ଦାସ, ଅଶୋକ ଦଳାଇ, ଦେବେନ୍ଦ୍ର ପଟ୍ଟନାୟକ ଓ କାମିନୀକାନ୍ତ ମହାନ୍ତି କବିତା ପାଠ କରିଥିଲେ। ଦେବେନ୍ଦ୍ର ପରିଡ଼ା ଧନ୍ୟବାଦ ଦେଇଥିଲେ।

ଇପ୍‌ସାର କଲେଜରେ ଜାତୀୟସ୍ତରୀୟ ଆଲୋଚନାଚକ୍ର

କଟକ ଅଫିସ, ୨୩।୯

ସିଡିଏସ୍ଥିତ ଇପ୍‌ସାର ମହାବିଦ୍ୟାଳୟରେ ମ୍ୟାନେଜମେଣ୍ଟ ଶିକ୍ଷା ବିଭାଗ ଦ୍ୱାରା ବ୍ରାଣ୍ଡ ବିଷୟବସ୍ତୁ ଆଧାରିତ ଏକ ଜାତୀୟସ୍ତରୀୟ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡା. ଜେ.କେ. ମିଶ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଅଲ ଇଣ୍ଡିଆ ରେଡିଓ (ପ୍ରଚାର ଓ ଟ୍ରେନିଂ) ବିଭାଗର ପୂର୍ବତନ ଅଧ୍ୟକ୍ଷ ଡା. ଦୀପକ ସାମନ୍ତରାୟ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଆମେରିକାର ପ୍ରତିଷ୍ଠିତ କମ୍ପାନୀ ଏମରସନ୍ ଭାରତ ବ୍ୟବସାୟିକ ମୁଖ୍ୟ ସମ୍ବିତ ଶତପଥୀ ଯୋଗଦେଇ କହିଥିଲେ, ଉତ୍ପାଦିତ ଦ୍ରବ୍ୟର ଠିକ୍ ବ୍ରାଣ୍ଡ କରାଯାଇ ପାରିଲେ ଏହା ବ୍ୟବସାୟିକ ସଫଳତା ହାସଲ କରିପାରିବ। ଭାରତରେ ଦ୍ରୁତ ଶିଳ୍ପାୟନ ବୃଦ୍ଧି ହେବାରେ ଲାଗିଛି। ନୂତନ ଶିଳ୍ପାନୁଷ୍ଠାନଗୁଡିକ ନିଜର ଉତ୍ପାଦିତ ଦ୍ରବ୍ୟର ଠିକ୍ ବ୍ରାଣ୍ଡ ଓ ମାର୍କେଟିଂ କରିପାରିଲେ ଏହା ବିଶ୍ୱ ବଜାରରେ ଆଦୃତ ହେବା ସହ ଦେଶର ବିକାଶ ଓ ଅଭିବୃଦ୍ଧିରେ ସହାୟକ ହୋଇପାରିବ ।

ସ୍ୱଚ୍ଛତା କାର୍ଯ୍ୟକ୍ରମ

ଚୌଦ୍ୱାର, ୨୩।୯ (ଡି.ଏନ.ଏ.):

ପରମପୂଜ୍ୟ ଗୁରୁଦେବ ଶ୍ରୀରାମ ଶର୍ମା ଆଚାର୍ଯ୍ୟ ଏବଂ ମାତା ଭଗବତୀ ଦେବୀ ଶର୍ମାଙ୍କ ଜନ୍ମ ଦିବସ ଅବସରରେ ରବିବାର ଚୌଦ୍ୱାର ଚାରବାଟିଆ ସ୍ଥିତ ଗାୟତ୍ରୀ ପ୍ରଜ୍ଞାପୀଠରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସ୍ଥାନୀୟ କାଉନସିଲର ଶୁଭେନ୍ଦୁ ସାମଲ ଓ ସାମାଜିକ କର୍ମୀ ସହଦେବ ବରାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଜ୍ଞାପୀଠର ସମସ୍ତ ପରିଜନ ଯୋଗଦେଇ ଆଖପାଖର ପରିବେଶକୁ ସଫେଇ କରିଥିଲେ।

ବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳନ ପ୍ରସ୍ତୁତି ବୈଠକ

କଟକ ଅଫିସ, ୨୩।୯: ଅଲଣାହାଟ ଉଚ୍ଚବିଦ୍ୟାଳୟ ୭୫ତମ ପ୍ରତିଷ୍ଠା ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ରବିବାର କଟକ ମହାନଦୀବିହାରସ୍ଥିତ ଆଖଣ୍ଡଳମଣୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜଗତ୍‌ସିଂହପୁର ଜିଲାର ଏହି ପୁରାତନ ବିଦ୍ୟାଳୟରେ ଆସନ୍ତା ୧୨ ଓ ୧୩ ତାରିଖରେ ଏ ନେଇ ସ୍ୱତନ୍ତ୍ର ଉତ୍ସବ ପାଳନ କରାଯିବ। ବୈଠକରେ ଆବାହକ ଅକ୍ଷୟ କୁମାର ସାହାଣୀ ବକ୍ତବ୍ୟ ରଖି ଆସନ୍ତା କାର୍ଯ୍ୟକ୍ରମକୁ ସଫଳ କରିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଆଗାମୀ ଦିନରେ ଏହି ବିଦ୍ୟାଳୟର ଶୌଚାଳୟ, ପୁରୁଣା କୋଠା, ପାଚେରି ନିର୍ମାଣ କାମ ପାଇଁ ସହମତି ଭିତ୍ତିରେ ସମସ୍ତେ ଉଦ୍ୟମ କରିବା ଉଚିତ ବୋଲି କହିଥିଲେ।

ଶିଶୁ ଯୌନ ନିର୍ଯାତନା ସଚେତନତା ଆଲୋଚନାଚକ୍ର

କଟକ ଅଫିସ, ୨୩।୯: ରୋଟାରୀ କ୍ଲବ ଅଫ କଟକ ସେଣ୍ଟ୍ରାଲ ଓ ସେଣ୍ଟ ଯୋସେଫ ଆନ୍ତଃରାଜ୍ୟ ଏଜୁକେଶନ କମିଟିର ମିଳିତ ଉଦ୍ୟମରେ କଟକର ସେଣ୍ଟ ଯୋସେଫ ଗର୍ଲସ ହାଇସ୍କୁଲ ସମ୍ମିଳନୀ କକ୍ଷରେ ରବିବାର ଆନ୍ତଃରାଜ୍ୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ ଯୋଗଦେଇ କହିଥିଲେ, ଶିଶୁମାନଙ୍କ କ୍ଷେତ୍ରରେ ହେଉଥିବା ଯୌନ ଶୋଷଣ ଘଟଣାକୁ ଆଧାର କରି ଆଇନରେ ଘଟଣାକୁ ଚପାଇ ଦେଉଥିବା ବ୍ୟକ୍ତିଙ୍କୁ ମଧ୍ୟ ଅପରାଧର ସଂଜ୍ଞା ଭିତରକୁ ଅଣାଯାଇଛି। ଏଥିରେ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଝାଡ଼ଖଣ୍ଡ ଓ ତେଲେଙ୍ଗାନା ରାଜ୍ୟର ୧୯ଟି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ମୁଖ୍ୟ ଯୋଗଦେଇଥିଲେ।

ଏନ୍‌ବିଡବ୍ଲ୍ୟୁ ବଳରେ ଅଭିଯୁକ୍ତ ଗିରଫ

କଟକ ଅଫିସ, ୨୩।୯

ବହୁ ଆପରାଧିକ ମାମଲାରେ ସମ୍ପୃକ୍ତ ଥିବା ଅଭିଯୋଗରେ ବାଦାମବାଡି ପୋଲିସ ସ୍ଥାନୀୟ ରାଜାବଗିଚା ସୁଇପର କଲୋନୀ ଅଞ୍ଚଳର ରଥିଆ ନାୟକ(୨୯)ଙ୍କୁ ରବିବାର ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, ଗତ ଜାନୁୟାରୀ ମାସରେ ରାଜାବଗିଚା ଅଞ୍ଚଳରେ ହୋଇଥିବା ଏକ ଗଣ୍ଡଗୋଳ ମାମଲା ସହ ଅନ୍ୟ କେତେକ ଆପରାଧିକ ମାମଲାରେ ରଥିଆଙ୍କ ସମ୍ପୃକ୍ତି ରହିଛି। ତେବେ ଏହି ମାମଲା ବିଚାରାଧୀନ ଥିବାବେଳେ କୋର୍ଟରେ ହାଜର ହେବାକୁ ରଥିଆଙ୍କୁ ନିର୍ଦ୍ଦେଶ ଥିଲା। ହେଲେ ସେ କୋର୍ଟରେ ହାଜର ହୋଇ ନ ଥିଲେ। ଫଳରେ କୋର୍ଟ ରଥିଆଙ୍କ ବିରୋଧରେ ଜାମିନ୍ ବିହୀନ ଗିରଫ ପରୱାନା(ଏନ୍‌ବିଡବ୍ଲ୍ୟୁ) ଜାରି କରିବା ସହ ତାଙ୍କୁ ଗିରଫ କରିବାକୁ ବାଦାମବାଡି ପୋଲିସଙ୍କୁ ନର୍ଦ୍ଦେଶ ଦେଇଥିଲେ।

ଶ୍ରୀଅରବିନ୍ଦ ପାଠଚକ୍ର କର୍ମଶାଳା

ଶ୍ରୀଅରବିନ୍ଦ ପାଠଚକ୍ର କର୍ମଶାଳାରେ ଯୋଗ ଦେଇଥିବା ଅତିଥିବୃନ୍ଦ।

କଟକ ଅଫିସ, ୨୩।୯

ସିଡ଼ିଏ ବିଡାନାସୀ ଜୋନ୍ ପକ୍ଷରୁ ସିଡ଼ିଏସ୍ଥିତ ଜନଶିକ୍ଷଣ ସଂସ୍ଥା

ଭଗବାନଙ୍କ ନାମ ଜପ କଲେ, ମନ ଯେ କେବଳ ଏକାଗ୍ର ହେବ, ତାହା ନୁହେଁ। ମନ ଭିତରେ ନିର୍ମଳ, ପବିତ୍ର ଓ ଶୁଦ୍ଧ ହୋଇଯାଏ।
- ରମଣ ମହର୍ଷି



ସଂକ୍ଷେପରେ

ସରପଞ୍ଚଙ୍କ ଦାଦାଗିରି ଗ୍ରାମସଭାରେ ବାପ ପୁଅଙ୍କୁ ଆକ୍ରମଣ

ଖୋର୍ଦ୍ଧା ଅଫିସ/ ନିରାକାରପୁର, ୨୩।୯ (ଡି.ଏନ.ଏ.): ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଏକ ଗାଁରେ ରବିବାର ସନ୍ଧ୍ୟାରେ ଗ୍ରାମସଭା ଚାଲୁ ଥିବାବେଳେ ନିରୁପମା ମହରଣାଙ୍କ ଦୁଇ ପୁଅ, ସ୍ୱାମୀ ପ୍ରଭାକର, ଭଣଜାଙ୍କୁ ମିଳିତ ଆକ୍ରମଣ ହୋଇଥିବା ଜଙ୍କିଆ ଥାନାରେ ଅଭିଯୋଗ ହୋଇଛି। ଜଣେ ସରପଞ୍ଚ ଓ ତାଙ୍କ ନିର୍ଦ୍ଦେଶରେ ସମର୍ଥକ ଏହି ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ପ୍ରତିବାଦ କରିବାରୁ ସମ୍ପୃକ୍ତ ସରପଞ୍ଚ ଘରେ ନିଆଁ ଲଗାଇ ଦେବେ, ଜଙ୍ଗଲରେ ବାପ ପୁଅଙ୍କୁ ମାରି ହତ୍ୟା କରିବେ ବୋଲି ଧମକ ଦେଇଛନ୍ତି। ଶାସକ ଦଳର ଲୋକ ହୋଇଥିବାରୁ ପୋଲିସରେ ଅଭିଯୋଗ କଲେ ସୁଫଳ ମିଳିବନି ବୋଲି ଧମକ ମିଳିଛି। ଅନ୍ୟପକ୍ଷେ ସରପଞ୍ଚଙ୍କ ପକ୍ଷରୁ ମଧ୍ୟ ପାଲଟା ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଭାରପ୍ରାପ୍ତ ଥାନା ଅଧିକାରୀ ନିରଞ୍ଜନ ରାଉତ କହିଛନ୍ତି। ଏ ନେଇ ସରପଞ୍ଚଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ଫୋନ ସୁଇଚ ଅଫ ଥିଲା।

ଟ୍ରକ୍ ଧକ୍କାରେ ସ୍କୁଟର ଚାଳକ ଗୁରୁତର

ଯାଁଳା, ୨୩।୯(ଡିଏନ.ଏ.): ଜଟଣୀ ଥାନା ଯାଁଳା ଫାଣ୍ଡି ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥ ଦଶହରା ପଡିଆଠାରେ ରବିବାର ରାତି ସାଢେ ୧୧ଟାରେ ଟ୍ରକ ଧକ୍କାରେ ଜଣେ ସ୍କୁଟର ଚାଳକ ଗୁରୁତର ହୋଇଛନ୍ତି। ରାତିରେ ଖୋର୍ଦ୍ଧା ପଟୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ସ୍କୁଟର (ନଂ. ଓଆର୦୨ଜେଡ ୩୫୩୦)କୁ ପଛପଟୁ ଟ୍ରକ୍ (ନଂ. ଏପି୨୧ ଟିଏ୪୨୩୯) ଧକ୍କା ଦେଇଥିଲା। ସ୍କୁଟର ଚାଳକ ଗୁରୁତର ହୋଇପଡିଥିଲେ । ତାଙ୍କୁ ପିସିଆର ଭ୍ୟାନ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା ଲାଗି ଭର୍ତ୍ତି କରିଛି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଅଛି। ଫାଣ୍ଡି ପୋଲିସ ଦୁର୍ଘଟଣା ଗ୍ରସ୍ତ ଦୁଇଟି ଗାଡିକୁ ଜବତ କରିଛି। ଟ୍ରକ୍ ଚାଳକ ଫେରାର ହୋଇ ଯାଇଛନ୍ତି।

ଶ୍ରୀରାମଦୟା ପରିଷଦ ସଭ୍ୟଙ୍କ ବିୟୋଗ

ନିରାକାରପୁର,୨୩।୯(ଡି.ଏନ.ଏ.): ନିରାକାରପୁର ଶ୍ରୀରାମଦୟା ପରିଷଦ କାର୍ଯ୍ୟକାରୀ କମିଟି ସଭ୍ୟ ଦୁର୍ଯ୍ୟୋଧନ ସ୍ୱାଇଁ(୬୩)ଙ୍କ ପରଲୋକ ଘଟିଛି। ଶୁକ୍ରବାର ରାତି ୩ ଟାରେ ତାଙ୍କର କପିଳେଶ୍ୱର ବାସଭବନରେ ହୃଦ୍‌ଘାତଜନିତ ବିୟୋଗ ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶ୍ରୀରାମଦୟା ପରିଷଦ ସଭାପତି ପଦ୍ମନାଭ ଦାଶଙ୍କ ସଭାପତିତ୍ୱରେ ସ୍ଥାନୀୟ ମାରୁତି ମଣ୍ଡପରେ ଶନିବାର ଶୋକସଭା ହୋଇଥିଲା। ଏଥିରେ ପରିଷଦର ଉପସଭାପତି ସତ୍ୟବାଦୀ ବଳବନ୍ତ ରାୟ, ଡା.ମୃତ୍ୟୁଞ୍ଜୟ ରଥ, ସମ୍ପାଦକ ଗଙ୍ଗାଧର ତ୍ରିପାଠୀ, କୋଷାଧକ୍ଷ ମହେନ୍ଦ୍ର କୁମାର ନରେନ୍ଦ୍ର, ଯୁଗ୍ମ ସମ୍ପାଦକ ସାରଙ୍ଗଧର ବଳିୟାରସିଂ ପ୍ରମୁଖ ସ୍ୱର୍ଗତ ସ୍ୱାଇଁଙ୍କ ସ୍ମୃତିଚାରଣ କରିଥିଲେ ।

■ ବିପଦର କାରଣ ସାଜିଛି ସାରୁଅ ଶିଳ୍ପାଞ୍ଚଳ

ଜୟମଙ୍ଗଳରେ ଶିଳ୍ପ ବିରୋଧୀ ସମାବେଶ

ଖୋର୍ଦ୍ଧା ଅଫିସ,୨୩।୯: ସାରୁଅ ଶିଳ୍ପାଞ୍ଚଳ ଜୟମଙ୍ଗଳ ବାସିନ୍ଦାଙ୍କ ପାଇଁ ବିପଦ ପାଲଟିଛି। ଶିଳ୍ପ ବଢୁଥିବାରୁ ଜୟମଙ୍ଗଳ ଗାଁର ମାଟି, ପାଣି, ପବନ, ବାୟୁ ପ୍ରଦୂଷିତ ହୋଇ ବିଭିନ୍ନ ପ୍ରକାର ରୋଗ ହେଉଛି। ପ୍ରତିବାଦ କଲେ ଗ୍ରାମବାସୀଙ୍କୁ ମାରଣାସ୍ତ୍ର ଦେଖାଇ, ବୋମା ପକାଇ, ଫାଙ୍କା ଗୁଳିଚାଳନା କରି ଧମକ ଚମକ ଓ ଭୟଭୀତ କରାଯାଉଛି। ଏଭଳିସ୍ଥଳେ ଶାନ୍ତିରେ ଜୀବନଯାପନ କରିବାକୁ ସ୍ଥାନୀୟ ବାସିନ୍ଦା ରବିବାର ଶିଳ୍ପ ବିରୋଧୀ ସମାବେଶରେ ଏକାଠି ହୋଇ ରଣନୀତି ଆପଣେଇଛନ୍ତି। ଜମି ଅଧିଗ୍ରହଣ ବନ୍ଦ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ପ୍ରଶାସନ ଓ ସରକାର ଯଦି ଲୋକଙ୍କ ସମସ୍ୟାକୁ ଅଣଦେଖା କରନ୍ତି ଗ୍ରାମବାସୀ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ବାଛି ନେବେ ବୋଲି କହିଛନ୍ତି।

ଗ୍ରାମବାସୀ ପ୍ରାଚିର ନିର୍ମାଣ କାର୍ଯ୍ୟକୁ ବିରୋଧ କରିବା ସହ ସମାବେଶ କରୁଛନ୍ତି।

ରାସ୍ତା ବନ୍ଦ କରୁଛି ଶିଳ୍ପ

ଇଡ୍‌କୋ ଶିଳ୍ପ କରିବାକୁ ଜମି ବିକିବାରେ ଲାଗିଛି। ସାରୁଅ ଶିଳ୍ପାଞ୍ଚଳରେ ୧୦ରୁ ଊର୍ଦ୍ଧ୍ୱ କମ୍ପାନୀ ହୋଇସାରିଲାଣି। ପୁଣି ନୂଆ ନୂଆ କମ୍ପାନୀକୁ ଜମି ବିକ୍ରି ଚାଲିଛି। ବିଲକୁ ଓ ଶ୍ମଶାନକୁ ଯିବା ରାସ୍ତାକୁ ଶିଳ୍ପାଞ୍ଚଳ କିଣି ନେବା ପରେ ପ୍ରାଚୀର ପକାଇଛି। ଏଣୁ କୃଷି ଉତ୍ପାଦ ଘରକୁ ଆଣିବାକୁ ଚାଷୀ ଅସୁବିଧା ଭୋଗୁଛନ୍ତି। କାରଣ ଶିଳ୍ପ ଡେଇଁ କରି ଗଲେ ଜମି ପଡିବ। ଗାଈ ଚରିବାକୁ ଫାଙ୍କା ଜାଗା, ପିଲା ଖେଳିବାକୁ ପଡିଆ ନାହିଁ। ଆଦିବାସୀମାନେ ସରକାରୀ ଜମିରେ ଫସଲ କରି ବଞ୍ଚୁ ଥିଲେ। ସେହି ଜମି ସେମାନଙ୍କଠାରୁ ଛଡାଇ ନିଆଯାଉଛି। ଶିଳ୍ପ ଭିତରେ ମନଇଚ୍ଛା ବୋରୱେଲ ଖୋଳା ଯିବାରୁ ଗାଁରେ ପାନୀୟ ଜଳସଙ୍କଟ ଦେଖାଦେଲାଣି।

–ସଞ୍ଜୟ ହରିଚନ୍ଦନ, ସ୍ଥାନୀୟ ବାସିନ୍ଦା

ପ୍ରଦୂଷିତ ପରିବେଶରେ ଜୀବନ

ସାରୁଅ ଶିଳ୍ପାଞ୍ଚଳଠାରୁ ଜୟମଙ୍ଗଳ ଗାଁର ଦୂରତା ୧୦୦ରୁ ୨୦୦ ମିଟର। ତେବେ ସାରୁଅ ୧ କିମି ଓ ପୁରୁସାହି ୨ କିମି ଦୂରରେ ରହିଛି। ଏଣୁ ଶିଳ୍ପାଞ୍ଚଳର ପ୍ରଭାବ ଜୟମଙ୍ଗଳରେ ପଡିବାରୁ ଶାନ୍ତ ପରିବେଶ ବିଗିଡିବାରେ ଲାଗିଛି। ପୋଖରୀର ପାଣି ଶିଳ୍ପ ବର୍ଜ୍ୟବସ୍ତୁ ପ୍ରଭାବରେ ଆସି ପ୍ରଦୂଷିତ ହୋଇଗଲାଣି। ରାତିରେ ବିଶ୍ରାମ ନେବା ସମୟରେ ଲୁହା ଓ ଆଲୁମିନିୟମ କମ୍ପାନୀ ପରି ଶିଳ୍ପ କାର୍ଯ୍ୟ ଆରମ୍ଭ କରୁଥିବାରୁ ଶବ୍ଦ ପ୍ରଦୂଷଣ ବଢୁଛି। କଳକାରଖାନାର ନିର୍ଗତ ଧୂଆଁ ଦକ୍ଷିଣା ପବନରେ ଉତ୍ତପ୍ତ ହାୱା ରୂପେ ପ୍ରବାହିତ ହେଉଛି। ଶିଳ୍ପ କାରଣରୁ ଜୟମଙ୍ଗଳ ବାସିନ୍ଦା ଅଣନିଃଶ୍ୱାସୀ ହୋଇପଡିଲେଣି।

–ଲଛମନ ବଡଜେନା, ସ୍ଥାନୀୟ ବାସିନ୍ଦା

ସୁସ୍ଥ ପରିବେଶ ପାଇଁ ଆନ୍ଦୋଳନ

ଶିଳ୍ପାଞ୍ଚଳରେ ଇଡ୍‌କୋ ଜମି ବିକ୍ରି କରି ନୂଆ ଶିଳ୍ପ ନିର୍ମାଣ ଯୋଗୁ ଗାଁର ଶ୍ମଶାନ ରାସ୍ତା ବନ୍ଦ ହୋଇଗଲା। ଜୟମଙ୍ଗଳ ଆଦିବାସୀସାହିର ପଶ୍ଚିମ ଦିଗ ଶିଳ୍ପାଞ୍ଚଳର ପ୍ରାଚୀର ରହିଛି। ଏବେ ଦକ୍ଷିଣ ଦିଗରେ ରାସ୍ତା କରି ପ୍ରାଚୀର ନିର୍ମାଣ ପାଇଁ ନିଅଁ ଖୋଳା ଯାଉଛି। ଗ୍ରାମବାସୀ ରାସ୍ତା ଓ ପ୍ରାଚୀରକୁ କିଛିଦିନ ତଳେ ଶାନ୍ତିପୂର୍ଣ୍ଣ ବିରୋଧ କରିଥିଲେ। ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରାଯିବା ଦର୍ଶାଇ ଗାଁଲୋକଙ୍କୁ ଜେଲକୁ ପଠାଇ ଦିଆଗଲା। ଗଣତନ୍ତ୍ର ଦେଶରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରି ହକ ମାଗିଲେ ଯଦି ଜେଲରେ ପୂରାଇ ଦିଆଯିବ ତେବେ ଗ୍ରାମବାସୀ ଭୟଭୀତ ହେବେ ନାହିଁ। ଜେଲରୁ ଆସିବା ପରେ ଗ୍ରାମବାସୀ ସୁସ୍ଥ ପରିବେଶ ପାଇଁ ଆନ୍ଦୋଳନକୁ ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି ନେଇଛନ୍ତି।

–ନୟା ନାୟକ, ସ୍ଥାନୀୟ ବାସିନ୍ଦା

ଗାଁ ପିଲାଙ୍କୁ ମୋହରା

ସାରୁଅରେ ଶିଳ୍ପସଂଖ୍ୟା ବଢ଼ିଲେ ବଜାର ବଢ଼ିବ। ନୂଆ ନୂଆ ଶିଳ୍ପ ପ୍ରତିଷ୍ଠା ହେଲେ ସ୍ଥାନୀୟ ପିଲାଙ୍କୁ ନିଯୁକ୍ତି ମିଳିବ। ଗାଁ ଲୋକଙ୍କ ରୋଜଗାର ବଢ଼ିବ ପରି ବିଭିନ୍ନ ଲୋଭନୀୟ ପ୍ରତିଶ୍ରୁତି ଦେବା ସହ ବେକାର ଯୁବକମାନଙ୍କୁ ମାସକୁ କିଛି ଟଙ୍କା ଓ ଭଲ ଖାଇବା ଦେଇ ଜୟମଙ୍ଗଳ ଗାଁରେ ଶାନ୍ତ ପରିବେଶରେ ଅଶାନ୍ତର ମଞ୍ଜି ବୁଣା ସରିଲାଣି। ଗାଁ ପିଲାଙ୍କୁ ମୋହରା କରି ଗାଁରେ ଗଣ୍ଡଗୋଳ ଆରମ୍ଭ ହୋଇସାରିଲାଣି। ଶିଳ୍ପ ପ୍ରତିଷ୍ଠାକୁ ପ୍ରତିବାଦ କରିବାରୁ ଗାଁରେ ଫାଙ୍କା ଗୁଳିଚାଳନା କରି ଲୋକଙ୍କୁ ଭୟଭୀତ କରାଯାଉଛି।

–ସୁଷମା ମଞ୍ଜରୀ ଛୋଟରାୟ, ସ୍ଥାନୀୟ ବାସିନ୍ଦା

ଅଣଦେଖା କରିବା ଠିକ୍ ନୁହେଁ

ଶିଳ୍ପ ପ୍ରତିଷ୍ଠା କାରଣରୁ ଜୟମଙ୍ଗଳ ଅଞ୍ଚଳରେ ସରକାରୀ ଜମି କମିବାରେ ଲାଗିଛି। କାଜୁ ନିଗମଠାରୁ ପାଇଥିବା କାଜୁ ଜଙ୍ଗଲ ମଧ୍ୟ ଲୋକଙ୍କୁ ହରାଇବାକୁ ପଡିଲାଣି। ଜଙ୍ଗଲରୁ କାଜୁ ସହ ଅନ୍ୟ ଗଛ କାଟି ଶିଳ୍ପ ପ୍ରତିଷ୍ଠା କରାଯାଉଛି। ଲୋକଙ୍କ ରୋଜଗାର ଛଡାଇ ନିଆଯାଉଛି। କାଜୁ ଗଛ ନ କାଟିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଥିଲେ ବି ଅଣଦେଖା କରାଯାଉଛି। ପ୍ରଶାସନ ଓ ସରକାର ଏହାକୁ ଅଣଦେଖା କଲେ ଶାନ୍ତ ଗାଁ ଅଶାନ୍ତ ହୋଇଯିବ।

–କୃଷ୍ଣ ହରିଚନ୍ଦନ, ସ୍ଥାନୀୟ ବାସିନ୍ଦା

ଓକିଲଙ୍କ ଆନ୍ଦୋଳନ

ତଦନ୍ତ ସହ ଆଶୁ ସମାଧାନ ଦାବି

ଟାଙ୍ଗୀ(ଖୋର୍ଦ୍ଧା),୨୩।୯(ଡି.ଏନ.ଏ.)

ଦୀର୍ଘଦିନ ଧରି ଟାଙ୍ଗୀ ଓକିଲ ସଂଘର ଆନ୍ଦୋଳନ ଜାରି ରହିଛି। ଓକିଲଙ୍କ ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ ପାଇଁ ଜିଲା ପ୍ରଶାସନ ହିଁ ସମ୍ପୂର୍ଣ୍ଣ ଭାବେ ଦାୟୀ ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ପ୍ରଶାସନ ତରଫରୁ ତ୍ୱରିତ ଆଇନଗତ ପଦକ୍ଷେପ ଗ୍ରହଣ କରାଯାଇଥିଲେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇପାରିଥାନ୍ତା। ଉଲ୍ଲେଖଯୋଗ୍ୟ କି, ସେପ୍ଟେମ୍ବର ୨ରେ ଓକିଲ ଜ୍ୟୋତିର୍ମୟ ସାହୁ ଓ ତହସିଲଦାର ଆଶିଷ କୁମାର ଜେନାଙ୍କ ମଧ୍ୟରେ ଉତ୍ତରାଧିକାରୀ ପ୍ରମାଣପତ୍ରରେ ତ୍ରୁଟି ସଂଶୋଧନ ନେଇ ବିବାଦ ଉପୁଜିଥିଲା। ଉଭୟ ପକ୍ଷରୁ ଟାଙ୍ଗୀ ଥାନାରେ ଲିଖିତ ଅଭିଯୋଗ ହେବାପରେ ୨ଟି ମାମଲା ଥାନାରେ ରୁଜୁ ହୋଇଛି। ଓକିଲମାନେ ସଂଗଠିତ ଆନ୍ଦୋଳନ ଚଳାଇଥିବା ବେଳେ ତହସିଲଦାରଙ୍କ ପକ୍ଷରେ ତହସିଲର ସମସ୍ତ ଅଧିକାରୀ ଓ କର୍ମଚାରୀ ରହିଛନ୍ତି । ବିଭିନ୍ନ ମହଲରେ କୁହାଯାଇଛି, ପୋଲିସ ଉପଯୁକ୍ତ ତଦନ୍ତ କରିଥିଲେ ଏହି ସମସ୍ୟାର ଅନ୍ତଃ ଘଟିଥାନ୍ତା । ଏହାବ୍ୟତୀତ ଘଟଣାର ସିସିଟିଭି ଫୁଟେଜ ଯାଞ୍ଚ କରାଗଲେ ସେଦିନର ପ୍ରକୃତ ଘଟଣା ମଧ୍ୟ ପଦାକୁ ଆସିପାରିଥାନ୍ତା। ମାତ୍ର ତାହା କରାଯାଇ ନ ଥିବା ଅଭିଯୋଗ ହୋଇଛି। ଓକିଲ ସଂଘ ପକ୍ଷରୁ ରାଜସ୍ୱ ସଚିବଙ୍କଠାରୁ ଆରମ୍ଭ କରି ଖୋର୍ଦ୍ଧା ଜିଲାପାଳ ଓ ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରାଇ ତହସିଲଦାରଙ୍କ ବଦଳି ଦାବି ହୋଇଛି । ଏଣୁ ମାଇଲେ ଗୋହତ୍ୟା, ତେଣୁ ମାଇଲେ ବ୍ରହ୍ମହତ୍ୟା ନ୍ୟାୟରେ ଉଭୟ ପୋଲିସ ଓ ପ୍ରଶାସନ ସବୁ ଜାଣି ନ ଜାଣିବା ଭଳି ରହୁଥିବା ଅଭିଯୋଗ ହେଉଛି। ତେବେ ଏ କ୍ଷେତ୍ରରେ ନିରୀହ ଜନସାଧାରଣ ହିଁ ହଇରାଣ ହେଉଛନ୍ତି। ଏହାର ଆଶୁ ସମାଧାନ ନିମନ୍ତେ ବିଭିନ୍ନ ମହଲରେ ଦାବି ହେଉଛି।

ବିଜେଡି କର୍ମୀ ସମ୍ମିଳନୀ

ସମ୍ମିଳନୀରେ ଉପସ୍ଥିତ ରାଜନେତା ଓ କର୍ମୀମାନେ।

ଖୋର୍ଦ୍ଧା ଅଫିସ,୨୩।୯

ବାଣପୁର ବ୍ଲକ ଗୋପୀନାଥପ୍ରସାଦ ଗ୍ରାମସ୍ଥିତ ବାବା ପାତାଳେଶ୍ୱର ଦେବଙ୍କ ମନ୍ଦିର ପରିସରରେ ରବିବାର ବିଜେଡିର ଆୟତପୁର ପଞ୍ଚାୟତ ସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଚିଲିକାର ପୂର୍ବତନ ବିଧାୟକ ରଘୁନାଥ ସାହୁ ଅଧ୍ୟକ୍ଷତା କରି କହିଥିଲେ, ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରକାରର ଜନହିତକାରୀ ଯୋଜନା ଚାଲୁ ରହିଛି। ଏଗୁଡିକ ଲୋକଙ୍କୁ ଅବଗତ କରାଇବାକୁ ପରାମର୍ଶ ଦେଇଛନ୍ତି। ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ଦଳୀୟ ସଙ୍ଗଠନକୁ ତୃଣମୂଳ ସ୍ତରରୁ ମଜଭୁତ କରିବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା ସେଠୀ, ଦଳୀୟ ପର୍ଯ୍ୟବେକ୍ଷକ ଭରତ ଚନ୍ଦ୍ର ସାହୁ, ସତ୍ୟନାରାୟଣ ପ୍ରଧାନ, ଭବାନୀ ଶଙ୍କର ବଳିୟାରସିଂହ, ସୁକାନ୍ତ ଭୋଳ, ଦାଶରଥି ସେଠୀ, ଅରୁଣ କୁମାର ପ୍ରଧାନଙ୍କ ସମେତ କର୍ମୀମାନେ ଉପସ୍ଥିତ ଥିଲେ।

ଯାଁଳାରେ ଫିକା ପଡ଼ିଲା ଖୁଦୁରୁକୁଣୀ ଭସାଣି

ଯାଁଳା, ୨୩।୯ (ଡି.ଏନ.ଏ.): ଜଟଣୀ ଥାନା ଯାଁଳା ଫାଣ୍ଡି ଅଧୀନରେ ଥିବା ପ୍ରତ୍ୟେକ ଗାଁଗୁଡିକରେ ଖୁଦୁରୁକୁଣୀ ପୂଜା ଭସାଣି ଶେଷରେ ଫିକା ପଡିଲା। ପୂର୍ବ ପୁରୁଷରୁ ଖୁଦୁରୁକୁଣୀ ଓଷା ଝିଅମାନେ ତାଙ୍କ ଭାଇମାନଙ୍କ ପାଇଁ ଶୁଭ ମନାସୀ କରିଥାନ୍ତି। ପୂଜାକୁ ଗାଁରେ ବଡ ଧୁମ୍‌ଧାମ୍‌ରେ ମା' ମଙ୍ଗଳାଙ୍କ ମୂର୍ତ୍ତିକୁ ପୂଜା କରାଯାଇଥାଏ। ଭାଦ୍ରବ ମାସର ଶେଷ ରବିବାର ଖୁଦୁରୁକୁଣୀ ପୂଜା କରି ବିଳମ୍ବିତ ରାତ୍ରିରେ ବିସର୍ଜନ କରାଯାଏ। ଏଥିପାଇଁ ଝିଅମାନେ ରୋଷଣି କରି ଖୁଦୁରୁକୁଣୀଙ୍କୁ ପାଣିରେ ବିସର୍ଜନ କରିଥାନ୍ତି। ଏବେକାର ନିଆରା ଢଙ୍ଗରେ ଡିଜେ ବଜାଇ, ରଙ୍ଗ ବେରଙ୍ଗ ଲାଇଟ୍ ସହ ବାଣ ଫୁଟାଇ ଠାକୁରାଣୀଙ୍କ ମୂର୍ତ୍ତିକୁ ବିସର୍ଜନ ପାଇଁ ଶୋଭାଯାତ୍ରାରେ ଗାଁର ପିଲାମାନେ ନେଇଥାନ୍ତି। କିନ୍ତୁ ଯାଁଳା ଫାଣ୍ଡି ଅଞ୍ଚଳରେ ଡିଜେ ନ ବଜାଇ ରୋଷଣି ନ କରିବାକୁ ଫାଣ୍ଡି ଅଧିକାରୀ ପ୍ରତ୍ୟେକ ପୂଜା ମଣ୍ଡପରେ ମନା କରି ଦେଇଛନ୍ତି। ଫଳରେ ଯାଁଳାରେ ଖୁଦୁରୁକୁଣୀ ଭସାଣି ଫିକା ପଡିଯାଇଛି।

■ ଅଗ୍ନିଶମ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା

ମିଳିବନି ଜରୁରିକାଳୀନ ସେବା

ବେଗୁନିଆ,୨୩।୯ (ଡି.ଏନ.ଏ.)

ଅଗ୍ନିଶମ କର୍ମଚାରୀମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ।

ବେଗୁନିଆରେ ଅଗ୍ନିଶମ କର୍ମଚାରୀଙ୍କ ପକ୍ଷରୁ ସୋମବାରଠାରୁ ମିଳିବନି ଜରୁରିକାଳୀନ ସେବା। ସେମାନେ ଅନିର୍ଦ୍ଦିଷ୍ଟକାଳ ପାଇଁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରଖିବେ। ସେମାନେ ବିଭିନ୍ନ ଦାବି ନେଇ ପୂର୍ବରୁ ସରକାରଙ୍କ ପାଖରେ ଉପସ୍ଥାପନା କରିଥିଲେ। ହେଲେ ସେମାନଙ୍କୁ ଅଣଦେଖା କରାଯାଇଥିବାରୁ ୬ ଦଫା ଦାବି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ମାତ୍ର ସେମାନେ ଯଦି ଆନ୍ଦୋଳନ ଜାରି ରଖିବେ ତେବେ ଜରୁରିକାଳୀନ ସେବାରୁ ସ୍ଥାନୀୟ ଲୋକେ ବଞ୍ଚିତ ହେବେ। ତେବେ ସରକାର ଆମ ଦାବିକୁ ସ୍ଥିର ଚିନ୍ତାଧାରାରେ ଆଗେଇ ନେବା ନିହାତି ଆବଶ୍ୟକ ବୋଲି ଅଗ୍ନିଶମ କର୍ମଚାରୀମାନଙ୍କ ପକ୍ଷରୁ କୁହାଯାଇଛି। ସେମାନଙ୍କ ଦାବି ହେଲା ଓଡ଼ିଶା ପୋଲିସ କର୍ମଚାରୀଙ୍କ ସହ ସମାନ ଦରମା ଓ ଭତ୍ତା ପ୍ରଦାନ, ସେବା ସଂସ୍ଥାକୁ ସରକାରୀ ପଞ୍ଜୀକରଣ ଭୁକ୍ତ କରିବା, ଚୁକ୍ତିଭିତ୍ତିକ କର୍ମଚାରୀମାନଙ୍କୁ ନିୟମିତ କରିବା, କର୍ମଚାରୀଙ୍କୁ ନିଜ ଜିଲା ଅଞ୍ଚଳରେ ନିଯୁକ୍ତି ଦେବା, କର୍ମଚାରୀଙ୍କ ଅବସର କାଳୀନ ପ୍ରାପ୍ୟ ଓ ତୁରନ୍ତ ପେନସନ୍ ପ୍ରଦାନ କରିବା, କର୍ମଚାରୀମାନେ କେଉଁ ପ୍ରକାରର ଜରୁରିକାଳୀନ ସେବା ଯୋଗାଇବେ ତାହାକୁ ନିର୍ଦ୍ଦେଶନାମା ପ୍ରକାଶ କରିବା ଦରକାର।

କଂଗ୍ରେସ କର୍ମୀ ସମ୍ମିଳନୀ

ଖୋର୍ଦ୍ଧା ଅଫିସ,୨୩।୯

ଖୋର୍ଦ୍ଧା ବ୍ଲକର ଜୋନ ନଂ. ୨ ଦଲେଇପୁଟ ଗାଁରେ କଂଗ୍ରେସର କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ପଦ୍ମଚରଣ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ଜିଲା କଂଗ୍ରେସର କାର୍ଯ୍ୟକାରୀ ସଭାପତି ରାମଚନ୍ଦ୍ର ମହାପାତ୍ର ଓ ଯୋଗୀନାଥ ବାହୁବଳେନ୍ଦ୍ର, ପିସିସି ସାଧାରଣ ସମ୍ପାଦକ ଜାନକୀ ବଲ୍ଲଭ ପଟ୍ଟନାୟକ, ପୂର୍ବତନ ରାଜ୍ୟ ସଂଖ୍ୟାଲଘୁ ବିଭାଗର ସଭାପତି ସେକ୍ ଅବଦୁଲ କାରୀ, ରାଜ୍ୟ ସେବାଦଳ ଖୋର୍ଦ୍ଧା ଜିଲା ସଭାପତି ଜୟଦେବ ବେହେରା, ୨ ନଂ. ଜୋନ ଜିଲା ସଭାପତି ଜିତେନ୍ଦ୍ର ନାଥ ଚମ୍ପତି, ୩ ନଂ. ଜୋନ ଜିଲା ସଭାପତି କିଶୋର ବରାଳ, ଯୁବ କଂଗ୍ରେସ ସଭାପତି ପ୍ଲାବନ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ନିର୍ବାଚନରେ ଦଳୀୟ ସଙ୍ଗଠନ ମଜଭୁତ୍ କରିବା ଉଦ୍ଦେଶ୍ୟରେ ପ୍ରତି ପଞ୍ଚାୟତରେ କଂଗ୍ରେସ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ପଞ୍ଚାୟତ ସଭାପତି ନିର୍ବାଚନ, ଜୋନ କମିଟି ଓ ୱାର୍ଡ କମିଟି ଗଠନ କରାଯିବ। ବିଜୟ ସମ୍ଭାବନାକୁ ଆଖି ଆଗରେ ରଖି ପ୍ରାର୍ଥୀ ଚୟନ କରାଯିବାକୁ ଅନୁରୂପ ନିଷ୍ପତ୍ତି ହୋଇଛି।

କଂଗ୍ରେସ ସମ୍ମିଳନୀରେ ଯୋଗଦେଇଥିବା କର୍ମୀ ଓ ନେତାମାନେ।

ଭାଗବତ ଟୁଙ୍ଗି ପୁନରୁଦ୍ଧାର ପ୍ରହସନ ନ ହେଉ

ବେଗୁନିଆ,୨୩।୯(ଡି.ଏନ.ଏ.)

ଆଉ ଦିନକ ପରେ ପାଳନ ହେବ ଭାଗବତ ଜନ୍ମ। ସବୁଠି ଚଳଚଞ୍ଚଳ

ଭଗବାନଙ୍କ ନାମ ଜପ କଲେ, ମନ ଯେ କେବଳ ଏକାଗ୍ର ହେବ, ତାହା ନୁହେଁ। ମନ ଭିତରେ ନିର୍ମଳ, ପବିତ୍ର ଓ ଶୁଦ୍ଧ ହୋଇଯାଏ।
-ରମଣ ମହର୍ଷି

ସଂକ୍ଷେପରେ

ପୂର୍ବ ଶତ୍ରୁତାରୁ ମରଣାନ୍ତକ ଆକ୍ରମଣ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୩।୯(ବ୍ୟୁରୋ): ଖଣ୍ଡଗିରି ଥାନା ଅଧୀନ ନୂଆଗାଁ ଅଞ୍ଚଳରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ରବିବାର ଗିରଫ କରିଛି। ସେ ହେଲେ ଖଣ୍ଡଗିରି ଥାନା ନୂଆଗାଁ ଅଞ୍ଚଳର ନରେନ୍ଦ୍ର ମୁଦୁଲି(୩୮)। ସୂଚନା ମୁତାବକ, ନୂଆଗାଁ ଅଞ୍ଚଳରେ ରହୁଥିବା ଅକ୍ଷୟ ମୁଦୁଲି ଏବଂ ନରେନ୍ଦ୍ରଙ୍କ ମଧ୍ୟରେ ଜମି ବିବାଦକୁ ନେଇ ଶତ୍ରୁତା ଲାଗି ରହିଥିଲା। ଏହାକୁ ନେଇ ଶନିବାର ରାତିରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଝଗଡା ବଢିବାରୁ ନରେନ୍ଦ୍ର ଏକ ଲୁହା ରଡ୍‌ରେ ଅକ୍ଷୟଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ପରିବାର ଲୋକେ ଅକ୍ଷୟଙ୍କୁ ଉଦ୍ଧାର କରି ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରିବା ପରେ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା(୪୧୦/୧୮) ରୁଜୁ କରିବା ସହ ନରେନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ପିସିଆର୍ ଗାଡ଼ି ଅଚଳ, ପାଟ୍ରୋଲିଂ ସେବା ଠପ

ବାଲିଅନ୍ତା,୨୩।୯(ଡି.ଏନ୍.ଏ.): ବାଲିଅନ୍ତା ଥାନା ପାହାଳ ଫାଣ୍ଡି ଅଞ୍ଚଳ ପାଇଁ ଥିବା ପିସିଆର ଗାଡିଟି ଗତ ୬ଦିନ ହେଲା ଅଚଳ ହୋଇପଡ଼ିଛି। ଫଳରେ ବ୍ୟସ୍ତବହୁଳ ୧୬ନଂ ଜାତୀୟ ରାଜପଥରେ ପାଟ୍ରୋଲିଂରେ ବାଧା ଉପୁଜିଛି। ପାହାଳ ଫାଣ୍ଡି ଅଧୀନରେ ହଂସପାଳଠାରୁ ନଖରା ପର୍ଯ୍ୟନ୍ତ ୫କି.ମି ବ୍ୟବହୃତ ଜାତୀୟ ରାଜପଥରେ ଦୁର୍ଘଟଣା, ରାହାଜାନି ଏକ ନିତିଦିନିଆ ଘଟଣା ପାଲଟିଛି। ତେବେ ୨୪ଘଣ୍ଟିଆ ପିସିଆର ପାଟ୍ରୋଲିଂ ବ୍ୟବସ୍ଥା ଥିବା ଯୋଗୁ ଆହତ ବ୍ୟକ୍ତିଙ୍କୁ ଡାକ୍ତରଖାନା ନେବା ସହ ଦୁର୍ବୃତ୍ତମାନଙ୍କୁ ଭୟ ରହୁଥିଲା। କିନ୍ତୁ ଗତ ୬ଦିନ ହେବ ପିସିଆର ଗାଡି ଖରାପ ଥିବାରୁ ପାଟ୍ରୋଲିଂ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ ହୋଇପଡିଛି। ଅନ୍ୟପକ୍ଷେ ପାହାଳ ଫାଣ୍ଡିରେ ଆବଶ୍ୟକ କର୍ମଚାରୀ ନାହାନ୍ତି। ଫଳରେ କୌଣସି ସ୍ଥାନରେ ଘଟଣା ବା ଦୁର୍ଘଟଣା ହେଲେ ପୋଲିସ ସେଠାରେ ପହଞ୍ଚିବାରେ ବିଳମ୍ବ ହେଉଛି। ଏନେଇ ଫାଣ୍ଡି ଅଧିକାରୀ ଓମ ପ୍ରକାଶ ମହାନ୍ତିଙ୍କୁ ପଚାରିବାରୁ ପିସିଆର ଗାଡ଼ି ଖରାପ ଥିବାରୁ ପାହାଳ ଫାଣ୍ଡି ପୋଲିସ ଉପରେ ଚାପ ପଡୁଛି ବୋଲି କହିଛନ୍ତି।

ସମାଜ ସେବା କରିବାକୁ ଇଚ୍ଛାଶକ୍ତି ଦରକାର

ପୁରୁଣା ଭୁବନେଶ୍ୱର,୨୩।୯ (ଡି.ଏନ.ଏ.): ସମାଜରେ ରହୁଥିବା ଗରିବ ଲୋକମାନଙ୍କ ସେବା କରିବାକୁ ଟଙ୍କା ନୁହେଁ ବରଂ ନିଜର ଇଚ୍ଛାଶକ୍ତିର ଅବଶ୍ୟକତା ରହିଛି। ଯାହାଦ୍ୱାରା ଜଣେ ମଣିଷ ଅର୍ଥନୈତିକ ଚାପର ଶିକାର ହୋଇ ନ ଥାଏ। ବରଂ ଟଙ୍କା ଆସିବାର ବାଟ ଆପେ ଆପେ ଆସିଥାଏ ବୋଲି କୁହାଯାଇଛି। ରବିବାର ସ୍ଥାନୀୟ ଭାମଟଙ୍ଗୀ ଫେଜ- ୨ରେ ଆୟୋଜିତ ଲେକ୍ସ ଆଓ୍ୱାର ନେସ ଫାଉଣ୍ଡେଶନ ପକ୍ଷରୁ ଦାନ ଉତ୍ସବ କାର୍ଯ୍ୟକ୍ରମରେ ଏହି ମତପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ବଡବେଣୁଆଁ ନିମାପଡା ଅଞ୍ଚଳର ଛାତରୁ ପଡି ଗୁରୁତର ହୋଇଥିବା ହେମନ୍ତ ସାହୁଙ୍କୁ ୨୦ ହଜାର ଏବଂ ଚକେଇସିଆଣୀର କିଡନୀ ଫେଲ ହୋଇଥିବା ସୁନୀଲ ପଟ୍ଟନାୟକଙ୍କୁ ୧୦ ହଜାର ଟଙ୍କାର ସହାୟତା ଚେକ ପ୍ରଦାନ କରାଯାଇଥିଲା। ଏଥିରେ ଦେବୀ ପ୍ରସାଦ ଦାସ, ଅର୍ଜିତ ମହାନ୍ତି, ପ୍ରୀତି ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

■ ମଞ୍ଚେଶ୍ୱର-ଚକେଇସିଆଣୀ ଗ୍ରାମ ବିବାଦ ଉଗ୍ରରୂପ ନେଲା

କ୍ଲବରେ ଭଙ୍ଗାରୁଜା, ଟେକାପଥର ମାଡ଼

ଭୁବନେଶ୍ୱର, ୨୩।୯(ବ୍ୟୁରୋ)

ମଞ୍ଚେଶ୍ୱର ଓ ଚକେଇସିଆଣୀ ଗ୍ରାମ ମଧ୍ୟରେ ଲାଗି ରହିଥିବା ବିବାଦ ରବିବାର ଅପରାହ୍ନରେ ଉଗ୍ରରୂପ ଧାରଣ କରିଛି। ମଞ୍ଚେଶ୍ୱର ଗ୍ରାମର କେତେଜଣ ଯୁବକ ସମେଇଗାଡିଆରେ ଥିବା ସୋମନାଥ କ୍ଲବରେ ପଶି ଭଙ୍ଗାରୁଜା କରିବା ସହ ଟେକା ପଥର ମାଡ କରିଥିଲେ। ଟେକାପଥର ମାଡରେ କ୍ଲବ ଘର ଝରକା ଓ ଅନ୍ୟାନ୍ୟ ସାମଗ୍ରୀ ସହିତ ଏକ ସ୍କୁଟି ଏବଂ ଜଣେ ବ୍ୟକ୍ତିଙ୍କ କାର୍ ଭାଙ୍ଗିରୁଜି ଯାଇଛି। ଏ ନେଇ କ୍ଲବର ସେକ୍ରେଟେରି ମାନସ ପତି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ତାଙ୍କ ଅଭିଯୋଗ ଆଧାରରେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏହି ଘଟଣାରେ ପୋଲିସ କାହାରିକୁ ଗିରଫ କରିନାହିଁ। ଦୁଇ ଗ୍ରାମ ମଧ୍ୟରେ ଉତ୍ତେଜନା ଲାଗି ରହିଥିବାରୁ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଥାନା ଅଧିକାରୀ କେ.ପି. ମିଶ୍ର ନିଜେ ମଧ୍ୟ ଘଟଣାସ୍ଥଳକୁ ଯାଇ ସ୍ଥିତି ଉପରେ ନଜର ରଖିଛନ୍ତି।

ଭାଙ୍ଗି ଯାଇଥିବା ଏକ ସ୍କୁଟି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଗତ ୧୬ ତାରିଖ ଦିନ କୌଣସି କାରଣକୁ ନେଇ ମଞ୍ଚେଶ୍ୱର ଗ୍ରାମ ଓ ଚକେଇସିଆଣୀ ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଥାନାରେ ଦୁଇ ଗୋଷ୍ଠୀ ପକ୍ଷରୁ ଅଭିଯୋଗ ହୋଇଥିଲା। ହେଲେ ଦୁଇ ଗ୍ରାମର ମୁରବିମାନେ ବସି ଏହି ମାମଲାକୁ ଆପୋସ ସମାଧାନ କରିବା ପାଇଁ ଚେଷ୍ଟା କରିଥିଲେ। ଏପରି କି ଦୁଇ ଗ୍ରାମର ମୁରବିମାନଙ୍କୁ ନେଇ ସୋମବାର ବୈଠକ ବସିବାର ଥିଲା। ହେଲେ ରବିବାର ଅପରାହ୍ନ ପ୍ରାୟ ୪ଟା ୩୦ରେ ମଞ୍ଚେଶ୍ୱର ଗ୍ରାମର ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଯୁବକ ସମେଇଗାଡିଆରେ ଥିବା ସୋମନାଥ କ୍ଲବ ନିକଟକୁ ଯାଇଥିଲେ। ସେମାନେ ଠେଙ୍ଗାବାଡି ଧରି କ୍ଲବ ଭିତରେ ପଶି ବ୍ୟାପକ ଭଙ୍ଗାରୁଜା କରିଥିଲେ। କ୍ଲବ ଭିତରେ ଥିବା ଚେୟାର ଟେବୁଲ ଓ ଅନ୍ୟ ଆସବାବପତ୍ରକୁ ଭାଙ୍ଗି ଦେଇଥିଲେ। ଏପରିକି ପୂର୍ଣ୍ଣ ରାଉତ ନାମକ ବ୍ୟକ୍ତି ଉକ୍ତ କ୍ଲବ ନିକଟରେ ନିଜର କାର(ଓଡି-୦୨ଏଏଲ୍-୪୩୫୭) ରଖିଥିବା ସମୟରେ ଟେକା ପଥର ମାଡରେ ତାଙ୍କର କାର ଭାଙ୍ଗିଯାଇଛି। ସେହିଭଳି କ୍ଲବ ଆଗରେ ଥିବା ଅନ୍ୟ ଏକ ସ୍କୁଟି(ଓଡି-୦୨-ଏଆର-୪୪୬୨) ଭାଙ୍ଗିଯାଇଛି। ଘଟଣା ପରେ ଗ୍ରାମର ଅଧିକାଂଶ ଯୁବକ ଫେରାର ହୋଇଯାଇଛନ୍ତି। ଅନ୍ୟପଟେ ଆଗକୁ ଦୁର୍ଗା ପୂଜା ଆସୁଥିବାରୁ କିଭଳି ଗଣ୍ଡଗୋଳକୁ ରୋକି ଦୁଇ ଗ୍ରାମରେ ଶାନ୍ତି ପ୍ରତିଷ୍ଠା ହେବ ସେଥିଲାଗି ଦୁଇ ଗ୍ରାମର ମୁରବିମାନେ ଆଲୋଚନା କରୁଥିବା ଜଣାପଡିଛି।

ସୂର୍ଯ୍ୟମନ୍ଦିର ସମ୍ମୁଖରେ ପୁଣ୍ୟ ଉତ୍କଳ ପକ୍ଷରୁ ବିକ୍ଷୋଭ କରାଯାଉଛି।

ସୂର୍ଯ୍ୟମନ୍ଦିର ସମ୍ମୁଖରେ ପୁଣ୍ୟ ଉତ୍କଳର ବିକ୍ଷୋଭ

ସଂସ୍କୃତି ବିରୋଧୀ ମନ୍ତବ୍ୟ ପ୍ରସଙ୍ଗ

କୋଣାର୍କ,୨୩।୯(ଡି.ଏନ୍.ଏ.):

କୋଣାର୍କ ସୂର୍ଯ୍ୟମନ୍ଦିର ବେଢା ସମ୍ମୁଖରେ ରବିବାର ପୂର୍ବାହ୍ନରେ ପୁଣ୍ୟ ଉତ୍କଳ କାକଟପୁର ଶାଖା ପକ୍ଷରୁ ସଂସ୍କୃତି ବିରୋଧୀ ମନ୍ତବ୍ୟ ଦେଇଥିବା ଅଭିଜିତ ଆୟର ମିତ୍ରଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପୁଣ୍ୟ ଉତ୍କଳ କାକଟପୁର ଶାଖା ସଭାପତି ସୂର୍ଯ୍ୟକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବିକ୍ଷୋଭରେ ପବିତ୍ର ନାୟକ, ଲକ୍ଷ୍ମଣ ମହାପାତ୍ର, ଜୟେଶ୍ୱର ଲେଙ୍କା, ପ୍ରଦୀପ ଶତପଥୀ, ଭାସ୍କର ନାୟକ, ଆର୍ତ୍ତତ୍ରାଣ ମହାନ୍ତି, ବନାଖଣ୍ଡି ସମିତିସଭ୍ୟ ଜଟାଧାରୀ କାଣ୍ଡି, ପ୍ରଶାନ୍ତ ସାହୁ, ମନମୋହନ ସେଠ୍ ଓ ସଞ୍ଜୟ କୁମାର ସ୍ୱାଇଁଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ସଭ୍ୟ ଯୋଗଦେଇ ଅଭିଜିତଙ୍କ ବିରୋଧରେ ନାରାବାଜି କରିଥିଲେ।

ଓଡ଼ିଆ ବିଶ୍ୱ ବିଦ୍ୟାଳୟ ଶିଳାନ୍ୟାସ ପାଇଁ ପ୍ରସ୍ତୁତି ଜୋରଦାର

ପଞ୍ଚଶଖା ପଡିଆକୁ ସମତୂଲ କରିବା ପାଇଁ ଡଷ୍ଟ ଓ ବାଲି ଗଦା ହୋଇଛି।

ସାକ୍ଷୀଗୋପାଳ, ୨୩।୯(ଡି.ଏନ୍.ଏ.):

ପୁରୀ ଜିଲା ସତ୍ୟବାଦୀ ବକୁଳବନରେ ପ୍ରତିଷ୍ଠା ହେବ ଓଡ଼ିଆ ବିଶ୍ୱବିଦ୍ୟାଳୟ। ଏହି ଐତିହାସିକ ଶିଳାନ୍ୟାସ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିବେ ବୋଲି ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ କହିଛନ୍ତି। ରାଜସ୍ୱ ମନ୍ତ୍ରୀ, ବିଧାୟକ ଓ ଅଧିକାରୀମାନେ ସ୍ଥିତି ଅନୁଧ୍ୟାନ କରିବା ପରେ ପ୍ରସ୍ତୁତି ଜୋରଦାର ଆରମ୍ଭ ହୋଇଛି। ଶିଳାନ୍ୟାସ ଓ ସଭାସ୍ଥଳ ପଞ୍ଚସଖା ପଡ଼ିଆକୁ ସଫା କରାଯାଇ ବାଲି ଓ ଡଷ୍ଟ ପକାଯାଇ ସମତୁଲ କରାଯିବ। ସ୍ମୃତି ସମାଧିପୀଠ, ବକୁଳବନ, ମୁକ୍ତାକାଶ ରଙ୍ଗମଞ୍ଚ ସଫେଇ ଓ ମରାମତି କାମ ପୂର୍ତ୍ତ ବିଭାଗ ପକ୍ଷରୁ କରାଯାଉଛି। ପାର୍ଶ୍ୱବର୍ତ୍ତୀ ରାସ୍ତା ସମ୍ପ୍ରସାରଣ କରିବାକୁ ଗ୍ରାମ ଉନ୍ନୟନ ଓ ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ପ୍ରସ୍ତାବିତ ଜମି ହସ୍ତାନ୍ତର କରିବାକୁ ସାକ୍ଷୀଗୋପାଳ ମନ୍ଦିର ପ୍ରଶାସନ ପକ୍ଷରୁ ରାଜ୍ୟ ଦେବୋତ୍ତର ଆୟୁକ୍ତଙ୍କ ଅନୁମତି ଲୋଡାଯାଇଛି। ଦେବୋତ୍ତର ଆୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ପ୍ରସ୍ତାବିତ ୨୯ଏକର ଜମିର ସରକାରୀ ଧାର୍ଯ୍ୟଦର ଅନୁଯାୟୀ ମୂଲ୍ୟାଙ୍କନ କରାଯାଇ ସତ୍ୟବାଦୀ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ପକ୍ଷରୁ ରିପୋର୍ଟ ପ୍ରଦାନ କରାଯାଇଛି। ପୁରୀ ଜିଲାପାଳ, ଉପ ଜିଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରସ୍ତୁତି ଚାଲିଥିବା ବେଳେ ରବିବାର ଅପରାହ୍ନରେ ପୁରୀ ଗ୍ରାମ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଡ. ଉଦ୍ଧବ ଚନ୍ଦ୍ର ମାଝୀ ବକୁଳବନରେ ପହଞ୍ଚି ଅଗ୍ରଗତି ବୁଲି ଦେଖିଛନ୍ତି। ସେହିପରି ଭାରତ ବିକାଶ ପରିଷଦ, ବକୁଳବନ ସୁରକ୍ଷା ପରିଷଦ, କ୍ଲବ ସତ୍ୟବାଦୀର ସଦସ୍ୟମାନଙ୍କର ଏକ ବୈଠକ ସାକ୍ଷୀଗୋପାଳ ପାଛଶାଳାରେ ବସିଥିଲା। ବକୁଳବନ, ବନବିଦ୍ୟାଳୟ ପୁନରୁଦ୍ଧାର ସହିତ ଓଡ଼ିଆ ବିଶ୍ୱ ବିଦ୍ୟାଳୟ ସ୍ଥାପନ ପାଇଁ ରାଜ୍ୟ ସରକାର, ସତ୍ୟବାଦୀ ବିଧାୟକ ଓ କ୍ରିୟାନୁଷ୍ଠାନ କମିଟିକୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଆସନ୍ତା ୨୯ ତାରିଖରେ ଦେଶାତ୍ମବୋଧ ସଙ୍ଗୀତ ଓ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି।

ଏନ୍‌ବିଡବ୍ଲ୍ୟୁ ବଳରେ ଅଭିଯୁକ୍ତ ଗିରଫ

କଟକ ଅଫିସ୍, ୨୩।୯

ବହୁ ଆପରାଧିକ ମାମଲାରେ ସମ୍ପୃକ୍ତି ଥିବା ଅଭିଯୋଗରେ ବାଦାମବାଡି ପୋଲିସ ସ୍ଥାନୀୟ ରାଜାବଗିଚା ସୁଇପର କଲୋନୀ ଅଞ୍ଚଳର ରଥିଆ ନାୟକ(୨୯)ଙ୍କୁ ରବିବାର ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, ଗତ ଜାନୁୟାରୀ ମାସରେ ରାଜାବଗିଚା ଅଞ୍ଚଳରେ ହୋଇଥିବା ଏକ ଗଣ୍ଡଗୋଳ ମାମଲା ସହ ଅନ୍ୟ କେତେକ ଆପରାଧିକ ମାମଲାରେ ରଥିଆଙ୍କ ସମ୍ପୃକ୍ତି ରହିଛି। ତେବେ ଏହି ମାମଲା ବିଚାରାଧୀନ ଥିବାବେଳେ କୋର୍ଟରେ ହାଜର ହେବାକୁ ରଥିଆଙ୍କୁ ନିର୍ଦ୍ଦେଶ ଥିଲା। ହେଲେ ସେ କୋର୍ଟରେ ହାଜର ହୋଇ ନ ଥିଲେ। ଫଳରେ କୋର୍ଟ ରଥିଆଙ୍କ ବିରୋଧରେ ଜାମିନ୍ ବିହୀନ ଗିରଫ ପରୱାନା(ଏନ୍‌ବିଡବ୍ଲ୍ୟୁ) ଜାରି କରିବା ସହ ତାଙ୍କୁ ଗିରଫ କରିବାକୁ ବାଦାମବାଡି ପୋଲିସଙ୍କୁ ନର୍ଦ୍ଦେଶ ଦେଇଥିଲେ।

ଭାଜପା ପକ୍ଷରୁ ସ୍ୱଚ୍ଛତା ଅଭିଯାନ

କଣାସ,୨୩।୯ (ସ୍ୱ.ପ୍ର.):

ସ୍ୱଚ୍ଛତା ହିଁ ସେବା ଓ କାର୍ଯ୍ୟାବଳୀ ସେବା ସପ୍ତାହ ଅବସରରେ ଭାଜପା ପକ୍ଷରୁ ବ୍ୟାପକ ସ୍ୱଚ୍ଛତା ଅଭିଯାନ ବରିଷ୍ଠ ଭାଜପା ନେତା କୃଷ୍ଣ ଜଗଦ୍ଦେବଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଛି । ସପ୍ତାହ ବ୍ୟାପୀ ସ୍ୱଚ୍ଛତା ଅଭିଯାନ କଣାସ ବ୍ଲକର ବକୁଠାରୁ ଆରମ୍ଭ ହୋଇ ୨୦ଟି ଗ୍ରାମପଞ୍ଚାୟତରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାପରେ ଗାନ୍ଧୀ ଜୟନ୍ତୀରେ ଉଦ୍‌ଯାପିତ ହେବ। ରାଜ୍ୟ, ଦେଶରେ ସ୍ୱଚ୍ଛତା ଅଭିଯାନ ଶ୍ରୀଜଗନ୍ନାଥଙ୍କ କୃପାରୁ ସଫଳ ହେବ ବୋଲି ଜଗଦ୍ଦେବ ଆଶାବ୍ୟକ୍ତ କରିଥିଲେ ।

୨୮ରୁ ରାଜଧାନୀ ବାଣିଜ୍ୟ ମେଳା

ଭୁବନେଶ୍ୱର,୨୩।୯

ଚଳିତ ମାସ ୨୮ରୁ ଭୁବନେଶ୍ୱରରେ ରାଜଧାନୀ ବାଣିଜ୍ୟ ମେଳା ୟୁନିଟ୍-୩ ପ୍ରଦର୍ଶନୀ ପଡିଆଠାରେ ଅନୁଷ୍ଠିତ ହେବ। ଏହି ମେଳା ଅକ୍ଟୋବର ୬ ଯାଏ ଚାଲିବ। ମେଳାରେ ୩୦୦ ଷ୍ଟଲ୍ ରହିବ। ଦିନ ୩ ଠାରୁ ରାତି ୧୦ ଯାଏ ମେଳା ଚାଲିବ। ଏହା ମଧ୍ୟରେ ୬୦ କର୍ପୋରେଟ ଷ୍ଟଲ ରହିଛି। ଏଫ୍‌ଏମ୍‌ସିଜି, କଞ୍ଜ୍ୟୁମର ଡ୍ୟୁରେବଲ, ଇଲେକଟ୍ରୋନିକ୍ସ, ହୋମ୍ ଆପ୍ଲାଏନ୍ସ, ଆଇଟି ସେଗ୍‌ମେଣ୍ଟର ଷ୍ଟଲ ମାନ ଏଠାରେ ସ୍ଥାନ ପାଇବ। ଏହା ବାଦ୍ ସ୍ୱୟଂ ସହାୟକ ଗୋଷ୍ଠୀ, ଏମ୍‌ଏସ୍‌ଏମ୍‌ଇ ସହ ଅଟୋ ଏକ୍ସପୋ ମଧ୍ୟ ଆୟୋଜନ କରାଯିବ। ଏଥିରେ ଉଭୟ ଦୁଇ ଚକିଆ ଏବଂ ଚାରି ଚକିଆ ଯାନ ନିର୍ମାତା କମ୍ପାନୀଗୁଡିକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରାୟ ୧୦ ରାଜ୍ୟର ବ୍ୟବସାୟୀ ମେଳାରେ ଅଂଶଗ୍ରହଣ କରିବେ। ଏଠାରେ ୧୮୦ ଆର୍ଟିସାନ୍ସଙ୍କ ସାମଗ୍ରୀ ଉପଲବ୍ଧ ହେବ। ମେଳାରେ ଏକ ଫୁଡ କୋର୍ଟ ମଧ୍ୟ ରହିବ। ଫୁଡ କୋର୍ଟରେ ବାରିପଦାର ମୁଢି ମାଂସ, ଚକୁଳି ମାଂସ, କଟକର ଦହିବରା ଆଳୁଦମ୍, କେନ୍ଦ୍ରାପଡା ରସାବଳି ଭଳି ବିଭିନ୍ନ ଖାଦ୍ୟର ମଜା ଗ୍ରାହକ ଉଠାଇ ପାରିବେ। ପ୍ରତି ସଂଧ୍ୟାରେ ଓଡିଶାର ଲୋକଗୀତ, ନୃତ୍ୟ, ଶାସ୍ତ୍ରୀୟ ନୃତ୍ୟ ଓ ଆଧୁନିକ ନୃତ୍ୟକୁ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ରହିଛି।

ଶୈକ୍ଷିକ ଭ୍ରମଣରେ ଆନ୍ଧ୍ରଗଲେ ୩୦ ନଡ଼ିଆ ଚାଷୀ

ଶୈକ୍ଷିକ ଭ୍ରମଣରେ ବାହାରିଥିବା ନଡିଆ ଚାଷୀ।

ସାକ୍ଷୀଗୋପାଳ,୨୩।୯(ଡି.ଏନ୍.ଏ.):

ନଡିଆ ଚାଷ ସମ୍ପର୍କରେ ଅଧିକ ଜ୍ଞାନ କୌଶଳ ଆହରଣ କରି ଓଡ଼ିଶାରେ ନଡିଆ ଉତ୍ପାଦନ ଅଭିବୃଦ୍ଧି ଲକ୍ଷ୍ୟରେ କେନ୍ଦ୍ର ସରକାରଙ୍କ ନାରିକେଳ ଉନ୍ନୟନ ପରିଷଦ ପକ୍ଷରୁ ରବିବାର ୩୦ଜଣ ନଡିଆ ଚାଷୀ ଶୈକ୍ଷିକ ଭ୍ରମଣରେ ଆନ୍ଧ୍ରପ୍ରଦେଶ ଯାଇଛନ୍ତି। ଉପକୂଳ ଓଡ଼ିଶାର ବିଭିନ୍ନ ଜିଲାରୁ ଚାଷୀମାନଙ୍କୁ ଚୟନ କରାଯାଇଛି। ଆନ୍ଧ୍ରରେ ଥିବା ନଡ଼ିଆ ଚାଷୀମାନଙ୍କ ନଡିଆ ଫାର୍ମ ବୁଲିବା ସହିତ ସେମାନେ କିପରି ଉନ୍ନତ ପ୍ରଣାଳୀରେ ନଡିଆ ଚାଷ କରୁଛନ୍ତି ଭ୍ରମଣ କାଳରେ ଚାଷୀମାନେ ଶିକ୍ଷା ଗ୍ରହଣ କରିବେ। ସେମାନଙ୍କ ସହିତ ନାରିକେଳ ପରିଷଦର ଅଧିକାରୀ ରବି ଦାସ ଗାଇଡ୍ ଭାବେ ଏହି ଟୁରରେ ସାମିଲ ହୋଇଛନ୍ତି। ନାରିକେଳ ଉନ୍ନୟନ ପରିଷଦର ସଦସ୍ୟ ଡ. ବିଶ୍ୱନାଥ ରଥ, ଅଧିକାରୀ ସମ୍ବିତା ପଲେଇ ଓ ସର୍ବଭାରତୀୟ ନଡିଆ ଚାଷୀ ସଂଘର ରାଜ୍ୟ ସଭାପତି ହୃଷୀକେଶ ମିଶ୍ର ପ୍ରମୁଖ ଚାଷୀମାନଙ୍କୁ ପୁରୀ ରେଳଷ୍ଟେଶନରୁ ମେଲାଣି ଦେଇଥିଲେ।

ନିମାପଡ଼ା ପ୍ରିମିୟର ଲିଗ ଫୁଟ୍‌ବଲ ଉଦ୍‌ଘାଟିତ

ନିମାପଡ଼ା,୨୩।୯(ଡି.ଏନ୍.ଏ.)

ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ଐତିହାସିକ ବାରବାଟୀ ଷ୍ଟାଡିୟମ୍‌ରେ ୧୮ତମ ନିମାପଡ଼ା ପ୍ରିମିୟର ଲିଗ୍ ଫୁଟ୍‌ବଲ ଉଦ୍‌ଘାଟିତ ହୋଇଯାଇଛି। ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ବଳଙ୍ଗା ଲଙ୍କେଶ୍ୱର ସ୍ପୋର୍ଟିଂ ବୃହତ ବିଜୟ ହାସଲ କରିଛି। ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ଲଙ୍କେଶ୍ୱର ସ୍ପୋର୍ଟିଂ ୧୨-୦ ଗୋଲ୍‌ରେ ନିମାପଡ଼ାର ଝାମ୍ପୁଲାକୁଦକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ନରେନ୍ଦ୍ର ମୁର୍ମୁ ସର୍ବାଧିକ ୪ ଗୋଲ କରିଥିଲେ। ତାଙ୍କ ବ୍ୟତୀତ ଗଗନ ବିହାରୀ ସାହୁ ଓ ଆଦିତ୍ୟ ଲେଙ୍କା ଦୁଇଟି ଲେଖାଏ ଗୋଲ ଦେଇଥିବାବେଳେ ପିନ୍ନୟ ଲେଙ୍କା, ଆଶିଷ ନାୟକ, ବିକାଶ ନାୟକ ଓ ବଳଭଦ୍ର ସ୍ୱାଇଁ ପ୍ରତ୍ୟେକେ ଗୋଟିଏ ଗୋଲ ସ୍କୋର କରିଥିଲେ। ରେଫରି ଦାୟିତ୍ୱରେ ରଣଜିତ କେଶରୀ ନାୟକ ଥିଲେ। ଲାଇନମ୍ୟାନ ଭାବେ ପ୍ରଶାନ୍ତ ବେହେରା ଓ ମନୋଜ କୁମାର ଘଡ଼େଇ କାର୍ଯ୍ୟ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ଆୟୋଜକ କ୍ଲବର କାର୍ଯ୍ୟକାରୀ ସଭାପତି ହିମାଂଶୁ ଶେଖର ମହାନ୍ତି, ଉପସଭାପତି ଦୋଳଗୋବିନ୍ଦ ସେଠୀ, ସମ୍ପାଦକ ଜୀବନାନନ୍ଦ ମହାପାତ୍ର, ନିର୍ମଳ ମିଶ୍ର ପ୍ରମୁଖ୍ୟ ଯୋଗ ଦେଇ

ଭଗବାନଙ୍କ ପ୍ରତି ଅଖଣ୍ଡ ବିଶ୍ୱାସରୁ ଯେଉଁ ସୁଖ ମିଳେ, ସେ ସୁଖ ଅନ୍ୟ କେଉଁଠି ମିଳେ ନାହିଁ।
–ଭଲ୍‌ଟାୟାର

ସଂକ୍ଷେପରେ

ବର୍ଷା ଧୋଇନେଲା ରୁଆଧାନ

କଣାସ,୨୩।୯(ସ୍ୱ.ପ୍ର.): ପୁରୀ ଜିଲାର ଖାଲୁଆ ଅଞ୍ଚଳ ଭାବେ ଜଣାଯାଉଥିବା କଣାସ ବ୍ଲକରେ ଚଳିତବର୍ଷର ଲଘୁଚାପ ବର୍ଷା ଓ ବନ୍ୟା ଦ୍ୱାରା ବୁଣାଯାଇଥିବା ଧାନ, ଫସଲ ଓ ରୁଆ ଯାଇଥିବା ଧାନ ସଢ଼ି ଯାଇଥିବାରୁ ଚାଷୀମାନେ ଭାଙ୍ଗି ପଡିଛନ୍ତି। ଫଳରେ ବ୍ୟାଙ୍କରୁ ଆଣିଥିବା ଋଣ ପରିଶୋଧ ପାଇଁ ସେମାନେ ଚିନ୍ତାରେ ପଡିଯାଇଛନ୍ତି। ପ୍ରକାଶ ଯେ, ଉକ୍ତ ବ୍ଲକର ୨୮ ଗ୍ରାମପଞ୍ଚାୟତରେ ୧୧ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ସାରଦଧାନ ଚାଷୀମାନେ ବୁଣି ଥିଲେ। ଜୁନ ୨୦ତାରିଖରୁ ଲଘୁଚାପଜନିତ ବର୍ଷା ଲାଗିରହିବାରୁ ଜମିରେ ୫ଫୁଟ ପାଣି ଜମି ଧାନଗଛଗୁଡିକ ପଚି ନଷ୍ଟ ହୋଇଯାଇଥିଲା। ପରେ ପାଣିକମିବାରୁ ଦୂରଦୂରାନ୍ତରରୁ ଧାନତଳି ଆଣି ପୁନଶ୍ଚ ଜମିରେ ରୁଆଇଥିବା ବେଳେ ପୁନର୍ବାର ବର୍ଷା ହୋଇ ପାଣି ଲହଡା ଭାଙ୍ଗି ଧାନଗଛ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଯାହା ଚାଷୀଙ୍କ ହାଡଭଙ୍ଗା ପରିଶ୍ରମକୁ ବର୍ଷା ଭାଙ୍ଗି ଦେଇଥିଲା। ଏନେଇ କଣାସ ବ୍ଲକ କୃଷକ ସଂଗଠନ, ସାମାଜିକ କର୍ମୀ ସୁକାନ୍ତ କିଶୋର ସାମନ୍ତରାୟ ଓ ଶ୍ରୀକାନ୍ତ ପାଟ୍ଟଯୋଷୀ ମିଶି କ୍ଷତିଗ୍ରସ୍ତ ଧାନ ଫସଲକୁ ତଦନ୍ତ କରି ଚାଷୀମାନଙ୍କୁ କ୍ଷତିପୂରଣ ଦେବା ଏବଂ ବିରି, ମୁଗ, ଚିନାବାଦାମ ବିହନ ମାଗଣାରେ ଚାଷୀଙ୍କୁ ଯୋଗାଇଦେବାକୁ ଦାବି କରିଛନ୍ତି।

ଖୁଦୁରୁକୁଣୀ ଓଷା, ମଙ୍ଗଳାଙ୍କ ପୂଜା ଉତ୍ସବ ଉଦ୍‌ଯାପିତ

କଣାସ,୨୩।୯(ସ୍ୱ.ପ୍ର.): ଭାଦ୍ରବ ମାସରେ ଆରମ୍ଭ ହୋଇଥିବା ଖୁଦୁରୁକୁଣୀ ଓଷା ଓ ମା' ମଙ୍ଗଳାଙ୍କ ପୂଜା ମାସର ଶେଷ ରବିବାରରେ ଉଦ୍‌ଯାପିତ ହୋଇଯାଇଛି। ଏହି ପୂଜାର ଶେଷ ଦିନ ଥିବାରୁ ପ୍ରତ୍ୟେକ ଗ୍ରାମର ଯୁବତୀମାନେ ରଙ୍ଗବେରଙ୍ଗ ଆଲୋକସଜ୍ଜା କରି ମା' ମଙ୍ଗଳାଙ୍କୁ ପୂଜା କରିଥିଲେ। ଏହାସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହୋଇଥିବା ଦେଖିବାକୁ ମିଳିଥିଲା। ଡିମିରି ଗ୍ରାମର ଅନୀତା ମହାପାତ୍ର, ସ୍ୱର୍ଣ୍ଣ ମହାପାତ୍ର, ନଳିନୀ ମହାପାତ୍ର, ସୁମିତ୍ରା, ରଶ୍ମିତା, ଆଦ୍ୟାଶା ପରମଗୁରୁ ଡିମିରି ଗ୍ରାମର ଅନୀତା ମହାପାତ୍ର, ସ୍ୱର୍ଣ୍ଣ ମହାପାତ୍ର, ନଳିନୀ ମହାପାତ୍ର, ସୁମିତ୍ରା, ରଶ୍ମିତା, ଆଦ୍ୟାଶା ପରମଗୁରୁ, ଦୁର୍ଯ୍ୟୋଧନ ମହାପାତ୍ର ଯୁବତୀମାନେ ଚାରି ରବିବାରରେ ତପୋଇ ନାଟକ ମା' ମଙ୍ଗଳାଙ୍କ ମଣ୍ଡପ ସମ୍ମୁଖରେ ପରିବେଷଣ କରିଥିଲେ ।

ଶ୍ରୀକୃଷ୍ଣଙ୍କ ନାମକରଣ ଉତ୍ସବ

ଗୋପ,୨୩।୯(ଡି.ଏନ୍.ଏ.): ପ୍ରେମାଚାର୍ଯ୍ୟ ବାବା ମଧୁସୂଦନଙ୍କ ଦ୍ୱାରା ପ୍ରତିଷ୍ଠିତ ସର୍ବଧର୍ମ ସମନ୍ୱୟ ପୀଠ ପ୍ରାଚୀ ଗୁରୁଧର୍ମ କ୍ଷେତ୍ରରେ ଭଗବାନ ଶ୍ରୀକୃଷ୍ଣଙ୍କ ନାମକରଣ ଉତ୍ସବ ଆଶ୍ରମ ପରିଚାଳକ ବାବାଜୀ ଦାମୋଦର ଦାସଙ୍କ ତତ୍ତ୍ୱାବଧାନରେ ଶ୍ରୀକୃଷ୍ଣଙ୍କ ନାଟ୍ୟ ମନ୍ଦିରରେ ପାଳିତ ହୋଇଯାଇଛି। ଚଳିତ ମାସ ୨ତାରିଖରେ ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମ ଉତ୍ସବ ପାଳିତ ହୋଇଥିବାବେଳେ ପାଞ୍ଚ ଦିନରେ ପଞ୍ଚୁଆତି ପୂଜାରେ ପାଞ୍ଚ ପ୍ରକାର ଶସ୍ୟ ଯଥା- ବିରି, ମୁଗ, ବାଦାମ, ବୁଟ, ଚାଉଳରେ ନିର୍ମିତ ଭୋଗ କରାଯାଇଥିଲା। ସେହିପରି ଷଷ୍ଠୀ ପୂଜାରେ ପିଠା, ଫଳ, ମିଠା ଭୋଗ ହୋଇଥିଲା। ପରମ୍ପରା ଅନୁଯାୟୀ ଭଗବାନ ଶ୍ରୀକୃଷ୍ଣଙ୍କ ନାମକରଣ ଉତ୍ସବ ପାଳନ କରାଯାଇଛି। ପ୍ରଥମେ ଭଗବାନ ବାଳଗୋପାଳ ମହାପ୍ରଭୁଙ୍କୁ ହରିବୋଲ, ହୁଳହୁଳି, ଶଙ୍ଖଧ୍ୱନିରେ ଶହ ଶହ ଭକ୍ତ ଗହଣରେ ମନ୍ଦିରକୁ ଅଣାଯାଇ କଦମ୍ବ ଗଛ ପରିକ୍ରମା କରାଯିବାପରେ ମଣ୍ଡପକୁ ନିଆଯାଇଥିଲା। ସେଠାରେ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା, ମା'ମାନଙ୍କ ଦ୍ୱାରା ବନ୍ଦାପନା ଶେଷ ପରେ ବାତ୍ସଲ୍ୟ ଭାବରେ ଭଗବାନଙ୍କୁ କ୍ଷୀର ପାନ, ଝୁଲଣରେ ବାତ୍ସଲ୍ୟ ଗୀତ ଗାନ କରାଯାଇଥିଲା। ପରେ ସତ୍ୟନାରାୟଣ ପାଲା କରାଯାଇ କୃଷ୍ଣବଳରାମଙ୍କ ନାମକରଣ କରାଯାଇଥିଲା। ଏହି ପରମ୍ପରା ଗୁରୁଦେବଙ୍କ ନିର୍ଦ୍ଦେଶ ଅନୁଯାୟୀ ପାଳନ କରାଯାଇଥାଏ ବୋଲି ସେବକ ପ୍ରୀତିରଞ୍ଜନ ଦାସ କହିଛନ୍ତି।

ପୁରୀ ଟ୍ୟାକ୍ସି କର୍ମଚାରୀ ସଂଘ ବିଶ୍ୱକର୍ମା(ବାମ) ଓ ମାଟିଆପଡା ଛକ ଗଣେଶ (ଡାହାଣ)ଙ୍କୁ ବସର୍ଜନ ପାଇଁ ନିଆଯାଉଛି।

ପ୍ରତ୍ୟେକ ସମ୍ପ୍ରଦାୟର ନିଜସ୍ୱ ତନ୍ତ୍ର ସଂହିତା ରହିଛି

ପୁରୀ ଅଫିସ, ୨୩।୯

ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ବିଂଶତିତମ ବାର୍ଷିକୋତ୍ସବ ଉପଲକ୍ଷେ ରବିବାର ସଦ୍‌ଭାବନା ସଭାଗୃହରେ ତନ୍ତ୍ର ସାହିତ୍ୟରେ ଶ୍ରୀଜଗନ୍ନାଥ ଶୀର୍ଷକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଗୋପାଳକୃଷ୍ଣ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ କିସ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ। ଆଧାର ପୁରୁଷ ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବ କୁଳସଚିବ ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ ଯୋଗଦେଇଥିଲେ। ଡ. ଶ୍ରୀନିବାସ ଆଚାର୍ଯ୍ୟ ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଥିବା ବେଳେ ଅଧ୍ୟାପକ ସୁନୀଲ କୁମାର ରଥ ସଂଯୋଜନା କରିଥିଲେ।

ସନାତନ ଧର୍ମର ଅଧ୍ୟାତ୍ମଚିନ୍ତନରେ ମୁଖ୍ୟତଃ ଦୁଇଟି ଧାରା ନିଗମ ଏବଂ ଆଗମ ପ୍ରଚଳିତ। ନିଗମର ଅର୍ଥ ବେଦ ହୋଇଥିବା ବେଳେ ଆଗମର ଅର୍ଥ ତନ୍ତ୍ର। ପ୍ରଧାନତଃ ତନ୍ତ୍ରର ତିନୋଟି ବିଭାଗ ବ୍ରାହ୍ମଣ ତନ୍ତ୍ର, ବୌଦ୍ଧ ତନ୍ତ୍ର ଓ ଜୈନ୍ୟ ତନ୍ତ୍ର ରହିଛି। ବ୍ରାହ୍ମଣ ତନ୍ତ୍ର ତ୍ରିବିଧ। ସେଗୁଡ଼ିକ ହେଲା ବୈଷ୍ଣବାଗମ, ଶୈବାଗମ ଓ ଶାକ୍ତାଗମ। ଶ୍ରୀକ୍ଷେତ୍ରରେ ତିନି ଆଗମର ସମନ୍ୱୟ ହେଲେ ସୁଦ୍ଧା ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ବିଧିରେ ଉପାସିତ ହୁଅନ୍ତି। ପାଞ୍ଚରାତ୍ର ଉପାସନାରେ ବ୍ରହ୍ମଙ୍କର ପାଞ୍ଚ ରୂପ ହେଲେ ପର, ବ୍ୟୂହ, ବିଭବ, ଅନ୍ତର୍ଯ୍ୟାମୀ ଓ ଅର୍ଚ୍ଚା। ଜୀବମାନଙ୍କୁ ଅନୁଗ୍ରହ କରିବା ପାଇଁ ଷଡ୍ ବିଗ୍ରହ ଛଅଟି ଗୁଣର ପ୍ରତୀକ ଭାବେ ଉପାସିତ ହୁଅନ୍ତି। ଜ୍ଞାନସ୍ୱରୂପ ଶ୍ରୀଜଗନ୍ନାଥ, ଶକ୍ତିସ୍ୱରୂପା ଦେବୀ ସୁଭଦ୍ରା, ବଳସ୍ୱରୂପା ଶ୍ରୀବଳଭଦ୍ର, ଐଶ୍ୱର୍ଯ୍ୟସ୍ୱରୂପା ଶ୍ରୀଦେବୀ, ବୀର୍ଜ୍ୟସ୍ୱରୂପା ଭୂଦେବୀ ଏବଂ ତେଜସ୍ୱରୂପା ଶ୍ରୀସୁଦର୍ଶନ। ଶୈବାଗମ ଶାସ୍ତ୍ରମାନଙ୍କରେ ଶ୍ରୀଜଗନ୍ନାଥ ମହାଭୈରବ। ମହାନିର୍ବାଣ ତନ୍ତ୍ରରେ ସୁଭଦ୍ରାଙ୍କୁ ଭୁବନେଶ୍ୱରୀ କୁହାଯାଇଛି। ଶାକ୍ତ ତନ୍ତ୍ରର ପ୍ରଭାବରେ ଶ୍ରୀଜଗନ୍ନାଥ ଦକ୍ଷିଣକାଳିକା, ଶ୍ରୀବଳଭଦ୍ର ତାରା, ଶ୍ରୀସୁଦର୍ଶନ ଷୋଡଶୀ, ଦେବୀ ସୁଭଦ୍ରା ଭୁବନେଶ୍ୱରୀ ଏବଂ ରତ୍ନସିଂହାସନକୁ ଶ୍ରୀଯନ୍ତ୍ର ରୂପେ ଉଲ୍ଲେଖ କରାଯାଇଛି। ଯନ୍ତ୍ର ହେଉଛି ତନ୍ତ୍ରର ଶରୀର ଏବଂ ମନ୍ତ୍ର ହେଲା ତନ୍ତ୍ରର ଆତ୍ମା। ଶ୍ରୀଜଗନ୍ନାଥ ତତ୍ତ୍ୱ ରୂପକ ମହାଦ୍ରୁମର ବିଭିନ୍ନ ଶାଖା ପ୍ରଶାଖା ବୈଷ୍ଣବ, ଶାକ୍ତ, ଶୈବାଦୀ ସମ୍ପ୍ରଦାୟ ଅଟନ୍ତି। ପ୍ରତ୍ୟେକ ସମ୍ପ୍ରଦାୟର ନିଜସ୍ୱ ତନ୍ତ୍ର ସଂହିତା ରହିଛି ବୋଲି ଏଥିରେ ଆଲୋଚନା କରାଯାଇଥିଲା। ଏଥିରେ ଡ. ଉମେଶ ଚନ୍ଦ୍ର ଚିନ୍ନାରା, ଇଂ. ବଳଦେବ ସିଂହାରୀ, ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ, ଡ. ନୃସିଂହ ଚରଣ ସାହୁ, ଡ. ନୃସିଂହ ଗୁରୁ, ଡ. ବିଜୟ ନାରାୟଣ ରାମାନୁଜଦାସ, ରାଜକୃଷ୍ଣ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଗୋଛିକାର, ଡ. ଭାସ୍କର ମିଶ୍ର, ଡ. କଲ୍ୟାଣୀ ନନ୍ଦୀ, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ବିଂଶତିତମ ବାର୍ଷିକୋତ୍ସବ ଅବସରରେ ଅନୁଷ୍ଠିତ ଜାତୀୟ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

ଏସ୍‌ବିଆଇ କର୍ମଚାରୀ ସଂଘର ସାଧାରଣ ପରିଷଦ ବୈଠକ

ପୁରୀ ଅଫିସ, ୨୩।୯

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ(ଏସ୍‌ବିଆଇ) କର୍ମଚାରୀ ସଂଘର ୬୬ତମ ଏବଂ ଏସ୍‌ବିଆଇ ଭୁବନେଶ୍ୱର ସର୍କଲର ୧୦ମ ତ୍ରୟବାର୍ଷିକ ସାଧାରଣ ପରିଷଦ ବୈଠକ ରବିବାର ପୁରୀଠାରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ମୁମ୍ବାଇ ଏସ୍‌ବିଆଇ କର୍ପୋରେଟ ସେଣ୍ଟରର ଡେପୁଟି ମ୍ୟାନେଜିଂ ଡାଇରେକ୍ଟର ତଥା କର୍ପୋରେଟ ଡେଭେଲ୍ପମେଣ୍ଟ ଅଫିସର ପ୍ରଶାନ୍ତ କୁମାର ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏସ୍‌ବିଆଇ ଭୁବନେଶ୍ୱର ଚିଫ ଜେନେରାଲ ମ୍ୟାନେଜର ପ୍ରବୀଣ କଳା ଏବଂ ସର୍ବଭାରତୀୟ ଏସ୍‌ବିଆଇ କର୍ମଚାରୀ ମହାସଂଘର ସାଧାରଣ ସମ୍ପାଦକ ଏସ୍.କେ. ବନ୍ଦଳିଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ୨୪ଜଣ ଏବଂ ଅନ୍ୟତମ ତଥା ବିଶିଷ୍ଟ ଅତିଥି ଭାବେ ୯ଜଣ ଯୋଗ ଦେଇଥିଲେ। ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଏସ୍.ପି. ବେହେରା ଏବଂ ମୁଖ୍ୟ ସଚିବ ରାଜେଶ କୁମାର ତ୍ରିପାଠୀ ସମସ୍ତ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ କରିଥିଲେ। ବୈଠକରେ ସର୍ବଭାରତୀୟ ସ୍ତରରୁ ୧୮ଶହ ଏସ୍‌ବିଆଇ କର୍ମଚାରୀ ଏବଂ ଓଡ଼ିଶାରୁ ୨ହଜାର ଏସ୍‌ବିଆଇ କର୍ମଚାରୀ ଯୋଗଦେଇଥିଲେ। ସରକାର ଏବଂ ବ୍ୟାଙ୍କ ମଧ୍ୟରେ କିଭଳି ସମନ୍ୱୟ ରହିପାରିବ, ବ୍ୟାଙ୍କ କିଭଳି ଗ୍ରାହକଙ୍କୁ ଉତ୍ତମ ସେବା ଯୋଗାଇ ପାରିବ ଏବଂ କର୍ମଚାରୀ ସମସ୍ୟା ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା।

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ କର୍ମଚାରୀ ସଂଘର ସାଧାରଣ ପରିଷଦ ବୈଠକରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଦ୍ୱିତୀୟ ମେଳନ ଭସାଣି ଉତ୍ସବ

ବ୍ରହ୍ମଗିରି,୨୩।୯(ଡି.ଏନ.ଏ.)

ବ୍ରହ୍ମଗିରିରେ ଖୁଦୁରୁକୁଣୀ ଓ ଗଣେଶଙ୍କ ମେଳନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମା' ପାଦୁକାଇ ଡ୍ରାମାଟିକ କ୍ଲବ ତରଫରୁ 'ମେଘ ବରଷିଲା ଟୁପୁରୁ ଟୁପୁରୁ' ନାଟକ ମଞ୍ଚସ୍ଥ ହୋଇଯାଇଛି। ରବିବାର ସନ୍ଧ୍ୟାରେ ଗାଁର ବିଭିନ୍ନ ସାହିରେ ପୂଜାପାଉଥିବା ଖୁଦୁରୁକୁଣୀ ଓ ଗଣେଶ ଶୋଭାଯାତ୍ରାରେ ଆସି ଗୋଟିଏ ସ୍ଥାନରେ ମିଳନ ହୋଇଥାନ୍ତି। ଏହି ମେଳନର ସାଂସ୍କୃତିକ ସନ୍ଧ୍ୟାରେ ନାଟ୍ୟକାର ହୃଷୀକେଶ ଷଡ଼ଙ୍ଗୀ ଓ ଅନନ୍ତ ବେହେରାଙ୍କ ନିର୍ଦ୍ଦେଶିତ ନାଟକ ମେଘ ବରଷିଲା ଟୁପୁରୁ ଟୁପୁରୁ ମଞ୍ଚସ୍ଥ ହୋଇଯାଇଛି । ଏକ ଗରିବ ପରିବାର ସାମ୍ରାଜ୍ୟବାଦ ଓ ପୁଞ୍ଜିପତିମାନଙ୍କ ଦ୍ୱାରା ଶିକାର ହୋଇ ନ୍ୟାୟ ପାଇଁ ସଂଗ୍ରାମ ଜାରି କରିଥିବା ନେଇ କାହାଣୀରେ ଦର୍ଶାଯାଇଛି। ଏଥିରେ ବାନାମ୍ବର ବିଶ୍ୱାଳ, ଦୀପକ ବିଶ୍ୱାଳ, ଯୁଧିଷ୍ଠିର ବିଶ୍ୱାଳ, ସ୍ୱାଧୀନ ଚମ୍ପତିରାୟ, ଅମୂଲ୍ୟ ସୁନ୍ଦରା, ଦେବ ସୁନ୍ଦରା ଓ ତ୍ରିଲୋଚନ ବେହେରାଙ୍କ ଅଭିନୟ ବେଶ ରୋମାଞ୍ଚକର ଥିଲା।

ଅଶୋକ ଗାଣପତ୍ୟ ସମିତିର ସାଧାରଣ ବୈଠକ

ପୁରୀ ଅଫିସ,୨୩।୯

ଶ୍ରୀଓମ୍‌କାରେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ରବିବାର ଅଶୋକ ଗାଣପତ୍ୟ ସମିତିର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜାନକୀ ନନ୍ଦନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ ଆୟବ୍ୟୟର ହିସାବ ପାଠ କରିଥିଲେ। ପ୍ରତ୍ୟେକ ବର୍ଷ ପରି ଚଳିତବର୍ଷ ତୀର୍ଥ ଭ୍ରମଣ ନିମନ୍ତେ ସମିତିର ସମସ୍ତ ସଭ୍ୟ ଦ୍ୱାରକା ଧାମକୁ ସପରିବାର ଯିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ସମସ୍ତ ସଭ୍ୟଙ୍କ ଗହଣରେ ଆସନ୍ତା ବର୍ଷ ଲାଗି ନୂତନ ବୋର୍ଡ ଗଠନ କରାଯାଇଥିଲା। ସଭାପତି ଭାବେ ଜାନକୀ ନନ୍ଦନ ମହାନ୍ତି, କାର୍ଯ୍ୟକାରୀ ସଭାପତି ପ୍ରଭାକର ପଣ୍ଡା, ଉପସଭାପତି ତ୍ରିନାଥ ସାହୁ, ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ଯୁଗ୍ମ ସମ୍ପାଦକ ଅଶୋକ କୁମାର ପୃଷ୍ଟି ଓ ଶଙ୍କର ପ୍ରସାଦ ନାୟକ, କୋଷାଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ସାହୁ ମନୋନୀତ ହୋଇଥିବାବେଳେ କାର୍ଯ୍ୟକାରୀ ସଦସ୍ୟ ଭାବେ ସତ୍ୟନାରାୟଣ ସାହୁ, ଅଶୋକ କୁମାର ପ୍ରଧାନ ଏବଂ ନେତ୍ରାନନ୍ଦ ପାତ୍ର ମନୋନୀତ ହୋଇଥିଲେ।

ସୁଖମୟ ସମାଜ ସ୍ଥାପନରେ ସାମାଜିକ କର୍ମୀଙ୍କ ଭୂମିକା ଶୀର୍ଷକ ସମ୍ମିଳନୀ

ସମ୍ମିଳନୀରେ ଯୋଗ ଦେଇଥିବା ଅତିଥିମାନେ।

ପୁରୀ ଅଫିସ, ୨୩।୯

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ବଳିଆପଣ୍ଡା ସ୍ଥିତ ସାଧନା କେନ୍ଦ୍ରଠାରେ ରବିବାର ସୁଖମୟ ସମାଜ ସ୍ଥାପନରେ ସମାଜସେବୀଙ୍କ ଭୂମିକା ଶୀର୍ଷକ ଏକ ରାଷ୍ଟ୍ରୀୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଉଦ୍‌ଘାଟନ କରି ସ୍ୱାମୀ ସମର୍ପଣାନନ୍ଦ ଗିରିଜୀ ମହାରାଜ ସେବାର ପ୍ରକାର ଭେଦ, ସେବକର ମନୋଭାବ, ଓ ନିଃସ୍ୱାର୍ଥ ସେବା ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଶା ସାମାଜିକ ସୁରକ୍ଷା ବିଭାଗର ପ୍ରମୁଖ ସଚିବ ନିତେନ ଚନ୍ଦ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଶାଦ୍ରବ୍ୟ ସେବନର ଭୟାବହତା ସମ୍ପର୍କରେ ଆଲେକପାତ କରିଥିଲେ। ମାଉଣ୍ଟ ଆବୁ ସମାଜସେବା ବିଭାଗର ଉପାଧ୍ୟକ୍ଷ ରାଜଯୋଗୀ ଅମୀର ଚନ୍ଦ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ସମାଜ ଓ ସମାଜସେବୀଙ୍କ ଭୂମିକା ଶୀର୍ଷକରେ କହିଥିଲେ। ଡ. ଦେବବ୍ରତ ସ୍ୱାଇଁ, ପୂର୍ବତନ ସୂଚନା କମିଶନର ଜଗଦାନନ୍ଦ, ନଗରପାଳ ଜୟନ୍ତ ଷଡ଼ଙ୍ଗୀ, ଶ୍ରୀମନ୍ଦିର ରାଜସ୍ୱ ପ୍ରଶାସକ ମଧୁସୂଦନ ଦାସ, ଇଶୋପଛୀ ଆଶ୍ରମର ଫାଦର ବାପ୍ଟିଷ୍ଟ ଡି'ସୌଜା, ରାଜଯୋଗିନୀ ବିଜୟା ଗୁଲବର୍ଗା, ରାଜଯୋଗିନୀ ଆଶା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ସମ୍ମିଳନୀରେ ପ୍ରାୟ ୭ଶହରୁ ଊର୍ଦ୍ଧ୍ୱ ସାମାଜିକ କର୍ମୀ ଯୋଗଦାନ କରିଥିଲେ। ସାଧନା କେନ୍ଦ୍ରର ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମାକୁମାରୀ, ବ୍ରହ୍ମାକୁମାରୀ ଡ. ନିରୁପମା ପ୍ରମୁଖ ଉପସ୍ଥିତ ଥିଲେ।

ଭାରତୀୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

କୋଣାର୍କ,୨୩।୯(ଡି.ଏନ୍.ଏ.)

ଭାରତୀୟ ପର୍ଯ୍ୟଟନ ବିଭାଗ ସହାୟତାରେ କୋଣାର୍କ ସୁରକ୍ଷା ସମିତି ପକ୍ଷରୁ ରବିବାର ସୂର୍ଯ୍ୟମନ୍ଦିର ପରିସରରେ ସ୍ୱଚ୍ଛ ଭାରତ ମିଶନ ମାଧ୍ୟମରେ ଏକ ସଫେଇ କାର୍ଯ୍ୟକ୍ରମ କରାଯିବା ସହ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। କୋଣାର୍କ ସୁରକ୍ଷା ସମିତି ସଭାପତି ବାଦଲ ଦାଶଙ୍କ ଅଧ୍ୟକ୍ଷତାରେ ଭାରତୀୟ ପର୍ଯ୍ୟଟନର ସହ ନିର୍ଦ୍ଦେଶକ ପ୍ରବୀର ଚକ୍ରବର୍ତ୍ତୀ, କୋଣାର୍କ ଏନ୍‌ଏସି ଅଧ୍ୟକ୍ଷା ଭାନୁମତୀ ରାଉତରାୟ, ଚମ୍ପାହର ଅଗ୍ନିଶମ ଅଧିକାରୀ ଜ୍ୟୋତିପ୍ରକାଶ ରଥ ଓ କୋଣାର୍କ ଥାନା ଅଧିକାରୀ ସଞ୍ଜୀବ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ସ୍ୱଚ୍ଛତା ଓ ପରିଚ୍ଛନ୍ନତା ରହିଲେ ସୁସ୍ଥ ସମାଜ ଗଠନ ସମ୍ଭବପର ବୋଲି କହିଥିଲେ। ଏହାପରେ ଭାରତୀୟ ହେଟେଲ ମ୍ୟାନେଜମେଣ୍ଟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସଫେଇ କାର୍ଯ୍ୟକ୍ରମ ସହ ପଥପ୍ରାନ୍ତ ନାଟକ ପରିବେଷିତ ହୋଇଥିଲା।

ପୁରୀସ୍ଥିତ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ରବିବାର ଆୟୋଜିତ ନାଟକ 'ତ୍ୟାଗ'ର ଏକ ଦୃଶ୍ୟ।

ଏକତା ହେଉଛି ଭାରତର ପରିଚୟ

ପୁରୀ ଅଫିସ, ୨୩।୯

ଏକତା ହେଉଛି ଭାରତର ପରିଚୟ। ଆମେ କାହାରି ଉପରେ ଭାର ହେବାକୁ ନୁହେଁ ବରଂ କାନ୍ଧରେ କାନ୍ଧ ମିଳାଇ ଚାଲିବା ଉପରେ ବିଶ୍ୱାସ କରୁ। ଗୋଟିଏ ରାଷ୍ଟ୍ରର ସଂସ୍କୃତି, ତା'ର ସମୃଦ୍ଧି ଏବଂ ସମ୍ପନ୍ନତା ହିଁ ରାଷ୍ଟ୍ରୀୟତାର ମାପକାଠି। ଭାରତ ହେଉଛି ଯୁବକମାନଙ୍କ ଦେଶ ବୋଲି ସିକାଗୋ ବିଶ୍ୱ ଧର୍ମ ମହାସଭାରେ ସ୍ୱାମୀ ବିବେକାନନ୍ଦଙ୍କ ଐତିହାସିକ ପ୍ରବଚନର ୧୨୫ ବର୍ଷ ପୂର୍ତ୍ତି ଅବସରରେ ସ୍ଥାନୀୟ ରାମକୃଷ୍ଣ ମି